# ଧରିତ୍ରୀ DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ଗୁରୁବାର, ନଭେମ୍ବର ୨୦/୨୦୨୫ (୧୪ ପୃଷ୍ଠା) | Bhubaneswar, Thursday, November 20/2025 | Page 14 | ₹ 7.00 | BERHAMPUR

୫୧ଶ ଭାଗ ୩୫୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 354 | ମୂଲ୍ୟ ₹୭/-





**ଗୋବିନ୍ଦ ପୋଦ୍ଦାରଙ୍କୁ ୫ ଉଇକେଟ ସଫଳତା**

କିଟ୍ କ୍ରିକେଟ୍ ଷ୍ଟାଡିୟମରେ ଅନୁଷ୍ଠିତ ନାଗାଲାଣ୍ଡ ବିପକ୍ଷ ରଣଜୀ ଟ୍ରଫି ମ୍ୟାଚ୍‌ରେ ୫ ଉଇକେଟ ସଫଳତା ପାଇଛନ୍ତି ଓଡ଼ିଶାର ଗୋବିନ୍ଦ ପୋଦ୍ଦାର। **୧୪**

**୦୨** **ଆଜି ବିହାର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ ନୀତୀଶ**

ଜେଡିୟୁ ମୁଖ୍ୟ ନୀତୀଶ କୁମାର ବୁଧବାର ଏନ୍‌ଡିଏ ନେତା ନିର୍ବାଚିତ ହୋଇଛନ୍ତି। ସେ ଗୁରୁବାର ବିହାର ମୁଖ୍ୟମନ୍ତ୍ରୀ ରୂପେ ୧୦ମ ଥର ଶପଥ ନେବେ।




# ସାପକାମୁଡ଼ା ମୃତ୍ୟୁ ସହାୟତା ୧୦ ଲକ୍ଷ

- **ପାଣିରେ ବୁଡ଼ି, ବଜ୍ରପାତଜନିତ ମୃତ୍ୟୁରେ ବି ମିଳିବ**
- **ଜନଗଣନା ପରେ ବଢ଼ିବ ତହସିଲ ସଂଖ୍ୟା**

**ରାଜ୍ୟରେ ସାପକାମୁଡ଼ା, ବଜ୍ରପାତ ଏବଂ ପାଣିରେ ବୁଡ଼ି ଅକାଳରେ ପ୍ରାଣ ହରାଉଥିବା ବ୍ୟକ୍ତିଙ୍କ ପରିବାରକୁ କିଭଳି ୧୦ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ମିଳିବ, ସେଥିନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଉଦ୍ୟମ ଜାରି ରହିଛି ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି।**

ଭୁବନେଶ୍ୱର,୧୯।୧୧ (ରବିନାରାୟଣ ଜେନା)

ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ବୁଧବାର ଲୋକସେବା ଭବନରେ କହିଛନ୍ତି, ସାପକାମୁଡ଼ା, ବଜ୍ରପାତ ଏବଂ ପାଣିରେ ବୁଡ଼ି ମୃତ୍ୟୁ ଘଟଣାରେ ଅନୁକମ୍ପାମୂଳକ ସହାୟତା ବୃଦ୍ଧି ସଂକ୍ରାନ୍ତରେ କେନ୍ଦ୍ର ସରକାରଙ୍କୁ ପତ୍ର ଲେଖି ଅବଗତ କରାଯାଇଛି। ଜାତୀୟ ବିପର୍ଯ୍ୟୟ ସହାୟତା ଆଇନକୁ ପରିବର୍ତ୍ତନ କରିବାକୁ ଅନୁରୋଧ କରାଯାଇଛି। ଏହାସହିତ ସୁପ୍ରିମ୍‌କୋର୍ଟଙ୍କ ପକ୍ଷରୁ ଏହିଭଳି ଘଟଣାରେ ଏକ ନିର୍ଦ୍ଦେଶନାମା କେନ୍ଦ୍ର ସରକାରଙ୍କୁ ରହିଛି। ଏହାକୁ ନେଇ କେନ୍ଦ୍ର ସରକାର ବିଚାରବିମର୍ଶ କରୁଛନ୍ତି। ତେବେ ଜାତୀୟ ପ୍ରାକୃତିକ ବିପର୍ଯ୍ୟୟ ଆଇନରେ କିଭଳି ରାଜ୍ୟ ସରକାରମାନେ ପରିବର୍ତ୍ତନ କରିପାରିବେ ଏବଂ ଏହି ବିପର୍ଯ୍ୟୟଜନିତ ମୃତ୍ୟୁ ଅନୁକମ୍ପା ସହାୟତା ରାଶି ବଢ଼ିବ ସେଥିନେଇ ପ୍ରକ୍ରିୟା ଜାରି ରହିଛି।

ମନ୍ତ୍ରୀ ପୁଣି କହିଛନ୍ତି, ସାପକାମୁଡ଼ା, ବଜ୍ରପାତ କିମ୍ବା ପାଣିରେ ବୁଡ଼ି ମୃତ୍ୟୁର ବ୍ୟବଚ୍ଛେଦ ରିପୋର୍ଟ ଲାଗି ଅନେକ ସମୟରେ ଡାକ୍ତରମାନେ ବିଳମ୍ବ କରୁଛନ୍ତି। ଅଧିକାଂଶ କ୍ଷେତ୍ରରେ ଡାକ୍ତରମାନେ କେଉଁ କାରଣରୁ ☞ପୃଷ୍ଠା-୪

## ସିସି କ୍ୟାମେରା ଧରିବ ଦଲାଲ: ରାଜସ୍ୱ ମନ୍ତ୍ରୀ

ଭୁବନେଶ୍ୱର,୧୯।୧୧ (ରବିନାରାୟଣ ଜେନା)

ରାଜ୍ୟରେ ଦୀର୍ଘବର୍ଷ ଧରି ଦଲାଲି ବ୍ୟବସ୍ଥା ଚାଲିଆସୁଥିଲା। ଏହା ଆମ ପାଇଁ ଏକ ବଡ଼ ସମସ୍ୟା ଭାବେ ମୁଣ୍ଡ ଟେକିଥିଲା। ଏବେ ସିସି କ୍ୟାମେରା ଲାଗିବା ପରେ ଏଥିରେ ସୁଧାର ଆସୁଛି। ସରକାରୀ କାର୍ଯ୍ୟାଳୟରୁ ଦୁର୍ନୀତି ଧୀରେ ଧୀରେ ହଟିବ ଏବଂ ବାବୁରାଜ୍‌ର ଅବସାନ ହେବ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି।

ଲୋକସେବା ଭବନରେ ବୁଧବାର ରାଜସ୍ୱ ମନ୍ତ୍ରୀ ଗଣମାଧ୍ୟମକୁ କହିଛନ୍ତି, ଅଧିକାରୀମାନଙ୍କୁ ପର୍ଯ୍ୟାପ୍ତ ଦରମା ସାଙ୍ଗକୁ ଆନୁଷଙ୍ଗିକ ସୁବିଧା ସୁଯୋଗ ଦିଆଯାଉଛି। ଏହାସତ୍ତ୍ୱେ କେତେଜଣ ଅଧିକାରୀ ଦୁର୍ନୀତିକୁ ଆପଣାଉଛନ୍ତି। ଯେଉଁ ଅଧିକାରୀମାନେ ସରକାରଙ୍କ ମାର୍ଗଦର୍ଶିକା ଓ ପରାମର୍ଶ ଅନୁଯାୟୀ କାର୍ଯ୍ୟ ନ କରିବେ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏବେ ପ୍ରତିଦିନ ଭିଜିଲାନ୍ସ ହାତରେ କେହି ନା କେହି ଅଧିକାରୀ ଧରାପଡୁଛନ୍ତି। ଏହି ଅଭିଯାନକୁ ଅଧିକ ତ୍ୱରାନ୍ୱିତ କରାଯିବ। ସେ ଆହୁରି କହିଛନ୍ତି, ଗଣତନ୍ତ୍ରରେ ନାଗରିକମାନେ ହେଲେ ମାଲିକ, ଅଧିକାରୀମାନେ ସେବକ। ଅଧିକାରୀମାନେ ☞ପୃଷ୍ଠା-୪



ଭୁବନେଶ୍ୱର କୃଷି ଭବନଠାରେ ବୁଧବାର ୨୧ତମ ପିଏମ୍ କିଷାନ ସମ୍ମାନ ନିଧି ପ୍ରଦାନ କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଛରେ ପାଣି ଦେଇ ଶୁଭାରମ୍ଭ କରୁଛନ୍ତି। ନିକଟରେ ଅଛନ୍ତି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, କୃଷି ବିଭାଗ ସଚିବ ଅରବିନ୍ଦ ପାଢ଼ୀ।

# କୃଷକ ସଶକ୍ତୀକରଣ ମୁଖ୍ୟ ଉଦ୍ଦେଶ୍ୟ: ମୁଖ୍ୟମନ୍ତ୍ରୀ

**୩୪.୧୨ ଲକ୍ଷ ଚାଷୀ ପାଇଲେ ପିଏମ୍ କିଷାନ ସମ୍ମାନ ନିଧିର ୨୧ତମ କିସ୍ତି**

ଭୁବନେଶ୍ୱର, ୧୯।୧୧ (ସୁନିତ୍ ମିଶ୍ର)

ରାଜ୍ୟରେ କୃଷକଙ୍କ ସଶକ୍ତୀକରଣ ଓ କଲ୍ୟାଣ ହେଉଛି ସରକାରଙ୍କ ମୁଖ୍ୟ ଉଦ୍ଦେଶ୍ୟ। କୃଷକମାନଙ୍କ ପାଇଁ ଉଦ୍ଦିଷ୍ଟ ସମସ୍ତ ଯୋଜନାର ସୁବିଧା ସୁଯୋଗ ରାଜ୍ୟର ସବୁ ଯୋଗ୍ୟ ଚାଷୀ ନିଶ୍ଚିତରୂପେ ପାଆନ୍ତୁ, କେହି ଜଣେ ବି ଯେପରି ଏଥିରୁ ବଞ୍ଚିତ ନ ହୁଅନ୍ତୁ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। କୃଷି ଭବନଠାରେ ବୁଧବାର ୨୧ତମ ପିଏମ୍ କିଷାନ ସମ୍ମାନ ନିଧି ପ୍ରଦାନ କାର୍ଯ୍ୟକ୍ରମ ଅବସରରେ ☞ପୃଷ୍ଠା-୪


**ଆଜିର ସମ୍ପାଦକୀୟ**

**ସୃଷ୍ଟି ତତ୍ତ୍ୱ ଓ ବ୍ରହ୍ମା**

**ଏନ୍‌ଆଇଏ ହାଜତରେ ଅନ୍‌ମୋଲ ବିଷ୍ଣୋଇ** ...... ୨ ......


# ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟର ହେବ ସମ୍ପ୍ରସାରଣ

**ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ କେନ୍ଦ୍ରମନ୍ତ୍ରୀ କୁମାରସ୍ୱାମୀ**

**ରାଉରକେଲା ଏୟାରପୋର୍ଟ ପାଇଁ ଜମି ଯୋଗାଣ ଆଲୋଚନା**

ଭୁବନେଶ୍ୱର, ୧୯।୧୧ (ସୁନିତ୍ ମିଶ୍ର)

ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟର ସମ୍ପ୍ରସାରଣ ହେବାକୁ ଯାଉଛି। ଏନେଇ କେନ୍ଦ୍ର ଭାରିଶିଳ୍ପ ତଥା ଇସ୍ପାତ ମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀ ବୁଧବାର ଲୋକସେବା ଭବନ ଆସି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ଆଲୋଚନା କରିଛନ୍ତି। ଏହି ଅବସରରେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ୍ ମଧ୍ୟ ସେଠାରେ ଉପସ୍ଥିତ ଥିଲେ। ଆଲୋଚନାରୁ ମିଳିଥିବା ସୂଚନା ମୁତାବକ, ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟର ଆଧୁନିକୀକରଣ ଓ ସମ୍ପ୍ରସାରଣ ପାଇଁ ଉଦ୍ୟମ ଜାରି ରହିଛି। ଆଧୁନିକୀକରଣ କାର୍ଯ୍ୟ ସୁରୁଖୁରୁରେ ଚାଲିଥିବା ବେଳେ ସମ୍ପ୍ରସାରଣ ପାଇଁ ଜମି ଅଧିଗ୍ରହଣକୁ ସୁରୁଖୁରୁରେ କରିବା ପାଇଁ ବୈଠକରେ ଆଲୋଚନା ହୋଇଛି। ଏ ସମ୍ପର୍କରେ ସମାଧାନ ପାଇଁ ମଧ୍ୟ ଉଭୟଙ୍କ ମଧ୍ୟରେ ବିସ୍ତୃତ ଆଲୋଚନା ହୋଇଥିବା ଜଣାପଡ଼ିଛି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟର ସମ୍ପ୍ରସାରଣ ନିତାନ୍ତ ଆବଶ୍ୟକ। ଏହାଦ୍ୱାରା ରାଜ୍ୟର ଆର୍ଥିକ ବିକାଶହେବା ସହ ☞ପୃଷ୍ଠା-୪

# ଇନ୍‌ଟେକ୍ ୱେଲ୍‌ରେ ଜଳ ଶୋଷିବ ଜେଏସ୍‌ଡବ୍ଲ୍ୟୁ

**କାନପୁର ନଦୀବନ୍ଧ ଯୋଜନା ଦିଗହରା**

ଯୋଡ଼ା,୧୯।୧୧ (ମାନସ ମହାନ୍ତି)

କେନ୍ଦୁଝର ଜିଲାରେ କୃଷିର ଅଭିବୃଦ୍ଧି ପାଇଁ ୬୦ ଦଶକରେ ରାଜ୍ୟ ସରକାର ବୈତରଣୀ ନଦୀ ଉପରେ କାନପୁର ବୃହତ୍ ଜଳସେଚନ ପ୍ରକଳ୍ପର ସ୍ୱପ୍ନ ଦେଖିଥିଲେ। ଯୋଜନାକୁ ରୂପରେଖ ଦେବା ନିମନ୍ତେ ପ୍ରଥମେ ଓଡ଼ିଶାର ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ, ଜାନକୀବଲ୍ଲଭ ପଟ୍ଟନାୟକ ଓ ପରେ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଏହି ବୃହତ୍ ଜଳସେଚନ ପ୍ରକଳ୍ପ ପାଇଁ ୩ ଥର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ପରିତାପର ବିଷୟ ଏହି ପ୍ରକଳ୍ପ ଆଜି ପର୍ଯ୍ୟନ୍ତ ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇପାରିଲାନାହିଁ। ଅନ୍ୟପକ୍ଷରେ ଜିନ୍ଦଲ ସାଉଥ୍ ୱେଷ୍ଟ (ଜେଏସ୍‌ଡବ୍ଲ୍ୟୁ) କମ୍ପାନୀ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ ଇନ୍‌ଟେକ୍ ୱେଲ୍ ବା ଡ୍ୟାମ୍‌ରେ କୂପ ଖନନ କରାଯାଇ ଜଳ ନେବାର ଯୋଜନା ହେଉଛି। ଫଳରେ ଚାଷ ଏବଂ ପାନୀୟ ଜଳ ପ୍ରକଳ୍ପ ପାଇଁ ପାଣି ନିଅଣ୍ଟ ଦେଖାଦେବ ବୋଲି ସାଧାରଣରେ ଅଭିଯୋଗ ହେଉଛି। ନଦୀବନ୍ଧ ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା କୁହାଯାଉଥିବାବେଳେ ଏହି ପ୍ରକଳ୍ପ କୃଷି ନା ଶିଳ୍ପ ଉଦ୍ଦେଶ୍ୟରେ ହେଉଛି ତାକୁ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟିହୋଇଛି।

ଜଳଭଣ୍ଡାରରୁ ଶିଳ୍ପକୁ ଜଳ ନେବା ପାଇଁ ଜେଏସ୍‌ଡବ୍ଲ୍ୟୁ ପକ୍ଷରୁ ଡ୍ୟାମ୍‌ର ପରିସୀମା ତଥା କ୍ୟାଚ୍‌ମେଣ୍ଟ ଏରିଆ ମଧ୍ୟରେ ଏବଂ ସୁନା ନଦୀ-ବୈତରଣୀ ସଙ୍ଗମସ୍ଥଳର ଅନତି ଦୂରରେ ଇନ୍‌ଟେକ୍ ୱେଲ୍ ନିର୍ମାଣ କରାଯାଉଛି। ଏଠାରୁ କମ୍ପାନୀ ପାଣି କେନ୍ଦୁଝର, ସୁନ୍ଦରଗଡ଼ ସୀମାରେ ଥିବା ଗୁଆଲି ଏବଂ କୋଇଡ଼ା ଖଣିକୁ ନେବ। ସେଠାରୁ ୩୦ ଇଞ୍ଚର ଗୋଲେଇ ସ୍ଲରି ପାଇପ୍‌ଲାଇନରେ ଲୁହାପଥର ଗୁଣ୍ଡରେ ପାଣି ମିଶାଇ ପାରାଦୀପ ଏବଂ ଜେଏସ୍‌ଡବ୍ଲ୍ୟୁ ଦ୍ୱାରା ନିର୍ମାଣାଧୀନ ଶିଳ୍ପକୁ ପରିବହନ କରିବ। ଏଥିରେ ଜଳର ଗତି ପ୍ରତି ସେକେଣ୍ଡରେ ପ୍ରାୟ ୧.୮ ମିଟର ରହିବ। ଶତକଡ଼ା ୩୦ରୁ ୩୫ ପ୍ରତିଶତ ଜଳ ସହ ୬୫ରୁ ୭୦ ପ୍ରତିଶତ ଲୁହାପଥର ଗୁଣ୍ଡ ମିଶ୍ରିତ ହୋଇ ପାଇପ୍‌ଲାଇନ ଜରିଆରେ ପରିବହନ କରାଯିବ। ଜେଏସ୍‌ଡବ୍ଲ୍ୟୁ କାରଖାନାକୁ ବାର୍ଷିକ ପ୍ରାୟ ୩୦ ମିଲିୟନ ଟନ୍‌ରୁ ଊର୍ଦ୍ଧ୍ୱ ଲୁହାପଥର ସ୍ଲରି ମାଧ୍ୟମରେ ପରିବହନ କରିବାକୁ ଲକ୍ଷ୍ୟ ରଖାଯାଇଥିବା ବିଶେଷ ସୂତ୍ରରୁ ସୂଚନା ମିଳିଛି। ପାଇପ୍‌ଲାଇନ ଜରିଆରେ କାନପୁର ବୃହତ୍ ଜଳସେଚନ ପ୍ରକଳ୍ପରୁ କମ୍ପାନୀ ଜଳ ଶୋଷିଲେ ବନ୍ଧର କ୍ୟାଚ୍‌ମେଣ୍ଟ ଏରିଆରୁ ଜଳାଭାବ ଦେଖାଦେବା ସମ୍ଭାବନା ରହିଛି। ଏହା କେନ୍ଦୁଝର ଜିଲାର ଚାଷୀକୁଳକୁ ପ୍ରଥମେ ପ୍ରଭାବିତ କରିବ। ପରିଣାମ ସ୍ୱରୂପ ଚାଷୀଙ୍କ ପାଇଁ ଜଳ ଯୋଗାଣ ହ୍ରାସ ପାଇବା ସହ ଚାଷ ଜମିରେ ଠିକ୍‌ଭାବେ ଜଳ ☞ପୃଷ୍ଠା-୪



ଜେଏସ୍‌ଡବ୍ଲ୍ୟୁ ଦ୍ୱାରା କାନପୁର ଡ୍ୟାମ୍ ପରିସୀମାରେ ନିର୍ମାଣାଧୀନ ଇନ୍‌ଟେକ୍ ୱେଲ୍।

# ଆନ୍ଧ୍ରରେ ପୁଣି ଏନ୍‌କାଉଣ୍ଟର: ୭ ମାଓବାଦୀ ନିହତ

**୫ ଜିଲାରୁ ୫୦ ଗିରଫ**

ଅମରାବତୀ,୧୯।୧୧ (ପି.ଟି.)

ଆନ୍ଧ୍ରପ୍ରଦେଶର ମାରେଡୁମିଲି ଜିଲାରେ ଏମ୍. ହିଡ଼ମା ଓ ତାଙ୍କ ସ୍ତ୍ରୀଙ୍କ ସମେତ ୬ ମାଓବାଦୀ ନିହତ ହେବାର ଦିନକ ପରେ ପୁଣି ଏକ ସଫଳତା ମିଳିଛି। ସୁରକ୍ଷା ବଳର ଏନ୍‌କାଉଣ୍ଟରରେ ବୁଧବାର ଆଉ ୭ ମାଓବାଦୀ ନିହତ ହୋଇଛନ୍ତି। ଏହାବାଦ୍ ଗୋଇନ୍ଦା ତଥ୍ୟ ଆଧାରରେ ପୋଲିସ ୫ ଜିଲାରୁ ସିପିଆଇ (ମାଓଇଷ୍ଟ)ର ୫୦ ସଦସ୍ୟଙ୍କୁ ଗିରଫ କରିବାରେ ସକ୍ଷମ ହୋଇଛି। କେନ୍ଦ୍ର ସରକାର ୨୦୨୬ ମାର୍ଚ୍ଚ ଶେଷ ସୁଦ୍ଧା ଦେଶରୁ ମାଓବାଦୀଙ୍କୁ ମୂଳପୋଛ କରିବା ପାଇଁ ଲକ୍ଷ୍ୟ ରଖିଥିବାବେଳେ ଆନ୍ଧ୍ରର ମାରେଡୁମିଲି ଜିଲାରେ ମଙ୍ଗଳବାର ସୁରକ୍ଷା ବଳ ପକ୍ଷରୁ ଅପରେଶନ୍ ଆରମ୍ଭ ହୋଇଥିଲା। ଏଥିରେ ହିଡ଼ମା, ତାଙ୍କ ସ୍ତ୍ରୀ ରାଜେ ଓ ଅନ୍ୟ ୪ ମାଓବାଦୀ ନିହତ ହୋଇଥିଲେ। ଏନ୍‌କାଉଣ୍ଟରର ଦ୍ୱିତୀୟ ଦିନରେ ଅନ୍ୟ ୭ ମାଓବାଦୀ ନିହତ ହୋଇଥିବା ନେଇ ଗୋଇନ୍ଦା ଏଡିଜିପି ମହେଶ ଚନ୍ଦ୍ର ଲଡ୍ଡ଼ା ☞ପୃଷ୍ଠା-୪

# ଆଶ୍ରୟ ଦେବାକୁ କହି ମହିଳାଙ୍କୁ ବଳାତ୍କାର

ରାୟଗଡ଼ା,୧୯।୧୧ (ଆଶିଷ ରଞ୍ଜନ ପଣ୍ଡା)

ଘରେ ଆଶ୍ରୟ ଦେବାକୁ କହି ଜଣେ ମହିଳାଙ୍କୁ ବଳାତ୍କାର କରାଯାଇଛି। ଏ ନେଇ ପୀଡ଼ିତା ମହିଳା ତାଙ୍କ ସ୍ୱାମୀଙ୍କ ସହ ମଙ୍ଗଳବାର ବିଳମ୍ବିତ ରାତିରେ ରାୟଗଡ଼ା ଟାଉନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏସ୍‌ଡିପିଓ ଗୌରହରି ସାହୁଙ୍କ ନେତୃତ୍ୱରେ ପୋଲିସ ତଦନ୍ତ ଆରମ୍ଭ କରିଛି। ବଳାତ୍କାର କରିଥିବା ସନ୍ଦେହରେ ଜଣେ ଯୁବକଙ୍କୁ ପୋଲିସ ଥାନାରେ ଅଟକ ରଖି ପଚରାଉଚୁରା କରୁଥିବା ଜଣାପଡ଼ିଛି।

ପୋଲିସ ସୂଚନା ଅନୁଯାୟୀ, କୋରାପୁଟ ଜିଲା ବନ୍ଧୁଗାଁ ବ୍ଲକ୍‌ର ଏହି ଦମ୍ପତି ତାମିଲନାଡୁ ଦାଦନ ଖଟିବାକୁ ଯାଇ ମଙ୍ଗଳବାର ଟ୍ରେନ୍ ଯୋଗେ ରାୟଗଡ଼ା ଫେରିଥିଲେ। ସେମାନେ ନିଜ ଗାଁକୁ ଯିବା ପାଇଁ ରାତି ପ୍ରାୟ ୮ଟାରେ ରାୟଗଡ଼ା ବସ୍‌ଷ୍ଟାଣ୍ଡରେ ବସ୍‌କୁ ଅପେକ୍ଷା କରିଥିଲେ। ଏହି ସମୟରେ ସେଠାରେ ଉପସ୍ଥିତ ଜଣେ ଅଜଣା ଯୁବକ କେଉଁଆଡ଼େ ଯିବ ବୋଲି ଉକ୍ତ ଦମ୍ପତିଙ୍କୁ ପଚାରିଥିଲେ। ବନ୍ଧୁଗାଁକୁ ଯିବାକୁ ବସ୍ ପାଇଁ ଅପେକ୍ଷା କରିଛୁ ବୋଲି ଦମ୍ପତି କହିଥିଲେ। ହେଲେ ଏବେ ବନ୍ଧୁଗାଁକୁ ଆଉ ବସ୍ ମିଳିବ ନାହିଁ ଏବଂ ମୋ ଘରେ ରାତିରେ ରହିଯାଅ, ସକାଳୁ ନିଜ ଗାଁକୁ ଚାଲିଯିବ ବୋଲି ଯୁବକ ଜଣକ କହିଥିଲେ। ଏଥିରେ ଦମ୍ପତି ରାଜିହେବା ପରେ ଯୁବକ ଜଣକ ପ୍ରଥମେ ପୀଡ଼ିତା ମହିଳାଙ୍କ ସ୍ୱାମୀଙ୍କୁ ନେଇ ଏକ ଦୋକାନରେ ଛାଡ଼ି ଟିଫିନ ଆଣି ଆସୁଛି କହି ସେଠାରୁ ଚାଲି ଆସିଥିଲେ। ପରେ ସେ ମହିଳାଙ୍କୁ କୋଇଲାପଡ଼ା ନିକଟସ୍ଥ ବୁଦାକୁ ନେଇ ବଳାତ୍କାର କରିଥିଲେ। ଦୀର୍ଘ ସମୟ ଧରି ସ୍ତ୍ରୀ ନ ଫେରିବାରୁ ସ୍ୱାମୀ ବସ୍‌ଷ୍ଟାଣ୍ଡ ନିକଟକୁ ଆସି ଖୋଜିଥିଲେ ମଧ୍ୟ ତାଙ୍କୁ ପାଇ ନ ଥିଲେ। ଏହି ସମୟରେ ପୀଡ଼ିତା କାନ୍ଦି କାନ୍ଦି ଆସି ସମସ୍ତ ଘଟଣା ବିଷୟରେ ସ୍ୱାମୀଙ୍କୁ ଜଣାଇଥିଲେ। ଏହାପରେ ଉଭୟ ରାୟଗଡ଼ା ଟାଉନ ଥାନାକୁ ☞ପୃଷ୍ଠା-୪



## ଦିଲ୍ଲୀରେ ଆଜି




ସ୍କୁଲ, ୟୁନିଭର୍ସିଟି, ହସ୍ପିଟାଲ ଓ ପରିବହନ କେନ୍ଦ୍ର ସମେତ ସର୍ବସାଧାରଣ ସ୍ଥାନଗୁଡ଼ିକରୁ ବୁଲା କୁକୁରଙ୍କୁ ହଟାଇବା ପାଇଁ ସୁପ୍ରିମକୋର୍ଟ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ନିର୍ଦ୍ଦେଶ ଦେବା ପରେ ବୁଧବାର ନୂଆଦିଲ୍ଲୀର ଯନ୍ତରମନ୍ତରଠାରେ କୁକୁରପ୍ରେମୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି। (ଫଟୋ: ଚମନ ଗୌତମ)

# ଏନ୍ଆଇଏ ହାଜତରେ ଅନ୍‌ମୋଲ ବିଷ୍ଣୋଇ

- ସିଦ୍ଧୁ ମୁସେୱାଲା, ବାବା ସିଦ୍ଦିକି ହତ୍ୟା ମାମଲାରେ ୱାଣ୍ଟେଡ୍ ଥିଲେ
- ଆମେରିକାରୁ ପ୍ରତ୍ୟର୍ପିତ ହେବା ପରେ ୧୧ ଦିନିଆ ରିମାଣ୍ଡରେ ଗ୍ୟାଙ୍ଗଷ୍ଟର



ୱାଶିଂଟନ/ ନୂଆଦିଲ୍ଲୀ,୧୯।୧୧

ପଞ୍ଜାବୀ ଗାୟକ ସିଦ୍ଧୁ ମୁସେୱାଲା ଓ ମୁମ୍ବାଇର ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ନେତା ବାବା ସିଦ୍ଦିକିଙ୍କ ହତ୍ୟାର ମାଷ୍ଟରମାଇଣ୍ଡ ଗ୍ୟାଙ୍ଗଷ୍ଟର ଅନ୍‌ମୋଲ ବିଷ୍ଣୋଇଙ୍କୁ ଆମେରିକାରୁ ପ୍ରତ୍ୟର୍ପିତ କରି ଭାରତ ଅଣାଯିବା ପରେ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍ଆଇଏ) ତାଙ୍କୁ ୧୧ ଦିନିଆ ରିମାଣ୍ଡରେ ନେଇଛି। ଅନ୍‌ମୋଲ ହେଉଛନ୍ତି ଜେଲରେ ଥିବା କୁଖ୍ୟାତ୍ ଗ୍ୟାଙ୍ଗଷ୍ଟର ଲରେନ୍ସ ବିଷ୍ଣୋଇଙ୍କ ସାନଭାଇ। ଆମେରିକାର ପ୍ରତ୍ୟର୍ପଣ ପରେ ଅନ୍‌ମୋଲଙ୍କୁ ବିମାନରେ ବୁଧବାର ନୂଆଦିଲ୍ଲୀକୁ ଅଣାଯାଇଥିଲା। ଏହା ପରେ ଏନ୍ଆଇଏ ତାଙ୍କୁ ପଟିଆଲ ହାଉସ୍ କୋର୍ଟରେ ହାଜର କରାଇ ୧୫ ଦିନ ପାଇଁ ରିମାଣ୍ଡରେ ନେବାକୁ ନିବେଦନ କରିଥିଲା। କିନ୍ତୁ କୋର୍ଟ ତାଙ୍କୁ ୧୧ ଦିନିଆ ରିମାଣ୍ଡରେ ନେବାକୁ ତଦନ୍ତକାରୀ ସଂସ୍ଥାକୁ ଅନୁମତି ପ୍ରଦାନ କରିଛନ୍ତି।

ଏନ୍ଆଇଏ ଅନ୍‌ମୋଲଙ୍କୁ ଟେରର ସିଣ୍ଡିକେଟ୍, ଗ୍ୟାଙ୍ଗ୍ ସଦସ୍ୟ ଏବଂ ଆମେରିକାରୁ ସେ କିପରି ଅପରେଶନ୍ ଚଳାଉଥିଲେ; ସେ ସମ୍ପର୍କରେ ଜେରା କରିପାରେ ବୋଲି ଜଣାପଡ଼ିଛି। ମୁସେୱାଲା, ବାବା ସିଦ୍ଦିକିଙ୍କ ହତ୍ୟା, ବଲିଉଡ୍ ଅଭିନେତା ସଲମାନ୍ ଖାନ୍‌ଙ୍କୁ ଧମକ ଭଳି ଅନେକ ହାଇପ୍ରୋଫାଇଲ୍ ମାମଲାରେ ଜଡ଼ିତ ଅନ୍‌ମୋଲଙ୍କୁ ରିମାଣ୍ଡରେ ନିଆଯିବା ଏନ୍ଆଇଏ ପାଇଁ ଏକ ବଡ଼ ସଫଳତା ବୋଲି ଜଣେ ଅଧିକାରୀ କହିଛନ୍ତି।

ପ୍ରକାଶ ଯେ, ୨୦୨୨ ମେ' ୨୯ରେ ମୁସେୱାଲା ଏବଂ ୨୦୨୪ ଅକ୍ଟୋବର ୧୨ରେ ବାବା ସିଦ୍ଦିକିଙ୍କୁ ଗୁଳିକରି ହତ୍ୟା କରାଯାଇଥିଲା। ୨୦୨୪ରେ ସଲମାନ୍‌ଙ୍କ ମୁମ୍ବାଇସ୍ଥିତ ବାସଭବନକୁ ଗୁଳିକରି ହତ୍ୟା ଧମକ ଦିଆଯାଇଥିଲା। ଏହି ସବୁ କାଣ୍ଡର ଷଡ଼ଯନ୍ତ୍ରକାରୀ କୁହାଯାଉଥିବା ଅନ୍‌ମୋଲ ୨୦୨୨ରେ ଆମେରିକାକୁ ଫେରାର ହୋଇଯାଇଥିଲେ। ଗତବର୍ଷ ନଭେମ୍ବରରେ ଆମେରିକାରେ ତାଙ୍କୁ ଅଟକ ରଖାଯାଇଥିଲା। ଭାଇ ଲରେନ୍ସଙ୍କ ଟେରର୍ ସିଣ୍ଡିକେଟ୍ ମାମଲାରେ ଅନ୍‌ମୋଲଙ୍କୁ ମିଶାଇ ଅଦ୍ୟାବଧି ୧୯ ଅଭିଯୁକ୍ତଙ୍କୁ ଗିରଫ କରାଗଲାଣି।

# ପଶ୍ଚିମବଙ୍ଗରେ ଅସ୍ତ୍ର ହେବ କି ଏସ୍ଆଇଆର୍

**ବିହାର ବିଧାନସଭା ନିର୍ବାଚନରେ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ(ଏନ୍‌ଡିଏ)ର ଆଶାତୀତ ସଫଳତା ପରେ ଭାରତୀୟ ଜନତା ପାର୍ଟି (ଭାଜପା) ଏବେ ପଶ୍ଚିମବଙ୍ଗ ଆଡ଼କୁ ମୁହାଁଇଛି। ୨୦୧୧ରୁ ମୁଖ୍ୟମନ୍ତ୍ରୀ ଥିବା ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସୁପ୍ରିମୋ ମମତା ବାନାର୍ଜୀଙ୍କ ୧୪ ବର୍ଷର ଦୁର୍ଗ ପତନ ଘଟାଇ କ୍ଷମତା ଦଖଲ କରିବାକୁ ବିରୋଧୀ ଦଳ ଜୋର୍‌ଦାର ଉଦ୍ୟମ ଚଳାଇଛି। ନିର୍ବାଚନ କମିଶନ ଭୋଟର ତାଲିକାର ଶୁଦ୍ଧୀକରଣ ପାଇଁ ଏସ୍ଆଇଆର୍ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଥିବାବେଳେ ଟିଏମ୍‌ସି ଏହାକୁ ଭାଜପାର ନିର୍ବାଚନୀ ଅସ୍ତ୍ର ବୋଲି ସମାଲୋଚନା କରିଛି। ତେବେ ଦିଦିଙ୍କ ରାଜ୍ୟରେ ଭାଜପାର ମିଶନ ଏତେ ସହଜରେ ସଫଳ ହୋଇ ନ ପାରେ ବୋଲି ରାଜନୈତିକ ବିଶ୍ଳେଷକ ମତ ଦେଇଛନ୍ତି।**

କୋଲକାତା,୧୯।୧୧

ବିହାର ବିଜୟ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆଗରେ ସବୁଠୁ ବଡ଼ ରାଜନୈତିକ ପ୍ରତିଦ୍ୱନ୍ଦ୍ୱୀ ଭାବେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଉଭା ହୋଇଛନ୍ତି। ମୋଦି ବିହାର ଫଳାଫଳକୁ ପଶ୍ଚିମବଙ୍ଗରେ ଦୋହରାଇବା ପାଇଁ ଆଶାବାଦୀ, ଯାହାକି ତାଙ୍କ ବିଜୟ ଅଭିଭାଷଣରେ ପ୍ରକାଶ କରିଥିଲେ। ଗତ ୧୪ରେ ମୋଦି ଦଳୀୟ ନେତା ଓ କର୍ମୀଙ୍କୁ କହିଥିଲେ, ଏବେ ପଶ୍ଚିମବଙ୍ଗ ପାଳି। ଗଙ୍ଗା ବିହାରରୁ ପଶ୍ଚିମବଙ୍ଗକୁ ପ୍ରବାହିତ ହେବା ଭଳି ଭାଜପା ବିଜୟର ସ୍ରୋତ ପଶ୍ଚିମବଙ୍ଗକୁ ବାଟ କଢ଼ାଇଛି। ସମସ୍ତେ ମିଳିମିଶି ପଶ୍ଚିମବଙ୍ଗରୁ ମଧ୍ୟ 'ଜଙ୍ଗଲରାଜ'କୁ ହଟାଇବା ବେଳ ଆସିଛି।

ପଶ୍ଚିମବଙ୍ଗରେ ୨୦୨୬ ମାର୍ଚ୍ଚ-ଏପ୍ରିଲ ଆଡ଼କୁ ବିଧାନସଭାର ୨୯୪ ଆସନ ପାଇଁ ନିର୍ବାଚନ ଅନୁଷ୍ଠିତ ହେବ। ଗତ ନିର୍ବାଚନରେ ଟିଏମ୍‌ସି ୨୨୫ ଆସନ ଦଖଲ କରିଥିବାବେଳେ ଭାଜପାର ୬୫ ପ୍ରାର୍ଥୀ ବିଜୟୀ ହୋଇଥିଲେ। ଆଗାମୀ ନିର୍ବାଚନ ପୂର୍ବରୁ ପଶ୍ଚିମବଙ୍ଗରେ ମଧ୍ୟ ନିର୍ବାଚନ କମିଶନ (ଇସି) ନଭେମ୍ବର ୪ରୁ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ



ମମତା ବାନାର୍ଜୀ



ଶୁଭେନ୍ଦୁ ଅଧିକାରୀ

ସଂଶୋଧନ (ଏସ୍ଆଇଆର୍) ଚଳାଇଛନ୍ତି। ତେଣୁ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନକୁ ନେଇ ଉଲ୍ଲସିତ ରାଜ୍ୟ ଭାଜପା ସଭାପତି ଶ୍ରମିକ ଭଟ୍ଟାଚାର୍ଯ୍ୟ କହିଛନ୍ତି, ପଶ୍ଚିମବଙ୍ଗରୁ ବେଆଇନ ବାଂଲାଦେଶୀଙ୍କୁ ହଟାଇବା ଆମ ଲକ୍ଷ୍ୟ। ଭାଜପା ଦିଲ୍ଲୀରେ ଅରବିନ୍ଦ କେଜ୍‌ରିୱାଲଙ୍କୁ ହରାଇଛି। ହରିୟାଣା, ମହାରାଷ୍ଟ୍ର ଓ ବିହାର ବିଜୟ ପରେ ପରବର୍ତ୍ତୀ ଟାର୍ଗେଟ ପଶ୍ଚିମବଙ୍ଗ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ସେହିପରି ବିରୋଧୀ ଦଳ ନେତା ଶୁଭେନ୍ଦୁ ଅଧିକାରୀ ସପ୍ତାହେ ତଳେ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ)ଙ୍କ କାର୍ଯ୍ୟାଳୟକୁ ଯାଇ ୫ ନିର୍ବାଚନମଣ୍ଡଳୀରେ ଥିବା ୧୩.୨୫ ଲକ୍ଷ ଜାଲ୍ ଭୋଟରଙ୍କ ତାଲିକା ସମ୍ବଳିତ ଏକ ପେନ୍‌ଡ୍ରାଇଭ୍ ପ୍ରଦାନ କରିଛନ୍ତି। ସିଇଓ ମନୋଜ କୁମାର ଅଗ୍ରୱାଲ ପୂରଣ ହୋଇଥିବା ସମସ୍ତ ଫର୍ମ ମାସକ ମଧ୍ୟରେ ସଂଗ୍ରହ ପାଇଁ ଜିଲା ନିର୍ବାଚନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ନୂଆ ଭୋଟର ତାଲିକାରୁ ଭାଜପା ଦାବି କରୁଥିବା ଜାଲ୍ ଭୋଟରଙ୍କ ନାମ କଟାଗଲେ ଏସ୍ଆଇଆର୍‌କୁ ନେଇ ବିବାଦ ଆହୁରି ବଢ଼ିପାରେ। କିନ୍ତୁ ରାଜନୈତିକ ବିଶ୍ଳେଷକଙ୍କ ମତରେ ପଶ୍ଚିମବଙ୍ଗ ବିହାର ନୁହେଁ, ଯେ ଆର୍‌ଜେଡି ମୁଖ୍ୟ ଲାଲୁପ୍ରସାଦ ଯାଦବଙ୍କ ଭଳି ଟିଏମ୍‌ସି ନେତ୍ରୀ ମମତାଙ୍କୁ ଭାଜପା ଏତେ ସହଜରେ ଧରାଶାୟୀ କରିଦେବ। ମମତା ଏସ୍ଆଇଆର୍‌କୁ 'ଭୋଟବନ୍ଦୀ' ଆଖ୍ୟାଦେଇ ମତଦାତାଙ୍କ ଅଧିକାରକୁ କୌଣସି ପ୍ରକାରେ ସୁରକ୍ଷିତ କରିବେ ବୋଲି କହିଛନ୍ତି। ଏଥିସହ ବିହାର ଭଳି ଏସ୍ଆଇଆର୍ ତାଙ୍କ ରାଜ୍ୟରେ କରାଇଦେବେ ନାହିଁ ବୋଲି ମମତା କଡ଼ା ବିରୋଧ କରିଛନ୍ତି। ପୂର୍ବରୁ ଜାତୀୟ ନାଗରିକପଞ୍ଜିକା (ଏନ୍ଆର୍‌ସି)କୁ ବିରୋଧ କରିଆସୁଥିବା ଟିଏମ୍‌ସି ପଶ୍ଚିମବଙ୍ଗରେ ଜଣେ ହେଲେ ଭୋଟର ଯେପରି ବାଦ୍ ନ ପଡ଼ିବେ ତାହା ସୁନିଶ୍ଚିତ କରାଯିବ ବୋଲି କହିଛି। ଏସ୍ଆଇଆର୍ ପ୍ରକ୍ରିୟା ଜାରି ରହିଥିବାବେଳେ ପରିଚୟପତ୍ର ଦସ୍ତାବିଜ ଦାଖଲ କରି ନ ପାରି ୧୦ରୁ ଅଧିକ ବ୍ୟକ୍ତି ଆତ୍ମହତ୍ୟା କରିଥିବା ଟିଏମ୍‌ସି ଅଭିଯୋଗ କରିଆସୁଛି। ଯେଉଁ ଦେଶରେ ଶୀର୍ଷ ନେତା ନିଜ ଶିକ୍ଷାଗତ ଯୋଗ୍ୟତାର ପ୍ରମାଣପତ୍ର ଦେଖାଇପାରୁନାହାନ୍ତି, ସେଠି ଗରିବ ଲୋକଙ୍କୁ ଜଟିଳ ଦସ୍ତାବିଜ ମାଗିବା କେତେ ଯୁକ୍ତିଯୁକ୍ତ ବୋଲି ଟିଏମ୍‌ସି ଏମ୍‌ପି ସାଗରିକା ଘୋଷ ପ୍ରଶ୍ନ କରିଛନ୍ତି।

# ଆକ୍ରମଣ ପାଇଁ ଚାନ୍ଦା ମାଗୁଛି ଜୈଶ୍

ନୂଆଦିଲ୍ଲୀ,୧୯।୧୧


ଦିଲ୍ଲୀର ଲାଲ୍‌କିଲ୍ଲା ଆକ୍ରମଣରେ ଜଡ଼ିତ ପାକିସ୍ତାନୀ ଆତଙ୍କବାଦୀ ସଙ୍ଗଠନ ଜୈଶ୍-ଇ-ମହମ୍ମଦ (ଜେଇଏମ୍) ଭାରତରେ ଆଉ ଏକ ଆତ୍ମଘାତୀ ଆକ୍ରମଣ ପାଇଁ ଷଡ଼ଯନ୍ତ୍ର ରଚୁଛି। ଏଥି ସକାଶେ ଜେଇଏମ୍ ପାକିସ୍ତାନୀ ଅନ୍‌ଲାଇନ୍ ଆପ୍ଲିକେଶନ୍ ସଦାପେ ଜରିଆରେ ୬,୪୦୦ କୋଟି ଟଙ୍କାର ଚାନ୍ଦା ସଂଗ୍ରହ କରୁଛି ବୋଲି ଭାରତୀୟ ଗୋଇନ୍ଦା ସଂସ୍ଥାଗୁଡ଼ିକ ଜାଣିବାକୁ ପାଇଛନ୍ତି। କେବଳ ଏତିକି ନୁହେଁ, ଜେଇଏମ୍ ଏହାର ପରବର୍ତ୍ତୀ ଆକ୍ରମଣରେ ମହିଳାମାନଙ୍କୁ ନିୟୋଜିତ କରିପାରେ ବୋଲି ସୂତ୍ରରୁ ଜଣାପଡ଼ିଛି। ଏହି ଖବର ଏନ୍‌ଡିଟିଭି ସମେତ ଆଉ କେତେକ ଜାତୀୟ ଗଣମାଧ୍ୟମରେ ପ୍ରକାଶିତ ହୋଇଛି, ଯାହାର ସତ୍ୟାସତ୍ୟ ଜାଣିବା କଷ୍ଟକର।

ଜେଇଏମ୍ ମୁଖ୍ୟ ମୌଲାନା ମାସୁଦ୍ ଆଝାରଙ୍କ ଭଉଣୀ ସାଦିୟାଙ୍କ ନେତୃତ୍ୱରେ ଏହାର ଏକ ମହିଳା ଶାଖା ରହିଛି। ଗତ ମେ' ୭ରେ ଭାରତୀୟ ସୁରକ୍ଷା ବଳର 'ଅପରେଶନ୍ ସିନ୍ଦୂର'ରେ ପାକିସ୍ତାନର ବାହୱାଲପୁରରେ ଜେଇଏମ୍ ଶିବିରଗୁଡ଼ିକ ଧ୍ୱସ୍ତବିଧ୍ୱସ୍ତ ହୋଇଯିବା ପରେ ଏହି ମହିଳା ଶାଖା ପ୍ରତିଷ୍ଠା କରାଯାଇଥିଲା। ଲାଲ୍‌କିଲ୍ଲା ଆକ୍ରମଣର ମହିଳା ସନ୍ଦିଗ୍ଧ ଡା.ଶାହିନା ସଇଦ୍ ଉକ୍ତ ସଙ୍ଗଠନ ଜମାତ୍ ଉଲ୍-ମୁମିନାତ୍‌ର ଜଣେ ସଦସ୍ୟା। ଜୈଶ୍ ନେଟ୍‌ୱର୍କରେ 'ମାଡାମ୍ ସର୍ଜନ' ନାମଧାରୀ ଶାହିନା ଦିଲ୍ଲୀ ଆକ୍ରମଣ ପାଇଁ ପାଣ୍ଠି ଯୋଗାଇଥିବା ସନ୍ଦେହ କରାଯାଉଛି। ସୁରକ୍ଷା ସଂସ୍ଥାଗୁଡ଼ିକ ଆହୁରି ଜାଣିବାକୁ ପାଇଛନ୍ତି, ଜୈଶ୍ ନେତାମାନେ ଭାରତରେ ପୁଣି ଆକ୍ରମଣ ପାଇଁ ଅନ୍‌ଲାଇନ୍ ଜରିଆରେ ଚାନ୍ଦା ମାଗୁଛନ୍ତି। ମୁଜାହିଦ୍ ବା ଫାଇଟରଙ୍କ ପାଇଁ ଯିଏ ୱିଣ୍ଟର କିଟ୍ ଯୋଗାଇଦେବେ, ତାଙ୍କୁ ମଧ୍ୟ ଜିହାଦୀ ରୂପେ ବିବେଚନା କରାଯିବ। ଅନୁରୂପ ଭାବେ ଜିହାଦୀଙ୍କୁ ସହଯୋଗ କରୁଥିବା ବ୍ୟକ୍ତି ତାଙ୍କ ମୃତ୍ୟୁ ପରେ ଜିହାଦୀ ମାନ୍ୟତା ପାଇବେ। ଜଣ ପିଛା ୨୦,୦୦୦ ପାକିସ୍ତାନୀ ଟଙ୍କା ଚାନ୍ଦା ମଗାଯାଉଛି, ଯାହାକି ଭାରତୀୟ ମୁଦ୍ରାରେ ୬,୪୦୦ ଟଙ୍କା ହେବ। ଏହି ଅର୍ଥକୁ ଜିହାଦୀଙ୍କ ପାଇଁ ଜୋତା, ଉଲେନ୍ ସକ୍ସ, ମ୍ୟାଟ୍ରେସ୍, ଟେଣ୍ଟ ଆଦି କିଣାଯିବ। ଆକ୍ରମଣ ପୂର୍ବରୁ ଓ ପରେ ଆତଙ୍କବାଦୀଙ୍କୁ ଏହି ସବୁ ପୋଷାକ ଓ ଉପକରଣର ଆବଶ୍ୟକତା ରହିଥାଏ।

# ଏସ୍ଆଇଆର୍ ଚାପ: ବିଏଲ୍‌ଓଙ୍କ ଆତ୍ମହତ୍ୟା

ଜଲପାଇଗୁଡ଼ି,୧୯।୧୧

ପଶ୍ଚିମବଙ୍ଗର ଜଲପାଇଗୁଡ଼ି ଜିଲାରେ ଜଣେ ମହିଳା ବୁଥ୍‌ସ୍ତରୀୟ ଅଧିକାରୀ (ବିଏଲ୍‌ଓ)ଙ୍କ ଝୁଲନ୍ତା ମୃତଦେହ ତାଙ୍କ ଘରୁ ଜବତ ହୋଇଛି। ନିର୍ବାଚନ କମିଶନ(ଇସି)ଙ୍କ ଏସ୍ଆଇଆର୍ ସମ୍ପର୍କିତ ଅତ୍ୟଧିକ କାର୍ଯ୍ୟଚାପ ଯୋଗୁ ବିଏଲ୍‌ଓ ଥିବା ଅଙ୍ଗନୱାଡି କର୍ମୀ ଶାନ୍ତିମଣି ଓରାଓ(୪୮) ଆତ୍ମହତ୍ୟା କରିଥିବା ତାଙ୍କ ପରିବାର ଲୋକେ ଅଭିଯୋଗ ଆଣିଛନ୍ତି। ମୃତ୍ୟୁର କାରଣ ସ୍ପଷ୍ଟ କରିବା ପାଇଁ ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଥିବାବେଳେ ଏହାକୁ ନେଇ ରାଜ୍ୟ ରାଜନୀତି ସରଗରମ ହୋଇଛି। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏହାକୁ ଅମାନବୀୟ ଦର୍ଶାଇ କହିଛନ୍ତି, ବିନା କୌଣସି ଯୋଜନାରେ ବିଏଲ୍‌ଓଙ୍କୁ କାର୍ଯ୍ୟରେ ନିୟୋଜିତ କରାଯାଉଥିବାରୁ ସେମାନଙ୍କ ଉପରେ ଚାପ ବଢୁଛି। ଅତ୍ୟଧିକ ଚାପ ଯୋଗୁ ଶାନ୍ତିମଣି




ଆତ୍ମହତ୍ୟା କରିଛନ୍ତି। ଅନ୍ୟପକ୍ଷେ ଭାଜପା ଏହି ମୃତ୍ୟୁ ପାଇଁ ରାଜ୍ୟ ସରକାରଙ୍କ ଉପରେ ଦୋଷ ଲଦିଛି।

# ନୀତୀଶ ଏନ୍‌ଡିଏ ନେତା ନିର୍ବାଚିତ

**ବିହାର ମୁଖ୍ୟମନ୍ତ୍ରୀ ରୂପେ ଆଜି ୧୦ମ ଥର ଶପଥ ନେବେ**

ପାଟନା,୧୯।୧୧

ସଂଯୁକ୍ତ ଜନତା ଦଳ (ଜେଡିୟୁ) ନେତା ନୀତୀଶ କୁମାର ବୁଧବାର ସର୍ବସମ୍ମତିକ୍ରମେ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ନେତା ନିର୍ବାଚିତ ହୋଇଛନ୍ତି। ଏହା ପରେ ସେ ପାଟନାସ୍ଥିତ ରାଜଭବନରେ ରାଜ୍ୟପାଳ ଆରିଫ୍ ମହମ୍ମଦ ଖାନ୍‌ଙ୍କୁ ଭେଟି ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବା ସହ ରାଜ୍ୟରେ



ନୀତୀଶ କୁମାର

ପରବର୍ତ୍ତୀ ସରକାର ଗଠନ ପାଇଁ ଦାବି ଜଣାଇଛନ୍ତି। ଗୁରୁବାର ପାଟନାର ଗାନ୍ଧୀ ମଇଦାନରେ ସେ ୧୦ମ ଥର ପାଇଁ ବିହାର ମୁଖ୍ୟମନ୍ତ୍ରୀ ରୂପେ ଶପଥ ନେବେ। ତାଙ୍କ ସହ ଅନ୍ୟ ୨୨ ବିଧାୟକ ମଧ୍ୟ ମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିପାରନ୍ତି।

ଭାଜପା ବିଧାୟକ ଦଳ ବୈଠକରେ ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧରୀ ନେତା ନିର୍ବାଚିତ ହୋଇଛନ୍ତି। ସେହିପରି ଅନ୍ୟତମ ଉପମୁଖ୍ୟମନ୍ତ୍ରୀ ବିଜୟ ସିହ୍ନାଙ୍କୁ ଉପନେତା ବଛାଯାଇଛି। ତେଣୁ ଉଭୟେ ପୁଣି ଥରେ ଉପମୁଖ୍ୟମନ୍ତ୍ରୀ ରୂପେ ଶପଥ ନେଇପାରନ୍ତି। ଏହି ଶପଥ ଗ୍ରହଣ ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କେତେଜଣ କେନ୍ଦ୍ରମନ୍ତ୍ରୀ, ଭାଜପା ଏବଂ ଏନ୍‌ଡିଏ ଶାସିତ ରାଜ୍ୟଗୁଡ଼ିକର ମୁଖ୍ୟମନ୍ତ୍ରୀ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ଲକ୍ଷାଧିକ ଲୋକଙ୍କ ସମାଗମକୁ ଦୃଷ୍ଟିରେ ରଖି ପାଟନାରେ କଡ଼ା ସୁରକ୍ଷା ବନ୍ଦୋବସ୍ତ କରାଯାଇଛି।

## ଫୁରସତ୍

# ୨୦୦ କେଜିର ରୁଟି

**କାହୁମାଙ୍କ ପ୍ରୟାସକୁ ପ୍ରଶଂସା**

ନାଇରୋବି

କେନିଆରେ ୨୦୦ କେଜି(କିଲୋଗ୍ରାମ) ଓଜନର ରୁଟି ପ୍ରସ୍ତୁତକରି ଗିନିଜ୍ ୱାର୍ଲ୍ଡ ରେକର୍ଡ କରିବା ପାଇଁ ପ୍ରୟାସ କରିଥିଲେ ଉଗାଣ୍ଡା ଜନ୍ମିତ କଣ୍ଟେଣ୍ଟ କ୍ରିଏଟର ରେମଣ୍ଡ କାହୁମା। ରୁଟି ପ୍ରସ୍ତୁତିର ସମସ୍ତ ବ୍ୟବସ୍ଥା ଲାଗି ୧,୧୯୦,୯୩୭ କେନିଆନ ସିଲିଂ ଖର୍ଚ୍ଚ ହୋଇଥିଲା, କିନ୍ତୁ ଶେଷ ମୁହୂର୍ତ୍ତରେ ରେକର୍ଡ ହାସଲ ହୋଇପାରିଲା ନାହିଁ। ଅବଶ୍ୟ ଏଭଳି ପ୍ରୟାସ ୟୁଟ୍ୟୁବ୍‌ରେ ଭାଇରାଲ ହୋଇଥିଲା, ଲକ୍ଷ ଲକ୍ଷ ୟୁଜର କାହୁମାଙ୍କ ସାହସକୁ ପ୍ରଶଂସା କରୁଛନ୍ତି। ରେମଣ୍ଡ କାହୁମା ଅପରିଚିତ ନୁହନ୍ତି। ସେ ପୂର୍ବରୁ ଦୁଇଟି ଗିନିଜ ବିଶ୍ୱ ରେକର୍ଡ ସ୍ଥାପନ କରିସାରିଛନ୍ତି। ୨୦୨୨ରେ ସେ ୨୦୪.୬ କିଲୋଗ୍ରାମ ଓଜନର ବିଶ୍ୱର ସବୁଠାରୁ ବଡ଼ ଏଗ୍ ରୋଲ୍ ତିଆରି କରିଥିଲେ।




୨୦୨୩ରେ ସେ ୩ଟି ରୁଟି (୩ ମିନିଟ୍ ୧୦ ସେକେଣ୍ଡ) ତିଆରି କରି ଦ୍ରୁତତମ ରୁଟି ପ୍ରସ୍ତୁତିର ରେକର୍ଡ ସ୍ଥାପନ କରିଛନ୍ତି। ତେବେ ୨୦୦ କିଲୋଗ୍ରାମ ଓଜନ ରୁଟି ପ୍ରସ୍ତୁତ କରିବା ପାଇଁ କାହୁମାଙ୍କ ଟାର୍ଗେଟ୍ ଥିଲା। ସୂଚନାଯୋଗ୍ୟ, ଜଣେ ଭାରତୀୟଙ୍କ ଦ୍ୱାରା ପ୍ରସ୍ତୁତ ୧୪୫ କିଲୋଗ୍ରାମ୍ ଓଜନର ରୁଟି ଏପର୍ଯ୍ୟନ୍ତ ରେକର୍ଡ ହୋଇ ରହିଛି। ତେବେ କାହୁମାଙ୍କର ୨୦୦ କେଜରି ରୁଟି ପ୍ରସ୍ତୁତି କୌଣସି ସହଜ କାର୍ଯ୍ୟ ନ ଥିଲା। ଏଥିଲାଗି ୨ ମିଟର ବ୍ୟାସ ଏବଂ ଷ୍ଟେନ୍‌ଲେସ୍ ଷ୍ଟିଲ୍‌ରେ ତିଆରି ଏକ ବଡ଼ ପ୍ୟାନ୍ ତିଆରି କରାଇଥିଲେ। ଅଟା ଦଳିବା ପାଇଁ ପାଣି ଏବଂ ତେଲ ବ୍ୟବହାର କରାଯାଇଥିଲା। ରୁଟିକୁ ଓଲଟାଇବା ପାଇଁ କୋଡ଼ିଏଟି ପତଳା କାଠ ପ୍ଲେଟ୍ ତିଆରି କରାଯାଇଥିଲା, ଯାହାଦ୍ୱାରା ତେଲ ଲଗାଯାଇପାରିବ ଏବଂ ରୁଟି ପ୍ୟାନ୍ ସହ ଲାଗି ରହିବ ନାହିଁ। ପ୍ୟାନ୍ ଗରମ କରିବା ଲାଗି ୪ ବସ୍ତା କୋଇଲା ଜଳାଇ ଦିଆଯାଇଥିଲା। କାହୁମାଙ୍କ ଟିମ୍ ପ୍ୟାନ୍ ଉପରେ ଅଟା ବିଛାଇ ଦେଇଥିଲେ। ସବୁକିଛି ଠିକ୍ ଥିଲା। କିନ୍ତୁ ଯେତେବେଳେ ସେମାନେ 'ରୁଟି'କୁ ଲେଉଟାଇବାକୁ ଚେଷ୍ଟାକଲେ କିନ୍ତୁ ତାହା ଓଲଟି ନ ପାରି ଛିଣ୍ଡିବାକୁ ଲାଗିଲା। ଫଳରେ ଏନେଇ ଗିନିଜ ୱାର୍ଲ୍ଡ ରେକର୍ଡ ହାସଲ ଅଧୁରା ରହିଗଲା। ଭିଡିଓଟି ୫୦ ଲକ୍ଷରୁ ଅଧିକ ଭ୍ୟୁ ପାଇଛି ଏବଂ ୟୁଜରମାନେ କାହୁମାଙ୍କ ଏହି ପ୍ରୟାସକୁ ଢେର୍ ପ୍ରଶଂସା କରୁଛନ୍ତି।

# ପୁଅର ନାମ 'ନୀର୍' ରଖିଲେ ପରିଣୀତି

ମୁମ୍ବାଇ


ପରିଣୀତି ଚୋପ୍ରା ଏବଂ ରାଘବ ଚଡ଼ା ନିକଟରେ ଏକ ପୁତ୍ର ସନ୍ତାନକୁ ସ୍ୱାଗତ କରିଛନ୍ତି। ପ୍ରଶଂସକମାନେ ସେମାନଙ୍କ ପୁଅର ଏକ ଝଲକ ପାଇଁ ଉତ୍ସାହର ସହ ଅପେକ୍ଷା କରିଥିଲେ। ଏବେ ଏହି ଦମ୍ପତି ସେମାନଙ୍କ ଅପେକ୍ଷାର ଅନ୍ତ ଘଟାଇ ୧ ମାସ ପରେ ସେମାନଙ୍କ ପୁଅର ପ୍ରଥମ ଫଟୋ ଶେୟାର କରିଛନ୍ତି। ପରିଣୀତି ଅକ୍ଟୋବର ୧୯ରେ ପୁତ୍ର ସନ୍ତାନ ଜନ୍ମ ଦେଇଥିଲେ।

ପୁଅ ସହ ପରିଣୀତି ସୋସିଆଲ ମିଡିଆରେ ସୁନ୍ଦର ଫଟୋ ଶେୟାର କରିଛନ୍ତି। ଗୋଟିଏ ଫଟୋରେ ପରିଣୀତି ଏବଂ ରାଘବ ସେମାନଙ୍କ ପୁଅର ପାଦ ଚୁମ୍ବନ କରୁଥିବାର ଦେଖାଯାଇଛି। ଅନ୍ୟ ଏକ ଫଟୋରେ ପୁଅର ପାଦ ଧରିଛନ୍ତି। ଏହି ଫଟୋଗୁଡ଼ିକରେ ପରିଣୀତି ଏବଂ ରାଘବ ସେମାନଙ୍କ ପୁତ୍ରର ମୁହଁ ଦେଖାଇ



ନାହାନ୍ତି। ସେମାନଙ୍କ ପୁଅର ଫଟୋ ଶେୟାର କରିବା ସହ ପରିଣୀତି ତାଙ୍କ ନାମ ମଧ୍ୟ ପ୍ରକାଶ କରିଛନ୍ତି। ପରିଣୀତି ଏବଂ ରାଘବ ସେମାନଙ୍କ ପୁତ୍ରର ନାମ ନୀର୍ ରଖିଛନ୍ତି। ଫଟୋ ଶେୟାର କରି ସେ ଲେଖିଛନ୍ତି, ଜଲସ୍ୟ ରୂପଂ, ପ୍ରେମସ୍ୟ ସ୍ୱରୂପମ୍ - 'ତତ୍ର ଏଭା ନୀର୍।' ଜୀବନର ଏକ ଅସୀମ ବୁନ୍ଦାରେ ଆମ ହୃଦୟ ଶାନ୍ତି ପାଇଲା। ଆମେ ତା'ର ନାମ 'ନୀର୍' ଦେଲୁ - ପବିତ୍ର, ଦିବ୍ୟ, ଅସୀମ।

ଚିପ୍ସ ପ୍ୟାକେଟରୁ ଖେଳନା ଖାଇ ଶିଶୁ ମୃତ




# ଭିଜିଲାନ୍ସ ଜାଲରେ ଅବକାରୀ ଅଧୀକ୍ଷକ, ଏଏସ୍ଆଇ

## ମଦ ବ୍ୟବସାୟୀଙ୍କଠାରୁ ନେଉଥିଲେ ଲାଞ୍ଚ

କେନ୍ଦୁଝର (ନରେଶଚନ୍ଦ୍ର ପଟ୍ଟନାୟକ)/ ଚମ୍ପୁଆ, (ମହେଶ୍ୱର ଦାସ)/ ଭୁବନେଶ୍ୱର, ୧୯।୧୦(ସତ୍ୟଜିତ ରାଉତ)

ଲାଞ୍ଚ ନେବାବେଳେ ଭିଜିଲାନ୍ସ ଜାଲରେ ଫସିଛନ୍ତି କେନ୍ଦୁଝର ଜିଲା ଅବକାରୀ ଅଧୀକ୍ଷକ ସୀତାରାଣୀ ପଟ୍ଟନାୟକ। ତାଙ୍କ ସହ ଚମ୍ପୁଆ ଅବକାରୀ ଥାନାର ଓଆଇସି ଦାୟିତ୍ୱରେ ଥିବା ଏଏସ୍ଆଇ ବିଜୟ କୁମାର ମହନ୍ତ ମଧ ଧରାପଡ଼ିଛନ୍ତି। ଜଣେ ମଦ ବ୍ୟବସାୟୀଙ୍କଠାରୁ ୪୦ ହଜାର ଟଙ୍କା ଲାଞ୍ଚ ନେବା ଅଭିଯୋଗରେ ଭିଜିଲାନ୍ସ ଉଭୟଙ୍କୁ ଗିରଫ କରିଛି। ଭିଜିଲାନ୍ସ ଟିମ୍ ସମସ୍ତ ଲାଞ୍ଚ ଟଙ୍କା ଜବତକରି ଅନ୍ୟାନ୍ୟ ପ୍ରମାଣ ସଂଗ୍ରହ କରିଛି। ଏନେଇ ବାଲେଶ୍ୱର ଭିଜିଲାନ୍ସ ଥାନାରେ ଏକ ମାମଲା (ନଂ.୧୭/୨୦୨୫) କରାଯାଇଛି। ଅଭିଯୁକ୍ତଦ୍ୱୟଙ୍କୁ ଅଧିକ ପଚରାଉଚରା କରାଯାଉଥିବା ବେଳେ ଗୁରୁବାର ଉଭୟଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ସୂଚନା ମିଳିଛି। ଅନ୍ୟପକ୍ଷରେ ଉଭୟ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ସନ୍ଦେହରେ ଭିଜିଲାନ୍ସ ଟିମ୍ ସୀତାରାଣୀ ଓ ବିଜୟଙ୍କ ଘର ସମେତ ବିଭିନ୍ନ ସ୍ଥାନରେ ଚଢ଼ାଉ ଆରମ୍ଭ କରିଛି। ସୀତାରାଣୀଙ୍କ ଅଫିସ ଚାମ୍ବର, ବାରିପଦା ଟାଉନ୍‌ସ୍ଥିତ ବାସଭବନ ଓ ଭଦ୍ରକ ଜିଲା ଧାମନଗରସ୍ଥିତ ସ୍ୱାମୀଙ୍କ ଭଡ଼ାଘରେ ଯାଞ୍ଚ ଚାଲିଛି। ସେହିପରି ଏଏସ୍ଆଇ ବିଜୟଙ୍କ ମୟୂରଭଞ୍ଜ ଜିଲା ବୈଶିଙ୍ଗାସ୍ଥିତ ବାସଭବନ ଏବଂ ତାଙ୍କ ଅଫିସ ରୁମ୍‌ରେ ମଧ ଭିଜିଲାନ୍ସ ଅଧିକାରୀମାନେ ଏକକାଳୀନ ଯାଞ୍ଚ କରିଛନ୍ତି। ଏଥିସହ ସୀତାରାଣୀଙ୍କ ବ୍ୟାଙ୍କ ତଥ୍ୟ ଏବଂ ଅନ୍ୟାନ୍ୟ ନିବେଶ ଦିଗକୁ ନେଇ ଭିଜିଲାନ୍ସ ଖୋଳତାଡ଼ ଚଳାଇଛି।

ଭିଜିଲାନ୍ସ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଏହି ମାମଲାର ଅଭିଯୋଗକାରୀ ହେଉଛନ୍ତି ଚମ୍ପୁଆ ବ୍ଲକ୍ ସରେଇ ଗ୍ରାମର ବିଧୁଭୂଷଣ ପତି ନାମକ ଜଣେ ଲାଇସେନ୍ସପ୍ରାପ୍ତ ମଦ ବିକ୍ରେତା (ଭେଣ୍ଡର)। ସୀତାରାଣୀ ୪ ମାସ ତଳେ କେନ୍ଦୁଝର ଅବକାରୀ ଅଧୀକ୍ଷକ ଦାୟିତ୍ୱ ନେଇଥିଲେ। ସେବେଠାରୁ ସେ ମଦ ବ୍ୟବସାୟ ସୁରୁଖୁରୁରେ ଚଳାଇଦେବାକୁ କହି ବିଧୁଭୂଷଣଙ୍କଠାରୁ ନିୟମିତ ଲାଞ୍ଚ ଦାବି କରୁଥିଲେ। ଅନ୍ୟ କୌଣସି ଉପାୟ ନ ପାଇ ଏ ନେଇ ବ୍ୟବସାୟୀ ଜଣକ ମଙ୍ଗଳବାର ଭିଜିଲାନ୍ସ ନିକଟରେ ଅଭିଯୋଗ କରିଥିଲେ। ଭିଜିଲାନ୍ସ ସୀତାରାଣୀଙ୍କୁ ଧରିବାକୁ ଜାଲ ବିଛାଇଥିଲେ। ସେପଟେ ବିଜୟଙ୍କୁ ସୀତାରାଣୀ ମୋବାଇଲରେ କଲ୍‌କରି ଏହି ଲାଞ୍ଚ ଟଙ୍କା ଆଣିବାକୁ କହିଥିଲେ। ଲାଞ୍ଚ ଟଙ୍କାକୁ ବିଧୁଭୂଷଣଙ୍କଠାରୁ ବିଜୟ ଗ୍ରହଣ କରି ସୀତାରାଣୀଙ୍କୁ ଦେଇଥିଲେ। ଏହି ସମୟରେ ଭିଜିଲାନ୍ସ ଟିମ୍ ଚଢ଼ାଉକରି ଉଭୟଙ୍କୁ କାବୁ କରିଥିଲା। ତେବେ ଯାଞ୍ଚରୁ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ଧରାପଡ଼ିଲେ ସେମାନଙ୍କ ଅଡୁଆ ଆହୁରି ବଢ଼ିଯିବ। କାରଣ ସୀତାରାଣୀ ଏଭଳି ପୂର୍ବରୁ ମଧ ମଦବେପାରୀ ଏବଂ ଅନ୍ୟମାନଙ୍କଠାରୁ ବିଭିନ୍ନ ଉପାୟରେ ଲାଞ୍ଚ ନେଉଥିଲେ ବୋଲି ଅଭିଯୋଗ ହୋଇଛି।

# ଚଳଚ୍ଚିତ୍ର ଆମ ସାମାଜିକ ସାଂସ୍କୃତିକ ଜୀବନର ବାସ୍ତବ ପ୍ରତିଛବି: କନକ ବର୍ଦ୍ଧନ

## ରାଜ୍ୟ ଚଳଚ୍ଚିତ୍ର ଅଭିଲେଖାଗାର ପ୍ରତିଷ୍ଠା ପାଇଁ ଏମ୍ଓୟୁ

ଭୁବନେଶ୍ୱର,୧୯।୧୧ (ସୌମ୍ୟରଞ୍ଜନ ରାଉତ)

ଚଳଚ୍ଚିତ୍ର ଆମ ସାମାଜିକ ସାଂସ୍କୃତିକ ଜୀବନର ବାସ୍ତବ ପ୍ରତିଛବି। ଏହାର ସଂରକ୍ଷଣ ଦ୍ୱାରା ଆମ ସ୍ମୃତିରୁ ହଜି ଯାଉଥିବା ଲୋକପ୍ରିୟ ସିନେମା ପୁଣି ଜୀବନ୍ତ ହୋଇଉଠିବ। ହସ୍ତଶିଳ୍ପ ସଂଗ୍ରହାଳୟ କଳାଭୂମିଠାରେ ଚାଲିଥିବା ୧୦ମ ଚଳଚ୍ଚିତ୍ର ସଂରକ୍ଷଣ ଏବଂ ପୁନରୁଦ୍ଧାର କର୍ମଶାଳାର ବୁଧବାର ଉଦ୍‌ଯାପନ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଏହା କହିଛନ୍ତି।

ଅନ୍ୟତମ ଅତିଥି ଭାବେ ଯୋଗଦେଇ ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ କହିଲେ, ପୁରୁଣା ଓ ଚଳଚ୍ଚିତ୍ର ଭବିଷ୍ୟତ ପିଢ଼ି ପାଇଁ ପ୍ରେରଣାର ଉତ୍ସ। ଏହାକୁ ସାଇତି ରଖିବା ଦାୟିତ୍ୱ ହେଉଛି ଆମର। ଏହି ଅବସରରେ



ଏମ୍ଓୟୁ ସ୍ୱାକ୍ଷର ଅବସରରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ବିଭାଗର କମିଶନର ଗୁହା ପୁନମ୍ ତାପସ କୁମାର ଓ ଫାଉଣ୍ଡେଶନର ନିର୍ଦ୍ଦେଶକ ଶିବେନ୍ଦ୍ର ସିଂ ଡୁଙ୍ଗରପୁର ପ୍ରମୁଖ।

ରାଜ୍ୟ ଚଳଚ୍ଚିତ୍ର ଅଭିଲେଖାଗାର ପ୍ରତିଷ୍ଠା ନେଇ ଓଡ଼ିଶା ସରକାର ଓ ଫିଲ୍ମ ହେରିଟେଜ୍ ଫାଉଣ୍ଡେଶନ (ଏଫ୍ଏଚ୍ଏଫ୍) ମଧ୍ୟରେ ଏକ ଏମ୍ଓୟୁ ସ୍ୱାକ୍ଷରିତ ହୋଇଥିଲା। ବିଭାଗର କମିଶନର ତଥା ଶାସନ ସଚିବ ଗୁହା ପୁନମ୍ ତାପସ କୁମାର ଏବଂ ଫାଉଣ୍ଡେଶନର ନିର୍ଦ୍ଦେଶକ ଶିବେନ୍ଦ୍ର ସିଂ ଡୁଙ୍ଗରପୁର ଏହି ଏମ୍ଓୟୁରେ ସ୍ୱାକ୍ଷର କରିଥିଲେ। ଏଥିସହ କର୍ମଶାଳାରେ ରାଜ୍ୟ ତଥା ଦେଶ ବିଦେଶରୁ ଯୋଗଦେଇଥିବା ୫୯ଜଣ ଅଂଶଗ୍ରହଣକାରୀଙ୍କୁ ସାର୍ଟିଫିକେଟ୍ ସହ ମୋମେଣ୍ଟୋ ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା। କଳାଭୂମି ମୁକ୍ତାକାଶ ମଞ୍ଚ ତଳେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଶିଳ୍ପୀମାନେ ଓଡ଼ିଶୀ ନୃତ୍ୟ ପରିବେଶଣ କରିଥିଲେ। ଶୁଲଗ୍ନା ରାଉତରାୟ ମଞ୍ଚ ପରିଚାଳନା କରିଥିଲେ।

# ଓଡ଼ିଶା ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ରୋଲ୍ ମଡେଲ: ଉପମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୯।୧୧(ସୁନିତ୍ ମିଶ୍ର)

ଲିଙ୍ଗଗତ ସମାନତାର ଅଭିବୃଦ୍ଧି ଓ ବିପର୍ଯ୍ୟୟଜନିତ ଆପଦ ହ୍ରାସ ସୁନିଶ୍ଚିତ କରୁଥିବା ପ୍ରଶାସନ ନିମନ୍ତେ ଜାତୀୟ କର୍ମଶାଳା ଆରମ୍ଭ ହୋଇଛି। ଏହି ୨ ଦିନିଆ କର୍ମଶାଳା ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ(ଓସ୍‌ଡମା), ମିଳିତ ଜାତିସଂଘ ଜନସଂଖ୍ୟା ପାଣ୍ଠି (ୟୁଏନ୍ଏଫ୍‌ପିଏ) ସହଯୋଗରେ ସାରା ଭାରତରେ ବିପର୍ଯ୍ୟୟଜନିତ ଆପଦ ହ୍ରାସ କ୍ଷେତ୍ରରେ ଦାୟତ୍ୱସମ୍ପନ୍ନ ପ୍ରଶାସନ ନିଶ୍ଚିତ ଭାବେ ମାର୍ଗଦର୍ଶନ ଦେବ। ଏହି କାର୍ଯ୍ୟକ୍ରମରେ ଜାତୀୟ ବିପର୍ଯ୍ୟୟ ପରିଚାଳନା ସଂସ୍ଥା, ଓଡ଼ିଶା ସରକାର ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ବରିଷ୍ଠ ଅଧିକାରୀ, ମିଳିତ ଜାତିସଂଘ ସଂସ୍ଥା ବିକାଶ ସହଭାଗୀ ଶିକ୍ଷା ପ୍ରତିଷ୍ଠାନ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଯୋଗଦେଇ କହିଛନ୍ତି, ବିପର୍ଯ୍ୟୟ ପରିଚାଳନାରେ ଓଡ଼ିଶାର ଉଲ୍ଲେଖନୀୟ ସଫଳତା ପାଇଁ ବିଶ୍ୱସ୍ତରୀୟ ସ୍ୱୀକୃତି ସହ ଓଡ଼ିଶା ବର୍ତ୍ତମାନ ଅନ୍ୟମାନଙ୍କ ପାଇଁ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ରୋଲ ମଡେଲ ସାଜିଛି। ଏହା ହେଉଛି ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ସରକାରଙ୍କ ପ୍ରତିଶ୍ରୁତିବଦ୍ଧତା, ଆନ୍ତରିକତା ଓ ନିଷ୍ଠାପର ଭାବେ ଦାୟିତ୍ୱ ସମ୍ପାଦନର ନିଚ୍ଛକ ଉଦାହରଣ ବୋଲି ସେ କହିଛନ୍ତି।

ମନ୍ତ୍ରୀ ସୁରେଶ ପୂଜାରୀ ଏହି ଅବସରରେ କହିଛନ୍ତି, ସରକାର ସବୁବେଳେ ଜନକେନ୍ଦ୍ରୀୟ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଅଗ୍ରାଧିକାର ଦେଇ ଆସୁଛନ୍ତି। ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଘଟୁଥିବା ଆପଦକାଳୀନ ସ୍ଥିତିରୁ ଆମେ ଯେଉଁ ପରିଚାଳନାଜନିତ ଅଭିଜ୍ଞତା ଆହରଣ କରୁଛୁ ସଙ୍କଟ ସମୟରେ ସେସବୁର ଉପଯୋଗକରି ଜନସାଧାରଣଙ୍କୁ ସୁରକ୍ଷା ଦେବା ତଥା ଶୂନ୍ୟ ମୃତ୍ୟୁହାର ନିଶ୍ଚିତ କରିବା ଦିଗରେ ସରକାର ସବୁବେଳେ ପ୍ରୟାସ କରିଆସୁଛନ୍ତି। ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂହ କହିଛନ୍ତି, ଓଏସ୍‌ଡିଏମ୍ଏ ସବୁବେଳେ ଗୋଷ୍ଠୀଗତ ସହଭାଗିତା ତଥା ସ୍ୱେଚ୍ଛାସେବୀମାନଙ୍କ ଦକ୍ଷତା ବୃଦ୍ଧି କ୍ଷେତ୍ରରେ ଆମେ ନିରନ୍ତର ଭାବେ ଚେଷ୍ଟାରତ। ଆମେ ସବୁବେଳେ ଆପଦକାଳୀନ ସ୍ଥିତିର ସାମ୍ନା କରିବା ପାଇଁ ପ୍ରାକ୍‌ପ୍ରସ୍ତୁତି ଓ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଉପରେ ଗୁରୁତ୍ୱ ଦେଉଛୁ। ଏହାସହ ଜରୁରିକାଳୀନ ସ୍ଥିତିରେ ଜନସାଧାରଣଙ୍କ ନିକଟତର ହୋଇ ସେମାନଙ୍କୁ ସୁରକ୍ଷା ଦେବା ପାଇଁ ସବୁବେଳେ ଚେଷ୍ଟା କରିଆସୁଛୁ ବୋଲି ସେ କହିଛନ୍ତି।


# କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ରଙ୍କ ବିରୋଧରେ ଆଗତ ଆବେଦନ ଖାରଜ

## ହାଇକୋର୍ଟରେ ସମ୍ବଲପୁର ଲୋକ ସଭା ନିର୍ବାଚନ ମାମଲା

କଟକ,୧୯।୧୧ (କାର୍ତ୍ତିକ ସାହୁ)

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ବିରୋଧରେ ଡ. ସୁବାସ ମହାପାତ୍ର କରିଥିବା ନିର୍ବାଚନୀ ମକଦ୍ଦମାକୁ ହାଇକୋର୍ଟ ବୁଧବାର ଖାରଜ କରିଛନ୍ତି। ସମ୍ବଲପୁର ଲୋକ ସଭା ନିର୍ବାଚନୀ ମାମଲାରେ ହାଇକୋର୍ଟ ମହାପାତ୍ରଙ୍କ ଆବେଦନକୁ ଖାରଜ କରିବା ସହ ଧର୍ମେନ୍ଦ୍ରଙ୍କ ଆବେଦନକୁ ଗ୍ରହଣ କରିଛନ୍ତି। ଆବେଦନକାରୀ ଡ. ସୁବାସ ମହାପାତ୍ରଙ୍କ ପକ୍ଷରୁ ରୁଜୁ ମାମଲାର ଶୁଣାଣି କରି ହାଇକୋର୍ଟ ବିଚାରପତି ସଞ୍ଜୟ କୁମାର ମିଶ୍ରଙ୍କ ଖଣ୍ଡପୀଠ ଏହି ଆଦେଶ ଦେଇଛନ୍ତି।

ସୂଚନାନୁସାରେ, ୨୦୨୪ ମସିହାରେ ଅନୁଷ୍ଠିତ ସାଧାରଣ ନିର୍ବାଚନରେ ସମ୍ବଲପୁର ଲୋକ ସଭା ମଣ୍ଡଳୀରେ ଭାଜପା ପ୍ରାର୍ଥୀ ତଥା ବର୍ତ୍ତମାନର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବିଜୟ ଲାଭ କରିଥିଲେ। ଏହି ଲୋକ ସଭା ଆସନରୁ ପରାଜିତ ହୋଇଥିବା ପ୍ରାର୍ଥୀ ଡ. ସୁବାସ ମହାପାତ୍ର ଧର୍ମେନ୍ଦ୍ରଙ୍କ ନୋମିନେଶନ୍ ତ୍ରୁଟି ଥିବା ଦର୍ଶାଇ ତାଙ୍କ ନିର୍ବାଚନକୁ ଖାରଜ କରିବା ପାଇଁ ହାଇକୋର୍ଟରେ ଏକ ମାମଲା ରୁଜୁ କରିଥିଲେ। ଏଥିରେ ସେ ଦର୍ଶାଇଥିଲେ ଯେ, ପ୍ରଧାନ ତାଙ୍କ ନିର୍ବାଚନୀ ସତ୍ୟପାଠରେ ଅସତ୍ୟ ତଥ୍ୟ ଦାଖଲ କରିଛନ୍ତି। ଏଥିସହିତ ସେ ବେଆଇନ ପଦ୍ଧତିରେ ମଧ୍ୟ ଭୋଟ ହାତେଇଥିବାରୁ ତାଙ୍କ ନିର୍ବାଚନକୁ ଖାରଜ କରିବାକୁ ସେ ହାଇକୋର୍ଟଙ୍କୁ ଅବଗତ କରାଇଥିଲେ। ତେବେ ମହାପାତ୍ରଙ୍କ ନିର୍ବାଚନୀ ମକଦ୍ଦମାରେ ସତ୍ୟତା ନ ଥିବା ଦର୍ଶାଇ ଏହାକୁ ପ୍ରାଥମିକ ପର୍ଯ୍ୟାୟରୁ ଶୁଣାଣି ନ କରି ଖାରଜ କରିବାକୁ ପ୍ରଧାନ ହାଇକୋର୍ଟରେ ଆବେଦନ କରିଥିଲେ।









# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଭିଏସ୍ଏସ୍ ନଗର ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ବରିଷ୍ଠ ନାଗରିକ ଭବନ, ଭିଏସ୍ଏସ୍ ନଗର, ସମୟ: ପୂର୍ବାହ୍ନ ୧୧ଟା।
- ରାଜଧାନୀ ପୁସ୍ତକ ମେଳା, ସ୍ଥାନ: ଶହୀଦ ନଗର ଦୁର୍ଗାପୂଜା ପଡ଼ିଆ, ସମୟ: ଅପରାହ୍ନ ୨ଟା।
- କୋଷାଗାର ନିର୍ଦ୍ଦେଶାଳୟ ସାଂସ୍କୃତିକ ପରିଷଦ ପକ୍ଷରୁ ବାର୍ଷିକ ଉତ୍ସବ ପାଳନ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- ପ୍ରତିଭା ରାୟ ଫାଉଣ୍ଡେଶନ୍, ଟ୍ରଷ୍ଟ ଓ ଆଦ୍ୟା ପ୍ରକାଶନୀ ପକ୍ଷରୁ ପୁରସ୍କାର ପ୍ରଦାନ ଉତ୍ସବ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା ୩୦।
- ବିଶ୍ୱ ଶିଶୁ ଦିବସ ଉପଲକ୍ଷେ ଶିଶୁମେଳା କାର୍ଯ୍ୟକ୍ରମ, ସ୍ଥାନ: ପ୍ରଦର୍ଶନୀ ପଡ଼ିଆ, ସମୟ: ସନ୍ଧ୍ୟା ୬ଟା ୩୦।
- ସାଇ କଳା ସଂସଦ ଆନୁକୂଲ୍ୟରେ ନୃତ୍ୟ ମଞ୍ଜରୀ ମହୋତ୍ସବ, ସ୍ଥାନ: ଭଞ୍ଜ କଳାମଣ୍ଡପ, ସମୟ: ସନ୍ଧ୍ୟା ୭ଟା।

## କଟକ

- ପୂର୍ବତନ ବିଧାୟକ ସଂଗ୍ରାମ କେଶରୀ ମହାପାତ୍ରଙ୍କ ୨୫ତମ ବାର୍ଷିକ ସ୍ମୃତିସଭା, ସ୍ଥାନ: ଶ୍ରୀରାମଚନ୍ଦ୍ର ଭବନ, ସମୟ: ସନ୍ଧ୍ୟା ୬ଟା।

## ପୁରୀ

- ଅକ୍ଷୟ ପ୍ରଧାନଙ୍କ ରାଜ୍ୟସ୍ତରୀୟ ସ୍ମୃତି ସମାରୋହ, ସ୍ଥାନ: ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ, ସମୟ: ପୂର୍ବାହ୍ନ ୧୧ଟା।

## ବାଲେଶ୍ୱର

- ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା, ସ୍ଥାନ: ଥାନାପଡ଼ିଆ, ନୀଳଗିରି, ସମୟ: ସକାଳ ୯ଟା।
- ବିକ୍ଷୋଭ ଶୋଭାଯାତ୍ରା, ସ୍ଥାନ: ଗାନ୍ଧୀ ସ୍ମୃତି ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ଡ. ପ୍ରହ୍ଲାଦ ଚରଣ ମହାନ୍ତିଙ୍କ ସ୍ମୃତିସଭା, ସ୍ଥାନ: ଆୟୁଷ୍ମାନ କଲ୍ୟାଣ ମଣ୍ଡପ, ଗୋପାଳଗାଁ, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା।
- ବାଲେଶ୍ୱର ଲୋକ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ଆଇଟିଆଇ ପଡ଼ିଆ, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା।

## ଭଦ୍ରକ

- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ସମ୍ପୋଇ, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୦ଟା।
- ତ୍ୟାଗଭୂମି ମହୋତ୍ସବ ଉପଲକ୍ଷେ ପ୍ରସ୍ତୁତି ବୈଠକ, ସ୍ଥାନ: ଭାଗବତ କଲ୍ୟାଣ ମଣ୍ଡପ, ଭଦ୍ରକ, ସମୟ: ଅପରାହ୍ନ ୪ଟା।
- ୭୨ ତମ ସର୍ବ ଭାରତୀୟ ସମବାୟ ଜିଲାସ୍ତରୀୟ ଉତ୍ସବ, ସ୍ଥାନ : ଟାଉନ ହଲ, ଭଦ୍ରକ, ସମୟ : ପୂର୍ବାହ୍ନ ୧୦ଟା।

## ମୟୂରଭଞ୍ଜ

- ପ୍ରଥମ ବାର୍ଷିକ ଉତ୍ସବ ଉପଲକ୍ଷେ ହୋମଯଜ୍ଞ,ସ୍ଥାନ:ବେତନଟୀ ଜଗନ୍ନାଥ ମନ୍ଦିର, ବେତନଟୀ, ସମୟ: ସକାଳ ୭ଟା।

## ଅନୁଗୋଳ

- ମା' ଉମାଦେବୀଙ୍କ ବାର୍ଷିକ ଯାତ୍ରା ଅବସରରେ ନାମ ସଂକୀର୍ତ୍ତନ, ଭଜନ, ସ୍ଥାନ: ଛେଣ୍ଡିପଦା ବ୍ଲକ ଟାଙ୍ଗିରି ପଞ୍ଚାୟତ ବାରମଞ୍ଜା, ସମୟ: ସକାଳ ୭ଟାରୁ ଆରମ୍ଭ।
- ବାର୍ଷିକ ସତ୍ୟନାରାୟଣ ପୂଜା ମହୋତ୍ସବ, ସ୍ଥାନ: ପୁରୁଣାକୋଟ, ସମୟ: ଅପରାହ୍ନ ୫ଟା।

## ଜଗତ୍‌ସିଂହପୁର

- ଜଙ୍ଗଲ ସୁରକ୍ଷା ସମ୍ପର୍କିତ ସଚେତନତା କର୍ମଶାଳା, ସ୍ଥାନ: ଧଳତଙ୍ଗଗଡ଼ ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲ, ଜଗତ୍‌ସିଂହପୁର, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦ୍ରାପଡ଼ା

- ରାଷ୍ଟ୍ରୀୟ ଏକତା ପଦଯାତ୍ରା, ସ୍ଥାନ: ଅଙ୍ଗୁଳାଇ ବିଦ୍ୟାଳୟ, ମାର୍ଶାଘାଇ, ସମୟ: ସକାଳ ୮ଟା।
- ରାଜସ୍ୱ ସମ୍ପର୍କୀୟ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ତହସିଲ କାର୍ଯ୍ୟାଳୟ, ପଟ୍ଟାମୁଣ୍ଡାଇ, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଶା ସୂଚନା ଅଧିକାର ଅଭିଯାନ ପକ୍ଷରୁ ସୂଚନା ମିଶନର ବହିଷ୍କାର ଦାବିରେ ବିକ୍ଷୋଭ, ସ୍ଥାନ: ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖ, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- କାର୍ତ୍ତିକେଶ୍ୱର ପୂଜାସୋବ ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ବାଲିଆ ବଜାର, ଭାଗବତପୁର, କେନ୍ଦ୍ରାପଡ଼ା, ସମୟ: ସନ୍ଧ୍ୟା ୭ଟା।

## ଯାଜପୁର

- ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ଉପଲକ୍ଷେ ଏକତା ପଦଯାତ୍ରା, ସ୍ଥାନ: ସୁକିନ୍ଦା ପୋଲିସ ଷ୍ଟେଶନ, ସମୟ: ସକାଳ ୭ଟା।

## ନୟାଗଡ଼

- ଆନ୍ତର୍ଜାତିକ ସମବାୟ ବର୍ଷ ପାଳନ ଅବସରରେ ପଦଯାତ୍ରା, ସ୍ଥାନ: ନୟାଗଡ଼ ତ୍ରିନାଥ ଛକର ଗାନ୍ଧୀଙ୍କର ପ୍ରତିମୂର୍ତ୍ତୀଠାରୁ ନୟାଗଡ଼ ପୁରୁଣା ସହର ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ, ସମୟ:ସକାଳ ୮ଟା।
- ୬୪ତମ ସର୍ବଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ବି ଗ୍ରୁପର ୫ମ ଦିବସ ପ୍ରଥମ ସେମି ଫାଇନାଲ ମ୍ୟାଚ, ସ୍ଥାନ: ଶରଣକୁଳ ନାରାୟଣ ହାଇସ୍କୁଲ ଖେଳ ପଡିଆ, ସମୟ: ଅପରାହ୍ନ ୩ଟା।
- ଦେବ ଦୀପାବଳି ୨ୟ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।

## ରାୟଗଡ଼ା

- ନିଯୁକ୍ତି ଭିତ୍ତିକ ତାଲିମ ପାଇଁ ପ୍ରାର୍ଥୀ ଚୟନ, ସ୍ଥାନ: ପଞ୍ଚାୟତ ସମିତି ସଭାଗୃହ, ରାୟଗଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ଜାତୀୟ ପୋଷ୍ୟ ସନ୍ତାନ ସଚେତନତା ରଥ ଶୁଭାରମ୍ଭ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ରାୟଗଡ଼ା, ସମୟ: ପୂର୍ବାହ୍ନ ୧୦ଟା ୩୦ ।

## କୋରାପୁଟ

- ବ୍ଲକସ୍ତରୀୟ ବିଜ୍ଞାନ ମେଳା, ସ୍ଥାନ: ସାଙ୍ଗନା ଉଚ୍ଚ ବିଦ୍ୟାଳୟ, ଲକ୍ଷ୍ମୀପୁର, ସମୟ: ପୂର୍ବାହ୍ନ ୧୦ଟା।
- ମହିଳା ମହାସଂଘର ସହାୟତା ସମାବେଶ, ସ୍ଥାନ: ହନୁମାନ ମାର୍କେଟ, ସୁନାବେଡା, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକସ୍ତରୀୟ ବିଜ୍ଞାନ ମେଳା, ସ୍ଥାନ: ସରକାରୀ ଉଚ୍ଚ ବିଦ୍ୟାଳୟ,ନନ୍ଦପୁର, ସମୟ: ପୂର୍ବାହ୍ନ ୧୧ଟା।

## ମାଲକାନଗିରି

- ପନିପରିବା ଚାଷ ଓ ବିକ୍ରି ଭଟା ସମ୍ବନ୍ଧୀୟ କର୍ମଶାଳା, ସ୍ଥାନ: କୃଷି ବିଜ୍ଞାନ କେନ୍ଦ୍ର, ମାଲକାନଗିରି, ସମୟ: ପୂର୍ବାହ୍ନ ୧୧ଟା।

## ସମ୍ବଲପୁର

- ଏବିସିଡି ଚେରିଟେବୁଲ ଟ୍ରଷ୍ଟ ପକ୍ଷରୁ ରାଧାଶ୍ୟାମ ମେହେରଙ୍କ ୧୧୭ତମ ଜୟନ୍ତୀ ଓ ବାନ୍ଧକଳା ଦିବସ-୨୦୨୫, ସ୍ଥାନ: ତପସ୍ୱିନୀ ପ୍ରେକ୍ଷାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା ଅଟୋ ସଂଘର ବୈଠକ, ସ୍ଥାନ: ସାମ୍ବାଦିକ ଭବନ, ସମୟ: ଅପରାହ୍ନ ୪ଟା।
- ସମ୍ବଲପୁର ସାଂସ୍କୃତିକ ପରିଷଦ ଆୟୋଜିତ ସମ୍ବଲପୁର ମହୋତ୍ସବ-୨୦୨୫ର ମଞ୍ଚ ପୂଜା କାର୍ଯ୍ୟକ୍ରମ, ସ୍ଥାନ: ଅଇଁଠାପାଲି ପିଏଚ୍‌ଡି ପଡ଼ିଆ, ସମୟ: ସନ୍ଧ୍ୟା ୬ଟା। -ମଞ୍ଚରେ ପଶ୍ଚିମାଞ୍ଚଳର ଅବଲୁପ୍ତପ୍ରାୟ ଲୋକନୃତ୍ୟ କଳା ପ୍ରଦର୍ଶନ ସମୟ : ସନ୍ଧ୍ୟା ୭ଟା ୧୫।

## ବଲାଙ୍ଗୀର

- ଓଡିଶା ସୂଚନା ଅଧିକାର ଅଭିଯାନ ପକ୍ଷରୁ ପ୍ରତିବାଦ କାର୍ଯ୍ୟକ୍ରମ, ସ୍ଥାନ: ଜିଲାପାଳ କାର୍ଯ୍ୟାଳୟ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୧ଟା।
- ରାଜ୍ୟସ୍ତରୀୟ ଲୋଇସିଂହା କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟର ଉଦ୍‌ଯାପନୀ, ସ୍ଥାନ : ଲୋଇସିଂହା ଷ୍ଟାଡିୟମ, ସମୟ: ଅପରାହ୍ନ ୩ଟା।

## ରାଉରକେଲା

- ଗୋପବନ୍ଧୁ ବକ୍ତୃତା ପ୍ରତିଯୋଗିତା, ସ୍ଥାନ: ଉଦିତନଗର, ସମୟ: ସକାଳ ୯ଟା।
- ବିପିୟୁଟି ରିସର୍ଚ୍ଚ କନକ୍ଲେଭ ଶୁଭାରମ୍ଭ, ସ୍ଥାନ: ବିପିୟୁଟି, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀ ସତ୍ୟସାଇ ସେବା ସମିତି ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଓରାମପଡା, ଉଦିତନଗର, ସମୟ: ମଧ୍ୟାହ୍ନ ୧୨ଟା।
- ଆସେକା ରାଉରକେଲାର ଖବରଦାତା ସମ୍ମିଳନୀ, ସ୍ଥାନ: ଗୁରୁ ଗୋମକେ ଭବନ, ସେକ୍ଟର-୧୬, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ଆଇଇଏମ୍ଏସ୍ ପକ୍ଷରୁ ଆନନ୍ଦ ଉତ୍ସବ ଉଦ୍‌ଯାପନୀ ସମାରୋହ, ସ୍ଥାନ: ଆଇଇଏମ୍ଏସ୍ ଶିକ୍ଷାକେନ୍ଦ୍ର, ସମୟ: ଅପରାହ୍ନ ୧ଟା।

## ବରଗଡ଼

- ବରଗଡ଼ ପୁସ୍ତକମେଳାର ଉଦ୍‌ଘାଟନୀ ସମାରୋହ, ସ୍ଥାନ:ଜର୍ଜ ହାଇସ୍କୁଲ ପଡିଆ, ବରଗଡ଼, ସମୟ: ସନ୍ଧ୍ୟା ୬ଟା ୩୦।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ପାପଗ୍ରହ ଶନି ଓ ରାହୁଙ୍କ ପ୍ରଭାବରେ ଦୈନନ୍ଦିନ ଜୀବନରେ ବ୍ୟତିକ୍ରମକୁ ନେଇ ଚିନ୍ତା ପ୍ରକଟ କରିବେ। ପରସ୍ପର ପଡୁ ନ ଥିବା ପୁଅ ବୋହୂଙ୍କ କଥା ମନକୁ ଆନ୍ଦୋଳିତ କରିପାରେ। ବନ୍ଧୁଙ୍କୁ ଦେଇଥିବା ଅର୍ଥକୁ କେନ୍ଦ୍ରକରି ସମସ୍ୟା ଦେଖାଦେବ। ଉଚ୍ଚ କର୍ତ୍ତୃପକ୍ଷଙ୍କ ଆଦେଶାନୁସାରେ ହଠାତ୍ ଯାତ୍ରା କରିବାକୁ ପଡିବାର ସମ୍ଭାବନା ରହିଛି।

**ବୃଷ** ଶୁକ୍ରଙ୍କ ଶୁଭ ପ୍ରଭାବରୁ ଶାରୀରିକ ସୁସ୍ଥତା ସାଙ୍ଗକୁ ମାନସିକ ସ୍ଥିତି ଭଲ ରହିବ। ବିଭିନ୍ନ ଘରୋଇ ସମସ୍ୟା ମଧ୍ୟରେ ଅଣନିଃଶ୍ୱାସୀ ହୋଇ ବ୍ୟତିବ୍ୟସ୍ତ ହୋଇପାରନ୍ତି। ସରକାରୀ ସ୍ତରରୁ ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇପାରିବେ। ନିର୍ମାଣ, ପ୍ରକାଶନ, କଚେରି ମାମଲା ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ।

**ମିଥୁନ** ଧନସ୍ଥାନରେ ବୃହସ୍ପତିଙ୍କ ସ୍ଥିତିଜନିତ ଆର୍ଥିକ ସ୍ଥିତି ଭଲ ରହିବ। ଅତ୍ୟାବଶ୍ୟକ କାମ ଅଟକି ରହିବାରୁ ସେହିକଥା ଚିନ୍ତାକରି ଅନ୍ୟମନସ୍କ ରହିପାରନ୍ତି। ବହୁ ଦିନରୁ ଚେଷ୍ଟା କରୁଥିବା କୌଣସି ନୂତନ କାର୍ଯ୍ୟରେ ଯୋଗଦେବାର ସୂଚନା ରହିଛି। ଯାନବାହନ, ଜମିଜମା, ଗୃହସୀମା, ମାଲିମକଦ୍ଦମା ଓ ଆନୁଷ୍ଠାନିକ କର୍ମରେ ସମସ୍ୟା ଲାଗିରହିବ।

**କର୍କଟ** ବନ୍ଧୁକାରକ ବୁଧ କୋଣଭାବ ମଣ୍ଡନ କରିଥିବାରୁ ବିବାଦର ସମାଧାନ ପାଇଁ ପଥ ପରିଷ୍କାର କରିବ। କର୍ମକ୍ଷେତ୍ରରେ ଅସୁବିଧା ଭୋଗିବେ ଏବଂ କାରଣ ନ ଥାଇ ଦୋଷୀ ସାବସ୍ତ ହେବେ। ଧର୍ମାନୁଷ୍ଠାନ ଦିଗରୁ ପ୍ରେରଣା ଲାଭ କରିବେ। ଗୃହ, ଯାନବାହନ ତଥା ଯାନ୍ତ୍ରିକ ଜିନିଷର ମରାମତି ପାଇଁ ବ୍ୟଗ୍ରତା ପ୍ରକାଶ କରିପାରନ୍ତି।

**ସିଂହ** କବନ୍ଧଗ୍ରହ କେତୁ ରାଶିରେ ଅବସ୍ଥାନ କରି ସ୍ୱାସ୍ଥ୍ୟ, ବ୍ୟବସାୟ ସାଙ୍ଗକୁ ଯାତ୍ରାରେ ଦ୍ୱନ୍ଦ୍ୱ ସୃଷ୍ଟି କରାଇବେ। ପରିବାର ଭିତରେ ସାଧାରଣ କଥାରୁ ଦ୍ୱନ୍ଦ୍ୱର ସମ୍ମୁଖୀନ ହେବେ। ଆପଣଙ୍କର କୃତି ଓ କୃତିତ୍ୱକୁ ନେଇ ସାହିତ୍ୟ, ରଚନାତ୍ମକ କାମରେ ପ୍ରଶଂସା ମିଳିବ। ସାଂସ୍କୃତିକ କିମ୍ବା ସାଂଗଠନିକ କାମ, ରାଜନୈତିକ କ୍ଷେତ୍ର ପାଇଁ ଦିନଟି ବହୁତ ଭଲ।

**କନ୍ୟା** ରାହୁଙ୍କ କୁପ୍ରଭା ପରିବାରର ବୁଝାମଣା ଓ ବିଚାରଧାରାକୁ ଓଲଟ ପାଲଟ କରିଦେବ। ମିତ୍ରମାନେ ପରୋକ୍ଷ ଭାବେ ଶତ୍ରୁତା ଆଚରଣ କରିବେ। କାର୍ଯ୍ୟକ୍ଷେତ୍ରରେ ବନ୍ଧୁମାନେ ଆବଶ୍ୟକ ସହଯୋଗ କରିବେ ଏବଂ ମଧ୍ୟାହ୍ନରେ ଟେନସନ୍ ଦୂର ହେବ। ଗୃହ, ଜମିଜମା, ମାଲିମକଦ୍ଦମା ସମ୍ପର୍କିତ ଆଲୋଚନା ବିଗିଡି ଯାଇପାରେ।

**ତୁଳା** ରାହୁ ପରମମିତ୍ର ଶନିଙ୍କ ଗୃହରେ ନିଜର ଉଦ୍ଦେଶ୍ୟ ପୂରଣ ପାଇଁ ଉପାୟ ଚିନ୍ତା କରାଇପାରନ୍ତି। ବିଶାଖା ନକ୍ଷତ୍ର ସକାଶେ ପ୍ରତ୍ୟେକ କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବାକୁ ପଡିପାରେ। ସାହିତ୍ୟ, ସାମ୍ବାଦିକତା, କ୍ରୀଡା ଓ ଚଳଚ୍ଚିତ୍ର କ୍ଷେତ୍ରରୁ ସୁଫଳ ମିଳିବ। ବ୍ୟବସାୟ, ପରିବହନ, ପ୍ଲଟିଂ କାରବାର ଓ କଚେରି ମାମଲାରେ ଶୁଭ ଫଳ ପାଇବେ।

**ବିଛା** ଶାରୀରିକ ସୁସ୍ଥତା ପୂର୍ଣ୍ଣମାତ୍ରାରେ ଅକ୍ଷୁଣ୍ଣ ରହିଲେ ମଧ୍ୟ ଅପୂରଣୀୟ ଆଶା ମାନସିକ ସ୍ତରକୁ କଳୁଷିତ କରିପାରେ। ଆପଣ କର୍ମକ୍ଷେତ୍ରରେ କିମ୍ବା ସାମାଜିକ ସ୍ତରରେ ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡିପାରନ୍ତି। ସହକର୍ମୀଙ୍କ ସହ ସଦ୍ଭାବ ବୃଦ୍ଧି ହୋଇପାରେ, ଯାହାକି ପରକ୍ଷଣରେ ଦରକାରରେ ଆସିବ।

**ଧନୁ** ଚନ୍ଦ୍ରଙ୍କ ଏକାଦଶ ସ୍ଥାନରେ ଅବସ୍ଥିତି ପାରିବାରିକ ଜୀବନକୁ ସରସ କରାଇବ। ଆଜି ଘର ଅପେକ୍ଷା ବାହାର ଲୋକମାନେ ଆପଣଙ୍କ ପକ୍ଷ ସମର୍ଥନ କରିବେ। ବ୍ୟବସାୟରେ ସାଧାରଣ ସମସ୍ୟାଟି ପାଇଁ ବିଶେଷ ଅସୁବିଧା ହେବ ନାହିଁ। ରାଶ୍ୟାଧିପ ଦୁଃସ୍ଥାନସ୍ଥ ଯୋଗୁ ସ୍ୱାସ୍ଥ୍ୟ ସମସ୍ୟା ମାନସିକ ସୁସ୍ଥତାକୁ ବ୍ୟାହତ କରିପାରେ।

**ମକର** ଅଷ୍ଟମଭାବରେ କେତୁଙ୍କ ଅବସ୍ଥାନ ପ୍ରଭାବରେ ଭଲ କଥାକୁ ମଧ୍ୟ ଓଲଟା ଦୃଷ୍ଟିରେ ଦେଖିପାରନ୍ତି। ସୁଯୋଗର ସଦ୍‌ବ୍ୟବହାର କରିପାରିଲେ ଆଶା ପୂରଣ ହେବ। ସାହାଯ୍ୟ, ସହଯୋଗ ମାଧ୍ୟମରେ ନିଜପାଇଁ ନୂତନ ସୁଯୋଗ ସକାଶେ ରାସ୍ତା ଉନ୍ମୋଚନ କରିବେ। ବ୍ୟବସାୟରେ ଅନ୍ୟମାନଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ।

**କୁମ୍ଭ** କର୍ମାଧିପ ମଙ୍ଗଳଙ୍କ ଶୁଭପ୍ରଭାବରେ କର୍ମକ୍ଷେତ୍ରରେ ପ୍ରାଧାନ୍ୟ ବଢ଼ିବ। ଗତକାଲିଠାରୁ ଯାହା ଚିନ୍ତା କରୁଛନ୍ତି ତାହା ସହଜରେ ସମ୍ପନ୍ନ କରିବେ। ବ୍ୟବସାୟରେ ସମସ୍ୟାକୁ ସୁଧାରି ନେବେ ଓ ନୂତନ ବାଣିଜ୍ୟ ଯୋଡିବା ପାଇଁ ଚିନ୍ତା କରିବେ। କାନକୁହା କଥାକୁ ସତ୍ୟ ମଣି ଉପରିସ୍ଥ ଅଫିସରଙ୍କ ଭର୍ତ୍ସନା ମାନସିକ ସ୍ଥିତିକୁ ବିଗାଡ଼ି ପାରେ।

**ମୀନ** ରାଶି ପାଇଁ ଗ୍ରହସ୍ଥିତି ଅନୁକୂଳ ରହିଥିବାରୁ କାମ ଅଟକିବ ନାହିଁ। ପାରିବାରିକ କ୍ଷେତ୍ରରେ ନୂତନ ଯୋଜନାର ଅଗ୍ରଗତି ମନକୁ ଉଚାଟ କରିବ। ପୂର୍ବଭାଦ୍ରପଦର ସମସ୍ୟା ବଢ଼ିବାରୁ ବ୍ୟବସାୟରେ ଆଖିଦୃଶିଆ ସଫଳତା ହାସଲ କରିପାରିବେ ନାହିଁ। ବହୁତ ଖର୍ଚ୍ଚ ହେତୁ ଶାରୀରିକ ଅସୁସ୍ଥତା ଅନୁଭବ କରିପାରନ୍ତି।

ଆଜି ନଭେମ୍ବର ୨୦ ତାରିଖ, ମହୋଦଧି ଅମାବାସ୍ୟା ଗୁରୁବାର, ଶ୍ରୀମନ୍ଦିରରେ ମଧ ଦେବ ଦୀପାବଳି, ଦଶରଥ ଓ କୌଶଲ୍ୟାଙ୍କ ପ୍ରତି ପ୍ରଦୀପ ଉତ୍ସର୍ଗ, ଶ୍ରୀଜୀଉଙ୍କର ଶ୍ରାଦ୍ଧବେଶ, ମାଣବସା ଗୁରୁବାର ତୃତୀୟପାଳି, ରାଶିନକ୍ଷତ୍ର-ବିଶାଖା/ବିଛା। ଦିବା ଘ.୧୦।୫୮ ଗତେ ଅନୁରାଧା, ପ୍ରତିପଦାର ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୬।୦୧ ଗତେ ଘ.୦୭।୨୯ ମଧ୍ୟେ ଶୁଦ୍ଧ ଶୁଭ ବେଳା । ଦିବା ଘ. ୧୨।୫୪ ଗତେ ଘ.୦୨।୧୭ ମଧ୍ୟେ ରାହୁ କାଳ ।

## କୃଷକ ସଶକ୍ତୀକରଣ ...

ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, କୃଷକମାନଙ୍କୁ ଆବଶ୍ୟକ ବିହନ, ସାର, କୀଟନାଶକ ଆଦି କିଣିବା ପାଇଁ କେନ୍ଦ୍ର ସରକାର ବାର୍ଷିକ ୩ଟି କିସ୍ତିରେ ୬ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରୁଛନ୍ତି। ସେହି କ୍ରମରେ ରାଜ୍ୟର ୩୪.୧୨ ଲକ୍ଷ କୃଷକଙ୍କୁ ପିଏମ୍ କିଷାନ ନିଧି ଯୋଜନାର ୨୧ତମ କିସ୍ତି ବାବଦକୁ ୨ ହଜାର ଟଙ୍କା ଲେଖାଏ ୭୦୦ କୋଟି ଟଙ୍କା ପ୍ରଦାନ କରାଯାଇଛି।

ସୂଚନାଯୋଗ୍ୟ, ତାମିଲନାଡ଼ୁର କୋଏମ୍ବାଟୁରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପିଏମ୍ କିଷାନ ସମ୍ମାନ ନିଧିର ୨୧ତମ କିସ୍ତି ପ୍ରଦାନ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଛନ୍ତି। ୨୧ତମ କିସ୍ତିରେ ଦେଶର ୯ କୋଟିରୁ ଊର୍ଦ୍ଧ୍ୱ କୃଷକଙ୍କୁ ୧୮ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କା ପ୍ରଦାନ କରାଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ପିଏମ୍ କିଷାନ ସହ ଆମ ରାଜ୍ୟରେ ସିଏମ୍ କିଷାନ ଜରିଆରେ ୨ଟି କିସ୍ତିରେ ୪ ହଜାର ଟଙ୍କା ପ୍ରଦାନ କରାଯାଉଛି। ଚଳିତ ଆର୍ଥିକ ବର୍ଷରେ ସିଏମ୍ କିଷାନ ଯୋଜନାରେ ୫୧.୫୪ ଲକ୍ଷ ଚାଷୀଙ୍କୁ ୨୯୯୧ ହଜାର କୋଟି ଟଙ୍କା ପ୍ରଦାନ କରାଯାଇଛି। ଏଥିରେ ୩୨୩୬ ଜଣ ପିଭିଟିଜି ଚାଷୀ ଏବଂ ୩୧,୬୯୫ ଜଣ ସହରାଞ୍ଚଳ ଚାଷୀ ଅନ୍ତର୍ଭୁକ୍ତ ଅଛନ୍ତି। ସିଏମ୍ କିଷାନ ଯୋଜନା ହିତାଧିକାରୀଙ୍କ ପିଲାମାନଙ୍କୁ ଉଚ୍ଚଶିକ୍ଷା ଏବଂ ବୈଷୟିକ ଶିକ୍ଷା ପାଇଁ କୃଷି ବିଦ୍ୟାନିଧି ଯୋଜନାରେ ଛାତ୍ରବୃତ୍ତି ପ୍ରଦାନ କରାଯାଉଛି। ଏହି ଯୋଜନାରେ ୨୦୨୪-୨୫ ଶିକ୍ଷା ବର୍ଷରେ ୧୩,୯୨୩ ଛାତ୍ରୀଛାତ୍ରଙ୍କୁ ୫୩କୋଟି ୬୭ ଲକ୍ଷ ଟଙ୍କାର ଛାତ୍ରବୃତ୍ତି ପ୍ରଦାନ କରାଯାଇଛି ଯାହା ପୂର୍ବବର୍ଷ ତୁଳନାରେ ୫ ଗୁଣ ଅଧିକ। ପିଏମ୍ ଧନଧାନ୍ୟ କୃଷି ଯୋଜନା କାର୍ଯ୍ୟକ୍ରମରେ ଓଡ଼ିଶାର କନ୍ଧମାଳ, ମାଲକାନଗିରି, ସୁନ୍ଦରଗଡ଼ ଏବଂ ନୂଆପଡ଼ା ଜିଲାକୁ ଚୟନ କରାଯାଇଥିବାରୁ ମୁଖ୍ୟମନ୍ତ୍ରୀ ରାଜ୍ୟର କୃଷକମାନଙ୍କ ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି। ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ କହିଛନ୍ତି, ପିଏମ୍ କିଷାନ ଓ ସିଏମ୍ କିଷାନ ଯୋଜନାରେ ଆମ ରାଜ୍ୟର ଚାଷୀମାନେ ବାର୍ଷିକ ୧୦ ହଜାର ଟଙ୍କା ପାଉଛନ୍ତି। ଏହି ରାଶିକୁ ଠିକ୍ ଭାବେ ଉପଯୋଗ କଲେ କୃଷି କାର୍ଯ୍ୟରେ ସଫଳତା ମିଳି ଅଭାବ ଦୂରହେବ। କୃଷକ କଲ୍ୟାଣ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଜାରି ରହିଛି। କେନ୍ଦ୍ର କୃଷିମନ୍ତ୍ରୀ ମଧ୍ୟ ଓଡ଼ିଶା ସରକାରଙ୍କ କୃଷକ କଲ୍ୟାଣ କାର୍ଯ୍ୟକୁ ମଡେଲ ଭାବେ ଗ୍ରହଣ କରିବା ପାଇଁ କହିଛନ୍ତି। ଓୟୁଏଟିର କୁଳପତି ପ୍ରଫେସର ପ୍ରଭାତ ରାଉଳ କହିଛନ୍ତି, କୃଷି ପାଇଁ ୩ଟି ସମ୍ବଳ ଜମି, ଶ୍ରମ ଓ ପୁଞ୍ଜି ଆବଶ୍ୟକ। କୃଷକଙ୍କ ପାଖରେ ସବୁବେଳେ ଜମି ଓ ଶ୍ରମ ରହିଥାଏ ହେଲେ ପୁଞ୍ଜି ନ ଥାଏ। ଏହାକୁ ହୃଦୟଙ୍ଗମକରି ପ୍ରଧାନମନ୍ତ୍ରୀ ଏହି ଯୋଜନା କାର୍ଯ୍ୟକାରୀ କରିଛନ୍ତି। ପିଏମ୍ କିଷାନର ସହାୟତା ରାଶି ଚାଷୀମାନଙ୍କୁ ମାନସିକ ଓ ଆର୍ଥିକ କ୍ଷେତ୍ରରେ ସୁଦୃଢ଼ କରୁଛି ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ପ୍ରମୁଖ ଶାସନ ସଚିବ ଅରବିନ୍ଦ ପାଢ଼ୀ ସମସ୍ତଙ୍କୁ ସ୍ୱାଗତ କରିଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆଜିର ମଲୁ କାଲିର ବଇଦ।**

ମଣିଷ ବିପଦରେ ପଡ଼ିଲେ ସେଥିରୁ ବର୍ତ୍ତିବା ପାଇଁ ଚେଷ୍ଟା କରେ , ଫଳସ୍ୱରୂପ ବୁଦ୍ଧି ଖଟେଇ କିଛି ଶିକ୍ଷା ହାସଲ କରେ। ବିପଦ ହିଁ ମଣିଷକୁ ଅଭିଜ୍ଞ କରାଏ। ଅଭିଜ୍ଞତାରୁ ଶିଖି କୌଣସି ବିଷୟରେ ଅଭିଜ୍ଞ ହେବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଆଟିକା ଦିଓଟି ଧୋଇ ଥୋଇଲିଲୋ,**
**ନିଗିଡି ପଡ଼ିଲା ଘିଅ;**
**ଲୋକେ ପଚାରିଲେ କି ବୋଲି କହିବି,**
**ମୁଁ ତ ଗାଁ ମକଦ୍ଦମୀ ଝିଅ।**

ବାପ ଘର ଲୋକଙ୍କ ଠାଣି ମାଣି ନେଇ ତୁଚ୍ଛା ପ୍ରଶଂସା। ବାପ ଅଜା ଅମଳରେ ସେମାନେ କେତେ ଥିଲାବାଲା ବା ବଡ଼ଲୋକ ଥିଲେ ଦେଖେଇ ହୋଇ କଥା କହିବା ପରିପ୍ରେକ୍ଷୀରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ପ୍ରଥମ ପୃଷ୍ଠାରୁ...

## ରାଉରକେଲା ଷ୍ଟିଲ୍ ...

ନିଯୁକ୍ତି ସୁଯୋଗ ସୃଷ୍ଟିହେବ। ତେବେ ସ୍ଥାନୀୟ ଲୋକଙ୍କ ସମସ୍ୟାର ସମାଧାନ କରାଯାଇ ସହମତି ଭିତ୍ତିରେ ଜମି ଅଧିଗ୍ରହଣ କରାଯିବ। ବୈଠକର ନିଷ୍ପତ୍ତି ଅନୁଯାୟୀ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପଦବୀର ଜଣେ ଉଚ୍ଚ ଅଧିକାରୀଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନକରି ଲୋକଙ୍କ ସହ ଆଲୋଚନା ଜରିଆରେ ସବୁ ସମସ୍ୟାର ସମାଧାନ ହେବ। ଷ୍ଟିଲ୍ ପ୍ଲାଣ୍ଟର ସମ୍ପ୍ରସାରଣ ପାଇଁ ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ୍ ସହଯୋଗ ପାଇଁ କେନ୍ଦ୍ରମନ୍ତ୍ରୀ କୁମାରସ୍ୱାମୀ ଉଭୟଙ୍କୁ ଧନ୍ୟବାଦ ଦେଇଛନ୍ତି। ବୈଠକରେ ରାଉରକେଲାରେ ଏୟାରପୋର୍ଟ ସ୍ଥାପନ ପାଇଁ ଜମି ଯୋଗାଣ ଏବଂ ଅନ୍ୟାନ୍ୟ ବିଷୟ ଉପରେ ମଧ ଆଲୋଚନା ହୋଇଛି। ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଇସ୍ପାତ ଓ ଖଣି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂହ, ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, କେନ୍ଦ୍ର ଇସ୍ପାତ ସଚିବ ସନ୍ଦୀପ ପୋଣ୍ଡରିକ୍, ସେଲ୍‌ର ଚେୟାରମ୍ୟାନ ଅମରେନ୍ଦୁ ପ୍ରକାଶ ଏବଂ ସେଲ୍‌ର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।



ଭୁବନେଶ୍ୱର ଲୋକସେବା ଭବନରେ କେନ୍ଦ୍ର ଭାରିଶିଳ୍ପ, ଇସ୍ପାତ ମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀଙ୍କୁ ଉପହାର ଦେଉଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ନିକଟରେ ଅଛନ୍ତି କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ୍।

## ସାପକାମୁଡ଼ା ମୃତ୍ୟୁ ...

ମୃତ୍ୟୁ ହୋଇଛି ତାହାକୁ ଉଲ୍ଲେଖ କରୁନାହାନ୍ତି। ଫଳରେ ସେ କ୍ଷେତ୍ରରେ ମୃତକଙ୍କ ପରିବାରକୁ କିଭଳି ଅନୁକମ୍ପାମୂଳକ ସହାୟତା ଠିକ୍ ଭାବେ ମିଳିପାରିବ, ସେନେଇ ଜିଲାପାଳମାନଙ୍କୁ ନିଜେ ତଦାରଖ କରିବାକୁ କୁହାଯାଇଛି।

ମନ୍ତ୍ରୀ ପୂଜାରୀ କହିଛନ୍ତି, ସମ୍ପ୍ରତି ଜନଗଣନା ନିର୍ଦ୍ଦେଶାଳୟ ପକ୍ଷରୁ ଜନଗଣନା ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ପ୍ରକ୍ରିୟା ଶେଷହେବା ପରେ ରାଜ୍ୟରେ ତହସିଲ ସଂଖ୍ୟା ବୃଦ୍ଧି କରାଯିବ। ଗୋଟିଏ ଲେଖାଏ ତହସିଲରେ ଅଧିକ ଚାପ ରହୁଥିବାରୁ ଲୋକେ ସୁଶାସନର ସୁଫଳ ପାଇପାରୁନାହାନ୍ତି। ଏଥିପାଇଁ ପ୍ରଥମ ପର୍ଯ୍ୟାୟରେ ବଡ଼ ତହସିଲକୁ ବିଭାଜିତ କରି ଛୋଟ ତହସିଲରେ ପରିଣତ କରାଯିବ। ପ୍ରଥମ ପର୍ଯ୍ୟାୟରେ ଦୁଇଟି ପଞ୍ଚାୟତ ପାଇଁ ଗୋଟିଏ ଆର୍‌ଆଇ ସର୍କଲ କରାଯିବା ପରେ ସବୁ ପଞ୍ଚାୟତରେ ଆର୍‌ଆଇ ସର୍କଲ କରାଯିବ। ରାଜସ୍ୱ ସେବା ପାଇଁ ହିତାଧିକାରୀଙ୍କ ସଂଖ୍ୟା ବଢ଼ୁଛି। ସେଥିପାଇଁ ଏବେ ସମ୍ବଲପୁର, ଭୁବନେଶ୍ୱର ଓ କଟକରେ ୪ଟି ନୂଆ ତହସିଲ ସ୍ଥାପନ ଲାଗି ପ୍ରକ୍ରିୟା ଜାରି ରହିଛି। ଏହାବାଦ୍ ଭୋଗରାଇ ନିର୍ବାଚନମଣ୍ଡଳୀରେ ମାତ୍ର ଗୋଟିଏ ବ୍ଲକ୍‌ରେ ୫୫ ଗାଁ ଏବଂ ଗୋଟିଏ ତହସିଲ ରହିଛି। ଏହାକୁ ଜନଗଣନା କାର୍ଯ୍ୟକ୍ରମ ଶେଷ ପରେ ବିଭକ୍ତ କରାଯିବ। ଫଳରେ ଲୋକେ ରାଜସ୍ୱ ପ୍ରଶାସନକୁ ହାତପାଆନ୍ତାରେ ପାଇପାରିବେ ବୋଲି ମନ୍ତ୍ରୀ ପୂଜାରୀ କହିଛନ୍ତି।

## ସିସି କ୍ୟାମେରା ଧରିବ ...

ଏକଥାକୁ ଯଥାଶୀଘ୍ର ବୁଝିଯିବା ଆବଶ୍ୟକ। ସେମାନଙ୍କ ମାନସିକତାରେ ପରିବର୍ତ୍ତନ କରିବା ମଧ୍ୟ ନିହାତି ଜରୁରୀ। ମନ୍ତ୍ରୀ କହିଛନ୍ତି, ଏଣିକି ପ୍ରତ୍ୟେକ ରାଜସ୍ୱ ପ୍ରଶାସନରେ ସିସିଟିଭି ଜରିଆରେ ଦଲାଲ୍‌ମାନଙ୍କୁ ଧରାଯିବ। ଯେଉଁ କାର୍ଯ୍ୟାଳୟରେ ଜଣେ ବ୍ୟକ୍ତି ବାରମ୍ବାର ଆସୁଥିବା ଦୃଷ୍ଟିକୁ ଆସିବ ସେଠାରେ ସମ୍ପୃକ୍ତ ଉପଜିଲାପାଳ କିମ୍ବା ଅତିରିକ୍ତ ଜିଲାପାଳ ଆଇନ ଅନୁଯାୟୀ ତା' ବିରୋଧରେ ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ କରିବେ ଏବଂ ତାଙ୍କୁ ଦଲାଲ୍ ଭାବେ ଘୋଷଣା କରିପାରିବେ। ତେବେ ରାଜସ୍ୱ ପ୍ରଶାସନ କିଭଳି ଚାଲୁଛି ସେନେଇ ଲୋକଙ୍କ ମତାମତ ଗ୍ରହଣ କରାଯିବାର ବ୍ୟବସ୍ଥା ରହିଛି। ଏହାକୁ ଅଧିକ ତ୍ୱରାନ୍ୱିତ କରାଯିବ। ରାଜ୍ୟରେ ରାଜସ୍ୱ ସେବାକୁ ଅଧିକ ଲୋକାଭିମୁଖୀ କରିବା ପାଇଁ ଖୁବ୍‌ଶୀଘ୍ର ଓଡ଼ିଶା ଲ୍ୟାଣ୍ଡ ମ୍ୟାନେଜ୍‌ମେଣ୍ଟ ଆକ୍ଟ ଅଣାଯିବ ବୋଲି ରାଜସ୍ୱ ମନ୍ତ୍ରୀ କହିଛନ୍ତି।

## ଆନ୍ଧ୍ରରେ ପୁଣି...

ସୂଚନା ଦେଇଛନ୍ତି। ବିଜୟୱାଡାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ମହେଶ କହିଛନ୍ତି, ମଙ୍ଗଳବାର ଯେଉଁ ସ୍ଥାନରେ ଏନ୍‌କାଉଣ୍ଟର ହୋଇଥିଲା, ସେଠାରୁ ପ୍ରାୟ ୭ କି.ମି. ଦୂର ସୀତାରାମରାଜୁ ଜିଲାର ଅଲ୍ଲୁରିରେ ସୁରକ୍ଷା ବଳ ବୁଧବାର ପୁଣି ଅପରେଶନ୍ ଚଳାଇଥିଲେ। ଏଥିରେ ୭ ମାଓବାଦୀ ନିହତ ହୋଇଛନ୍ତି, ଯାହାଙ୍କ ମଧ୍ୟରୁ ୩ ଜଣ ମହିଳା। ମୃତ ମାଓବାଦୀଙ୍କ ଚିହ୍ନଟ ପ୍ରକ୍ରିୟା ଜାରି ରହିଛି। ସେମାନଙ୍କ ମଧ୍ୟରେ ମେଟୁରି ଜୋଖା ରାଓ ଓରଫ ଟେକ୍ ଶଙ୍କର ରହିଥିବା ଜଣାପଡ଼ିଛି।

ଶ୍ରୀକାକୁଲମ୍ ଜିଲାର ବାସିନ୍ଦା ଟେକ୍ ଶଙ୍କର ଆନ୍ଧ୍ର-ଓଡ଼ିଶା ବର୍ଡର ଦାୟିତ୍ୱରେ ଥିଲେ। ଅସ୍ତ୍ରଶସ୍ତ୍ର ନିର୍ମାଣ ଓ ଯୋଗାଯୋଗ ଭଳି ଟେକ୍ନିକାଲ ଅପରେଶନ୍‌ରେ ତାଙ୍କର ସ୍ୱତନ୍ତ୍ର ଅଭିଜ୍ଞତା ରହିଥିଲା। ଶଙ୍କର ୨୦ ବର୍ଷ ଧରି ମାଓବାଦୀ କାର୍ଯ୍ୟକଳାପରେ ଜଡ଼ିତ ଥିଲେ। ମାଓବାଦୀ ଆନ୍ଦୋଳନକୁ ଆଗକୁ ବଢ଼ାଇବା ପାଇଁ ସେ ଉଦ୍ୟମ ଚଳାଇଥିଲେ ବୋଲି ଏଡିଜିପି ମହେଶ ସୂଚନା ଦେଇଛନ୍ତି। ଇତିମଧ୍ୟରେ ମାଓବାଦୀଙ୍କ ଉପସ୍ଥିତି ନେଇ ଗୋଇନ୍ଦା ସୂଚନା ମିଳିବା ପରେ ସୁରକ୍ଷା ବଳ କ୍ରିଷ୍ଣା, ଏଲୁରୁ, ଏନ୍‌ଟିଆର୍, କାକିନାଡ଼ା ଓ କୋନାସୀମା ଜିଲାରେ ଚଢ଼ାଉ କରି ସିପିଆଇ (ମାଓଇଷ୍ଟ)ର ୫୦ କ୍ୟାଡରଙ୍କୁ ଗିରଫ କରିଥିବା ସେ କହିଛନ୍ତି। ଗିରଫ ମାଓବାଦୀମାନେ ଛତିଶଗଡ଼ର ସୁକୁମା, ବିଜାପୁର, ନାରାୟଣପୁର ଓ ପଶ୍ଚିମ ବସ୍ତର ଜିଲାର। ଛତିଶଗଡ଼ରେ ମାଓବାଦୀଙ୍କ ଗିରଫଦାରି ଚାଲିଥିବାବେଳେ ସେମାନେ ଆନ୍ଧ୍ରକୁ ଚାଲିଆସିଥିଲେ। ସେମାନଙ୍କ ନିକଟରୁ ୩୯ ବନ୍ଧୁକ, ୩୦୨ ରାଉଣ୍ଡ ଗୁଳି, ଡିଟୋନେଟର ସମେତ ନଗଦ ୧୩ ଲକ୍ଷ ଟଙ୍କା ଓ ଅନ୍ୟ ଅସ୍ତ୍ରଶସ୍ତ୍ର ଜବତ ହୋଇଛି। ଏହି ଅପରେଶନ୍‌ରେ ରାଜ୍ୟ ଗୋଇନ୍ଦା ବିଭାଗ, ସ୍ପେଶାଲ ଇନ୍‌ଭେଷ୍ଟିଗେଶନ୍ ବ୍ରାଞ୍ଚ (ଏସ୍‌ଆଇବି), ଜିଲା ପୋଲିସ ୟୁନିଟ ଓ ବିଜୟୱାଡ଼ା କମିଶନରେଟ୍ ସାମିଲ ଥିଲେ।

## ଇନ୍‌ଟେକ୍ ୱେଲ୍‌ରେ ...

ପହଞ୍ଚି ପାରିବନାହିଁ। ଫଳରେ ଜଳ ନ ପାଇ ଚାଷୀକୁଳ ହତାଶ ହେବେ। ଖାଲି ଏତିକି ନୁହେଁ, କାନପୁର ବୃହତ୍ ଜଳସେଚନ ପ୍ରକଳ୍ପ ମଧ୍ୟରୁ ୱାଟର କର୍ପୋରେଶନ ପାଣି ନେଇ 'ଡ୍ରିଙ୍କ ଫର୍ ଟ୍ୟାପ୍' ଜରିଆରେ ଘରେ ଘରେ ପାଣି ଯୋଗାଣ କରିବାର ଯେଉଁ ଯୋଜନା ରଖିଛି ତାହା ମଧ୍ୟ ପ୍ରଭାବିତ ହେବ ବୋଲି କୁହାଯାଉଛି। ଏ ନେଇ ଗତ ମେ ୯ ରେ କେନ୍ଦୁଝରର ଗସ୍ତ ଅବସରରେ ଜଳ ମାନବ ଡ. ରାଜେନ୍ଦ୍ର ସିଂ ଓ ମହାନଦୀ ବଞ୍ଚାଅ ଆନ୍ଦୋଳନର ଆବାହକ ସୁଦର୍ଶନ ଦାସ ମଧ୍ୟ ସତର୍କ ସୂଚନା ଦେଇଛନ୍ତି। ଯୋଡ଼ା ଟ୍ରକ୍ ମାଲିକ ସଂଘ ସମ୍ପାଦକ ସୁଶାନ୍ତ ବାରିକ ଏବଂ ଟ୍ରକ୍ ମାଲିକ ଭାଗ୍ୟରଞ୍ଜନ ମହାନ୍ତି କହିଛନ୍ତି, ପାଇପ୍‌ଲାଇନରେ କମ୍ପାନୀ ଲୁହାଗୁଣ୍ଡ ପରିବହନ କଲେ ଚାଷୀଙ୍କ ସମେତ ଏ ଅଞ୍ଚଳର ପରିବହନ ବ୍ୟବସାୟ ମଧ୍ୟ ପ୍ରଭାବିତ ହେବ। ଯୋଡ଼ା, ବଡ଼ବିଲ, ଗୁଆଲି, ଭଦ୍ରାସାହି, କେନ୍ଦୁଝର, ଆନନ୍ଦପୁର, ଚଣ୍ଡିଖୋଲ ପ୍ରଭୃତି ଅଞ୍ଚଳର ପ୍ରାୟ ୫ ହଜାର ଗାଡ଼ି ମାଲିକ ପରିବହନ କାର୍ଯ୍ୟରୁ ବଞ୍ଚିତ ହେବେ। ଏହାଦ୍ୱାରା ପ୍ରତ୍ୟକ୍ଷ ଏବଂ ପରୋକ୍ଷଭାବେ ରାସ୍ତାକଡ଼ ଢାବା, ପାନ, ଚା' ଦୋକାନୀ ମଧ୍ୟ ରୋଜଗାର ହରାଇବେ। ସାମୂହିକ ପ୍ରଭାବକୁ ଦୃଷ୍ଟିରେ ରଖି ଇନ୍‌ଟେକ୍ ୱେଲ ଉପରେ ସରକାର ପୁନର୍ବିଚାର କରିବା ଉଚିତ ବୋଲି ସେମାନେ କହିଛନ୍ତି।

ନିକଟରେ ଅବସର ଗ୍ରହଣ କରିଥିବା କାନପୁର ଡ୍ୟାମ୍ ପ୍ରୋଜେକ୍ଟର ମୁଖ୍ୟଯନ୍ତ୍ରୀ ପ୍ରସାଦ ରଞ୍ଜନ ପଣ୍ଡାଙ୍କ କହିବା ଅନୁଯାୟୀ, ଶିଳ୍ପକୁ ଦିଆଯାଉଥିବା ଜଳ ଜିଲାର ଶାଳପଡ଼ା ଡିଭିଜନରୁ ଆବଣ୍ଟନ କରାଯାଇଥାଏ। ନୂତନ ନିୟମ ଅନୁଯାୟୀ, ଜେଏସ୍‌ଡବ୍ଲ୍ୟୁ ବନ୍ଧରୁ କେତେ ପାଣି ଶିଳ୍ପରେ ବ୍ୟବହାର କରିବ, ଏହାକୁ ଭୁବନେଶ୍ୱରସ୍ଥିତ ନ୍ୟାଶନାଲ ଇନ୍‌ଫର୍ମେଟିକ୍ ସେଣ୍ଟର (ଏନ୍‌ଆଇସି) କଣ୍ଟ୍ରୋଲ କରିବ। କାନପୁର ଡ୍ୟାମ୍ ଯୋଗୁ ପ୍ରାୟ ୨୯, ୫୭୮ ହେକ୍ଟର ଚାଷଜମିକୁ ଜଳ ସେଚିତ କରିବାର ଲକ୍ଷ୍ୟ ରଖାଯାଇଛି।

ମହାନଦୀ ବଞ୍ଚାଅ ଆନ୍ଦୋଳନର ଆବାହକ ସୁଦର୍ଶନ ଦାସ କହିଛନ୍ତି, କାନପୁର ନଦୀବନ୍ଧରୁ ଜେଏସ୍‌ଡବ୍ଲ୍ୟୁ ଜଳ ଶୋଷିଲେ ଜିଲା ସାରା ଆନ୍ଦୋଳନକୁ ତୀବ୍ର କରାଯିବ। ଏସିଆ ମହାଦେଶରେ ନଦୀ ଉପରେ ରିସର୍ଚ୍ଚ କରୁଥିବା ମହିଳା ସାମାଜିକ କର୍ମୀ ବ୍ରତିନ୍ଦି ଜେନା କହିଛନ୍ତି, ଶିଳ୍ପ ପାଇଁ ବୈତରଣୀ ନଦୀ ଭବିଷ୍ୟତରେ ଏକ ଇତିହାସ ହୋଇଯିବ। ଜେଏସ୍‌ଡବ୍ଲ୍ୟୁର କର୍ପୋରେଟ କମ୍ୟୁନିକେଶନ ଅଧିକାରୀ ଦୀପଚାନ୍ଦ ବିହାରୀ କହିଛନ୍ତି, ଇନ୍‌ଟେକ୍ ୱେଲ୍ କାମ ନିୟମ ଅନୁଯାୟୀ ଜାରି ରହିଛି।

## ଆଶ୍ରୟ ଦେବାକୁ ...

ଯାଇ ଏତଲା ଦେଇଥିଲେ। ଏ ନେଇ ରାୟଗଡ଼ା ଏସ୍‌ଡିପିଓ ଗୌରହରି ସାହୁଙ୍କୁ ପଚାରିବାରୁ ପୀଡ଼ିତାଙ୍କ ଲିଖିତ ଅଭିଯୋଗକୁ ଭିତ୍ତିକରି କେସ୍ ନଂ. ୪୩୧/୨୫ରେ ମାମଲା ରୁଜୁ କରାଯାଇଛି। ସନ୍ଦେହରେ ଜଣେ ଯୁବକଙ୍କୁ ଅଟକ ରଖି ପଚରାଉଚୁରା କରିବା ସହିତ ଘଟଣାର ତଦନ୍ତ ଚାଲିଛି । ଏଥିସହ ମହିଳାଙ୍କ ବୟାନ ମୁତାବକ ବଳାତ୍କାର ଘଟିଥିବା ସ୍ଥାନକୁଯାଇ ତଦନ୍ତ କରାଯାଇଛି ବୋଲି ଏସ୍‌ଡିପିଓ ସାହୁ କହିଛନ୍ତି। ଏହି ଘଟଣାର ନିରପେକ୍ଷ ତଦନ୍ତକରି ଦୋଷୀଙ୍କୁ ଦଣ୍ଡଦେବା ପାଇଁ ପୀଡ଼ିତା ମହିଳା ଓ ତାଙ୍କ ସ୍ୱାମୀ ଦାବି କରିଛନ୍ତି।

# ରାଜ୍ୟ ବିଧାନସଭାର ସଂସଦୀୟ କାର୍ଯ୍ୟପ୍ରଣାଳୀ ଭାରତର ଅନ୍ୟତମ ସର୍ବଶ୍ରେଷ୍ଠ: ମୁଖ୍ୟମନ୍ତ୍ରୀ

## ପ୍ରାଇଡ୍ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ୧୨ ଦେଶର ୪୦ ବିଦେଶୀ ପ୍ରତିନିଧି

ଭୁବନେଶ୍ୱର,୧୯।୧୧(ସୁନିତ୍ ମିଶ୍ର)

୩୭ତମ ସଂସଦୀୟ ଇଣ୍ଟର୍ନଶିପ୍ କାର୍ଯ୍ୟକ୍ରମ ଅବସରରେ ନୂଆଦିଲ୍ଲୀସ୍ଥିତ ସଂସଦ ସଚିବାଳୟର ପାର୍ଲାମେଣ୍ଟାରି ରିସର୍ଚ୍ଚ ଆଣ୍ଡ ଟ୍ରେନିଂ ଇନ୍ଷ୍ଟିଚ୍ୟୁଟ୍ ଫର୍ ଡେମୋକ୍ରାସିସ୍ (ପ୍ରାଇଡ୍) ତରଫରୁ ୧୨ଟି ଦେଶର ୪୦ ଜଣ ବିଦେଶୀ ପ୍ରତିନିଧି ବୁଧବାର ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରିଛନ୍ତି। ମୁଖ୍ୟମନ୍ତ୍ରୀ ବୈଠକରେ ଉପସ୍ଥିତ ପ୍ରତିନିଧିମାନଙ୍କୁ ସ୍ୱାଗତ କରିବା ସହ ଓଡ଼ିଶାର ଦୃଢ଼ ଗଣତାନ୍ତ୍ରିକ ପରମ୍ପରା ଏବଂ ବିଧାନସଭାର ୮୯ ବର୍ଷର ଉତ୍ସର୍ଗୀକୃତ ଜନସେବାର ଐତିହ୍ୟ ଉପରେ ଆଲୋକପାତ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି, ଓଡ଼ିଶା ରାଜ୍ୟ ବିଧାନସଭାର ସଂସଦୀୟ କାର୍ଯ୍ୟପ୍ରଣାଳୀ ଭାରତର ଅନ୍ୟତମ ସର୍ବଶ୍ରେଷ୍ଠ। ଜୁନ୍ ୨୦୨୪ରୁ ଜୁନ୍ ୨୦୨୫ ମଧ୍ୟରେ ଓଡ଼ିଶା ବିଧାନସଭା ୬୨ଟି ବୈଠକ ପରିଚାଳନା କରିଛି ଏବଂ ଓଡ଼ିଶା ବିଶ୍ୱବିଦ୍ୟାଳୟ (ସଂଶୋଧନ) ବିଲ୍, ୨୦୨୪ ଉପରେ ରେକର୍ଡ ୧୨ ଘଣ୍ଟା ୨୫ ମିନିଟ୍ ବିତର୍କ ହୋଇଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି।

ବିଧାନସଭା ପ୍ରକ୍ରିୟାର ଡିଜିଟାଲ ରୂପାନ୍ତରଣ କ୍ଷେତ୍ରରେ ଓଡ଼ିଶା ଏକ ଅଗ୍ରଣୀ ରାଜ୍ୟ ବୋଲି ମତଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ବିଧାନସଭାରେ ଜାତୀୟ ଇ-ବିଧାନ ଆପ୍ଲିକେଶନର ପୂର୍ଣ୍ଣ କାର୍ଯ୍ୟାନ୍ୱୟନ, ଇ-ପ୍ରଶାସନ ପାଇଁ ଓସ୍ୱାସ୍, ସମ୍ପୂର୍ଣ୍ଣ ଡିଜିଟାଲ ଗୃହ, ଗବେଷଣା ଏବଂ ସୂଚୀକରଣ(ଇଣ୍ଡେକ୍ସିଂ) ପାଇଁ ଏଆଇର ବ୍ୟବହାର ଆଦି ଅନେକ ପଦକ୍ଷେପ ନିଆଯାଇଛି। ଡିଜିଟାଲ ପ୍ରୟୋଗ କ୍ଷେତ୍ରରେ ଉତ୍କର୍ଷ ପାଇଁ ଓଡ଼ିଶା ବିଧାନସଭା ଜାତୀୟ ପୁରସ୍କାର ହାସଲ କରିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ବିଭିନ୍ନ ସଂସଦୀୟ କମିଟି ବ୍ୟବସ୍ଥାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଗୁରୁତ୍ୱାରୋପକରି ସେ କହିଛନ୍ତି, ଓଡ଼ିଶାର ୧୦ଟି ବିଭାଗୀୟ ସ୍ଥାୟୀ କମିଟି ସମେତ ୨୫ଟି କମିଟି ଗଠନ କରାଯାଇଛି। ଉନ୍ନତ ପ୍ରଶାସନ ସୁନିଶ୍ଚିତ କରିବା ପାଇଁ ଏହି କମିଟିଗୁଡ଼ିକ 'ମିନି-ପାର୍ଲାମେଣ୍ଟ' ଭାବେ କାର୍ଯ୍ୟ କରୁଛି। ଓଡ଼ିଶା ନିକଟରେ ଅନୁସୂଚିତ ଜାତି ଏବଂ ଜନଜାତି କମିଟିର ଅଧ୍ୟକ୍ଷଙ୍କ ଜାତୀୟ ସମ୍ମିଳନୀକୁ ସଫଳତାର ସହ ଆୟୋଜନ କରିଛନ୍ତି। ଏହା ଆମର ଇନ୍‌କ୍ଲୁସିଭ୍ ଗଭର୍ନାନ୍ସ ପ୍ରତି ପ୍ରତିବଦ୍ଧତାର ପ୍ରମାଣ ବୋଲି ସେ କହିଛନ୍ତି। ଓଡ଼ିଶାର ସାଂସ୍କୃତିକ ସମୃଦ୍ଧି ବିଷୟରେ କହିବାକୁ ଯାଇ ମୁଖ୍ୟମନ୍ତ୍ରୀ ରାଜ୍ୟକୁ ପୂର୍ବ ଭାରତର ସାଂସ୍କୃତିକ କେନ୍ଦ୍ର ଭାବେ ବର୍ଣ୍ଣନା କରିଛନ୍ତି। ବିଦେଶୀ ପ୍ରତିନିଧିମାନେ ପୂର୍ବରୁ ପୁରୀ, କୋଣାର୍କ, ଧଉଳି ଏବଂ ଅନ୍ୟାନ୍ୟ ଐତିହ୍ୟସ୍ଥଳୀ ପରିଦର୍ଶନ କରିଥିଲେ। ସେମାନେ ଓଡ଼ିଶାର ଐତିହ୍ୟ ଓ ଆତିଥ୍ୟର ଉଚ୍ଚ ପ୍ରଶଂସା କରିଛନ୍ତି।

ଏହି ଅବସରରେ ରାଜ୍ୟ ସଭା ସଦସ୍ୟ ସୁଜିତ କୁମାର କହିଛନ୍ତି, ବିଶ୍ୱ ଗଣତାନ୍ତ୍ରିକ ପରିବେଶରେ ଓଡ଼ିଶାର ବିଧାନସଭା ଏକ ଜାତୀୟ ମଡେଲ ଭାବରେ ଉଭା ହୋଇଛି। ଓଡ଼ିଶାର ବିଧାନସଭା ଶୃଙ୍ଖଳା, ଗଠନମୂଳକ ବିତର୍କ ଏବଂ ପ୍ରଯୁକ୍ତିବିଦ୍ୟା ନବସୃଜନର ଏକ ମଡେଲ। ଏଣୁ ସଂସଦୀୟ ଇଣ୍ଟର୍ନଶିପ୍ କାର୍ଯ୍ୟକ୍ରମ ଯୁବ ବିଶ୍ୱ ପ୍ରତିନିଧିମାନଙ୍କୁ ଭାରତର ଅନନ୍ୟ ସଂସଦୀୟ ପରମ୍ପରା ଶିଖିବା ପାଇଁ ଏକ ବିରଳ ସୁଯୋଗ ପ୍ରଦାନ କରୁଛି।

ଉକ୍ତ ଇଣ୍ଟର୍ନଶିପ୍ କାର୍ଯ୍ୟକ୍ରମକୁ ପ୍ରତିନିଧିତ୍ୱ କରୁଥିବା ତୁର୍କମେନିସ୍ତାନର ମଜଲିସ୍ (ସଂସଦ) ସଦସ୍ୟ କରିମଗୁଲି ଗୁରବାଙ୍ଗୁଲିଭିଚ୍ ଗେଲଡିୟେଭ, ଗଣତନ୍ତ୍ରରେ ସ୍ୱଚ୍ଛତା ଏବଂ ଡିଜିଟାଲ ସଂସ୍କାର ପ୍ରତି ଓଡ଼ିଶାର ପ୍ରତିବଦ୍ଧତାକୁ ପ୍ରଶଂସା କରିଛନ୍ତି।

ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ଅତିରିକ୍ତ ମୁଖ୍ୟ ଶାସନ ସଚିବ(ସଂସଦୀୟ ବ୍ୟାପାର) ସୁରେନ୍ଦ୍ର କୁମାର, ଓଡ଼ିଶା ବିଧାନସଭା ସଚିବ ସତ୍ୟବ୍ରତ ରାଉତ, ନିର୍ଦ୍ଦେଶକ ପ୍ରାଇଡ୍ ପ୍ରଶାନ୍ତ ମଲିକ ଏବଂ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।


ଲୋକସେବା ଭବନରେ ବୁଧବାର ବିଦେଶୀ ପ୍ରତିନିଧିଙ୍କ ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

# ବିକାଶର ଇଞ୍ଜିନ ହେବ ସହର : ମନ୍ତ୍ରୀ ପୃଥ୍ୱୀରାଜ

## ବସ୍ତି ନୁହେଁ, ଟିପିରେ ରହିବେ ଲୋକେ: ମନ୍ତ୍ରୀ କୃଷ୍ଣଚନ୍ଦ୍ର

### ଦୁଇଦିନିଆ ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକ ସମ୍ମିଳନୀ

ଭୁବନେଶ୍ୱର,୧୯।୧୧
(ରବିନାରାୟଣ ଜେନା)

ଜିଲାର ଆର୍ଥିକ ବିକାଶରେ ସହରୀକରଣର ପ୍ରମୁଖ ଭୂମିକା ରହିଛି। ତେଣୁ ଆଗାମୀ ୫୦ ବର୍ଷରୁ ଊର୍ଦ୍ଧ୍ୱକୁ ଦୃଷ୍ଟିରେ ରଖି ସହରର ଯୋଜନାବଦ୍ଧ ନକ୍ସା ପ୍ରସ୍ତୁତ କରିବାକୁ ହେବ। ସବୁ ସହରକୁ ବିକାଶର ଇଞ୍ଜିନ କରିବାକୁ ପଡ଼ିବ ବୋଲି ଆଇନ ଓ ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି।

ଲୋକସେବା ଭବନରେ ଅନୁଷ୍ଠିତ ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ଦୁଇଦିନିଆ ସମ୍ମିଳନୀ ଅବସରରେ ମନ୍ତ୍ରୀ କହିଛନ୍ତି, ରାଜ୍ୟ ସରକାର ବିଭିନ୍ନ ସହରର ଭିଡ଼ କମାଇବା ପାଇଁ ବାଇପାସ୍ ରାସ୍ତା, ସହର ଚତୁଃପାର୍ଶ୍ୱରେ ରିଂ-ରୋଡ୍ ନିର୍ମାଣ ଉପରେ ଗୁରୁତ୍ୱ ଦେଉଛନ୍ତି। ଆଗାମୀ ଦିନରେ ବଡ଼ରାସ୍ତା ନିର୍ମାଣ ବେଳେ ବର୍ଜ୍ୟବସ୍ତୁକୁ ବ୍ୟବହାର କରାଯିବ। ସହରର ଜମି ଅଧିଗ୍ରହଣ ପ୍ରକ୍ରିୟାକୁ ସରଳୀକରଣ କରାଯିବ, ଯଦ୍ୱାରା ନୂଆରାସ୍ତା ନିର୍ମାଣ ଓ ଅନ୍ୟ ଭିତ୍ତିଭୂମି ପ୍ରକଳ୍ପ ସହଜରେ ହୋଇପାରିବ। ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ଲକ୍ଷ୍ୟରେ ପହଞ୍ଚିବା ପାଇଁ ବ୍ୟାପକ ସହରୀକରଣର ଯୋଜନା ରହିଛି ବୋଲି ମନ୍ତ୍ରୀ କହିଥିଲେ।

ଏହି ଅବସରରେ ରାଜ୍ୟ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର କହିଥିଲେ, ସହରକୁ କାର୍ଯ୍ୟ ଅନ୍ୱେଷଣରେ ଆସୁଥିବା ଲୋକେ ଏବେ ଆଉ ବସ୍ତିରେ ନୁହେଁ, ସରକାରଙ୍କ ଟାଉନ୍ ପ୍ଲାନିଂ ଯୋଜନାରେ ସାମିଲ ହେବେ। ସେମାନଙ୍କୁ ବସ୍ତି ଭଳି ଅସ୍ୱାସ୍ଥ୍ୟକର ପରିବେଶରୁ ବାହାରକୁ ଆଣି ବ୍ୟବସ୍ଥିତ ଢଙ୍ଗରେ ସୁଲଭ ଆବାସ ଯୋଗାଇ ଦିଆଯିବ, ଯେଉଁଥିରେ ସେମାନଙ୍କ ପାଇଁ ରାସ୍ତା, ବିଦ୍ୟୁତ୍, ପାନୀୟଜଳ, ଡ୍ରେନେଜ୍ ଓ ଆନୁଷଙ୍ଗିକ ସୁବିଧା ରହିବ। ଫଳରେ ଉଭୟ ସ୍ୱତ୍ୱାଧିକାରୀମାନେ ଜମିର ଉପଯୁକ୍ତ ମୂଲ୍ୟ ପାଇବା ସହ ଇଚ୍ଛୁକ ବ୍ୟକ୍ତିଙ୍କ ସହରରେ ଘର ପାଇବାର ସ୍ୱପ୍ନ ପୂରଣ ହୋଇପାରିବ। ସହରର ଆର୍ଥିକ ଅଭିବୃଦ୍ଧି ଘଟିବ। ସବୁ ମହାନଗର ନିଗମ, ମ୍ୟୁନିସିପାଲିଟି, ପୌରାଞ୍ଚଳରେ ଏହି ପ୍ରକ୍ରିୟା ଜାରି ରହିବ ବୋଲି ମନ୍ତ୍ରୀ ମହାପାତ୍ର କହିଛନ୍ତି। କାର୍ଯ୍ୟକ୍ରମରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ଯୋଗଦେଇ ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଅର୍ଥନୈତିକ ଅଞ୍ଚଳର ବିକାଶ ସହିତ ସମ୍ବଲପୁର, ଝାରସୁଗୁଡ଼ା, ଗୋପାଳପୁର ଆଦି ବିଭିନ୍ନ ସହରର ବିକାଶ ପାଇଁ ସମନ୍ୱିତ ଯୋଜନା ଉପରେ ଆଲୋକପାତ କରିଥିଲେ। ଆସନ୍ତା ମାର୍ଚ୍ଚ ୨୦୨୬ ସୁଦ୍ଧା ସବୁ ସହରାଞ୍ଚଳରେ ଖାଲଖମାମୁକ୍ତ ଏବଂ ପଥଚାରୀଙ୍କ ରାସ୍ତା ସୁନିଶ୍ଚିତ କରିବା ପାଇଁ ଯୋଜନା ରହିଥିବା ସେ କହିଥିଲେ।



ଲୋକସେବା ଭବନରେ ଆୟୋଜିତ ଜିଲାପାଳ, ଆରକ୍ଷୀ ଅଧୀକ୍ଷକ ସମ୍ମିଳନୀରେ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଓ କୃଷ୍ଣଚନ୍ଦ୍ର ମହାପାତ୍ର।

# ୭ ମାସରେ ବିନା ଟିକେଟରେ ରେଳଯାତ୍ରା କରିଛନ୍ତି ୪.୪୧ ଲକ୍ଷ



ଭୁବନେଶ୍ୱର,୧୯।୧୧
(ଅନୁରାଧା ମହାରଣା)

- ଅକ୍ଟୋବରରେ ଧରାପଡ଼ିଛନ୍ତି ୫୮,୭୩୧
- ୩ କୋଟିରୁ ଅଧିକ ଟଙ୍କାର ଜରିମାନା ସଂଗ୍ରହ

ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ଅନଧିକୃତ ଯାତ୍ରାକୁ ଏଡ଼ାଇବା ପାଇଁ ଯାଞ୍ଚ ପ୍ରକ୍ରିୟା ତ୍ୱରାନ୍ୱିତ କରିଛି। ଚଳିତ ବର୍ଷ କେବଳ ଅକ୍ଟୋବରରେ ବିନା ଟିକେଟରେ ୫୮,୭୩୧ଜଣ ଯାତ୍ରା କରିଥିବା ଧରାପଡ଼ିଛି, ଯାହା ଗତବର୍ଷ ଅକ୍ଟୋବର ତୁଳନାରେ ୫.୪% ଅଧିକ। ସେହିଭଳି ଏପ୍ରିଲରୁ ଅକ୍ଟୋବର ମଧ୍ୟରେ ବିନା ଟିକେଟରେ ମୋଟ ୪,୪୧,୧୦୬ ଜଣ ଯାତ୍ରା କରିଛନ୍ତି, ଯାହା ପୂର୍ବ ବର୍ଷ (୪,୦୦,୯୪୬) ତୁଳନାରେ ୧୦% ଅଧିକ। ତେବେ ଏହାକୁ ନେଇ ରେଳମଣ୍ଡଳ ଉଦ୍‌ବେଗ ପ୍ରକାଶ କରି କହିଛି, ବିନା ଟିକେଟ କିମ୍ବା ବୈଧ ଟିକେଟ ବିନା ଟ୍ରେନ୍ ଯାତ୍ରା କରିବା ଦ୍ୱାରା କେବଳ ଦଣ୍ଡ ଲାଗୁ ହୁଏ ନାହିଁ, ବରଂ ଯାତ୍ରୀମାନଙ୍କୁ ଅସୁବିଧା ହୁଏ ଏବଂ ଯାତ୍ରା ପରିବେଶକୁ ବିପର୍ଯ୍ୟସ୍ତ କରେ। ତେଣୁ ଦଣ୍ଡ ସ୍ୱରୂପ ନିୟମ ଉଲ୍ଲଂଘନକାରୀଙ୍କଠାରୁ ରେଳମଣ୍ଡଳ କେବଳ ଅକ୍ଟୋବରରେ ୩,୧୫,୧୧,୭୭୦ ଟଙ୍କା ଜରିମାନା ଆଦାୟ କରିଛି। ଏହା ଗତବର୍ଷଠାରୁ ୨୩% ଅଧିକ। ସେହିପରି ଚଳିତ ଆର୍ଥିକ ବର୍ଷର ଏପ୍ରିଲରୁ ଅକ୍ଟୋବର ମଧ୍ୟରେ ମୋଟ ୨୩,୯୪,୨୩,୬୯୮ ଟଙ୍କା ଜରିମାନା ଆଦାୟ କରାଯାଇଛି, ଯାହା ୨୦୨୪ରେ ଆଦାୟ ହୋଇଥିବା ଜରିମାନା ୧୮,୯୭,୨୯,୦୧୦ ତୁଳନାରେ ୨୬% ଅଧିକ ରହିଛି।

ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ପକ୍ଷରୁ କୁହାଯାଇଛି, ରେଳପଥ ପକ୍ଷରୁ ସାର୍ବଜନୀନ ଘୋଷଣା, ସୋସିଆଲ ମିଡିଆ ମେସେଜିଂ ଏବଂ ଷ୍ଟେଶନସ୍ତରୀୟ ପ୍ରଚାର ମାଧ୍ୟମରେ ବ୍ୟାପକ ସଚେତନତା ଅଭିଯାନ ଜାରି ରହିଛି। ଯାତ୍ରୀମାନଙ୍କୁ ନିରନ୍ତର ଭାବେ ସମ୍ମାନର ସହ ଯାତ୍ରା କରିବାକୁ ଏବଂ ରେଳ ନିୟମ ପାଳନ କରିବାକୁ ଉତ୍ସାହିତ କରାଯାଇଛି। ସ୍ୱତନ୍ତ୍ର ଟିକେଟ ଯାଞ୍ଚ ଦଳଗୁଡ଼ିକ ଆର୍‌ପିଏଫ୍ ସହ ସମନ୍ୱୟ ରଖି ଏହି ବ୍ୟାପକ ଯାଞ୍ଚ କରାଯାଉଛି। ରେଳମଣ୍ଡଳର ବରିଷ୍ଠ ବାଣିଜ୍ୟିକ ପ୍ରବନ୍ଧକ ଅନିଲ କୁମାର ଏସ୍ ସମସ୍ତ ଯାତ୍ରୀଙ୍କୁ ଅଯଥା ଅସୁବିଧାକୁ ଏଡ଼ାଇବା ଏବଂ ଏକ ଶୃଙ୍ଖଳିତ ଏବଂ ସମ୍ମାନର ସହ ସୁବିଧା ଯୁକ୍ତ ଯାତ୍ରା ପରିବେଶକୁ ଆପଣେଇବା ପାଇଁ ସର୍ବଦା ବୈଧ ଟିକେଟ କିମ୍ବା ଯାତ୍ରା ଅଧିକାର ଦଲିଲ ବହନ କରିବାକୁ ପରାମର୍ଶ ଦେଇଛନ୍ତି।

# ଖୁବ୍‌ଶୀଘ୍ର ଆରମ୍ଭ ହେବ କୋଷ୍ଟାଲ ହାଇଓ୍ୱେ ପ୍ରକଳ୍ପ: ପୂର୍ତ୍ତ ମନ୍ତ୍ରୀ

ଭୁବନେଶ୍ୱର,୧୯।୧୧(ରବିନାରାୟଣ ଜେନା)

ଖୁବ୍‌ଶୀଘ୍ର କୋଷ୍ଟାଲ ହାଇୱେ ପ୍ରକଳ୍ପ କାମ ଆରମ୍ଭ ହେବ ବୋଲି ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ଲୋକସେବା ଭବନରେ ବୁଧବାର ମନ୍ତ୍ରୀ କହିଛନ୍ତି, କେନ୍ଦ୍ର ଅର୍ଥ ବିଭାଗର ଆପ୍ରାଇଜାଲ କମିଟି କୋଷ୍ଟାଲ ହାଇଓ୍ୱେ ପ୍ରକଳ୍ପ ପାଇଁ ସମ୍ମତି ଦେଇଛି। ରାଜ୍ୟ ସରକାର କେବଳ ସିସିଏ ମଞ୍ଜୁରୀକୁ ଅପେକ୍ଷା କରିଛନ୍ତି। ମଞ୍ଜୁରୀ ମିଳିବା କ୍ଷଣି ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ କରାଯିବ।

ସେ କହିଛନ୍ତି, ଓଡ଼ିଶା ଲୋକଙ୍କ ଲମ୍ବା ପ୍ରତୀକ୍ଷାର ଅନ୍ତ ହେବାକୁ ଯାଉଛି। ରାମେଶ୍ୱରଠାରୁ ଆରମ୍ଭକରି ପାରାଦୀପ ପର୍ଯ୍ୟନ୍ତ ଆଲାଇନ୍‌ମେଣ୍ଟ ସହ ୮୩୦୦ କୋଟି ଟଙ୍କାର ଖର୍ଚ୍ଚକୁ ମଧ୍ୟ ଆପ୍ରାଇଜାଲ କମିଟି ଅନୁମୋଦନ କରିଛି। ତେବେ ରାମେଶ୍ୱରଠାରୁ କୋଣାର୍କ ପର୍ଯ୍ୟନ୍ତ ୪ ଲେନ୍ ରାସ୍ତା ଏବଂ କୋଣାର୍କଠାରୁ ପାରାଦୀପ ପର୍ଯ୍ୟନ୍ତ ଡବଲ ଲେନ୍ ପେଭ୍‌ଡ ସୋଲ୍‌ଡର(ଡିଏଲ୍‌ପିଏସ୍) ରାସ୍ତା ହେବ ବୋଲି ନିଷ୍ପତ୍ତି ହୋଇଛି। ପେଣ୍ଡିଂ ଥିବା ସିସିଏର ମଞ୍ଜୁରୀ ମିଳିଗଲେ ଏନ୍‌ଏଚ୍‌ଏଆଇ ଟେଣ୍ଡର ଡାକିବା ଏବଂ ପ୍ରକଳ୍ପ କ୍ରିୟାନ୍ୱୟନ ପ୍ରକ୍ରିୟା ଆରମ୍ଭ କରାଯିବ। ତେବେ ପ୍ରକଳ୍ପ କାର୍ଯ୍ୟ ପାଇଁ ୬୦ରୁ ୭୦ପ୍ରତିଶତ ଜମିଅଧିଗ୍ରହଣ ସରିଛି।

ସେ କହିଛନ୍ତି, ପୂର୍ବ ସରକାର ସମୟରେ ବାରମ୍ବାର ଆଲାଇନ୍‌ମେଣ୍ଟ ପରିବର୍ତ୍ତନ କରାଯାଉଥିଲା। ଫଳରେ ପ୍ରକଳ୍ପ କାର୍ଯ୍ୟ ଆଗେଇପାରୁ ନ ଥିଲା। କୋଷ୍ଟାଲ ହାଇୱେ ପ୍ରକଳ୍ପ କିପରି ନ ହେବ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସମାଲୋଚନାର ଶିକାର ହେବେ, ତାହା ହିଁ ପୂର୍ବ ସରକାର ଚାହୁଁଥିଲେ ବୋଲି ମନ୍ତ୍ରୀ କହିଛନ୍ତି।

DSPL - 366

## ସ୍କ୍ରାପ୍(Scrap) ବ୍ୟବସାୟ କରୁଥିବା ସମସ୍ତ ପଞ୍ଜିକୃତ ଓ ଅଣ- ପଞ୍ଜିକୃତ ଟିକସ ଦାତା ଦୟାକରି ଧ୍ୟାନ ଦିଅନ୍ତୁ

NATION TAX MARKET

ଦ୍ରବ୍ୟ ଓ ସେବା କର (GST) ଆଇନ ଅନ୍ତର୍ଗତ TDS (Tax Deduction at Source) ଓ RCM (Reverse Charge Mechanism) ଅନୁପାଳନ ସମ୍ପର୍କିତ ନିୟମ ଅଧୀନରେ

| | |
|---|---|
| କୌଣସି ଅଣ-ପଞ୍ଜିକୃତ ବ୍ୟବସାୟୀଙ୍କ ଠାରୁ କ୍ରୟ କରାଗଲେ RCM ଅଧୀନରେ ୧୮ ପ୍ରତିଶତ ହାରରେ GST ଦେବାକୁ ହେବ । [କେନ୍ଦ୍ରୀୟ ଟିକସ (ଟିକସ ହାର ) ବିଜ୍ଞପ୍ତି ନମ୍ବର ୦୭/୨୦୨୪, ତାରିଖ :୦୮.୧୦.୨୦୨୪ ଏବଂ ଅନୁରୂପ ରାଜ୍ୟ ଟିକସ ବିଜ୍ଞପ୍ତି ନମ୍ବର ୨୯୬୭୦, ତାରିଖ : ୨୫.୧୦.୨୦୨୪ ] | ଯଦି ପଞ୍ଜିକୃତ ଟିକସ ଦାତାଙ୍କ ଠାରୁ କ୍ରୟ କରାଯାଏ , ତେବେ କ୍ରେତା କୁ ଏ କ୍ଷେତ୍ରରେ ୨ ପ୍ରତିଶତ ହାରରେ ଟିଡ଼ିଏସ୍ କାଟି ଜମା କରିବାକୁ ହେବ । [ କେନ୍ଦ୍ରୀୟ ଟିକସ ବିଜ୍ଞପ୍ତି ନମ୍ବର ୨୫/୨୦୨୪, ତାରିଖ: ୦୨.୧୦.୨୦୨୪ ଏବଂ ଅନୁରୂପ ରାଜ୍ୟ ଟିକସ ବିଜ୍ଞପ୍ତି ନମ୍ବର ୨୯୬୭୮, ତାରିଖ :୨୫.୧୦.୨୦୨୪] |

* ଓଡିଶା ବାଣିଜ୍ୟକର ଏବଂ ଦ୍ରବ୍ୟ ଓ ସେବା କର କମିସନରେଟ GST ଟିଡ଼ିଏସ୍ (TDS) ଓ ଆରସିଏମ୍ (RCM) ବ୍ୟବସ୍ଥା ର ଅନୁପାଳନ ଉପରେ ତୀକ୍ଷଣ ନଜର ରଖିଛନ୍ତି ।

** ଉପରୋକ୍ତ ସୂଚନା କେବଳ ସାଧାରଣ ମାର୍ଗଦର୍ଶନ ପାଇଁ | ଅଧିକ ବିବରଣୀ ପାଇଁ ଅର୍ଥ ବିଭାଗ ୱେବସାଇଟ https://finance.odisha.gov.in ଏବଂ www.cbic.gov.in ରେ ଉପଲବ୍ଧ ବିଜ୍ଞପ୍ତିକୁ ଦେଖନ୍ତୁ ।

ବାଣିଜ୍ୟକର ଏବଂ ଦ୍ରବ୍ୟ ଓ ସେବା କର କମିଶନରେଟ, ଓଡିଶା
@Banijyakar
OIPR:

# ପ୍ରତିଷ୍ଠିତ ନୃତତ୍ତ୍ୱ ବିଦ୍ୱାନ୍ ଥିଲେ ପ୍ରଫେସର ଏଲ୍. କେ. ମହାପାତ୍ର



ସ୍ମାରକୀ ବକ୍ତୃତା କାର୍ଯ୍ୟକ୍ରମରେ ଯୋଗଦେଇଥିବା ବିଶିଷ୍ଟ ନୃତତ୍ତ୍ୱବିତ୍ ଡ. ବିଜୟ ସହାୟଙ୍କ ସହ ଅନ୍ୟ ଅତିଥିମାନେ।

## ଦୁଇ ସପ୍ତାହ ବ୍ୟାପୀ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ

ଭୁବନେଶ୍ୱର,୧୯।୧୧
(ସୁଚିସ୍ମିତା ସାହୁ)

ବିଶିଷ୍ଟ ନୃତତ୍ତ୍ୱବିତ୍ ପ୍ରଫେସର ଏଲ୍. କେ. ମହାପାତ୍ରଙ୍କ ଜୀବନ ଓ କାର୍ଯ୍ୟକୁ ସ୍ମରଣ କରିବା ପାଇଁ ପ୍ରଫେସର ମହାପାତ୍ର ସ୍ମୃତି ଟ୍ରଷ୍ଟ, ବକୁଳ ଫାଉଣ୍ଡେଶନ ଓ ଉତ୍କଳ ବିଶ୍ୱବିଦ୍ୟାଳୟର ନୃତତ୍ତ୍ୱ ବିଭାଗ ପକ୍ଷରୁ ଦୁଇସପ୍ତାହ ବ୍ୟାପୀ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହିକ୍ରମରେ ୫ମ ପ୍ରଫେସର ଏଲ୍. କେ. ମହାପାତ୍ର ସ୍ମାରକୀ ବକ୍ତୃତା ବିଶ୍ୱବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଥିଲା। 'ସାମାଜିକ-ଆର୍ଥିକ ଓ ରାଜନୈତିକ ସମସ୍ୟାଗୁଡ଼ିକ ନିରାକରଣ ପାଇଁ ନୃତତ୍ତ୍ୱ କାହିଁକି ଆବଶ୍ୟକ' ବିଷୟରେ ଅତିଥିମାନେ ବକ୍ତବ୍ୟ ରଖିଥିଲେ। ବିଶିଷ୍ଟ ନୃତତ୍ତ୍ୱବିତ୍ ଡ. ବିଜୟ ସହାୟ କହିଲେ, ଭାରତର ପ୍ରତିଷ୍ଠିତ ନୃତତ୍ତ୍ୱ ବିଦ୍ୱାନ ଏବଂ ଓଡିଶାର ବିଶିଷ୍ଟ ସାମାଜିକ ବିଜ୍ଞାନୀ ଥିଲେ ପ୍ରଫେସର ଏଲ୍. କେ. ମହାପାତ୍ର।

୧୯୪୭ ମସିହାରେ ପ୍ରଫେସର ମହାପାତ୍ର ୧୮ ବର୍ଷ ବୟସର ହୋଇଥିବାବେଳେ ରେଭେନ୍‌ଶା ମହାବିଦ୍ୟାଳୟରେ ଏକ ନୃତତ୍ତ୍ୱ ଉପରେ ବ୍ୟାଖ୍ୟାନ ଶୁଣି ନୃତତ୍ତ୍ୱ ପଢ଼ିବାକୁ ନିଷ୍ପତ୍ତି ନେଇଥିଲେ। ତା'ପରେ ସେ ଦେଶରେ ଏକମାତ୍ର ନୃତତ୍ତ୍ୱ ଅଧ୍ୟୟନ କେନ୍ଦ୍ର ଥିବା କୋଲକାତା ବିଶ୍ୱବିଦ୍ୟାଳୟରେ ପାଠପଢ଼ିଥିଲେ। ଏଥିସହ ସେ ଦେଶବିଦେଶର ବିଭିନ୍ନ ସ୍ଥାନରେ ଦଶବର୍ଷ ଅଧ୍ୟୟନ ଓ ଗବେଷଣା କରିବା ପରେ ୧୯୭୦-୮୦ ଦଶକରେ ଓଡ଼ିଶାକୁ ଫେରି ଉତ୍କଳ ବିଶ୍ୱବିଦ୍ୟାଳୟର ନୃତତ୍ତ୍ୱ ବିଭାଗରେ ଯୋଗଦେବା ସହ ଏହାକୁ ଦେଶର ସବୁଠାରୁ ଶ୍ରେଷ୍ଠ ପରିଚୟ ଦେଇଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଯଜ୍ଞେଶ୍ୱର ଦଣ୍ଡପାଟ, ପି.ଜି. କାଉନ୍‌ସିଲ ଅଧ୍ୟକ୍ଷ ପ୍ରଫେସର ମିତାଲି ଚିନାରା ଏବଂ କିସ୍ ବିଶ୍ୱବିଦ୍ୟାଳୟର ଏମେରିଟସ୍ ପ୍ରଫେସର ଏନ୍. ସି. ଦାଶ ଯୋଗଦେଇ ପ୍ରଫେସର ମହାପାତ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

ପ୍ରଫେସର ମହାପାତ୍ରଙ୍କର ଇଣ୍ଡୋନେସିଆ ଓ ଦକ୍ଷିଣପୂର୍ବ ଏସିଆ ଅଧ୍ୟୟନକୁ ନେଇ ନଭେମ୍ବର ୬ରେ ବକୁଳ ଫାଉଣ୍ଡେଶନରେ 'ବାଲି ଅନ୍‌ଭେଲ୍‌ଡ: କାହାଣୀ, ଅଧ୍ୟୟନ ଓ ଅନ୍ୟାନ୍ୟ ପର୍ବ' କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏହାକୁ ଭାରତରେ ଅବସ୍ଥାପିତ ଇଣ୍ଡୋନେସିଆର ରାଜଦୂତ ଇନା କ୍ରୀଷ୍ଣମୂର୍ତ୍ତି ଉଦ୍‌ଘାଟନ କରିଥିଲେ। ବାଲି ବିଷୟରେ ଭ୍ରମଣ ଲେଖା, ସାଂସ୍କୃତିକ ଓ ନୃତତ୍ତ୍ୱ ଅଧ୍ୟୟନ ଏବଂ ବାଲିନୀୟ ଶିଶୁକଥା ଉପରେ ଚିତ୍ରପୁସ୍ତକ ପ୍ରଦର୍ଶନୀ ଓ ଇଣ୍ଡୋନେସିଆରେ ପ୍ରଫେସର ମହାପାତ୍ରଙ୍କ ସଂଗୃହୀତ ଫଟୋର ଏକ ପ୍ରଦର୍ଶନୀ ହୋଇଥିଲା। ଏହି ଅବସରରେ ପ୍ରଫେସର ମହାପାତ୍ରଙ୍କ କନ୍ୟା ଶୀଳାଙ୍କ ବାଲିରେ ରହଣି ଉପରେ ଏକ ଆଲୋଚନା ହୋଇଥିଲା। ଏହା ଏକ ଅଦ୍ୱିତୀୟ ନୃତାତ୍ତ୍ୱିକ ପରୀକ୍ଷଣ ଥିଲା, ଯେଉଁଥିରେ ଶୀଳା (ସେତେବେଳେ ୧୪ ବର୍ଷ) ତିନିମାସ ଧରି ଏକ ବାଲିନୀୟ ପରିବାର ସହିତ ରହି ବାଲିନୀୟ ନୃତ୍ୟ ଶିଖିଥିଲେ ଓ ସେଥିରୁ ବାଲିନୀୟ ସଂସ୍କୃତିକୁ ଅନୁଭବ କରିଥିଲେ।

ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଇତିହାସ ବିଭାଗର ପ୍ରଫେସର ଉମାକାନ୍ତ ମିଶ୍ର ଯୋଗଦେଇ କଳିଙ୍ଗର ନୌବାଣିଜ୍ୟ ଏବଂ ୧୦ମ-୧୩ମ ଶତାବ୍ଦୀରେ ଇଣ୍ଡୋନେସିଆରେ ଭାରତୀୟ ବସ୍ତ୍ର ପ୍ରତି ଚାହିଦା ବୃଦ୍ଧି ସମ୍ପର୍କରେ କହିଥିଲେ। ଷ୍ଟୋରିଟେଲର ଶିବପ୍ରିୟା ଓ ବକୁଳ ଫାଉଣ୍ଡେଶନର ପ୍ରତିଷ୍ଠାତା ସୁଜିତ ମହାପାତ୍ର ବାଲିନୀୟ କାହାଣୀ କହିଥିଲେ। ଏହି ଅବସରରେ ଏଲ. କେ. ମହାପାତ୍ର ସେଣ୍ଟର ଫର୍ ସୋସିଆଲ ସାଇନ୍ସେସ୍ ଲାଇବ୍ରେରିର ଡିଜିଟାଲ କ୍ୟାଟାଲଗ ଉନ୍ମୋଚନ କରାଯାଇଥିଲା।

ଖେଳ ଭିତରେ ବି ଅତିରିକ୍ତ ହେଳାଭାବ ଭଲ ନୁହେଁ। ଜୀବନ ଓ କର୍ମସାଧନ ବେଳେ ମଧ୍ୟ ସେହିପରି ଅତିରିକ୍ତ ଗୁରୁଗାମ୍ଭୀର୍ଯ୍ୟ ଠିକ୍ ନୁହେଁ। ଉଭୟତ୍ର ହିଁ ଆମେ ଚାହୁଁ ଖେଳର ସ୍ୱଚ୍ଛନ୍ଦଲୀଳା ଓ ଶୃଙ୍ଖଳାର ମଧ୍ୟ ଗୁରୁତ୍ୱ ଓ ନିଷ୍ଠାପରତା। -ଶ୍ରୀଅରବିନ୍ଦ

-ମହୋଦଧି ଅମାବାସ୍ୟା ଓ ଦେବ ଦୀପାବଳି



# ସୃଷ୍ଟି ତତ୍ତ୍ୱ ଓ ବ୍ରହ୍ମା



ଦେବଦତ୍ତ ପଟ୍ଟନାୟକ

ହିନ୍ଦୁଧର୍ମ ଅପରିବର୍ତ୍ତନୀୟ ବୋଲି ଘୋଷଣା କରିବାକୁ ରାଜନେତାମାନେ ସନାତନ ଧର୍ମ ଶବ୍ଦ ବ୍ୟବହାର କରିଥାନ୍ତି। ସେମାନଙ୍କ ମତରେ କେବଳ ମୁସଲମାନ ଓ ଇଂରେଜଙ୍କ ରାଜନୈତିକ ବିରୋଧ ଏହି ଧର୍ମରେ ବାଧା ସୃଷ୍ଟି କରିଥିଲେ। କିନ୍ତୁ ତାହା ବାସ୍ତବରେ ସତ ନୁହେଁ। ହିନ୍ଦୁଧର୍ମ ପରିବର୍ତ୍ତନୀୟ କି ନାହିଁ ତାହା ତ୍ରିତତ୍ତ୍ୱ ବା ତ୍ରିଦେବ ବିଷୟକୁ ଦେଖିଲେ ଜଣାପଡ଼ିବ। ଏବେ ଆମେ ସୃଷ୍ଟିକର୍ତ୍ତା ବ୍ରହ୍ମା, ପାଳନକର୍ତ୍ତା ବିଷ୍ଣୁ ଓ ସଂହାରକର୍ତ୍ତା ଶିବଙ୍କ କଥା କହୁଛୁ। କିନ୍ତୁ ବୈଦିକ କର୍ମକାଣ୍ଡ ବା ଧର୍ମୀୟ କ୍ରିୟା ସମ୍ପାଦନ କରୁଥିବା ଚତୁର୍ମୁଖୀ ବ୍ରହ୍ମାଙ୍କ ଅବଧାରଣା ହିନ୍ଦୁ ଇତିହାସରେ ବହୁ ପରେ ଅର୍ଥାତ୍ ୨,୦୦୦ ବର୍ଷ ପୂର୍ବେ ପ୍ରକାଶ ପାଇଛି। ଏହି ବ୍ରହ୍ମାଙ୍କ ସମ୍ପର୍କରେ ବୈଦିକ ଶାସ୍ତ୍ରରେ ଆଦୌ ଉଲ୍ଲେଖ ନାହିଁ। ୩,୦୦୦ ବର୍ଷରୁ ଅଧିକ ପୁରାତନ ବୈଦିକ ପୁରାଣରେ ଉଲ୍ଲେଖ ରହିଥିବା ବ୍ରାହ୍ମଣ ବ୍ରହ୍ମାଣ୍ଡ ଶକ୍ତିକୁ ସୂଚିତ କରେ, ଯାହାକୁ ଜପ ଓ ମନ୍ତ୍ର ଦ୍ୱାରା ଆହ୍ୱାନ କରାଯାଇଥାଏ। ଧ୍ୱନି ମାଧ୍ୟମରେ ବିଷୟଗୁଡ଼ିକୁ ପରିବର୍ତ୍ତନ କରିବା ସକାଶେ ଏହା ହେଉଛି ଗୁପ୍ତ ତତ୍ତ୍ୱ ଓ ଶକ୍ତି। ପରେ ଉପନିଷଦରେ ବର୍ଣ୍ଣିତ ଏହି ବ୍ରାହ୍ମଣ ବ୍ରହ୍ମାଣ୍ଡରେ ପରମଶକ୍ତିକୁ ସୂଚିତ କରିଛି ଏବଂ ଏହାର ଚତୁର୍ମୁଖୀ ବ୍ରହ୍ମାଙ୍କ ସହ କୌଣସି ସମ୍ପର୍କ ନାହିଁ।

ସୃଷ୍ଟିକର୍ତ୍ତାଙ୍କ ପୁରୁଷ ରୂପର ଧାରଣା ପ୍ରଥମେ ଋକ୍‌ବେଦରେ ସାମ୍ନାକୁ ଆସିଛି, ଯିଏ ହେଉଛନ୍ତି ବହୁମୁଖୀ ଓ ବହୁ ବାହୁ ଧାରଣ କରିଥିବା ସର୍ବପ୍ରାଚୀନ ଜୀବସତ୍ତା। ସିଏ ବିଭିନ୍ନ ଭାଗରେ ବିଭାଜିତ ହୋଇଥିଲେ ; ଯେଉଁଥିରୁ ପ୍ରକୃତିର ସୂର୍ଯ୍ୟ, ଚନ୍ଦ୍ର, ପାଣି, ପବନ ଏବଂ ଶେଷରେ ଗ୍ରହ ଓ ପ୍ରାଣୀ ସୃଷ୍ଟି ହୋଇଥିଲେ। ପରେ ବ୍ରାହ୍ମଣ ଭାବେ ଜଣାଶୁଣା ବୈଦିକ କର୍ମକାଣ୍ଡ ଗ୍ରନ୍ଥରେ ଆମକୁ କୁହାଯାଇଛି ଯେ, ସେହି ପୁରୁଷ ସର୍ବପ୍ରଥମେ ଜନ୍ମ ନେଇଥିଲେ ଏବଂ ଏକୁଟିଆ ଅନୁଭବ କରିଥିଲେ। ଏଣୁ ସେ ସାଥୀ ସୃଷ୍ଟି କଲେ। ତାଙ୍କୁ ଭୋକ ହେବାରୁ ସେ ଖାଦ୍ୟ ସୃଷ୍ଟି କଲେ। ଜିଜ୍ଞାସା ଆସିଲା ଓ ସେ ଜ୍ଞାନ ସୃଷ୍ଟି କଲେ। ସେହି ପୁରୁଷଙ୍କ ସାଥୀ, ଖାଦ୍ୟ ଓ ଜ୍ଞାନ ଦେବୀଙ୍କ ରୂପ ନେଲା। ସମାନ ବୈଦିକ ଧର୍ମୀୟ କ୍ରିୟାରେ ମଧ୍ୟ ସନ୍ତାନ ଦେବ କିମ୍ବା ପ୍ରଜାପତିଙ୍କ ସମ୍ପର୍କରେ ଉଲ୍ଲେଖ ରହିଛି। କର୍ମକାଣ୍ଡ ଗ୍ରନ୍ଥରେ ବିଭିନ୍ନ କାହାଣୀରେ ତାଙ୍କୁ ମତ୍ସ୍ୟ ଭାବେ ବର୍ଣ୍ଣନା କରାଯାଇଛି, ଯିଏ କି ମହାବନ୍ୟାରୁ ମନୁଙ୍କୁ



ଉଦ୍ଧାର କରିଛନ୍ତି। କଇଁଛ ପିଠିରେ ପୃଥିବୀ ରହିଛି ଏବଂ ମହାବନ୍ୟା ବା ମହାପ୍ରଳୟରେ ବରାହ ସମୁଦ୍ରକୁ ଲମ୍ଫ ଦେଇ ବୁଡ଼ିଯାଉଥିବା ପୃଥିବୀକୁ ରକ୍ଷା କରିଛି। ପ୍ରଜାପତି ତାଙ୍କ ଶ୍ୱାସରୁ ଜୀବଙ୍କୁ ଜନ୍ମ ଦେଇଛନ୍ତି ଏବଂ ଅନ୍ୟ ମଣିଷ ଓ ଦେବତାଙ୍କ ସହ ଭାବନା ଆଦାନପ୍ରଦାନ ପାଇଁ କଥା ହେବାର ଶକ୍ତି ଦେଇଛନ୍ତି। ଭାବନା, ଚିନ୍ତା, ସମୟ, ମୃତ୍ୟୁ, ଯଜ୍ଞ କର୍ମକାଣ୍ଡ, ସୂର୍ଯ୍ୟ ଓ ଚନ୍ଦ୍ର ସୃଷ୍ଟି ପଛରେ ପ୍ରଜାପତିଙ୍କ ଭୂମିକା ରହିଛି। ଏଣୁ ବୈଦିକ କର୍ମକାଣ୍ଡର ନିୟମାବଳୀରେ ପ୍ରଜାପତି ହେଉଛନ୍ତି ଜଣେ ଗୁରୁତ୍ୱପୂର୍ଣ୍ଣ ଚରିତ୍ର। ପ୍ରଜାପତିଙ୍କ ସମ୍ପର୍କରେ ଏହିସବୁ କାହାଣୀ ହେଉଛି ମୂଳ ଇତିହାସ। ବୈଦିକ ରୀତିନୀତିକୁ ବୁଝାଇବା ପାଇଁ ଏହି କାହାଣୀଗୁଡ଼ିକୁ ଆମକୁ କୁହାଯାଇଥିଲା।

ଆଉ ଏକ କାହାଣୀରେ ପ୍ରଜାପତିଙ୍କୁ ଦେବ ଓ ଅସୁରଙ୍କ ପିତା ଭାବେ ଦର୍ଶାଯାଇଛି। ତାଙ୍କ ସନ୍ତାନମାନେ ଖାଦ୍ୟ ସକାଶେ ଲଗାତର କଳହରେ ଲିପ୍ତ ହେବା ସେ ଦେଖିଛନ୍ତି। ଏହା ସହ ଶତପଥ ବ୍ରାହ୍ମଣରେ ପ୍ରଥମଥର ପାଇଁ ଦେବତା ଓ ଅସୁରଙ୍କ ମଧ୍ୟରେ ପ୍ରଥମ ବିଭାଜନ ଆମେ ଦେଖିବାକୁ ପାଉ। ଅସୁରମାନେ ନିଜେ ଖାଇ ସେମାନଙ୍କ ପେଟ ଭରୁଥିବାବେଳେ ଦେବତାମାନେ ପରସ୍ପର ମଧ୍ୟରେ ବାଣ୍ଟି ଖାଉଥିଲେ। ଦେବତାଙ୍କର ଏହି କାର୍ଯ୍ୟ ସେମାନଙ୍କୁ ଉଚ୍ଚତର ସ୍ତରକୁ ନେଇଯାଇଥିଲାବେଳେ ଅସୁରମାନେ ନୀଚସ୍ତରର ଜୀବ ଭାବେ ବିବେଚିତ ହୋଇଥିଲେ। ଅନ୍ୟ ଏକ କାହାଣୀରେ କୁହାଯାଇଛି ଯେ, ଅସୁର ରାଜା ବିରୋଚନ ଦର୍ପଣକୁ ଚାହିଁଛନ୍ତି ଏବଂ ନିଜର ପ୍ରତିଫଳନ ହୋଇଛି। ଅନ୍ୟପଟେ ଦେବରାଜ ଇନ୍ଦ୍ର ଦର୍ପଣକୁ ଚାହିଁବା କ୍ଷଣି ସେଥିରେ ନିଜ ଶରୀର ତାଙ୍କ ଆତ୍ମା ମଧ୍ୟରେ ଆବୃତ ହୋଇ ରହିବା ଏବଂ ପ୍ରକୃତ ଆତ୍ମା ଅଦୃଶ୍ୟ ବୋଲି ଅନୁଭବ କରିଛନ୍ତି। ସେଥିପାଇଁ ପ୍ରଜାପତି ଦେବତାଙ୍କ ଦ୍ୱାରା ପ୍ରଭାବିତ ହୋଇ ସେମାନଙ୍କୁ ପରମପଦକୁ ନେଇଯାଇଛନ୍ତି। ଥରେ ଦେବତା, ଅସୁର ଓ ମଣିଷମାନେ ପ୍ରଜାପତିଙ୍କ ପାଖକୁ ଯାଇ କହିଲେ ଯେ, ଜୀବନରେ ସମସ୍ୟା ସମାଧାନର ବାଟ କ'ଣ। ସେ ସବୁକିଛି ଉତ୍ତର 'ଦ' ଶବ୍ଦରେ ଦେଇଛନ୍ତି। ଦେବତାମାନେ ଏହାର ଅର୍ଥ 'ଦମୟତ' କିମ୍ବା ସେମାନଙ୍କ ଭୋଗବାଦୀ ଜୀବନଶୈଳୀର ସଂଯମ ବୋଲି ମନେକରିଛନ୍ତି। ଅସୁରମାନେ ଏହାର ଅର୍ଥ 'ଦୟା' କିମ୍ବା ସେମାନଙ୍କ କ୍ରୂର ଜୀବନଶୈଳୀର ସଂଯମତା ବୋଲି ଭାବିଛନ୍ତି। ମଣିଷମାନେ ଭାବିଛନ୍ତି ଯେ, ଏହାର ଅର୍ଥ ହେଉଛି 'ଦତ୍ତ' କିମ୍ବା ଉଦାରତା। ଏଣୁ ସମସ୍ତେ ତାଙ୍କ ପିତା ପ୍ରଜାପତିଙ୍କଠାରୁ ଉତ୍ତର ପାଇଯାଇଛନ୍ତି।

ପରେ ପୁରାଣ ଶାସ୍ତ୍ରରେ ଦେବତା ଓ ଅସୁରଙ୍କ ପିତା ଏହି ପ୍ରଜାପତିଙ୍କୁ ବ୍ରହ୍ମା ଭାବେ ଉଲ୍ଲେଖ କରାଯାଇଛି। ଏଣୁ ହିନ୍ଦୁ ବୈଦିକ ଶାସ୍ତ୍ରରେ ସୃଷ୍ଟିକର୍ତ୍ତା ସବୁବେଳେ ପୁରୁଷ ଏବଂ ସବୁ ସନ୍ତାନ ସୃଷ୍ଟିକାର୍ଯ୍ୟକୁ ନିଜ ଅଧୀନରେ ରଖିଛନ୍ତି। ଏପରିକି ବ୍ରହ୍ମାଙ୍କର କୌଣସି ଜଣେ ସ୍ତ୍ରୀ ଥିବା ସ୍ପଷ୍ଟ ଭାବେ ସୂଚିତ କରାଯାଇନାହିଁ, ଯଦିଓ ବେଳେବେଳେ ସମନ୍ୱୟ ରକ୍ଷା କରିବା ସକାଶେ ସରସ୍ୱତୀଙ୍କୁ ସ୍ତ୍ରୀ ଭାବେ ଦର୍ଶାଯାଇଛି। ଅନେକ ପୁତ୍ର ସୃଷ୍ଟି କରିପାରୁଥିବା ବ୍ରହ୍ମାଙ୍କୁ ଆମେ ଜାଣୁ। କିନ୍ତୁ କଶ୍ୟପ ଓ ଅତ୍ରି ନାମକ ଋଷିଙ୍କର ମଧ୍ୟ ସ୍ତ୍ରୀ ଥିଲେ ଏବଂ ସେମାନେ ଅନେକ ପିଲା ସୃଷ୍ଟି କରିପାରିଛନ୍ତି। ଏଣୁ କଶ୍ୟପଙ୍କ ସ୍ତ୍ରୀ ଥିଲେ ଯେଉଁମାନେ ସାପ, ପକ୍ଷୀ ଏବଂ ଦେବତା ଓ ଅସୁରଙ୍କୁ ମଧ୍ୟ ଜନ୍ମ ଦେଇଛନ୍ତି।

ସେହି ବୈଦିକ ସମୟରେ ବିଷ୍ଣୁ ବିଶ୍ୱର ପାଳନକର୍ତ୍ତା ଭାବେ ସାମ୍ନାକୁ ଆସିଛନ୍ତି ଏବଂ ପ୍ରଜାପତିଙ୍କ ଉପଯୁକ୍ତ ଗୁଣକୁ ଗ୍ରହଣ କରିଛନ୍ତି। ଏଣୁ ବୈଦିକ କର୍ମକାଣ୍ଡରେ ବର୍ଣ୍ଣନା କରାଯାଇଥିବା ପ୍ରଜାପତି, ମତ୍ସ୍ୟ, କଚ୍ଛପ, ବରାହ ମଧ୍ୟରୁ ବିଷ୍ଣୁ ପୁରାଣରେ ବିଷ୍ଣୁ ପ୍ରଥମ ତିନି ଅବତାର ହୋଇଛନ୍ତି। ଏହି ବିଷ୍ଣୁ ପ୍ରଜାପତିଙ୍କ କେତେକ ନିର୍ଦ୍ଦିଷ୍ଟ ଦାୟିତ୍ୱ ତୁଲାଇଛନ୍ତି ଏବଂ ପ୍ରଜାପତି ବ୍ରହ୍ମା ପାଲଟି ଯାଇଛନ୍ତି। ପରେ ସମୟକ୍ରମେ ୫୦୦ ଖ୍ରୀଷ୍ଟାବ୍ଦ ସୁଦ୍ଧା ଏକ ନୂଆ ପୁରାଣ ସାମ୍ନାକୁ ଆସିଛି, ଯେଉଁ ସମୟରେ ଲୋକେ ବୈଦିକ ସମୟର ପ୍ରାଚୀନ ପୁରୁଷଙ୍କୁ ଭୁଲି ଯାଇଛନ୍ତି।

ହିନ୍ଦୁଧର୍ମର ଏକ ଇତିହାସ ରହିଛି। ସମୟ ସ୍ରୋତରେ ଦେବତାମାନେ ପ୍ରକାଶ ପାଇଛନ୍ତି ଓ ଅଦୃଶ୍ୟ ହୋଇ ଯାଇଛନ୍ତି। ଏପରିକି ସୃଷ୍ଟିକର୍ତ୍ତାଙ୍କୁ ମଧ୍ୟ ସୃଷ୍ଟି କରାଯାଇଥିଲା। ପ୍ରଚାର ସାଧନକୁ ବ୍ୟବହାର କରି ଇତିହାସକୁ ଅସ୍ୱୀକାର କରିବା ଏବଂ ଏପାଖସେପାଖ କରିବା ଏକ ଅପ୍ରଭାବୀ କାର୍ଯ୍ୟ। ଏହା କେବେବି କୌଣସି ଧର୍ମ ପାଇଁ କାମ କରିବ ନାହିଁ।

-devduttofficial@gmail.com

# ନଦୀମନସ୍କ ହେବା



କମଳଲୋଚନ ପଣ୍ଡା

ପୂର୍ବରୁ ନଦୀପଥ ଥିଲା ଜୀବନ ଜୀବିକାର ଏକମାତ୍ର ପନ୍ଥା ଓ ପରିବହନର କର୍ମଶାଳା। ସାମ୍ପ୍ରତିକ ସ୍ଥିତିରେ ଆଧୁନିକତାର ସ୍ପର୍ଶରେ ଦୁନିଆ ବଦଳିଥିଲେ ମଧ୍ୟ ଏବେ ବି ଓଡ଼ିଶାର ବହୁ ସ୍ଥାନରେ ଲୋକେ ନଦୀ ଉପରେ ନିର୍ଭରଶୀଳ। ଓଡ଼ିଶାରେ ୧୨ରୁ ଅଧିକ ବଡ଼ ନଦୀ ଥିବା ବେଳେ ଏସବୁ ବିଭିନ୍ନ ସମୟରେ ବିଭିନ୍ନ କାରଣରୁ ପ୍ରଦୂଷିତ ହେଉଛି। ସହର, ଜନବସତି, ଡାକ୍ତରଖାନା ଓ କଳକାରଖାନାଗୁଡ଼ିକର ବର୍ଜ୍ୟବସ୍ତୁ ଓ ପାଣି, ନଦୀକୁ ସିଧାସଳଖ ଭାବରେ ଛାଡି ଦିଆଯିବା ଫଳରେ ନଦୀଗୁଡିକ ପ୍ରଦୂଷିତ ହେଉଛି। ଓଡ଼ିଶାର ପ୍ରାୟ ସମସ୍ତ ନଦୀ ମାତ୍ରାଧିକ ପ୍ରଦୂଷଣ ଓ ଜବରଦଖଲର ଶିକାର ହୋଇ ମୃତବତ ଅବସ୍ଥାକୁ ଚାଲିଗଲେଣି। ରାଜ୍ୟର ଜଳ ସମ୍ପଦର ମୁଖ୍ୟ ଉତ୍ସ ହେଉଛି ଆମର ନଦୀ। ଏଗୁଡ଼ିକର ସୁରକ୍ଷା ପାଇଁ ଏବେଠୁ ପଦକ୍ଷେପ ନ ନେଲେ ଭବିଷ୍ୟତରେ ଓଡ଼ିଶା ଗମ୍ଭୀର ଜଳ ସଙ୍କଟର ସମ୍ମୁଖୀନ ହେବ। ଓଡ଼ିଶାରେ ନଦୀଗୁଡିକର ଅବସ୍ଥା ପ୍ରତି ଦୃଷ୍ଟି ଦେଲେ ଦେଖାଯାଏ ଯେ ସବୁଠାରୁ ବଡ଼ ନଦୀ ମହାନଦୀ ଏବେ ଶୁଖିଲା। ସମ୍ବଲପୁରରେ ମହାନଦୀ ଆଉ ନଦୀ ହୋଇ ରହିନାହିଁ। ଏହା ଏକ ନାଳରେ ପରିଣତ ହୋଇଯାଇଛି। ଓଡ଼ିଶାରେ ୪୯୪ କିଲୋମିଟର ପରିବ୍ୟାପ୍ତ ହୋଇଛି ମହାନଦୀ। ଏହି ନଦୀଟିରେ ଜଳ ପ୍ରବାହ କମିବା ଯୋଗୁ ନିଜକୁ ସଫା କରିବାରେ କ୍ଷମତା ମଧ୍ୟ ହରାଇ ଚାଲିଛି। ନଦୀ ଜଳରେ କଳକାରଖାନାରୁ ଆସୁଥିବା ଦୂଷିତ ବର୍ଜ୍ୟବସ୍ତୁର ବିଷ ମିଶୁଥିଲେ ହେଁ ସ୍ୱେରେଜ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ କେଉଁଠି ହେଲେ କାର୍ଯ୍ୟକାରୀ ହୋଇନାହିଁ। ପ୍ରତ୍ୟେକ ନଦୀର ନିଜସ୍ୱ ଜଳ ବିଶୋଧନ ପ୍ରକ୍ରିୟା ଶକ୍ତି ଥିଲେ ହେଁ ତାହା ପ୍ରବାହମାନ ହୋଇ ନ ପାରିଲେ ବିଶୋଧନ କ୍ଷମତା ଆପେ ଆପେ ହରାଇଥାଏ। ଏହି ଭଳି କିଛିଦିନ ହେଲା ମହାନଦୀର ଶାଖା ପ୍ରଶାଖା ନଦୀସବୁରେ ଜଳ ପ୍ରବାହ ନ ଥିବାରୁ ଅଧିକାଂଶ ନଦୀର ଜଳ ପ୍ରଦୂଷିତ ହେବାରେ ଲାଗିଛି। ଓଡ଼ିଶାରେ ପ୍ରବାହିତ ଅଧିକାଂଶ ନଦୀ ଏବେ ବ୍ୟବହାର ଉପଯୋଗୀ ହୋଇ ରହିନାହିଁ। ସେଥି ପାଇଁ ନଦୀ ବଞ୍ଚାଅ ଆନ୍ଦୋଳନ ମୁଣ୍ଡ ଟେକିଉଠିଛି। ଦୀର୍ଘଦିନରୁ ମହାନଦୀ ବଞ୍ଚାଅ ଆନ୍ଦୋଳନ, ନିର୍ମଳ ଦୟାନଦୀ, ଓଡ଼ିଶା ନଦୀ ସୁରକ୍ଷା ସମିତି, ଚିଲିକା ବଞ୍ଚାଅ, ବ୍ରାହ୍ମଣୀ ନଦୀ ପୁନରୁଦ୍ଧାର, ଖରସ୍ରୋତା ନଦୀ ବଞ୍ଚାଅ, ବୈତରଣୀ ନଦୀର ପୁନରୁଦ୍ଧାର ଆନ୍ଦୋଳନ ହୋଇଆସୁଛି। ମହାନଦୀ ଜଳ ବିବାଦର ସମାଧାନ ପାଇଁ ଯଦି ଆମେ ଟ୍ରିବ୍ୟୁନାଲ ଉପରେ ନିର୍ଭର କରିବା ତେବେ ତାହା ଆମ ପାଇଁ ଆତ୍ମଘାତି ହେବ। ଦେଶରେ ଯେତେ ନଦୀ ଜଳ ବିବାଦ ଟ୍ରିବ୍ୟୁନାଲ ବସିଛି କୌଣସି ଗୋଟିଏ ଜଳ ବିବାଦ ସମାଧାନ ଦିଗରେ ଏହା ସଫଳ ହୋଇଛି ବୋଲି କୁହାଯାଇ ପାରିବ ନାହିଁ। ତେଣୁ ମହାନଦୀ ଜଳ ବିବାଦର ସମାଧାନ ପାଇଁ ବିକଳ୍ପ ରାସ୍ତା ବାହାର କରିବା ଆବଶ୍ୟକ। ଏବେ ଖଣି କମ୍ପାନୀ ପାଇଁ ବୈତରଣୀ ଓ ବ୍ରାହ୍ମଣୀ ବିପଦଗ୍ରସ୍ତ ହୋଇପଡ଼ିଛି। ପାଣିର ପ୍ରଦୂଷଣ ମାତ୍ରା ଅତ୍ୟନ୍ତ ଗମ୍ଭୀର ସ୍ଥିତିରେ ରହିଛି।

ଏସିଆର ଦ୍ୱିତୀୟ ବୃହତ୍ତମ ହ୍ରଦ ଚିଲିକା କ୍ରମଶଃ ପ୍ରଦୂଷିତ ଓ ସଙ୍କୁଚିତ ହେବାରେ ଲାଗିଛି। ପ୍ରାୟ୧୧୦୦ ବର୍ଗ କିଲୋମିଟରରୁ ସଙ୍କୁଚିତ ହୋଇ ୭୫୦ବର୍ଗ କିଲୋମିଟରରେ ସୀମିତ ରହିଛି। ଦକ୍ଷିଣ ଓଡ଼ିଶାରେ ଥିବା ପ୍ରମୁଖ ନଦୀ ବ୍ରାହ୍ମଣୀ, ଖରସ୍ରୋତା ପ୍ରମୁଖ ନଦୀ ଏବେ ଶୁଖିଲା ପଡ଼ିଛି। ନଦୀ ଉପରେ ନିର୍ଭର କରୁଥିବା ଓଡ଼ିଶାର ଜନଜୀବନ, ଅର୍ଥନୀତି, ଗମନାଗମନ, ତୀର୍ଥକ୍ଷେତ୍ରଗୁଡିକ ବିପନ୍ନ ହେବାକୁ ବସିଲାଣି। ଚାଷ, ମତ୍ସ୍ୟ ସମ୍ପଦ, ତୈଳବୀଜ ଫସଲ, ବର୍ଷରେ ଋତୁ ଅନୁଯାୟୀ ଉତ୍ପାଦିତ ଫସଲ ଲୋପ ପାଇ ଚାଲିଛି। ଓଡ଼ିଶାର ବିଭିନ୍ନ ନଦୀର ଶଯ୍ୟା ଓ ପଠାଜମି ଜବର ଦଖଲ ଯୋଗୁ ନଦୀଗୁଡିକ ସଙ୍କୁଚିତ ହୋଇଯାଉଛି ତାହା ସହିତ ବର୍ଷାଦିନେ ଜଳ ନିଷ୍କାସନ ନ ହେବା ଯୋଗୁ ପ୍ରବଳ ବନ୍ୟା ସୃଷ୍ଟି କରୁଛି। ନଦୀ ସୁରକ୍ଷା ପାଇଁ ଓଡ଼ିଶାର ପ୍ରତ୍ୟେକ ନଦୀର ଜମିକୁ ଚିହ୍ନଟ କରିବା ଆବଶ୍ୟକ। ଏବେ କିଛି ବର୍ଷ ହେଲା ଯେପରି ପାଣିପାଗର ପରିବର୍ତ୍ତନ ଘଟିଛି ସେଥିପ୍ରତି ଦୃଷ୍ଟି ଦେଇ ଝରଣା ପାଣିର ଉତ୍ସକୁ ମୁକ୍ତ ରଖିବା ସହିତ ଏହାର ସଂରକ୍ଷଣ ପାଇଁ ବ୍ୟବସ୍ଥା କରିବା ଆବଶ୍ୟକ।

ଗ୍ରନ୍ଥାଗାର ସହାୟକ, ଫକୀରମୋହନ ବିଶ୍ୱବିଦ୍ୟାଳୟ
ମୋ: ୭୩୨୭୦୨୮୯୭୮

## ଏଇ ଭାରତରେ

ଚେନ୍ନାଇର ପେରୁଙ୍ଗୁଡ଼ି ବର୍ଜ୍ୟ ପାହାଡ଼ ଭାବେ ଜଣାଶୁଣା। ୯୬ ଏକରରେ ଏହା ପରିବ୍ୟାପ୍ତ। ଏଠାରେ ୧.୭ ମିଲିୟନ କ୍ୟୁବିକ ମିଟର ବର୍ଜ୍ୟ ଠୁଳ ହୋଇଥାଏ। କହିବାକୁ ଗଲେ ଏହାର ଆକାର ୨୦ଟି ଫୁଟବଲ ଖେଳପଡ଼ିଆ ସହ ସମାନ। ଏବେ ଏହି ବର୍ଜ୍ୟକୁ ରିସାଇକେଲ କରାଯାଇ ବ୍ୟବହାରଯୋଗ୍ୟ ବୋତଲ, ଫର୍ନିଚର ଓ ସ୍ଲାବ୍ ଆଦି ତିଆରି କରାଯାଉଛି। ଷ୍ଟିଲ୍ ବର୍ଜ୍ୟରୁ ବାସନ ଓ ହାର୍ଡୱେର ଜିନିଷ କରାଯିବା ସହ କାଚ ବର୍ଜ୍ୟରୁ ବୋତଲ ଓ ପଥରରୁ ସ୍ଲାବ ପ୍ରସ୍ତୁତ ହେଉଛି। ପ୍ଲାଷ୍ଟିକ ବର୍ଜ୍ୟରୁ ପୁନଃ ରିସାଇକେଲଯୋଗ୍ୟ ଆଉଟ୍‌ଡୋର ଫର୍ନିଚର, ର୍ୟାମ୍ପ ଆଦି ତିଆରି କରାଯାଉଛି। ଏବେ ସୁଦ୍ଧା ୩,୦୦୦ ଟନ୍ କାଚ ରିସାଇକେଲ କରାଯାଇ ସାରିଲାଣି। ଏହି କାର୍ଯ୍ୟ ବ୍ଲୁ ପ୍ଲାନେଟ ଏନ୍‌ଭାଇରନ୍‌ମେଣ୍ଟ ସଲ୍ୟୁଶନ ଦ୍ୱାରା କରାଯାଉଛି। ପେରୁଙ୍ଗୁଡ଼ିରୁ ପ୍ରତିଦିନ ୯,୦୦୦ ଟନ୍ ବର୍ଜ୍ୟ ବାହାର କରିନିଆଯାଇ ରିସାଇକେଲ ପାଇଁ ବିଭିନ୍ନ ପ୍ରକାର ବର୍ଜ୍ୟକୁ ପୃଥକ କରାଯାଉଛି ଏବଂ ଏହାର ସୁରକ୍ଷା ଦିଗକୁ ଯାଞ୍ଚ କରାଯାଉଛି। ବ୍ଲୁ ପ୍ଲାନେଟ ତରଫରୁ ଏଭଳି ବର୍ଜ୍ୟ ପରିଚାଳନା କାର୍ଯ୍ୟ ଅନ୍ୟ ୯ଟି ରାଜ୍ୟରେ ଆରମ୍ଭ କରାଯାଇଛି। ଭାରତରେ ସହରଗୁଡ଼ିକରେ ବର୍ଷକୁ ୬୨ ମିଲିୟନ ଟନ୍ ବର୍ଜ୍ୟ ବାହାରୁଥିବା ବେଳେ ବ୍ଲୁ ପ୍ଲାନେଟର ଏଭଳି ପଦକ୍ଷେପ ପ୍ରଦୂଷଣ ସମସ୍ୟା ସମାଧାନ କରିବାରେ ସାହାଯ୍ୟ କରିବ।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

୨୦ ନଭେମ୍ବର ୧୯୭୬

- ରାଜ୍ୟର ବିଶିଷ୍ଟ ସମାଜସେବୀ ପ୍ରଭାମୟୀ ଦେବୀଙ୍କ ୫୦ ବର୍ଷ ବୟସରେ ପରଲୋକ।
- ଭାରତ ଓ ବୁଲ୍‌ଗେରିଆ ମଧ୍ୟରେ କଳା ଓ ସଂସ୍କୃତି କ୍ଷେତ୍ରରେ ସହଯୋଗ ବୃଦ୍ଧି ନେଇ ସାଂସ୍କୃତିକ ବିନିମୟ କାର୍ଯ୍ୟକ୍ରମ ଚୁକ୍ତି ସ୍ୱାକ୍ଷରିତ।
- ଆନ୍ତର୍ଜାତିକ ବଜାରରେ ଷ୍ଟର୍ଲିଂ କାରବାରକୁ କମାଇ ଦେବା ନିମନ୍ତେ ବ୍ରିଟେନ କେତେକ କଠୋର ବ୍ୟବସ୍ଥା ଗ୍ରହଣ କରିଛି।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 1 | | | | 3 | 4 | | |
| 7 | | | | 8 | | | | |
| 5 | | 6 | | | | | | |
| | 8 | | | | 7 | 1 | 9 | |
| | | | | 5 | 6 | | | 2 |
| | | | | 4 | | | | |
| | | 1 | | | | | | 5 |
| | | | | 2 | | | 3 | 8 |
| 2 | | 3 | | 7 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 7 | 2 | 4 | 8 | 3 | 1 | 5 | 6 |
| 8 | 5 | 3 | 1 | 6 | 2 | 7 | 4 | 9 |
| 1 | 4 | 6 | 5 | 9 | 7 | 3 | 2 | 8 |
| 2 | 8 | 7 | 3 | 1 | 9 | 5 | 6 | 4 |
| 3 | 1 | 5 | 6 | 2 | 4 | 8 | 9 | 7 |
| 4 | 6 | 9 | 7 | 5 | 8 | 2 | 3 | 1 |
| 5 | 9 | 8 | 2 | 7 | 6 | 4 | 1 | 3 |
| 7 | 3 | 1 | 9 | 4 | 5 | 6 | 8 | 2 |
| 6 | 2 | 4 | 8 | 3 | 1 | 9 | 7 | 5 |

ଗତକାଲିର ଉତ୍ତର

# କୂଟନୀତି ଅନ୍ତରାଳେ



ହରେକୃଷ୍ଣ ପଣ୍ଡା

ଏକ ଐତିହାସିକ ବିବରଣୀ ଉପରେ ଶ୍ରୀଅରବିନ୍ଦ କହିଥିଲେ - ବାହ୍ୟ ଦୃଷ୍ଟିର ଅନ୍ତରାଳେ ଘଟୁଥିବା ଘଟଣାବଳୀକୁ ଇତିହାସ କ୍ୱଚିତ ଲିପିବଦ୍ଧ କରିଥାଏ। ଏହା କେବଳ ପରଦାର ସାମ୍ନାରେ ଘଟିଥିବା ଘଟଣାବଳୀକୁ ଲିପିବଦ୍ଧ କରେ। ଫଳରେ ୟୁରୋପରେ ବହୁ ଲକ୍ଷ ଲୋକଙ୍କ ଉପରେ ଯୁଦ୍ଧର ବିଭୀଷିକା ଅନ୍ତରାଳେ ଘଟିଥିବା ଘଟଣା ଅଲିଖିତ ରହିଯାଇଛି। ଠିକ୍ ସେହିପରି ଆମେରିକାର ବୈଦେଶିକ ନୀତିର ସାମ୍ନାପଟକୁ ଦେଖି ଭିନ୍ନବାଦୀ ଯେଉଁ ମତ ପୋଷଣ କରୁଛନ୍ତି ତାହା କିମ୍ଭୂତକିମାକର ମନେହୁଏ। ଏବେ ବି ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ଯୁଦ୍ଧର ମାନସିକତା ଉଗ୍ର ରୂପରେ ରହିଛି। ସେମାନଙ୍କ ମଧ୍ୟରେ ଉଚ୍ଚତର ଶକ୍ତିର ଅବତରଣ ହୋଇନାହିଁ, ଯାହା ଭାରତରେ ହୋଇଛି। ଭାରତର ବୈଦେଶିକ ନୀତିରେ ଯାହା ଘଟୁଛି ତାହା ଅନ୍ୟାନ୍ୟ ଦେଶଗୁଡ଼ିକରେ ଯଦି ସମ୍ଭବ ହୋଇପାରନ୍ତା ତେବେ ବିଶ୍ୱରେ ଶାନ୍ତି ପ୍ରତିଷ୍ଠା କେଉଁଦିନରୁ ହୋଇସାରନ୍ତାଣି। ଭାରତର ବୈଦେଶିକ ନୀତି ପ୍ରକୃତରେ ଯାହା ତାହା କାର୍ଯ୍ୟ ଦ୍ୱାରା ଆକଳନ କରାଯାଇ ପାରିବନାହିଁ। ସମୟର ସ୍ରୋତକୁ ନେଇ ମଧ୍ୟ ଆକଳନ ହୋଇ ପାରିବନାହିଁ। ଅନ୍ତର୍ଦୃଷ୍ଟିସମ୍ପନ୍ନ ହେଲେ ତା'ର ଆକଳନ କରାଯାଇପାରିବ, ଯେଉଁଥିପାଇଁ ଭାରତର ବୈଦେଶିକ ନୀତିକୁ ଅନମନୀୟ ବୋଲି କୁହାଯାଇଛି।

ଦେଖିବାକୁ ଗଲେ ଭାରତ ବହୁ ପ୍ରତିକୂଳ ପରିସ୍ଥିତିରେ ଥାଇ ମଧ୍ୟ ବୈଦେଶିକ ନୀତିରେ ନିରପେକ୍ଷତା, ବସୁଧୈବ କୁଟୁମ୍ବକମ ନୀତିରୁ ଓହରିନାହିଁ। ସାମର୍ଥ୍ୟହୀନ ପାକିସ୍ତାନ ଯେପରି ଦୀର୍ଘ ବର୍ଷ ଧରି ଭାରତ ସହ ଶତ୍ରୁତା ଆଚରଣ କରିଆସିଛି ଏବଂ ଆତଙ୍କବାଦୀଙ୍କୁ ପାଳନ ପୋଷଣ କରି ଭାରତର କ୍ଷତି ସାଧନ କରିଚାଲିଛି, ଭାରତ ଚାହିଁଥିଲେ ତାହା କେଉଁଦିନରୁ ଶେଷ ହୋଇସାରନ୍ତାଣି। କିନ୍ତୁ ଭାରତ ଅପରେଶନ ସିନ୍ଦୂରରେ ଶକ୍ତି ପ୍ରଦର୍ଶନ କରିବା ଅର୍ଥ ପାକିସ୍ତାନ ଆତଙ୍କବାଦକୁ ଛାଡ଼ି ଠିକ୍ ବାଟକୁ ଫେରି ଆସୁ। ସେହିପରି ଅନ୍ୟତମ ପଡ଼ୋଶୀ ରାଷ୍ଟ୍ର ବାଂଲାଦେଶର ପ୍ରଧାନମନ୍ତ୍ରୀ ଭାରତର ଶରଣାପନ୍ନ। ବାଂଲାଦେଶ ବାରମ୍ବାର ତାଙ୍କୁ ଫେରାଇଦେବାକୁ ଦାବି କରୁଛି। କିନ୍ତୁ ଭାରତ ତାହା ଶୁଣୁନାହିଁ,ତାଙ୍କ ଦାବି ଅନୁସାରେ ବିନା ଚୁକ୍ତିରେ ଶରଣ ପଶିଥିବା ଜଣେ ରାଜନେତାଙ୍କୁ ବିଦାକରିଦେବା କ'ଣ ରାଷ୍ଟ୍ରୀୟ ମର୍ଯ୍ୟାଦାକୁ ଅମର୍ଯ୍ୟାଦା ଆଣିଦେବା ସହ ସମାନ ହେବ ନାହିଁ କି? ଏଠାରେ ପ୍ରଶ୍ନ ଉଠୁଛି ପୂର୍ବ ଗଠିତ ସାର୍କ ସମ୍ମେଳନ ଶିଥିଳ ପାଲଟିଯାଇଛି। କୁଆଡ଼େ ବାଂଲାଦେଶ ଅଭିଯୋଗ ସହ ଭାରତର ଆଭିମୁଖ୍ୟକୁ ଦାୟୀ କରୁଛି। ଏହି ସଂଗଠନ ଦ୍ୱାରା ଭାରତର ଲାଭ ଯେତିକି ହୋଇଥାଆନ୍ତା ତା'ଠାରୁ ଅଧିକ ଲାଭ ହୋଇଥାଆନ୍ତା ସଦସ୍ୟ ରାଷ୍ଟ୍ରଗୁଡ଼ିକର। ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ପ୍ରସ୍ତାବ ଦେଇଥିଲେ ସାର୍କ ଦେଶଗୁଡ଼ିକରେ ଏକକ ମୁଦ୍ରା ପ୍ରଚଳନ କରିବାକୁ। ସେହି ପ୍ରସ୍ତାବକୁ କାର୍ଯ୍ୟକାରୀ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉଦ୍ୟମକୁ ପାକିସ୍ତାନ ଓ ବାଂଲାଦେଶ ଆଗ୍ରହ ପ୍ରକାଶ କଲେନାହିଁ। ଏବେ ଭାରତ,ରୁଷିଆ ,ଚାଇନା ମେଣ୍ଟ ସେହି ପ୍ରସ୍ତାବକୁ କାର୍ଯ୍ୟକାରୀ ନ କଲେ ଆମେରିକାର ଶୋଷଣ ନୀତିକୁ ପ୍ରତିହତ କରିପାରିବେ ନାହିଁ ବୋଲି ସ୍ୱୀକାର କଲେଣି। ବ୍ରିକ୍ସ ସଙ୍ଗଠନ ମଧ୍ୟ ସେହି ପ୍ରସ୍ତାବକୁ ସମର୍ଥନ ଜଣାଇଛନ୍ତି। ଭାରତର ବୃହତର ଓ ଏସିଆ ମହାଦେଶୀୟ ସ୍ୱାର୍ଥ ସାଧନ



ପାଇଁ କାର୍ଯ୍ୟ କରୁଥିବା ବେଳେ ସାର୍କ ସଙ୍ଗଠନ ଲାଗି ସମୟ ଅପଚୟ ଓ ପରିଣାମକୁ ଦୃଷ୍ଟିଦେବା କ'ଣ ବୁଦ୍ଧିମାନର ପରିଚୟ ନୁହେଁ କି? ଭାରତ ଏହାକୁ ନିଷ୍କ୍ରିୟ କରିନାହିଁ ବରଂ ବୃହତର ଭବିଷ୍ୟତକୁ ଦୃଷ୍ଟିରେ ରଖି ଏକ ସୁଦୂରପ୍ରସାରୀ ନୂତନ ପଥ ନିର୍ମାଣକରି ଚାଲିଥିବା କୁହାଯାଇପାରେ। ପଡ଼ୋଶୀ ଦେଶ ପ୍ରତି ଭାରତ ସବୁବେଳେ ସମ୍ବେଦନଶୀଳତା ଦେଖାଇ ଆସିଛି। ୨୦୨୨ ରେ ଅଗ୍ନିପଥ ଯୋଜନା ଆରମ୍ଭ ହେଲାବେଳେ ଭାରତୀୟ ଆର୍ମିରେ ନେପାଳୀମାନେ ସ୍ୱଇଚ୍ଛାରେ ଯୋଗଦେଇଥିଲେ। ସେତେବେଳେ ୨୦୧୫ର କଟକଣା ଲୋପପାଇଥିଲା। ଏହି ଯୋଜନା ଦ୍ୱାରା ବହୁ ନେପାଳୀ ଆତ୍ମନିର୍ଭରଶୀଳ ହୋଇପାରିଥିଲେ । ଗାଜା ଗଣହତ୍ୟା ବନ୍ଦ କରିବା ପାଇଁ ଭାରତ ସବୁବେଳେ ଶାନ୍ତି ପ୍ରସ୍ତାବ ଦେଇ ଆସିଛି। ଭାରତ କେତେବେଳେ କାହା ସହ କିପରି ସମ୍ପର୍କ ରକ୍ଷାକରିବ ତାହା ଐତିହାସିକ ପୃଷ୍ଠଭୂମିକୁ ନେଇ ବିଚାରବିମର୍ଶ କରିଥାଏ। କିଛିଦିନ ତଳେ ମାଳଦ୍ୱୀପ କିଛି କାରଣ ନ ଥାଇ ଭାରତ ସହ ସମ୍ପର୍କ ବିଚ୍ଛିନ୍ନ କରିବାକୁ ଚାହିଁଥିଲା। ହେଲେ ସେଠାରେ ସରକାର ପରିବର୍ତ୍ତନ ପରେ ପୁଣି ପୂର୍ବ ସମ୍ପର୍କ ସ୍ଥାପନ କରିବାକୁ ପଥ ଉନ୍ମୋଚନ କରିଛନ୍ତି। ଆଫଗାନରେ ତାଲିବାନ୍ ସରକାର ଗଠନ ବେଳେ ଭାରତ ଦୂରତ୍ୱ ବଜାୟ ରଖିଥିଲା। କିନ୍ତୁ ପରେ ଆଫଗାନ ଗଠନରେ ଭାରତର ଭୂମିକାକୁ ତାଲିବାନ୍ ସରକାର ବୁଝି ଭାରତ ସହ ଉତ୍ତମ ସମ୍ପର୍କ ସ୍ଥାପନ କରିଛି । ଏବେ ପାକିସ୍ତାନକୁ ତାଲିବାନ୍ ସରକାର ଶତ୍ରୁ ରାଷ୍ଟ୍ର ଭାବେ ଦେଖୁଛି। ଇରାନ ସହ ଭାରତର ବନ୍ଧୁତ୍ୱ ଥିବା ବେଳେ ପାକିସ୍ତାନକୁ ତାହା ନିକଟତମ ବୋଲି ମନେକରେ। ସେଠାରୁ ଭାରତ ଯେଉଁ ତୈଳ ଆମଦାନୀ କରୁଥିଲା ତା'ର ପ୍ରତିବନ୍ଧକ ସାଜିଲା ପାକିସ୍ତାନ ଆଉ ଭୌଗୋଳିକ ସ୍ଥିତି। କିନ୍ତୁ ଭାରତ କୌଣସି ଚାପର ବଶବର୍ତ୍ତୀ ନ ହୋଇ ଆର୍ଥିକ ସମସ୍ୟା ଯୋଗୁ ତୈଳ ଆମଦାନୀ ବନ୍ଦ କରିଥିଲା। ତେବେ ଇରାନ ସହ ବାଣିଜ୍ୟିକ କାରବାର ବନ୍ଦ ହୋଇନାହିଁ।

ଏହା ପରେ ବିଚାରକରିବା ଆମେରିକା, ଚାଇନା, ରୁଷିଆ କଥା। ଡୋନାଲ୍ଡ ଟ୍ରମ୍ପ ଭାରତ ପ୍ରତି ଯେଉଁ ଅସୂୟା ଭାବ ପ୍ରଦର୍ଶନ ପୂର୍ବକ ଟାରିଫ ବୃଦ୍ଧି କରିଛନ୍ତି ତାହା ଆମେରିକାର ସିଆଇଏ ସଂସ୍ଥାର ଅନ୍ତର୍ନିହିତ ଚାପ ଯୋଗୁ। ଭାରତର ପ୍ରଗତି, ନିରପେକ୍ଷ ବୈଦେଶିକ ନୀତି ଆମେରିକା ପାଇଁ ଅସହ୍ୟର କାରଣ ହୋଇପାରେ। ସେ ଭାରତକୁ ଯେଉଁ ଦୃଷ୍ଟିରେ ଦେଖୁ ନା କାହିଁକି, ଭାରତ ତା' ସହ ବନ୍ଧୁତ୍ୱ ରଖିପାରେ ରଖି ବି ନ ପାରେ, କିନ୍ତୁ ଭାରତ ଆମେରିକାକୁ ସିଧାସଳଖ ଶତ୍ରୁ ବୋଲି ପ୍ରକାଶ କରିବା ବୈଦେଶିକ ନୀତିର ପରିପନ୍ଥୀ।

ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଇସ୍ରାଏଲ ଭାରତକୁ ପ୍ରତିକ୍ଷେତ୍ରରେ ସହଯୋଗ କରିଆସିଛି। ମୁକ୍ତ ବାଣିଜ୍ୟିକ କ୍ଷେତ୍ରରେ ଭାରତ ସହ ବହୁ ଏସିଆନ ଓ ୟୁରୋପୀୟ ରାଷ୍ଟ୍ର ମଧ୍ୟରେ ସମ୍ପର୍କ ରହିଆସିଛି। ଚାଇନା ସହ ଭାରତର ଶତ୍ରୁତା ଥିବା ବେଳେ ଉଭୟ ପରସ୍ପର ନିର୍ଭରଶୀଳ। ଆରବ ରାଷ୍ଟ୍ର ସହ ଭାରତର କୌଣସି ତିକ୍ତତା ନାହିଁ। ସେମାନେ ଯଦି ଆମେରିକା ବିପକ୍ଷରେ ଗୋଷ୍ଠୀ ଗଠନ କରିବେ ତେବେ ଭାରତର କିଛି କହିବାର ନାହିଁ। ପ୍ରତ୍ୟେକ ବୈଦେଶିକ ସମ୍ପର୍କ ଓ କାରବାର ପଛରେ ଯେଉଁ ବୃହତ୍ କାରଣଗୁଡ଼ିକ ରହିଛି ତାହା ଅଛପା। ଏବେ ପାକିସ୍ତାନ ଆରବ ଗୋଷ୍ଠୀକୁ ପରମାଣୁ ଅସ୍ତ୍ର ଯୋଗାଇବ ବୋଲି ଜଣାପଡ଼ିଥିବା ବେଳେ ଏଭଳି ଗୁପ୍ତ ରାଜିନାମା ସମ୍ପର୍କରେ ଆଗରୁ ଭାରତ ଜାଣିଛି। ତା' ପରେ ଆରବ ଗୋଷ୍ଠୀ ଭାରତ ପ୍ରତି କେବେ ଅବମାନନା କରିନାହାନ୍ତି। ବିଭିନ୍ନ ଦୃଷ୍ଟିରୁ ଦେଖିବାକୁ ଗଲେ ଭାରତର ବୈଦେଶିକ ନୀତି ସମ୍ପର୍କରେ ସମାଲୋଚନା କରାଯିବା ପୂର୍ବରୁ ଗଭୀର ଅନୁଶୀଳନ କରାଯିବା ଏବଂ ଅନ୍ତର୍ଦୃଷ୍ଟିସମ୍ପନ୍ନ ହେବା ଆବଶ୍ୟକ।

ସୟେଦପୁର, ଯାଜପୁର
ମୋ: ୯୪୩୭୩୧୫୬୨୩

## ଚିରନ୍ତନୀ

ଅନ୍ଧକାରେ
ମୋ ପାଶେ ବସି ଗାଇଲ କିଏ ଗୀତ
ସ୍କନ୍ଧେ ରଖି ପରଶ-ନବନୀତ !
ଗାଇଲ ଗୀତ ଥରାଇ ତନୁ
ଗାଇଲ ଗୁଣୁ ଗୁଣୁ!
ଆମ୍ରବନେ ନୂପୁର ରୁଣୁଝୁଣୁ !
-(ସନ୍ଧ୍ୟା ପଥେ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ବନ୍ୟପ୍ରାଣୀଙ୍କ ଏଆଇ ଭିଡିଓ ବନ୍ଦ କରାଯାଉ

ମହାଶୟ,

ସାମାଜିକ ଗଣମାଧ୍ୟମ ଭିଡିଓରେ ହସୁଥିବା ହାତୀ, ନାଚୁଥିବା ବାଘ, ଭାଲୁ, କଙ୍ଗାରୁ ଭଳି ବନ୍ୟପ୍ରାଣୀ ମଣିଷଙ୍କ ସହ ଖେଳୁଥିବାର ଦେଖିବାକୁ ମିଳୁଛି। ଭିଡିଓଟି କିଛି ସେକେଣ୍ଡରେ ଭାଇରାଲ ହୋଇଯାଉଛି। କୃତ୍ରିମ ବୁଦ୍ଧିମତ୍ତା(ଏଆଇ) ଦ୍ୱାରା ସୃଷ୍ଟି ଏହି ଭିଡିଓଗୁଡ଼ିକ ଦେଖିବାକୁ ଏତେ ବାସ୍ତବ ଯେ ସେଗୁଡ଼ିକ ମିଛ ବୋଲି ଧରିବା କାଠିକର ପାଠ। ଲୋକେ ସେଗୁଡ଼ିକୁ ସତ ଭାବି ପ୍ରସାରିତ କରୁଛନ୍ତି। ସେହି ଏଆଇ ଭିଡିଓ ଗୁଡିକ ଲୋକଙ୍କ ମଧ୍ୟରେ ପ୍ରାଣୀ ଆଚରଣ ନେଇ ଭ୍ରାନ୍ତ ଧାରଣା ସୃଷ୍ଟି କରୁଛି। ଏହି ଭୁଲ ଧାରଣା ପ୍ରାଣୀଙ୍କର ଅସଲ ଆଚରଣକୁ ବିକୃତ କରୁଛି। ଫଳରେ ଲୋକ ଭାବୁଛନ୍ତି ବାଘ ନିକଟରେ ଯିବା ଠିକ୍, ହାତୀ ପୋଷିପାରିବା। କିନ୍ତୁ ପ୍ରକୃତ ସତ୍ୟ ଆଉ କିଛି। ବନ୍ୟପ୍ରାଣୀମାନେ କଦାପି ମନୋରଞ୍ଜନ ପାଇଁ ନୁହନ୍ତି। ବିପନ୍ନ ପ୍ରାଣୀଙ୍କ ଅସଲ ସଂଖ୍ୟାନେଇ ସଚେତନତା କମିଯାଉଛି। ଯେଉଁ ବାଘ ଆଜି ସଙ୍କଟରେ ସେମାନଙ୍କୁ ଏଆଇ ଭିଡିଓ ମନୋରଞ୍ଜନର ନାୟକ କରିଦେଉଛି। ଯେଉଁ ହାତୀଙ୍କୁ ସ୍ମାଇଲିଂ ଜ୍ୟାଣ୍ଟ ଭାବେ ଦେଖାଯାଉଛି। ଏହାକୁ ଦେଖି ଲୋକେ ଭାବୁଛନ୍ତି ପ୍ରାଣୀ ନିହାତି ସୁରକ୍ଷିତ ଓ ସଂରକ୍ଷଣ ଠିକ୍ ଚାଲିଛି। କିନ୍ତୁ ସତ ଅଲଗା। ଏଆଇ ଭିଡିଓଗୁଡ଼ିକର ସମ୍ଭାବ୍ୟ କ୍ଷତିକୁ ଏଡ଼ାଇବା ପାଇଁ ବିଭିନ୍ନ ପ୍ରକାର ପ୍ରାଣୀ ସଚେତନତା ଓ ପରିବେଶଗତ ଶିକ୍ଷାଦାନ ଭଳି ରଣନୀତି ଆପଣେଇବା ଆବଶ୍ୟକ ଏବଂ ଏଭଳି ଭିଡିଓ ପ୍ରସ୍ତୁତ କରୁଥିବା ଲୋକଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବା ଆବଶ୍ୟକ।

-ଅଜିତ କୁମାର ପ୍ରଧାନ, ନୀଳଗିରି, ବାଲେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ୯ମ 'ପେନ୍ ଇନ୍ ବୁକ୍ସ ଯୁବ ଲେଖକ ସମ୍ମାନ' ଘୋଷଣା

## ସମ୍ମାନିତ ହେବେ ୧୦ ଯୁବ ଲେଖକ

ଭୁବନେଶ୍ୱର,୧୯।୧୧
(ସୁଚିସ୍ମିତା ସାହୁ)

ପ୍ରକାଶନ ସଂସ୍ଥା 'ପେନ୍ ଇନ୍ ବୁକ୍ସ' ପକ୍ଷରୁ ୯ମ 'ଯୁବ ଲେଖକ ସମ୍ମାନ' ବୁଧବାର ଘୋଷଣା ହୋଇଛି। ୪୦ ବର୍ଷରୁ କମ୍ ବୟସର ୧୦ଜଣ ଯୁବ ଲେଖକ ଏହି ସମ୍ମାନ ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଗଳ୍ପ ପାଣ୍ଡୁଲିପି ପାଇଁ 'ଡେଣା ନ ଥିବା ଚଢ଼େଇ' ନିମନ୍ତେ ବାଲେଶ୍ୱରର ଶୁଭାଶିଷ ପଟ୍ଟନାୟକ, 'ଭୟଙ୍କର ବର୍ଷା ରାତି' ନିମନ୍ତେ ବରଗଡ଼ର ପ୍ରତିମା ପାତ୍ର, 'ଦହିହାଣ୍ଡି' ନିମନ୍ତେ ଯାଜପୁରର ଜିତେନ୍ଦ୍ର ସାହୁ,'ଟିସୁପେପର' ପାଇଁ ଯାଜପୁରର ସ୍ରୋତସ୍ୱିନୀ, 'ଶେଷରାକ୍ଷୀ ଓ ଅନ୍ୟାନ୍ୟ ଗଳ୍ପ' ପାଇଁ କେନ୍ଦ୍ରାପଡ଼ାର ସୁବ୍ରତ ପାତ୍ର, 'ସ୍କେଚ୍' ପାଇଁ କେନ୍ଦୁଝରର ଶିବ ଚରଣ ମହାପାତ୍ର ଏବଂ ଉପନ୍ୟାସ ପାଣ୍ଡୁଲିପି 'ଅଜ୍ଞାତବାସ' ନିମନ୍ତେ କଟକ ଜିଲାର ଜନ୍ମେଜୟ ପଣ୍ଡାଙ୍କୁ ସମ୍ମାନିତ କରାଯିବ। ଅନୁରୂପ ଭାବେ କବିତା ପାଣ୍ଡୁଲିପି ନିମନ୍ତେ 'ତ୍ୟାଗର ଈଶ୍ୱରୀ' ପାଇଁ ମୟୂରଭଞ୍ଜର କୌଶିକ ଗିରି, 'କେହି ଜଣେ ପ୍ରେମିକ ପୁରୁଷ' ଗଞ୍ଜାମର ଶୁଭସ୍ମିତା ତ୍ରିପାଠୀ ଓ 'ଫୁଲ ଫୁଟିବାର ବେଳ' ପାଇଁ କେନ୍ଦୁଝରର ଶୁଭଶ୍ରୀ ତନିମା ନାୟକ 'ପେନ୍ ଇନ ବୁକ୍ସ ଯୁବ ଲେଖକ ସମ୍ମାନ ୨୦୨୫' ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି।

ଏ ସମ୍ପର୍କରେ ସୂଚନା ଦେଇ ଅନୁଷ୍ଠାନର ପରିଚାଳନା ନିର୍ଦ୍ଦେଶକ ତଥା ସମ୍ମାନ ପ୍ରବର୍ତ୍ତକ କଥାଶିଳ୍ପୀ ଶୁଭ୍ରାଂଶୁ ପଣ୍ଡା କହିଛନ୍ତି, ଯୁବ ଲେଖକଙ୍କୁ ସ୍ୱୀକୃତି ଦେବା ସହ ସମ୍ମାନ ପାଇବାକୁ ଯୋଗ୍ୟ ବିବେଚିତ ହୋଇଥିବା ସେମାନଙ୍କ ପାଣ୍ଡୁଲିପି ପୁସ୍ତକଗୁଡ଼ିକୁ ପ୍ରକାଶ କରିବା ଏବଂ ତାହାକୁ ପାଠକଙ୍କ ସହ ଯୋଡ଼ିବା ଏହି ସମ୍ମାନର ମୁଖ୍ୟ ଉଦ୍ଦେଶ୍ୟ। ତେବେ ୨୦୨୫ ମସିହା ପାଇଁ ମୋଟ ୬୪ଟି ପାଣ୍ଡୁଲିପି ଗ୍ରହଣ କରାଯାଇଥିବାବେଳେ ବିଚାରକ ମଣ୍ଡଳୀଙ୍କ ପକ୍ଷରୁ ୧୦ ପାଣ୍ଡୁଲିପିକୁ ଚୟନ କରାଯାଇଛି। ଲେଖକ ପ୍ରକାଶ ମହାପାତ୍ର, ପ୍ରବୀଣା ମହାନ୍ତି ଓ ଆଶିଷ କୁମାର ଗଡ଼ନାୟକ ବିଚାରକ ରହିଥିଲେ। ଆସନ୍ତା ଡିସେମ୍ବର ୭ରେ ଭୁବନେଶ୍ୱରଠାରେ ଏକ ସ୍ୱତନ୍ତ୍ର ଉତ୍ସବରେ ଏହି ସମ୍ମାନ ପ୍ରଦାନ କରାଯିବ। ସେମାନଙ୍କ ପାଣ୍ଡୁଲିପି ପୁସ୍ତକଗୁଡ଼ିକ ଆସନ୍ତା ବର୍ଷ ପ୍ରକାଶ ପାଇବ। ଏଥିସହ ୨୦୨୪ ମସିହାରେ ସମ୍ମାନିତ ହୋଇଥିବା ଯୁବ ଲେଖକଙ୍କ ପୁସ୍ତକଗୁଡ଼ିକ ମଧ୍ୟ ଚଳିତବର୍ଷର ସମ୍ମାନ ପ୍ରଦାନ ଉତ୍ସବରେ ଉନ୍ମୋଚନହେବ ବୋଲି ପଣ୍ଡା ସୂଚନା ଦେଇଛନ୍ତି।



ଶୁଭାଶିଷ ପଟ୍ଟନାୟକ (୧୯୯୯) | ପ୍ରତିମା ପାତ୍ର (୧୯୮୫) | ଜିତେନ୍ଦ୍ର ସାହୁ (୧୯୯୯) | ଜନ୍ମେଜୟ ପଣ୍ଡା (୧୯୯୭) | ସ୍ରୋତସ୍ୱିନୀ ପରିଡ଼ା (୧୯୯୮)
କୌଶିକ ଗିରି (୨୦୦୭) | ସୁବ୍ରତ ପାତ୍ର (୧୯୯୫) | ଶିବ ଚରଣ ମହାପାତ୍ର (୧୯୯୦) | ଶୁଭସ୍ମିତା ତ୍ରିପାଠୀ (୧୯୯୭) | ଶୁଭଶ୍ରୀ ତନିମା ନାୟକ (୧୯୯୬)

ସମ୍ମାନ ପାଇବା ପାଇଁ ଯୋଗ୍ୟ ବିବେଚିତ ଯୁବ ଲେଖକମାନେ।

# ଦିଲୀପଙ୍କୁ ମିଳିବ ଜାତୀୟ ଗୋପାଳ ରତ୍ନ ପୁରସ୍କାର



ଜାତୀୟ ଗୋପାଳ ରତ୍ନ ପୁରସ୍କାର ପାଇଁ ମନୋନୀତ ଦିଲୀପ ପ୍ରଧାନ।

ଛେଣ୍ଡିପଦା,୧୯।୧୧ (ଅଜିତ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ଟାଙ୍ଗିରୀ ଗ୍ରାମର ଦିଲୀପ ପ୍ରଧାନଙ୍କୁ ମିଳିବ ଜାତୀୟ ଗୋପାଳ ରତ୍ନ ପୁରସ୍କାର। କେନ୍ଦ୍ର ମତ୍ସ୍ୟ, ପଶୁପାଳନ ଓ ଦୁଗ୍ଧ ଉତ୍ପାଦନ ମନ୍ତ୍ରଣାଳୟ ପକ୍ଷରୁ ଦିଲୀରେ ଏହି ପୁରସ୍କାର ପ୍ରଦାନ କରାଯିବ। ଏହି ଜାତୀୟ ପୁରସ୍କାର ପାଇଁ ଦେଶର ୩ଜଣଙ୍କ ନାମ ଘୋଷଣା ହୋଇଥିବାବେଳେ ୧ ନମ୍ବର ସ୍ଥାନରେ ଦିଲୀପଙ୍କ ନାମ ରହିଛି। ଏଥିସହ ଏକମାତ୍ର ଓଡ଼ିଆ ଭାବେ ଦିଲୀପ ଏହି ଜାତୀୟ ପୁରସ୍କାର ପାଇବାକୁ ଯାଉଥିବାରୁ ଛେଣ୍ଡିପଦାବାସୀ ଖୁସି ପ୍ରକଟ କରିଛନ୍ତି।

ସୂଚନା ଅନୁଯାୟୀ, ଦିଲୀପ ଗତ ୧୪ ବର୍ଷ ହେବ ବାଏଫ ନାମକ ଏକ ସରକାରୀ ସୀକୃତିପ୍ରାପ୍ତ ଏନ୍‌ଜିଓରେ ଗାଈଙ୍କ କୃତ୍ରିମ ପ୍ରଜନନ ଟେକ୍ନିସିଆନ ଭାବେ କାମ କରୁଛନ୍ତି। ଏଥିସହ ପାତ୍ରପଡ଼ା ଗୋ ବିକାଶ କେନ୍ଦ୍ରର ଅଧିକାରୀ ଦାୟିତ୍ୱରେ ଅଛନ୍ତି। ସେ ୧୮ଟି ଗାଁରେ ଘରକୁ ଘର ବୁଲି ଗାଈଙ୍କ କୃତ୍ରିମ ପ୍ରଜନନ, ଗର୍ଭ ପରୀକ୍ଷା, ବାଛୁରି ପାଳନ, ଛେଳି କୃତ୍ରିମ ପ୍ରଜନନ, କିପରି ଗୋ ସଂଖ୍ୟା ବୃଦ୍ଧି ପାଇ ଚାଷୀ ସ୍ୱାବଲମ୍ବୀ ହୋଇପାରିବେ ସେ ନେଇ ଜନସାଧାରଣଙ୍କୁ ସଚେତନ କରିଆସୁଛନ୍ତି। ଗତ ୩ ବର୍ଷରେ ଦିଲୀପ ୪ ହଜାରରୁ ଅଧିକ ଗାଈଙ୍କ କୃତ୍ରିମ ପ୍ରଜନନ କରାଇଛନ୍ତି। ଏହି ପୁରସ୍କାର ପାଇଁ ଦିଲୀପ ଅନୁଗୋଳ ପ୍ରାଣୀଧନ ଚିକିତ୍ସା ଅଧିକାରୀ, ଛେଣ୍ଡିପଦା ପ୍ରାଣୀଧନ ଚିକିତ୍ସାଧିକାରୀ ଏବଂ ବାଏଫର ଜିଲା କ୍ଷେତ୍ର ଅଧିକାରୀଙ୍କ ସହଯୋଗକୁ ଶ୍ରେୟ ଦେଇଛନ୍ତି।

# ଅଟେଇରେ ହରିଣ ମାରି ଖାଇଲା ବାଘ

## ୪ ଟ୍ରାପ୍ କ୍ୟାମେରା ଖଞ୍ଜିଲା ବନ ବିଭାଗ

ପାଟଣା,୧୯।୧୧
(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ରେଞ୍ଜର ତଣ୍ଡ ବିଟ୍ ଅଟେଇ ସଂରକ୍ଷିତ ବଣ ମହୁଲଡିହା ଜଙ୍ଗଲରେ ଏକ ହରିଣକୁ ବାଘ ମାରି ଖାଇଛି। ବୁଧବାର ହରିଣର ଖଣ୍ଡ ବିଖଣ୍ଡିତ ଗଳିତ ଦେହାବଶେଷ ବନ ବିଭାଗ ଉଦ୍ଧାର କରିଛି। ବାଘର ଗତିବିଧି ନିରୀକ୍ଷଣ ପାଇଁ ବନ ବିଭାଗ ପକ୍ଷରୁ ଜଙ୍ଗଲରେ ୪ ଟ୍ରାପ୍ କ୍ୟାମେରା ଲାଗିଥିବା ସୂଚନା ମିଳିଛି।

ସୂଚନା ଅନୁଯାୟୀ, ମଙ୍ଗଳବାର ପାରା ସ୍କ୍ୱାଡ୍ ପାଟ୍ରୋଲିଂ କରୁଥିବା ସମୟରେ ଦୁର୍ଗନ୍ଧ ହୋଇଥିଲା। ଖୋଜା ଖୋଜି କରିବା ପରେ ଏକ ହରିଣର ଗଳିତ ଦେହାବଶେଷ ଦେଖି ରେଞ୍ଜର ବନବିହାରୀ ସର୍ଦ୍ଦାରଙ୍କୁ ଖବର ଦେଇଥିଲେ। ହରିଣର ମୃତଦେହ ନିକଟରେ ବାଘର ପାଦଚିହ୍ନ ଓ ମଳ ଦେଖି ବନ ବିଭାଗ ବାଘ ମାରିଥିବା ଅନୁମାନ କରୁଛି। ଏନେଇ ତତ୍ପରତା ପ୍ରକାଶକରି ବୁଧବାର ଘଟଣାସ୍ଥଳରେ ବନ୍ୟଜୀବ ବିଜ୍ଞାନୀ ଶିବାଶିଷ ସାହୁ, ଶାନ୍ତିଭୂଷଣ ସାହୁ ଓ ଗାର୍ଡ ହୃଦାନନ୍ଦ ମହାନ୍ତି ପହଞ୍ଚି ବାଘ ପାଦଚିହ୍ନର ଫଟୋ ଓ ମଳର ନମୁନା ସଂଗ୍ରହ କରିଛନ୍ତି। ପ୍ରାଥମିକ ତଦନ୍ତରେ ପାଦଚିହ୍ନ ଓ ହରିଣ ମୃତଦେହରେ ଥିବା ଆକ୍ରମଣ ଚିହ୍ନରୁ ଏହା ଏକ କଲରାପତରିଆ ବାଘର କାର୍ଯ୍ୟ ଓ ଉପସ୍ଥିତି ବୋଲି ଅନୁମାନ କରାଯାଉଛି। ବାଘ ୪ରୁ୫ ଦିନ ପୂର୍ବରୁ ହରିଣ ଶିକାର କରିଥିବା ଜୀବବିଜ୍ଞାନୀ ଅନୁମାନ କରିଛନ୍ତି। ପରେ ବଣ ମହୁଲଡିହା ଜଙ୍ଗଲରେ ବାଘର ଗତିବିଧି ଉପରେ ନଜର ରଖିବାକୁ ୪ଟି ଟ୍ରାପ୍ କ୍ୟାମେରା ଖଞ୍ଜିଥିଲେ। ତେବେ ଅଟେଇ ସଂରକ୍ଷିତ ଜଙ୍ଗଲରେ ୮ରୁ ଊର୍ଦ୍ଧ୍ୱ କଲରାପତରିଆ ବାଘ ଥିବା ବନ ବିଭାଗ କହିଛି। ଗୁରୁବାର ସ୍ଥାନୀୟ ଅଞ୍ଚଳର ଲୋକ ପ୍ରତିନିଧିଙ୍କ ଉପସ୍ଥିତିରେ ହରିଣର ଦେହାବଶେଷ ପୋତିଯିବ ବୋଲି ବନ ବିଭାଗ ସୂଚନା ଦେଇଛି।



ବନ ବିଭାଗ ପକ୍ଷରୁ ଏକ ଗଛରେ ଟ୍ରାପ୍ କ୍ୟାମେରା ଖଞ୍ଜା ଯାଉଛି।

# ଟ୍ରେନ୍ ଧକ୍କାରେ ଯୁବକ ମୃତ

ବଇଣ୍ଡା, ୧୯।୧୧ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ହଣ୍ଡପା ଥାନା ଠେଲକନାଳୀ ଗ୍ରାମର କୁନା ମୁଣ୍ଡା (୩୦)ଙ୍କ ଟ୍ରେନ୍ ଧକ୍କାରେ ବୁଧବାର ମୃତ୍ୟୁ ହୋଇଛି। ସୂଚନା ଅନୁଯାୟୀ, କୁନା ସକାଳେ ଶୌଚ ପାଇଁ ରେଳଧାରଣା ନିକଟ ପଡିଆକୁ ଯାଇଥିଲେ। ସେଠାରୁ ଘରକୁ ଫେରୁଥିବା ବେଳେ ସମ୍ବଲପୁରରୁ ପୁରୀ ଯାଉଥିବା ଇଣ୍ଟରସିଟି ଏକ୍ସପ୍ରେସ୍ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଖବରପାଇ ରେଢ଼ାଖୋଲ ରେଲୱେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିବା ବେଳେ ଏକ ମାମଲା ରୁଜୁ କରିଛି।

# ପାଇଖାନା ଘରେ ପଡ଼ି ଛାତ୍ରୀଙ୍କ ମୃତ୍ୟୁ

- ଭୀମାକାଣ୍ଡ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ହଷ୍ଟେଲରେ ଅଘଟଣ
- ସ୍କୁଲ କର୍ତ୍ତୃପକ୍ଷଙ୍କୁ ଦାୟୀକଲେ ଅଭିଭାବକ

କେନ୍ଦୁଝର,୧୯।୧୧
(ନରେଶ ଚନ୍ଦ୍ର ପଟ୍ଟନାୟକ)

ଅର୍ଥାଭାବ ସତ୍ତ୍ୱେ ଝିଅକୁ ହଷ୍ଟେଲରେ ରଖି ପାଠ ପଢ଼ାଉଥିଲେ। ଝିଅ ପାଠପଢ଼ି ବଡ଼ ହୋଇ ଚାକିରି କରିବ। ପରିବାର ପ୍ରତିପୋଷଣରେ ସହାୟ ହେବ। ଏଭଳି ଆଶା ରଖି ମା'ବାପା ମାତ୍ର ୩ ବର୍ଷର ଝିଅକୁ ହଷ୍ଟେଲରେ ଛାଡ଼ିଥିଲେ। କିନ୍ତୁ ବିଧିର ବିଧାନ କିଛି ଅଲଗା ଥିଲା। ବୁଧବାର ପାଇଖାନା ଘରେ ଗୋଡ଼ ଖସିଯିବାରୁ ପଡ଼ି ଝିଅଙ୍କ ମୃତ୍ୟୁ ଘଟିଛି। ମୃତ ଛାତ୍ରୀ ହେଲେ ତେଲକୋଇ ଥାନା ଅନ୍ତର୍ଗତ କୁଲାଡେରାର ତେଜସ୍ୱିନୀ ନାୟକ(୯)। ଏଭଳି ଦୁଃଖଦ ଘଟଣା ତେଲକୋଇ ବ୍ଲକ୍ ଭୀମାକାଣ୍ଡ ସରକାରୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ହଷ୍ଟେଲରେ ଘଟିଛି।

ପ୍ରକାଶ ଯେ, ତେଲକୋଇ ବ୍ଲକ୍ ଅନ୍ତର୍ଗତ ଭୀମାକାଣ୍ଡ ସରକାରୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆଦିବାସୀ ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ୧୧୦ ସିଟ୍ ବିଶିଷ୍ଟ ହଷ୍ଟେଲ ରହିଛି। ସେଠାରେ କୁଲାଡେରା ଗ୍ରାମର ଗଣେଶ୍ୱର ନାଏକଙ୍କ ଝିଅ ତେଜସ୍ୱିନୀ ହଷ୍ଟେଲରେ ରହି ତୃତୀୟ ଶ୍ରେଣୀରେ ପଢୁଥିଲେ। ବୁଧବାର ସକାଳ ପ୍ରାୟ ୬ଟା୩୦ରେ ଶୌଚହେବାକୁ ଯାଇଥିଲେ। ପାଇଖାନା ଘରେ ଗୋଡ଼ ଖସିଯିବାରୁ ତଳେ ପଡ଼ିଯାଇଥିଲେ। ତାଙ୍କ ମୁଣ୍ଡରେ ଶକ୍ତ ଆଘାତ ଲାଗିଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ଚିକିତ୍ସା କରିବା ବେଳେ ବ୍ରେନ୍ ହାମ୍‌ରେଜ ହୋଇଥିବା ଜାଣିବାକୁ ପାଇଥିଲେ। କିଛି ସମୟ ପରେ ଡାକ୍ତର ମୃତ୍ୟୁ ଘୋଷଣା କରିଥିଲେ। ପରିବାର ପକ୍ଷରୁ ସ୍କୁଲ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତା ପାଇଁ ତାଙ୍କ ଝିଅର ମୃତ୍ୟୁ ଘଟିଥିବା ଅଭିଯୋଗ କରିଛନ୍ତି। ତେଲକୋଇ ପୋଲିସ ପହଞ୍ଚି ତଦନ୍ତ କରୁଛି। ଜିଲା ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ନିମନ୍ତେ ପଠାଇଛି। ପ୍ରଧାନଶିକ୍ଷକ ଅକ୍ଷୟ କୁମାର ପାତ୍ର କହିଛନ୍ତି, ପାଇଖାନା ଘରେ ଟାଇଲ ପଡ଼ିଥିବାରୁ ପାଣି ପଡ଼ି ଗୋଡ଼ ଖସିଥିଲା। ତୁରନ୍ତ ତେଲକୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଡାକ୍ତର କେନ୍ଦୁଝରକୁ ନେଇଯିବାକୁ କହିଥିଲେ। କିଛି ପରେ ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟପକ୍ଷେ ଏଭଳି ଘଟଣା ପରେ ହଷ୍ଟେଲରେ ଛାତ୍ରୀଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ମୋ ଦିନ, ମୋ ଅଧିକାର

## ଆଜି ବିଶ୍ୱ ଶିଶୁ ଦିବସ

ବିଶ୍ୱ ସ୍ତରରେ ଶିଶୁଙ୍କ ଅଧିକାର, କଲ୍ୟାଣ ଓ ସ୍ୱରକୁ ପ୍ରୋତ୍ସାହିତ ତଥା ସୁରକ୍ଷା ଦେବା ପାଇଁ ପ୍ରତିବର୍ଷ ନଭେମ୍ବର ୨୦ରେ ପାଳିତ ହୋଇଆସୁଛି ବିଶ୍ୱ ଶିଶୁ ଦିବସ। ଏହା ଶିଶୁମାନଙ୍କ ଅଧିକାରକୁ ସମର୍ଥନ ଓ ଆଲୋକପାତ କରିବାର ଏକ ଦିବସ, ଯାହା ୧୯୫୯ ମସିହାରେ ଜାତିସଂଘର ଶିଶୁ ଅଧିକାର ଚୁକ୍ତିନାମା ଏବଂ ୧୯୮୯ ମସିହାରେ ଶିଶୁ ଅଧିକାର ଘୋଷଣାନାମାକୁ ଗ୍ରହଣ କରିଥାଏ। ଏହି ଦିବସ ଶିଶୁ ଶ୍ରମିକ, ଶିକ୍ଷାର ଅଭାବ ଓ ନିର୍ଯାତନା ଭଳି ସମସ୍ୟା ବିଷୟରେ ସଚେତନ କରାଇଥାଏ। ୟୁନିସେଫ୍ ଅନୁଯାୟୀ ଚଳିତ ବର୍ଷ ଏହି ଦିବସ ଲାଗି ବିଷୟବସ୍ତୁ ରହିଛି 'ମୋ ଦିନ, ମୋ ଅଧିକାର', ଯାହା ପିଲାମାନଙ୍କୁ ଶୁଣିବା ଓ ସେମାନଙ୍କ ଅଧିକାର ସମ୍ପର୍କରେ ସେମାନଙ୍କର ମତାମତ ଏବଂ ଅଭିଜ୍ଞତା ପ୍ରକାଶ କରିବା ପାଇଁ ସେମାନଙ୍କୁ ସଶକ୍ତ କରିବା ଉପରେ ଗୁରୁତ୍ୱାରୋପ କରେ।




## वरीय पुलिस अधीक्षक का कार्यालय
## पूर्वी सिंहभूम, जमशेदपुर

लापताः आवश्यक सूचना



गुमशुदा पुरूष जगदीश मुखी, उम्र–करीब 59 वर्ष

सर्व साधारण को सूचित किया जाता है कि आवेदक गगन बाघ के द्वारा अपने चाचा जगदीश मुखी, उम्र–करीब 59 वर्ष की गुमशुदगी के संबंध में संबंधित थाना गोलमुरी में लिखित आवेदन दिया गया है। आवेदन में इनके द्वारा बताया गया कि गुमशुदा जगदीश मुखी, उम्र–करीब 59 वर्ष, पिता–स्व0 धनेश्वर मुखी, पता–क्वा0 नं0–14, केबुल हरिजन बस्ती, केबुल टाउन गोलमुरी, थाना–गोलमुरी, जिला–पूर्वी सिंहभूम, जमशेदपुर जो दिनांक–28.10.2025 को शाम करीब 05:00 बजे घर से निकले हैं अभी तक वापस नहीं लौटे हैं। गुमशुदा का मानसिक संतुलन ठीक नहीं हैं। आवेदक एवं इनके रिश्तेदारों के द्वारा अपने स्तर से काफी खोजबीन किया गया लेकिन कुछ पता नहीं चल सका। गुमशुदा पुरूष का हुलिया निम्न प्रकार है :–उम्र–करीब 59 वर्ष, कद–लगभग 05 फीट 10 इंच, रंग–सॉवला, पहनावा–सफेद टी शर्ट, भूरा हाफ पैंट, भाषा–संबलपुरिया।

अतः आप सभी जन साधारण से अनुरोध है कि यदि उपरोक्त हुलिये के संबंध में किसी प्रकार की जानकारी प्राप्त होती है तो इसकी सूचना वरीय पुलिस अधीक्षक के कार्यालय में निम्नांकित फोन नम्बर पर सूचित करें।

वरीय पुलिस अधीक्षक, पूर्वी सिंहभूम, जमशेदपुर : 0657–2431006
पुलिस अधीक्षक नगर, पूर्वी सिंहभूम, जमशेदपुर : 9471190203
पुलिस उपाधीक्षक, नगर : 9431706483
थाना प्रभारी, गोलमुरी : 9431706494

वरीय पुलिस अधीक्षक,
पूर्वी सिंहभूम, जमशेदपुर

PR 366456 Police(25-26).D

POLICE HELPLINE (EMERGENCY DIAL)-112 | CHILD HELPLINE-1098
WOMEN HELPLINE-1091 | DOMESTIC ABUSE HELPLINE-181
CYBER CRIME HELPLINE-1930 | AMBULANCE SERVICE-108



## वरीय पुलिस अधीक्षक का कार्यालय
## पूर्वी सिंहभूम, जमशेदपुर

लापताः आवश्यक सूचना



गुमशुदा लड़की पुनम पातर, उम्र–करीब 18 वर्ष।

सर्व साधारण को सूचित किया जाता है कि आवेदक परशुराम पातर के द्वारा अपनी पुत्री **पुनम पातर, उम्र–करीब 18 वर्ष की गुमशुदगी** के संबंध में संबंधित थाना गालूडीह में लिखित आवेदन दिया गया है। आवेदन में इनके द्वारा बताया गया कि गुमशुदा पुनम पातर, उम्र–करीब 18 वर्ष, पिता–परशुराम पातर, पता–ग्राम – देवली, थाना– गालूडीह, जिला– पूर्वी सिंहभूम, जमशेदपुर जो दिनांक–13.10.2025 को घर से निकली है अभी तक वापस नहीं लौटी है। आवेदक एवं इनके रिश्तेदारों के द्वारा अपने स्तर से काफी खोजबीन किया गया लेकिन कुछ पता नहीं चल सका। गुमशुदा लड़की का हुलिया निम्न प्रकार है :–

उम्र–करीब 18 वर्ष, कद–लगभग 04 फीट 06 इंच, रंग–गोरा, पहनावा– सलवार सुट कॉफी रंग का, भाषा–हिन्दी एवं बंगला।

अतः आप सभी जन साधारण से अनुरोध है कि यदि उपरोक्त हुलिये के संबंध में किसी प्रकार की जानकारी प्राप्त होती है तो इसकी सूचना वरीय पुलिस अधीक्षक के कार्यालय में निम्नांकित फोन नम्बर पर सूचित करें।

वरीय पुलिस अधीक्षक, पूर्वी सिंहभूम, जमशेदपुर : 0657–2431006
पुलिस अधीक्षक ग्रामीण, पूर्वी सिंहभूम, जमशेदपुर : 9470199228
अनुमण्डल पुलिस पदाधिकारी, घाटशिला : 9431706485
थाना प्रभारी, गालूडीह : 9430774620

वरीय पुलिस अधीक्षक,
पूर्वी सिंहभूम, जमशेदपुर।

POLICE HELPLINE (EMERGENCY DIAL)-112 | CHILD HELPLINE-1098
WOMEN HELPLINE-1091 | DOMESTIC ABUSE HELPLINE-181
CYBER CRIME HELPLINE-1930 | AMBULANCE SERVICE-108

PR.NO.366457 Police(25-26):D



## ଖଡ଼ଗପୁର ମଣ୍ଡଳରେ ମାଇନର ୟୁନିଟ୍ ଠିକା ପାଇଁ ଇ-ନିଲାମ ବିଜ୍ଞପ୍ତି

ଇ-ନିଲାମ ବିଜ୍ଞପ୍ତି ନଂ.: କେଜିପି/ସିଏଟିଜି/୨୦୨୫ ତାରିଖ: ୧୮।୧୧।୨୦୨୫

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ, ଖଡ଼ଗପୁର ମଣ୍ଡଳ, ଦକ୍ଷିଣ ପୂର୍ବ ରେଳପଥ କ୍ୟାଟରିଂ ୟୁନିଟ୍ କଣ୍ଟ୍ରାକ୍ଟସ୍ ଦେବା ପାଇଁ ଇ–ନିଲାମ ଆହ୍ୱାନ କରୁଛନ୍ତି • ଖଡ଼ଗପୁର ମଣ୍ଡଳରେ ୦୫ (ପାଞ୍ଚ) ବର୍ଷ ଅବଧି ପାଇଁ ନିମ୍ନଲିଖିତ ସ୍ଥାନରେ କ୍ୟାଟରିଂ ୟୁନିଟ୍‌ର ବ୍ୟବସ୍ଥା ଲାଗି ଇ–ନିଲାମ କାଟାଲଗ୍: ଝାରଗ୍ରାମ (୧ ଗୋଟି), କାନ୍ଥି (୧ ଗୋଟି), ଚାକୁଲିଆ (୧ ଗୋଟି), ମାର୍କୋଣା (୨ ଗୋଟି), ରୂପ୍‌ସା (୧ ଗୋଟି), ହଳଦିପଡ଼ା (୧ ଗୋଟି), ଖନ୍ତାପଡ଼ା (୨ ଗୋଟି), ବେତନଟୀ (୧ ଗୋଟି), ଦେଶପ୍ରାଣ (୨ ଗୋଟି), ଧଳଭୂମଗଡ଼ (୧ ଗୋଟି), ବାହାନଗା ବଜାର (୨ ଗୋଟି), କୋକପଡ଼ା (୧ ଗୋଟି), ଗିଧନୀ (୧ ଗୋଟି), ରାମନଗର ବେଙ୍ଗଲ (୨ ଗୋଟି), ଗାଲୁଡିହ (୧ ଗୋଟି), ନନ୍ଦକୁମାର (୨ ଗୋଟି), ଘାଟଶିଳା (୨ ଗୋଟି), ନାରାୟଣଗଡ଼ (୧ ଗୋଟି), ବାଖରାବାଦ (୧ ଗୋଟି), ରାଖା ମାଇନ୍ସ (୧ ଗୋଟି), ବସ୍ତା (୧ ଗୋଟି), ଅମର୍ଦା ରୋଡ୍ (୧ ଗୋଟି), ବାରିପଦା (୧ ଗୋଟି), ଜଳେଶ୍ୱର (୨ ଗୋଟି) ଓ ସୋର (୧ ଗୋଟି) ରେଳ ଷ୍ଟେଶନ । **କାଟାଲଗ୍ ନଂ.: ସିଏଟିଜି-କେଜିପି-୨୫-୧୯ । ନିଲାମ ତାରିଖ:** ୦୪।୧୨।୨୦୨୫, **ନିଲାମ ଆରମ୍ଭ/ସମାପ୍ତି ସମୟ:** ଯଥାକ୍ରମେ ୧୧.୦୦ ଓ ୧୬.୫୦ ଘଟିକା। • ଖଡ଼ଗପୁର ମଣ୍ଡଳରେ ୦୫ (ପାଞ୍ଚ) ବର୍ଷ ଅବଧି ପାଇଁ ନିମ୍ନଲିଖିତ ସ୍ଥାନରେ କ୍ୟାଟରିଂ ୟୁନିଟ୍‌ର ବ୍ୟବସ୍ଥା ଲାଗି ଇ–ନିଲାମ କାଟାଲଗ୍: : ଠାକୁରଡୋଟା (୧ ଗୋଟି), ରାଜଲୁକା (୧ ଗୋଟି), କୁଚାଇ (୧ ଗୋଟି), ଯୁଗପୁରା (୧ ଗୋଟି), ବୁରାମରା (୧ ଗୋଟି), ରୂପ୍‌ସା (୧ ଗୋଟି), କାମଶୋଲେ (୧ ଗୋଟି), ବାଦଲପୁର (୧ ଗୋଟି), କୃଷ୍ଣଚନ୍ଦ୍ରପୁର (୧ ଗୋଟି), ଟିକ୍ରା (୧ ଗୋଟି), କାଣିମହୁଲି (୧ ଗୋଟି), ଶହୀଦ ମାତଙ୍ଗିନି (୧ ଗୋଟି), ଦାନ୍ତନ (୧ ଗୋଟି), ନେକୁରସେନି (୧ ଗୋଟି), ଆଶାପୂର୍ଣ୍ଣା ଦେବୀ (୧ ଗୋଟି), ଜଳେଶ୍ୱର (୧ ଗୋଟି), ଖାଟକୁରା (୧ ଗୋଟି), ରାଣିତାଲ (୨ ଗୋଟି), ହେନରିଆ (୧ ଗୋଟି), ଭଞ୍ଜପୁର (୧ ଗୋଟି), ଶୀତଲପୁର ବେଙ୍ଗଲ (୧ ଗୋଟି), ଜୋଗାଲ (୧ ଗୋଟି), ଲକ୍ଷ୍ମଣନାଥ ରୋଡ୍ (୧ ଗୋଟି), ବନ୍ଦର (୧ ଗୋଟି), ବାଙ୍ଗିରିପୋଷି (୧ ଗୋଟି), ଲବଣ ସତ୍ୟାଗ୍ରହ ସ୍ମାରକ (୧ ଗୋଟି), ନଚିନ୍ଦା (୧ ଗୋଟି), ବେଣାପୁର (୧ ଗୋଟି), ସତୀଶ ସାମନ୍ତ (୧ ଗୋଟି), ସୁଜଳପୁର (୧ ଗୋଟି), ଡୁଆଁ (୧ ଗୋଟି) ଏବଂ ନୂଆଗାଁ ମୟୂରଭଞ୍ଜ ରୋଡ୍ (୧ ଗୋଟି) ରେଳ ଷ୍ଟେଶନ । **କାଟାଲଗ୍ ନଂ.: ସିଏଟିଜି-କେଜିପି-୨୫-୨୦ । ନିଲାମ ତାରିଖ:** ୦୫।୧୨।୨୦୨୫, **ନିଲାମ ଆରମ୍ଭ/ସମାପ୍ତି ସମୟ:** ଯଥାକ୍ରମେ ୧୧.୦୦ ଓ ୧୬.୫୦ ଘଟିକା, ଯାହା **https://www.ireps.gov.in/** ୱେବ୍‌ସାଇଟ୍‌ରେ ଅଧିସୂଚିତ ହୋଇଛି । ଏଜେନ୍ସି/ଠିକାଦାରମାନେ ଏଥିପ୍ରତି ଧ୍ୟାନ ଦେବା ଏବଂ ଇ–ନିଲାମ ବିଜ୍ଞପ୍ତିର ବିବରଣୀ ଓ ସମ୍ବନ୍ଧିତ ସୂଚନା ପାଇଁ ଉପରୋକ୍ତ ୱେବ୍‌ସାଇଟ୍ ପରିଦର୍ଶନ କରିବା ଆବଶ୍ୟକ । ଅନୁସନ୍ଧାନ/ସ୍ପଷ୍ଟୀକରଣ (ଯଦି ଥାଏ) ପାଇଁ, ଦୟାକରି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ ।

(PR-853) ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ, ଖଡ଼ଗପୁର

ଦକ୍ଷିଣ ପୂର୍ବ ରେଳପଥ
ହର୍ଷର ସହିତ ଆମେ ସେବାରତ


See Career Appointment on every Wednesday & Saturday


## ODISHA HYDRO POWER CORPORATION LTD.
O/o Sr. GENERAL MANAGER, HIRAKUD HYDRO ELECTRIC PROJECT
POST BOX. NO. 5, BURLA – 768017, DISTRICT : SAMBALPUR (ODISHA), INDIA
PHONE: 0663-2950721(O), 2950765, E-Mail : srgmhps_burla@yahoo.co.in
CIN : U40101OR1995SGC003963

No. HHEP/Tech-PUR-45 (Vol-II) /7556 Date : 18.11.2025

NOTICE INVITING TENDER No. HHEP-67/2025

No. CAD-2368

Sealed Tenders are invited in two parts i.e. (i) Techno Commercial bid & (ii) Price bid in separate sealed envelopes from reputed firms / agencies /order suppliers having similar experience for the following work as mentioned below.

| Description of work | Cost of tender paper (non-refundable) in Rs. | EMD in shape of DD/BC (Refundable) in Rs. |
|---|---|---|
| Supply , Fabrication and fitting of Stainless steel (Grade-304) gate of size- 20'.6" X 18' at In-gate of Burla Power House and Steel wire mesh at Burla Power House | Rs 2360/- (Rs. 2000 + GST @ 18%) | 3200/- |

- Sale of tender paper : 24.11.2025 (10.00AM) to 08.12.2025 upto 05:30PM
- Receipt of tender paper : 09.12.2025 upto 03.30PM
- Date & time of opening of tender : 09.12.2025 at 04.00PM
- Further details of tender documents, terms & conditions, corrigendum etc. to the tender call notice, please visit our website **www.ohpcltd.com.**

Sd/-
C & P Head, HHEP, Burla

OIPR-



## GOVERNMENT OF ODISHA
## OFFICE OF THE SUPERINTENDING ENGINEER RURAL WORKS DIVISION, DEOGARH
E-mail Id: eerw_deogarh@yahoo.co.in

No. O-1506

### E-Procurement Notice
BID IDENTIFICATION No. SERWDGH-Online-08/2025-26

1. No. of Building Works : (06 Nos.)
2. Estimated Cost : Approx. Rs.2.54 lakh to Rs.36.22 lakhs each
3. Mode of Submission of tender : Tender shall be submitted online in **www.tendersodisha.gov.in**.
4. Availability of tender for online bidding : 21.11.2025, 10.00 A.M. to 28.11.2025 upto 5.00 P.M.
5. Date and time of opening of tender : 29.11.2025, 11.00 A.M.
6. Other details can be seen from the website **www.tendersodisha.gov.in.**
7. Corrigendum/Addendum if any shall only be published in the above website.

Sd./- Superintending Engineer
R.W. Division, Deogarh

OIPR:



## GOVERNMENT OF ODISHA
## DISTRICT PROJECT OFFICE SAMAGRA SHIKSHA, PURI
ଓଡ଼ିଶା ସରକାର
E-mail ID: dpcpurissa.opepa@nic.in

### "e" Procurement Notice
Bid Identification No. DPC/SS/PURI/01 of 2025-26

Letter No. 6677/Civil Date: 18.11.25

| | | | |
|---|---|---|---|
| 1. | District Project Co-ordinator, Samagra Shiksha, Puri on behalf of Government of Odisha inviting percentage rate bid in Single Cover System on ONLINE mode from eligible contractors with valid licences for "Construction of Additional Classroom (Civil + Electrical + PH) in the Schools" as detailed in DTCN. | | |
| 2. | Nature of Work | : | Construction of Additional Classroom (Civil + Electrical + PH) in the Schools |
| 3. | No. of Works | : | 04 (Four Nos.) |
| 4. | Cost of Tender Paper | : | Rs.6,000/- |
| 5. | Class of Contractor | : | "D" & "C" in 3 Project and "C" & "B" in 1 Projects |
| 6. | Availability of bid document in the website | : | From 10.00 hours of Date: 21.11.2025 to 17.00 hours of Date: 11.12.2025 |
| 7. | Date of Opening of Bid | : | 11.00 A.M. on Dt.12.12.2025 |
| 8. | The bidders have to participate in ONLINE bidding only. Further details can be seen from the website **(https://tendersodisha.gov.in)**. Any addendum/corrigendum/cancellation of tender can also be seen in the said website only. | | |

Sd./- District Project Co-ordinator
Samagra Shiksha, Puri



## कार्यपालक अभियंता का कार्यालय
## ग्रामीण कार्य विभाग, कार्य प्रमण्डल, रॉंची

अल्पकालीन ई–पुर्ननिविदा आमंत्रण सूचना
PR 334344 REO (24-25)#D

पत्रांकः– दिनांक–

अल्पकालीन ई–पुर्ननिविदा संख्याः–09/RE/2025-26/RWD /EE/RANCHI

| क्रम सं0 | आईडेन्टी फिकेशन संख्या/ पैकेज संख्या | प्रखण्ड | कार्य का नाम | प्राक्कलित राशि (रूपये में) अंक में | प्राक्कलित राशि (रूपये में) अक्षर में | कार्य समाप्ति की तिथि/ अवधि | टेण्डर कॉल नं0 |
|---|---|---|---|---|---|---|---|
| 1 | RWD/RANCHI/ 30/2024-25 | ओरमांझी | आनन्दी से सबैया बगान भाया चेपाटोली एवं काशीटोली से टंगटंगटोली तक पथ निर्माण। (ल0– 3.500 कि0मी0) | 2,99,04,800.00 | दो करोड़ निन्यानबे लाख चार हजार आठ सौ रूपये मात्र। | 15 माह | द्वितीय |

1. वेबसाईट में निविदा प्रकाशन की तिथि :–20.11.2025
2. ई–निविदा प्राप्ति की अंतिम तिथि एवं समय :–02.12.2025 अपराह्न 5.00 बजे तक।
3. निविदा खोलने की तिथि एवं समय :–04.12.2025 अपराह्न 3.30 बजे।
4. निविदा आमंत्रित करने वाले पदाधिकारी का नाम एवं पताः– कार्यपालक अभियंता, ग्रामीण कार्य विभाग, कार्य प्रमण्डल, राँची।
5. ई–निविदा प्रकोष्ठ का दूरभाष सं0– 0651–2360137

विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है।

कार्यपालक अभियंता
ग्रामीण कार्य विभाग कार्य प्रमण्डल,
राँची

PR.NO.366523 REO(25-26):D



## Jharkhand Education Project Council
J.S.C.A Stadium Road, Jagannathpur, Sector -3,
Dhurwa, Ranchi - 834004 Phone - 0651-2444502 E-mail: jepcranchi1@gmail.com

E-Tender for Printing and Supply of notebooks (copy) for Class I to XII for 2026-27
BID No. MRE/33/283/2025-26/4820

Jharkhand Education Project Council invites online bids through e-tender from prospective Bidders for manufacturing, printing and supply of notebooks for class I to XII for 2026-27. Important dates/details are as under:

| Sl. No. | Activity | Start Date | Time | End Date | Time |
|---|---|---|---|---|---|
| 1 | Online av ailability of bid document | 19.11.2025 | 10.00 am | 09.12.2025 | 03.15 pm |
| 2 | Pre-Bid Meeting | 25.11.2025 | 03.30 pm | - | - |
| 3 | **Online Bid Submission** | 19.11.2025 | 10.00 am | 09.12.2025 | 03.15 pm |
| 4 | Submission of Paper sample | 08.12.2025 | 10.00 am | 09.12.2025 | 03.00 pm |
| 5 | Opening of Technical Bid | 10.12.2025 | 03.15 pm | - | - |

Sd/-
(Shashi Ranjan)
State Project Director

PR 366467 Jharkhand Education Project Council(25-26)D

## ଗଞ୍ଜେଇ ଗଛ ନଷ୍ଟ କଲା ପୋଲିସ

ଖଜୁରିପଡ଼ା, (ବିଦୁର ବେହେରା) ଖଜୁରିପଡ଼ା ଥାନା ଅଞ୍ଚଳରେ ବୁଧବାର ଦୂତିମେଣ୍ଡି ପଞ୍ଚାୟତର ବୈଇକୁମ୍ପା, ଝାଡ ବଲସକୁମ୍ପା,ଲମ୍ବା ଗୁଡୁରୀ, ସୀତା ପଦର, ଜଙ୍ଗଲରେ ଲାଗିଥିବା ଗଞ୍ଜେଇ ଗଛକୁ ପୋଲିସ ନଷ୍ଟ କରିଛି। ଏ ନେଇ ଥାନାରେ ୨୬୦/୨୫ ମାମଲା ରୁଜୁ କରାଯାଇଥିବା ସହିତ ୪ ଜଣ ଅଭିଯୁକ୍ତ ନାମରେ ମାମଲା ରୁଜୁ କରାଯାଇଥିବା ଥାନା ଅଧିକାରୀ ଚାପ ଧାରୀ ପ୍ରଧାନ କହିଛନ୍ତି।

# ସୁବର୍ଣ୍ଣପୁରରେ ଜଳିବ ବିଜୁଳି ଆଲୁଅ

## ଜିଲାପାଳ, ଆରକ୍ଷୀ ଅଧୀକ୍ଷକଙ୍କ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ

ଧରାକୋଟ,୧୯।୧୧(ବିଷ୍ଣୁ କେଶରୀ ଆଚାର୍ଯ୍ୟ): ଗଞ୍ଜାମ ଜିଲା ଧରାକୋଟ ବ୍ଲକ ଝାଡ଼ବନ୍ଧ ପଞ୍ଚାୟତ ଅନ୍ତର୍ଗତ ସୁବର୍ଣ୍ଣପୁର ଗ୍ରାମରେ ଏବେ ବି ବିଦ୍ୟୁତ୍ ସେବା ପହଞ୍ଚି ନ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର ଲୋକସେବା ଭବନରେ ଆୟୋଜିତ ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ବୈଠକରେ ପ୍ରସଙ୍ଗ ଉଠାଇଥିଲେ। ତୁରନ୍ତ ସୁବର୍ଣ୍ଣପୁର ଓ ଏପରି ସମସ୍ୟା ଥିବା ଅନ୍ୟ ଗାଁଗୁଡିକରେ ବିଦ୍ୟୁତ ସେବା ଯୋଗାଇବା ବ୍ୟବସ୍ଥା କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ମଙ୍ଗଳବାର ଧରାକୋଟ ବିଡିଓ ସଂଗ୍ରାମ କେଶରୀ ଜେନା, ଜିଲା ପରିଷଦ ସଦସ୍ୟ ପ୍ରତାପ ସ୍ୱାଇଁ, ସରପଞ୍ଚ ଯୋଗେନ୍ଦ୍ର ସ୍ୱାଇଁ, ପୂର୍ବତନ ସରପଞ୍ଚ ଅନ୍ତର୍ଯ୍ୟାମୀ ପ୍ରଧାନ, ବିଦ୍ୟୁତ ବିଭାଗ ନୋଡାଲ ଅଧିକାରୀ ଚନ୍ଦନ ଦାସ, ଡିଜିଏମ ଜୟଶ୍ରୀ ସାହୁ, ଏସଇ ପ୍ରଭାତ କର, ପ୍ରକଳ୍ପ ନିର୍ବାହୀ ଅଧିକାରୀ ନରେନ୍ଦ୍ର କୁମାର ନାୟକ, ନିର୍ବାହୀ ଅଧିକାରୀ ଜଗତଜିତ ଦାସ ମହାପାତ୍ର, ନିର୍ବାହୀ



ସୁବର୍ଣ୍ଣପୁର ଗ୍ରାମ।

ଅଧିକାରୀ ଅମିତ ଗର୍ଗ, ସୋଲାର ଏସଇ ପ୍ରିୟଦର୍ଶୀ ବେହେରା, ଏସଡିଓ କାଳୀ ଚରଣ ନନ୍ଦ, କନିଷ୍ଠ ଯନ୍ତ୍ରୀ ତୁଷାର ପାଢ଼ୀ ପ୍ରମୁଖ ସୁବର୍ଣ୍ଣପୁର ଗାଁରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ଏହାପରେ ଗାଁରେ ବିଦ୍ୟୁତ ଖୁଣ୍ଟ ପୋତିବା କାମ ଆରମ୍ଭ ହୋଇଛି । ଗାଁ ବସିବାର ୨୮ ବର୍ଷ ପରେ ଆଲୁଅ ଜଳିବାକୁ ଯାଉଥିବାରୁ ଗ୍ରାମବାସୀ ଖୁସି ବ୍ୟକ୍ତ କରିଛନ୍ତି।

ସୁବର୍ଣ୍ଣପୁର ଗ୍ରାମରେ ୩୦ରୁ ଉର୍ଦ୍ଧ୍ୱ ପରିବାରର ପ୍ରାୟ ୧୫୦ ଲୋକ ବସବାସ କରନ୍ତି। ଏହି ଉପାନ୍ତ ଗାଁରେ ବିଦ୍ୟୁତ ସେବା ପହଞ୍ଚି ନ ଥିବାରୁ ଲୋକେ ସନ୍ଧ୍ୟା ହେଲେ କବାଟ କିଳି ଘରେ ରୁହନ୍ତି। ଅନେକ ସମୟରେ ଗାଁକୁ ହିଂସ୍ର ଜନ୍ତୁମାନଙ୍କ ଭୟ ରହିଥିବାରୁ ସବୁକିଛି କାମ ସନ୍ଧ୍ୟା ପୂର୍ବରୁ କରିବାକୁ ପଡେ। ଗ୍ରାମର ପ୍ରାୟ ୩୦ ଜଣ ଛାତ୍ରୀଛାତ୍ର ନିକଟସ୍ଥ ସିଙ୍ଗିପୁର ବିଦ୍ୟାଳୟକୁ ପାଠ ପଢିବା ପାଇଁ ଯାଉଛନ୍ତି । ସେମାନେ ମଧ୍ୟ ପାଠ ପଢ଼ିବା ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହୁଅନ୍ତି। ଲୋକଙ୍କୁ କିରାସିନି ଟୋପାଏ ମିଳୁ ନଥିବାରୁ ମହମବତୀ କିମ୍ବା ବତି ଆଲୁଅକୁ ଭରସା କରନ୍ତି। ଘରେ ଘରେ ପିଲାମାନେ ମଧ୍ୟ ମହମବତୀ ଓ ବତି ଆଲୁଅରେ ପାଠ ପଢି ନିଜ ଭବିଷ୍ୟତ ଗଢ଼ିବାକୁ ଚେଷ୍ଟା ଜାରି ରଖିଥାନ୍ତି। ଗ୍ରାମର ଯୁକ୍ତ ୨ ଶ୍ରେଣୀର ଛାତ୍ରୀ ଅର୍ପା ଗମାଙ୍ଗ, ସବାଲ ଶବର ଓ ଫଗୁଣି ଗମାଙ୍ଗ ନିଜ ଦୁଃଖ ବଖାଣିଛନ୍ତି। ସେହିପରି ଗାଁକୁ ଭଲ ରାସ୍ତାଟିଏ ନଥିବା ବେଳେ କାହାର ଦେହ ଖରାପ ହେଲେ ସୋରଡା ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରିବାକୁ ପଡୁଛି । ଜଳ ସେଚନର ସୁବିଧା ନ ଥିବାରୁ ଲୋକେ କାଙ୍ଗୁ, ସୁଆଁ, ଜନା, ମକା ଆଦି ଫସଲ କରି ଲୋକେ ପରିବାର ପ୍ରତିପୋଷଣ କରୁଛନ୍ତି। ଗ୍ରାମର ଏହି ଅସୁବିଧା ସମ୍ପର୍କରେ ଲୋକେ ବହୁବାର ପ୍ରଶାସନ ନିକଟରେ ଅଭିଯୋଗ କରି ଥକି ଗଲେଣି । ଏପରିକି ଧରାକୋଟ ବ୍ଲକରେ ହୋଇଥିବା ଯୁଗ୍ମ ଓ ମିଳିତ ଜନ ଶୁଣାଣିରେ ମଧ୍ୟ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା ।

## ବ୍ଲକସ୍ତରୀୟ ସର୍ଗିଫୁଲ

ତୁମୁଡ଼ିବନ୍ଧ,୧୯।୧୧(ଦୀପକ କୁମାର ପରାସେଠ) ତୁମୁଡ଼ିବନ୍ଧ ବ୍ଲକ୍ କୁର୍ତ୍ତମଗଡ଼ ସରକାରୀ ଅନୁସୂଚୀତ ଜନଜାତି ଓ ଜାତିବିଭାଗର ଉଚ୍ଚ ବିଦ୍ୟାଳୟଠାରେ ମଙ୍ଗଳବାର ଅପରାହ୍ନରେ ବ୍ଲକସ୍ତରୀୟ ସର୍ଗିଫୁଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଛାତ୍ରୀଛାତ୍ରମାନେ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହରିଶ୍ଚନ୍ଦ୍ର ପ୍ରଧାନ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ତୁମୁଡ଼ିବନ୍ଧ ବ୍ଲକ୍ ଅଧକ୍ଷା ବାସନ୍ତୀ ମାଝି, ମୁଖ୍ୟବକ୍ତା ଭାବେ ତୁମୁଡିବନ୍ଧ ବିଡ଼ିଓ ବନବିହାରି ହରପାଲ, ସମ୍ମାନିତ ଅତିଥିଭାବେ ତୁମୁଡ଼ିବନ୍ଧ ବ୍ଲକ୍ ଏମ୍‌ପି ପ୍ରତିନିଧି ପୂର୍ଣ୍ଣ ଚନ୍ଦ୍ର ପାଢ଼ୀ, କୁର୍ତ୍ତମଗଡ଼ ସରପଞ୍ଚ ସ୍ୱର୍ଣ୍ଣ ଲତା ମାଲିକ, ତୁମୁଡ଼ିବନ୍ଧ ସ୍ୱାସ୍ଥ୍ୟ କେନ୍ଦ୍ରର ଡ. ସ୍ୱୟଂଜିତ ଦାସ, ବ୍ଲକ୍ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ମଙ୍ଗଳ ଚରଣ ଲେଙ୍କା, ତୁମୁଡିବନ୍ଧ ଥାନାଧିକାରୀ ଆଶୁତୋଷ ଜେନା, ତୁମୁଡିବନ୍ଧ କନିଷ୍ଠ ଯନ୍ତ୍ରୀ ପ୍ରଣୟ ମିଶ୍ର, ସ୍କୁଲ ପରିଚାଳନା କମିଟିର ସଭାପତି ମାନ୍ଦ୍ରୀ ମାଝି ଓ ତୁମୁଡିବନ୍ଧ ବ୍ଲକ୍ ଅଞ୍ଚଳରେ ଥିବା ୮ଟି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକମାନେ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ଅଧକ୍ଷା ମାଝୀ ଅନୁସୂଚିତ ଜନଜାତି ଓ ଜାତିର ଛାତ୍ରୀଛାତ୍ରଙ୍କୁ ଭଲରେ ପାଠ ପଢ଼ିବା ଓ ଭଲ ମଣିଷ ହୋଇ ଅନୁଷ୍ଠାନର ନାଁ ରଖିବା, ଆମେ ଭଲ ପାଠ ପଢିଲେ ଜାଣିବା ଓ ଜିଣିବା ବୋଲି କହିଥିଲେ। ମୁଖ୍ୟ ବକ୍ତା ବିଡ଼ିଓ ହରପାଲ ମଧ ଉପସ୍ଥିତ ଥିବା ଛାତ୍ରୀଛାତ୍ରଙ୍କୁ ଅନୁରୂପ ଉପଦେଶ ଦେଇଥିଲେ। ତୁମୁଡିବନ୍ଧ ବ୍ଲକରେ ଉକ୍ତ ବିଭାଗର ୯ଟି ବିଦ୍ୟାଳୟର ଛାତ୍ରୀଛାତ୍ର ମାନଙ୍କୁ ନେଇ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା କରାଯାଇଥିଲା। କୃତି ଛାତ୍ରୀ ଛାତ୍ର ମାନଙ୍କୁ ପୁରସ୍କୃତ କରାଯାଇଥିଲା।

## ବ୍ଲକସ୍ତରୀୟ ଦିବ୍ୟାଙ୍ଗ କ୍ରୀଡ଼ା ସାଂସ୍କୃତିକ କାର୍ଯ୍ୟକ୍ରମ

ଶେରଗଡ଼, ୧୯।୧୧( ସୂର୍ଯ୍ୟନାରାୟଣ ଦାଶ) ଶେରଗଡ଼ ମହାତ୍ମାଗାନ୍ଧୀ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ମଙ୍ଗଳବାର ଦିବ୍ୟାଙ୍ଗ ବ୍ୟକ୍ତି ବିଶେଷଙ୍କ ପାଇଁ କ୍ରୀଡା ସାଂସ୍କୃତିକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏହାକୁ ବ୍ଲକ୍ ଅଧକ୍ଷ କୃଷ୍ଣଚନ୍ଦ୍ର ନାୟକ ଶୁଭାରମ୍ଭ କରିଥଲେ। ବିଡ଼ିଓ ତୃପ୍ତିମୟୀ ଜେନା ଓ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଭଗବାନ ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ୍‌ର ସମସ୍ତ ଗ୍ରାମରେ ଥିବା ଦବ୍ୟାଙ୍ଗ ବ୍ୟକ୍ତିଙ୍କୁ ନେଇ ଦୌଡ଼, ସଙ୍ଗୀତ ଚୌକି ପ୍ରତିଯୋଗିତା, ନାଚ, ଗୀତ ଆଦି ପ୍ରତିଯୋଗିତା କରାଯାଇଥିଲା। ସମସ୍ତ ୨୭ଟି ଉଚ୍ଚ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକମାନେ ଉପସ୍ଥିତ ରହି କୃତି ଦିବ୍ୟାଙ୍ଗମାନଙ୍କୁ ଚୟନ କରି ପୁରସ୍କାର ପ୍ରଦାନ କରାଯାଇଥିଲା। ସାମାଜିକ ସୁରକ୍ଷା, ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଏବିଡିଓ ସୁଧାଂଶୁ ଶେଖର ତରାଇ, ସହକାରୀ ଯୋଗାଣ ନିରିକ୍ଷକ ବିଭୁପ୍ରସାଦ ସାହୁ, ସହକାରୀ ନିର୍ବାହୀ ଯନ୍ତ୍ରୀ ରଶ୍ମିତା ଶବର, ଏବିଇଓ ଶୈରନ୍ଦ୍ରି ଦଳେଇ ଯୋଗଦେଇ ଥିଲେ। ଅରୁଣ କୁମାର ପ୍ରଧାନଙ୍କ ସଂଯୋଜନାରେ ଗ୍ରାମସେବକ ମାନେ ସହଯୋଗ କରିଥିଲେ।

# ଗଞ୍ଜାମ ଚାଷୀଙ୍କୁ ମିଳିଲା ପିଏମ୍ କିଷାନ କିସ୍ତି



ଗଞ୍ଜାମ ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ ଓ ହିତାଧିକାରୀ।

ଛତ୍ରପୁର,୧୯।୧୧(ଦିଲୀପ ସାମଲ): ପ୍ରଧାନମନ୍ତ୍ରୀ କିଷାନସମ୍ମାନନିଧି ଯୋଜନାର ୨୧ ତମ କିସ୍ତି ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଭାସୀ ମାଧ୍ୟମରେ ତାମିଲନାଡୁ କୋଏମ୍ବାଟୁରରେ ରହି ଦେଶର ଚାଷୀମାନଙ୍କୁ ପ୍ରଦାନ କରିଛନ୍ତି। ଖରିଫ ଓ ରବି ଚାଷ ଋତୁ ଆରମ୍ଭ ପୂର୍ବରୁ ଚାଷୀ ଭାଇ ଓ ଭଉଣୀମାନଙ୍କୁ ବିହନ, ସାର ଓ ଔଷଧ କ୍ରୟ କରିବା ନିମନ୍ତେ ଆର୍ଥିକ ସହାୟତା ପ୍ରଦାନ କରିବା ହେଉଛି ଏହି ଯୋଜନାର ମୂଳଲକ୍ଷ୍ୟ। ଏହି କ୍ରମରେ ଗଞ୍ଜାମ ଜିଲାର ୧ଲକ୍ଷ ୬୭ ହଜାର ୩୬୨ ଜଣ ହିତାଧିକାରୀଙ୍କୁ ୨ ହଜାର ଟଙ୍କା ଲେଖାଏଁ ୩୩ କୋଟି ୪୭ ଲକ୍ଷ ୨୪ ହଜାର ଟଙ୍କା ସେମାନଙ୍କ ଆକାଉଣ୍ଟ ପଠାଯାଇଛି। ଏ ନେଇ ଛତ୍ରପୁରସ୍ଥିତ ଗଞ୍ଜାମ ଜିଲା ପରିଷଦ ଭବନ ଋଷିକୁଲ୍ୟା ସମ୍ମିଳନୀ କକ୍ଷରେ ଆୟୋଜିତ ଜିଲା ସ୍ତରୀୟ କାର୍ଯ୍ୟକ୍ରମରେ ଗଞ୍ଜାମ ଅତିରିକ୍ତ ଜିଲାପାଳ ( ସାଧାରଣ) ଡ଼ଃ ପ୍ରମୋଦ କୁମାର ପୃଷ୍ଟି, ଭାରପ୍ରାପ୍ତ ମୁଖ୍ୟ ଜିଲା କୃଷି ଅଧିକାରୀ ପ୍ରଶାନ୍ତ କୁମାର ନାଥ, ବରିଷ୍ଠ କୃଷି ବୈଜ୍ଞାନିକ ସୁଜିତ କୁମାର ନାଥଙ୍କ ସମେତ ଅତିରିକ୍ତ କୃଷି ଜିଲା ଅଧିକାରୀ, ଅତିରିକ୍ତ ମୃତ୍ତିକା ସଂରକ୍ଷଣ ଅଧିକାରୀ ଏବଂ ସମସ୍ତ ବ୍ଲକର ଗୋଷ୍ଠୀ କୃଷି ଅଧିକାରୀ ଓ ସହକାରୀ କୃଷି ଅଧିକାରୀମାନେ ଉପସ୍ଥିତ ଥିଲେ। ସେଠାରେ ଉପସ୍ଥିତ ଥିବା ଚାଷୀ ତଥା ହିତାଧିକାରୀ ମାନେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ଏଲଇଡ଼ି ମାଧ୍ୟମରେ ଦେଖିଥିଲେ।

# ଭଞ୍ଜନଗରରେ ରାଷ୍ଟ୍ରୀୟ ଏକତା ପଦଯାତ୍ରା



ଜଣେ ଶିଳ୍ପୀଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରୁଛନ୍ତି।

ଭଞ୍ଜନଗର,୧୯।୧୧(ବାବୁଲା ପ୍ରଧାନ): ଭଞ୍ଜନଗର ବ୍ଲକ ପ୍ରଶାସନ ପକ୍ଷରୁ ବୁଧବାର ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ ତମ ଜୟନ୍ତୀ ଅବସରରେ ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟରୁ ଏକ ଏକତା ପଦଯାତ୍ରା ବାହାରିଥିଲା। କନ୍ଧମାଳ ଏମ୍‌ପି ସୁକାନ୍ତ ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପଦଯାତ୍ରା ଶୁଭାରମ୍ଭ କରିଥିଲେ। ଏହି ଅବସରରେ ସେ କହିଥିଲେ, ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ଦେଶ ସ୍ୱାଧୀନ ହେବା ପୂର୍ବରୁ ୫୬୦ ଗଡ଼ଜାତ ରାଜ୍ୟକୁ ମିଶାଇ ଥିଲେ। ସେ ନ ଥିଲେ ଆଜି ଆମେ ଦେଶର ମାନଚିତ୍ର ଆଙ୍କି ପାରି ନଥାନ୍ତେ। ଆମେ ପ୍ରତ୍ୟେକ କ୍ଷେତ୍ରରେ ଆତ୍ମ ନିର୍ଭର ହେଉଛେ ବୋଲି ପାଣିଗ୍ରାହୀ କହିଥିଲେ। ବାହାରୁ ଆସିଥିବା ଜିନିଷ ଛାଡ଼ି ସ୍ୱଦେଶୀ ଜିନିଷ ବ୍ୟବହାର କରିବା ପାଇଁ ଏମ୍‌ପି ଉପସ୍ଥିତ ଲୋକଙ୍କୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ, ଏଡିଏମ, ଉପ ଜିଲ୍ଲାପାଳ ଉମା ଶଙ୍କର ବେହେରା, ବିଡ଼ିଓ ଭାରତୀ ଦେବୀ, ତହସିଲଦାର ଅଭିପ୍ସା ପଟ୍ଟନାୟକ, ଏଏସପି ରଞ୍ଜନ କୁମାର ଦେ, ଏସଡିପିଓ ଦୀପକ କୁମାର ମିଶ୍ର, ଏନଏସି ଅଧକ୍ଷ ଗୋପବନ୍ଧୁ ମହାପାତ୍ର, ବ୍ଲକ ଅଧକ୍ଷ ନରୀସଭା ନାୟକ, ନିର୍ବାହୀ ଅଧିକାରୀ ମୁରଲୀ ପଣ୍ଡା, ଭାଜପା ଭଞ୍ଜନଗର ସାଙ୍ଗଠନିକ ଜିଲା ସଭାପତି ନୀଳମାଧବ ପାତ୍ର, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଷ୍ଣୁ ପ୍ରସାଦ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା, ଏନସିସି, ଯୁବ ରେଡକ୍ରସ, ସାବିତ୍ରୀ ମହିଳା ମହାବିଦ୍ୟାଳୟ, ଡିହପଡାଲ, ଲାଲସିଂ, କେନ୍ଦ୍ରୀୟ ବିଦ୍ୟାଳୟ ଆଦି ବିଦ୍ୟାଳୟ ଓ କଲେଜର ଛାତ୍ରୀଛାତ୍ର ଶୋଭାଯାତ୍ରାରେ ଭାଗ ନେଇଥିଲେ। ଶୋଭାଯାତ୍ରା ବେଳେ ଏକାଧିକ ସ୍ଥାନରେ ପଥପ୍ରାନ୍ତ ସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଶେଷରେ କୃତୀ ଛାତ୍ରୀଛାତ୍ର ଏବଂ ଅଞ୍ଚଳର କିଛି ଜଣାଶୁଣା ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

## ଅଭିଭାବକ ପ୍ରଶିକ୍ଷଣ ଶିବିର

ଆସିକା ,୧୯।୧୧(ସୁରେନ୍ଦ୍ର ନାଥ ସାହୁ): ଆସିକା ହାଟପଦାସ୍ଥିତ ପୂର୍ବତନ ବୋର୍ଡ ବାଳିକା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବୁଧବାର ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ଅଭିଭାବକମାନଙ୍କୁ ନେଇ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରରେ ଆସିକା ଗୋଷ୍ଠି ଶିକ୍ଷା ଅଧିକାରୀ ମୁନ ରାଣୀ ମହାନ୍ତି, ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିଭୂନନ୍ଦନ ପଣ୍ଡା, ପ୍ରଧାନ ଶିକ୍ଷୟିତ୍ରୀ ଅଂଯୁକ୍ତା ରାଣି ପଟ୍ଟନାୟକ, ଗୋଷ୍ଠି ସମ୍ବଳ ଅଧିକ୍ଷକ ହେମନ୍ତ କୁମାର ନନ୍ଦ, ଅର୍ଚ୍ଚନା ବେହେରା, ଶିଶିରକାନ୍ତ ବେହେରା, ମନ୍ଦିକିନି ରଥ ପ୍ରମୁଖ ଯୋଗଦେଇ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ଲାଗି ରହିଥିବା ବିଭିନ୍ନ ସୁବିଧା ସୁଯୋଗ ସମ୍ପର୍କରେ ସୂଚନା ଦେଇଥିଲେ । ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ପିତାମାତା ଏଥିପ୍ରତି ସଚେତନ ରହି ଏହାର ସୁଫଳ ହାସଲ ନିମନ୍ତେ ଯତ୍ନବାନ ହେବା ଲାଗି ପରାମର୍ଶ ଦେଇଥିଲେ। ଶିବିରରେ ଆସିକା ଏନଏସି. ହରିଡାପଦର, କାଳଷଣ୍ଢପୁର ଓ ନଳବଣ୍ଟା କ୍ଲଷ୍ଟରର ବିଭିନ୍ନ ବିଦ୍ୟାଳୟର ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ଅଭିଭାବକ ସାମିଲ ଥିଲେ।

# ବ୍ଲକସ୍ତରୀୟ ମତ୍ସ୍ୟ, ପ୍ରାଣୀ ସମ୍ପଦ ମେଳା



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

ଚିକିଟି,୧୯।୧୧(ପ୍ରକାଶ ଚନ୍ଦ୍ର ସାହୁ) ଚିକିଟି ବ୍ଲକ୍ ଗୌର ଚନ୍ଦ୍ର ମିନି ଷ୍ଟାଡିୟମ ପରିସରରେ ବୁଧବାର ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଅନୁଷ୍ଠିତ ହୋଇଛି। ଏଥିରେ ଭାରପ୍ରାପ୍ତ ପ୍ରାଣୀ ଚିକିତ୍ସାଧିକାରୀ ଡ.କୁଳଦୀପ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା ଯୋଗଦେଇ ମେଳାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଚିକିଟି ବିଡିଓ ବିବେକାନନ୍ଦ ମିଶ୍ର, ଜିଲା ସହକାରୀ ମତ୍ସ୍ୟ ଅଧିକାରୀ ଭାରତ ଭୂଷଣ ସାହୁ, ବ୍ରହ୍ମପୁର ଉପଖଣ୍ଡ ପ୍ରାଣୀ ଚିକିତ୍ସାଧିକାରୀ ଡ. ଅରବିନ୍ଦ ବେହେରା, ଅତିରିକ୍ତ ପ୍ରାଣୀ ଚିକିତ୍ସକ ଡ. କାମେଶ୍ୱର ରେଡ଼ି, ପ୍ରାଣୀ ଚିକିତ୍ସକ ଡ. ଲିପ୍ସା ମହାପାତ୍ର, ନୂଆପଡା ପ୍ରାଣୀ ଚିକିତ୍ସକ ଡ. ସୌମିକ ସ୍ୱାଇଁ, ବ୍ଲକ୍ ଅଧକ୍ଷ ଆପନା ସେଠି, ଅତିରିକ୍ତ ନିର୍ଦ୍ଦେଶକ ଡ. କୈଳାଶ ଚନ୍ଦ୍ର ସାମନ୍ତରାୟ ଏବଂ ଏମ୍‌ପି ପ୍ରତିନିଧି ମିନା ଦ୍ୟାନ ସାମନ୍ତରାୟ ଯୋଗଦେଇଥିଲେ। ଏହି ଅବସରରେ କୃଷି, ପଶୁପାଳନ, କୁକୁଡ଼ା, ଛେଳି, ମତ୍ସ୍ୟ, ଯାଅଁଳା ଚାଷ, ଉଦ୍ୟାନ କୃଷି ଆଦି କ୍ଷେତ୍ରରେ ଆତ୍ମନିର୍ଭର ଚାଷୀଙ୍କୁ ସମ୍ମାନିତ କରାଯାଇଥିଲା। ବ୍ଲକର ୮ ଜଣ ଅଗ୍ରଣୀ ପଶୁ ପାଳକ ଓ ମତ୍ସ୍ୟ ପାଳକଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିସହ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। ୪ ଜଣଙ୍କୁ ସରକାରୀ ସହାୟତା ପ୍ରଦାନ କରାଯାଇଥିଲା।

# ଡିସେମ୍ବର ୨୩ରେ ସିପିଆଇର ଶତବାର୍ଷିକୀ ଉତ୍ସବ

ଛତ୍ରପୁର,୧୯।୧୧(ଦିଲୀପ ସାମଲ): ଡିସେମ୍ବର ୨୩ରେ ଛତ୍ରପୁରଠାରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ)ର ଶତବାର୍ଷିକୀ ଉତ୍ସବ ପାଳନ କରାଯିବ। ଏଥିରେ ପାର୍ଟିର କେନ୍ଦ୍ରୀୟ ସମ୍ପାଦକ କେ. ରାମକ୍ରିଷ୍ଣା ଓ ରାମକୃଷ୍ଣ ପଣ୍ଡାଙ୍କ ସମେତ ବହୁ ରାଜ୍ୟ ନେତୃବୃନ୍ଦ ଯୋଗଦେବେ। ଏହି ପରିପ୍ରେକ୍ଷୀରେ ବୁଧବାର ଛତ୍ରପୁର ସ୍ଥିତ ଲକ୍ଷ୍ମଣ ଭବନ ପରିସରରେ ଛତ୍ରପୁର, ଚମାଖଣ୍ଡି ଓ ଗଞ୍ଜାମ ଜୋନକୁ ନେଇ ଏକ ପ୍ରସ୍ତୁତି ବୈଠକ କରାଯାଇଛି। ବରିଷ୍ଠ କମ୍ୟୁନିଷ୍ଟ ନେତା ଏସ. କ୍ରିଷ୍ଣା ରେଡ୍ଡୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଛି। ବୈଠକରେ ପାର୍ଟିର ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ଆଶିଷ କାନୁନଗୋ, ଏନ. ନାରାୟଣ ରେଡ୍ଡୀ ଓ ପ୍ରକାଶ ପାତ୍ର ଯୋଗ ଦେଇ ଆଲୋଚନା କରିଥିଲେ। ନେତାମାନେ ସରକାରଙ୍କୁ ସମାଲୋଚନା କରିଥିଲେ। ଏହି ଅବସରରେ ଶତବାର୍ଷିକୀ ଉତ୍ସବ ପାଇଁ ଏକ ଅଭ୍ୟର୍ଥନା କମିଟି ଗଠନ କରାଯାଇଛି। କମିଟିର ଅଧକ୍ଷ ଭାବେ ପୂର୍ବତନ ବିଧାୟକ ଏନ. ନାରାୟଣ ରେଡ୍ଡୀ, ସମ୍ପାଦକ ଭାବେ ଶ୍ରୀହର୍ଷ ରଥ, କୋଷାଧକ୍ଷ ଭାବେ ସିଏଚ. ଜନାର୍ଦ୍ଦନ ରେଡ୍ଡୀ ଏବଂ ପୃଷ୍ଠପୋଷାକ ଭାବେ ଗୋକୁଳ ଚନ୍ଦ୍ର ପଣ୍ଡାଙ୍କୁ ସର୍ବସମ୍ମତି କ୍ରମେ ଚୟନ କରାଯାଇଛି।


## State Institute for Development of Arts & Crafts

Handlooms, Textiles & Handicrafts Department, Government of Odisha

SIDAC

No. PP-47
RFP No: 3017

**REQUEST FOR PROPOSAL**

Date : 18.11.2025

State Institute for Development of Arts & Crafts (SIDAC) on behalf of Handlooms, Textiles & Handicrafts Department, Govt. of Odisha as the implementing agency of Odisha Crafts Museum - Kalabhoomi invites sealed proposal from eligible agencies for:

**"SELECTION OF PRIVATE OPERATORS FOR LEASING AND OPERATION OF RESTRO CAFE 1/ RESTRO CAFE 2/ RESTRO CAFE 3/ CANTEEN OF ODISHA CRAFTS MUSEUM - KALA BHOOMI, BHUBANESWAR".**

Agencies fulfilling the eligibility criteria and other requirement of the selection process can download the complete RFP document from the websites of the department at www.sidacodisha.org.in & www.odishacraftsmuseum.odisha.gov.in

The proposals complete in all respect must reach the undersigned through **Speed post/ Courier** only in a sealed envelope clearly mentioning on the top of it **" REQUEST FOR PROPOSAL- TITLE OF THE TENDER".** The authority reserves the right to reject any / all proposal and cancel the selection process without assigning any reason thereof.

For further details please contact: SIDAC, Handicrafts Complex, Gandamunda, Bhubaneswar, Ph: 0674-2350318.

OIPR:

Sd/-
Member Secretary

## ପୌରପରିଷଦ କାର୍ଯ୍ୟାଳୟ, ଝାରସୁଗୁଡ଼ା

ସଂଖ୍ୟା–୪୩୯୪, ତା.୧୭.୧୧.୨୦୨୫ ରିଖ

**ଇସ୍ତିହାର**

No.C-1509:ଏତଦ୍ଵାରା ପୁରୁଣା ତଥା ଭଙ୍ଗାରୁଜା ଲୁହା ସାମଗ୍ରୀ ନେବାକୁ ଇଚ୍ଛୁକ ଥିବା ବ୍ୟକ୍ତି/ଅନୁଷ୍ଠାନ ବିଶେଷଙ୍କୁ ଜଣାଇ ଦିଆଯାଉଅଛି ଯେ, ଅତ୍ର ପୌରପରିଷଦର ସ୍ୱାସ୍ଥ୍ୟ ବିଭାଗର କେତେକ ପୁରୁଣା ତଥା ଭଙ୍ଗାରୁଜା ଲୁହା ସାମଗ୍ରୀ, ଯାହାର ଏକ ତାଲିକା ଏଥିସହିତ ନଥି କରାହୋଇଅଛି, ଆସନ୍ତା ତା.୨୮.୧୧.୨୦୨୫ ରିଖ ଦିବା ୧୧.୦୦ ଘଣ୍ଟାରେ ସ୍ୱାସ୍ଥ୍ୟ କାର୍ଯ୍ୟାଳୟ ସମ୍ମୁଖରେ ପ୍ରକାଶ୍ୟ ଭାବେ ନିଲାମ କରାଯିବ । ଏଣୁ ଇଚ୍ଛୁକ ଥିବା ବ୍ୟକ୍ତି /ଅନୁଷ୍ଠାନ ବିଶେଷ ଉକ୍ତ ନିଲାମରେ ଭାଗ ନେବା ପୂର୍ବରୁ ଅତ୍ର କାର୍ଯ୍ୟାଳୟରେ ଟ.୫୦,୦୦୦.୦୦ (ପଚାଶ ହଜାର ଟଙ୍କା) ଜମା ଦେଇ ନିଲାମରେ ଭାଗ ନେଇପାରିବେ । ନିଲାମ ଯାହାର ସିଦ୍ଧ ହେବ, ସେ ନିଲାମ ଡାକର ସମସ୍ତ ମୂଲ୍ୟ ସଙ୍ଗେ ଅଫିସରେ ଜମା ଦେବ, ନତୁବା ନିଲାମକୁ ଅସିଦ୍ଧ ଘୋଷଣା କରାଯିବା ସଙ୍ଗେ ସଙ୍ଗେ ତାଙ୍କ ଦ୍ୱାରା ଜମା ଥିବା ଅମାନତ ଟଙ୍କା ବାଜ୍ୟାପ୍ତି କରାଯିବ । ନିମ୍ନ ସ୍ୱାକ୍ଷରକାରୀ ସର୍ବୋଚ୍ଚ ଡାକକୁ ଗ୍ରହଣ କରିବାକୁ ବାଧ ନୁହନ୍ତି ।

ସ୍ୱା./–କାର୍ଯ୍ୟନିର୍ବାହୀ ଅଧିକାରୀ
ଝାରସୁଗୁଡ଼ା ପୌରପରିଷଦ

OIPR-

## କଟକ ଉନ୍ନୟନ କର୍ତ୍ତୃପକ୍ଷ

CDA

ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ–୧୨

**ସୂଚନା**

No.CAD-2361:ଏତଦ୍ଵାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଅଭିନବ ବିଡାନାସୀ, କଟକ (ମର୍କତ ନଗର) ସେକ୍ଟର–୧୧ ରେ ପ୍ଲଟ୍ ନଂ.–11–2D/221/30 ଟିକୁ ଶ୍ରୀ ବୀରବର ପାତ୍ର, ପିତା–ସ୍ୱର୍ଗତ ରାଜ କିଶୋର ପାତ୍ର, ସା–ପ୍ଲଟ ନଂ.–୨୦୩୩/ଏଫ, ତୃତୀୟ ଗଳି, ଚିନ୍ତାମଣିଶ୍ୱର ମନ୍ଦିର ପଛପଟେ, ଚିନ୍ତାମଣିଶ୍ୱର, ଭୁବନେଶ୍ୱର, ଖୋର୍ଦ୍ଧା, ଓଡ଼ିଶା–୭୫୧୦୦୬ଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀ ବୀରବର ପାତ୍ର ଉକ୍ତ ପ୍ଲଟ ସହିତ ଗୃହଟିକୁ ତୃତୀୟପକ୍ଷ ଅନ୍ତରଣ ଆଧାରରେ ଶ୍ରୀ ସତ୍ୟ ରଞ୍ଜନ ମହାନ୍ତି, ପିତା–ସ୍ୱର୍ଗତ ଅକ୍ଷୟ କୁମାର ମହାନ୍ତି, ସା–ବଖରାବାଦ, ପୋ–ଚାନ୍ଦିନୀଚୌକ, ଥା–ଲାଲବାଗ, ଜିଲ୍ଲା–କଟକ–୭୫୩୦୦୨ଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି । ଉକ୍ତ ପ୍ଲଟ ସହିତ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହାହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର (15) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତତ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ ।

ସ୍ୱା./–ଭାରପ୍ରାପ୍ତ ଅଧିକାରୀ
(ଇଷ୍ଟେଟ)

OIPR-

## ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ଲିଃ

OBCC

No.CAD-2349

(ଓଡ଼ିଶା ସରକାରଙ୍କ ପୂର୍ତ୍ତ ବିଭାଗ ଅଧୀନର ଏକ ଉଦ୍ୟୋଗ)

**ODISHA BRIDGE & CONSTRUCTION CORPORATION LIMITED**

(A Government of Odisha Undertaking under Works Department)

No.9769
File: SMT-2077

Date:17.11.25

**NOTICE INVITING TENDER**

| | | |
|---|---|---|
| 1. | Name of Work | Selection of Social media Agency to handle social media of Works Department,Odisha |
| 2. | Bid Identification No. of the Tender Document | **18/Tender/OBCC/2025-26** |
| 3. | Date of availability in e-procurement portal | from 21.11.2025 |
| 4. | Last date & time of receipt of online bid | 11.12.2025 till 5.00 PM |
| 5. | Date of Opening of online technical bid | 12.12.2025 at 11.30 AM |
| 6. | Period of Engagement | 24 Months |

7. Further details can be seen from the e-Procurement portal https://www.tendersodisha.gov.in.
8. OBCC has the right to accept or reject the Notice/RFP/Proposal without assigning any reason thereof.

OIPR-

Sd./- Chief Engineer-II

## OFFICE OF THE CHIEF DISTRICT VETERINARY OFFICER, ANGUL

AT: HEMSURPADA, PO/DIST:ANGUL, ODISHA-759122

Mail: cdvoangul@gmail.com

**TENDER CALL NOTICE**

No.M-39:Bids in sealed cover are invited from the interested eligible Non-Government Organisations/ Reputed Manpower Agency/ Service Provider to provide Manpower support i.e. One Laboratory Technician at District Diagnostic Laboratories (DDL), Angul under State Plan Scheme Support to vaccine production & Disease Control Institution" under Umbrella Scheme "GOAL FOR MANAGEMENT & TREATMENT OF ANIMALS" (GOMATA) for the year 2024-25. The details of the tender can be downloaded from the website: (www.angul.odisha.gov.in)

Sd./-
Chief District Veterinary Officer
Angul

OIPR-

## Bhubaneswar Municipal Corporation

BMC

Notice No- 58080 /2025-26
xxxxx 11563 AC, 285/2025

Dt:17.11.2025

**REQUEST FOR PROPOSAL FOR SELECTION OF AN EVENT MANAGEMENT AGENCY (EMA) FOR CONCEPTUALISING, CURATING & EXECUTING THE BHUBANESWAR PATHA-UTSAV**

**No.C-1510:**Bhubaneswar Municipal Corporation (BMC) invites proposal from reputed Event Management Agency (EMA) for Conceptualising, Curating & Executing the Bhubaneswar Patha-Utsav. Interested agencies may participate for this tender and submit their proposal. The detailed Request for Proposal (RFP) document can be downloaded from BMC website: **www.bmc.gov.in from 11.00 AM of 19.11.2025 to 03.00 PM of 10.12.2025**. The last date of receipt of technical and financial bids is **10.12.2025 till 3.00 PM** and the same would be opened on **10.12.2025 at 4.00 PM**. The Pre-bid meeting is scheduled on **25.11.2025 at 04.30 PM.** in the Conference Hall at BMC Office. Bids shall be submitted through registered/ Speed Post or Courier service (no hand delivery allowed) at the address mentioned in the RFP. Please refer the RFP documents for further details.
BMC reserves the right to cancel this invitation and / or invite fresh Bid/RFP with or without amendments to this invitation, without liability or any obligation for such invitation and without assigning any reason. BMC reserves the right to accept or reject any or all proposals without assigning any reason whatsoever.

By Order
Sd./- Deputy Commissioner
(Public Relation & Communication)
Bhubaneswar Municipal Corporation

OIPR-

## OFFICE OF THE PRINCIPAL GOVT. COLLEGE OF ART AND CRAFTS

No.RR-28

Khallikote, Ganjam, Odisha-761030, Ph.06810 291352
Department of Odia Language, Literature & Culture, Govt. of Odisha
Affiliated to Utkal University of Culture, Odisha
Mail. govtcollegeofartandcrafts@gmail.com, Web: http://gcacodisha.nic.in

No.1093/GCAC, Khallikote

Date:18.11.2025

**ADVERTISEMENT FOR GUEST FACULTIES 2025-26**

Applications are invited from the eligible candidates for engagement of the Guest Faculties in the Govt. College of Art and Crafts, Khallikote for the academic year 2025-26 functioning under the Odia Language Literature and Culture Department, Govt of Odisha as mentioned below:
Guest Lecturer (Department Wise):
**(i) Crafts & Ceramics -1**
Guest Instructor (Department Wise):
**(i) Oil Painting-1 (ii) Commercial Art-1**
Interested Candidates are advised to apply in the plain paper application along with Complete Bio-Data, all photo copies of Educational Certificate and Mark sheets, latest by 30th Nov 2025 positively to the office of the Principal, Govt College of Art and Crafts, Khallikote,Ganjam-761030 . The applications received after due date shall not be taken into consideration. The minimum qualification for the post of Guest Lecturer shall be Master's Degree (MVA/MFA) and for Guest Instructor is Bachelor's Degree ( BVA / BFA) in the concerned subject and preference will be given to the candidates having any higher qualification. The remuneration shall be paid to the above Guest faculties as per the Govt. approved rate. The undersigned have reserved every right to reject any or all applications without assigning any reason.

Sd./- (Sri Devi Prasad Dash)
Principal I/C
Govt.College of Art and Crafts

OIPR-

## OFFICE OF THE SAMBALPURI BASTRALAYA HLCS LTD, BARGARH

At/PO/DIST.-BARGARH, PIN-768028,E.mail sambalpuribastralayabgh@gmail.com

Tender Call Notice

Notice No – 2000 Dated –04.11.2025

**No.CAD-2358:**Sealed Tenders are invited from the reputed Suppliers / Manufacturers/ Dealers/ Firms having valid PAN & GST with up to date Income Tax clearance Certificate, for supply of the Fleece Blankets for supply of the same to Government Agencies for their students of different districts of the state during 2025-26. The rates are inclusive of all Taxes and transportation charges up to the delivery point Koraput Godown of Sambalpuri Bastralaya HLCS Ltd., Bargarh. The last date of submission of Tender is **dt.24.11.2025 by 5.00 P.M.** The Tender will be opened on **dt. 25.11.2025 at 11.00AM** in the Office of the President, Sambalpuri Bastralaya HLCS Ltd., Bargarh in presence of the Tenderers or their authorized representatives and members of the Purchase Committee. **The Tenderers or their representatives must present on that day with samples of the above quoted items,** failing which the related quotations shall not be considered.
For more details terms & condition etc. and eligible criteria for supply of the items, please visit the official website of the of Sambalpuri Bastralaya Handloom Co-operative Society Ltd., Bargarh **www.sambalpuribastralaya.com** and may contact to the office of the Sambalpuri Bastralaya Bargarh in the above listed address, email & Phone Number-8984735626. The undersigned reserves the right to reject or accept any or all the quotation without assigning any reason thereof.

Sd/- S.L.Singh, Secretary

**Proforma for submission of Tender:-**

| Sl. No. | Name of the quoted items | Specification | Rate per unit inclusive all taxes and transportation | Remarks |
|---|---|---|---|---|
| 01 | 02 | 03 | 04 | 05 |
| | | | | |

OIPR-

## CONFISCATION NOTICE OF TRACTOR & TROLLEY

No.MM-289: It is to inform to all concerned through this publication that one Sonalika Tractor with Trolley bearing Regd. Number OR-07V-7237 Engine No. Not Visible , Chassis Number - Not Visible loaded with illicit forest produce i.e, Jamukoli Log- 7pcs=17.184cft, Kakapoi Logs-7 pcs=20.443cft & Acacia Logs-7pcs=8.804 cft on the PWD Road from Beguniapada Jn to Jharanai for illicit transportation of Forest Produce as above. The aforesaid forest produce along the above vehicle may be confiscated for its involvement in Forest Offence case No. UD Case No. 19 of 2020-21 of Khallikote Range for non-submission of reply to the show cause and non-attendance of the accused person owner thereof on the date of hearing fixed on 02.12.2022 before the Authorized Officer-cum- A.C.F, Brahmapur Division.
The final dated of hearing to the aforesaid cases is fixed to 26.11.2025 at 11.00 A.M in the forum of the Authorized Officer-cum- Assistant Conservator of Forests, Brahmapur Division for giving another opportunity of being heard in person in the matter. Failure to attend the hearing by any claimant/ accused on the date within 30 days from the dated of publication of this notice in reference to the above vehicle, the vehicle may be confiscated under Section 56 (2(b)) of the Odisha Forest Act, 1972 exparte.

Sd./-
Authorized Officer-cum-A.C.F.
Brahmapur Forest Division

OIPR-

## ଟେଣ୍ଟ ହାଉସ ମାଲିକଙ୍କୁ ଖଣ୍ଡା ଦେଖାଇ ଲୁଟ୍

ହିଞ୍ଜିଳିକାଟୁ,(ଦ୍ୱିତୀକୃଷ୍ଣ ପଣ୍ଡା): ବ୍ରହ୍ମପୁର ଓ ହିଞ୍ଜିଳିକାଟୁ ଜାତୀୟ ରାଜପଥ ଉପରେ ଲୁଟେରାଙ୍କ ଆତଙ୍କ ଦେଖାଦେଇଛି। ୨ ଦୁର୍ବୃତ୍ତ କଳାଡ୍ରେସ ପିନ୍ଧି ଖଣ୍ଡା ଦେଖାଇ ଗୋପୀନାଥପୁର ଗ୍ରାମର ଜଣେ ଟେଣ୍ଟ ମାଲିକ ଜି. ମାଧବଙ୍କ ଠାରୁ ସୋମବାର ସନ୍ଧ୍ୟାରେ ଚୈତନ୍ୟପଡା ଗ୍ରାମ ରେଷ୍ଟସେଡଠାରୁ ୭୭ ହଜାର ଟଙ୍କା, ବାଇକ ଓ ମୋବାଇଲ ଲୁଟି ନେଇଛନ୍ତି। ଏ ନେଇ ଜି. ମାଧବ ମଙ୍ଗଳବାର ହିଞ୍ଜିଳି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

## ଜାଲିଆତି, ଠକେଇ ମାମଲାରେ ଜେଲ, ଜରିମାନା

ପାରଳାଖେମୁଣ୍ଡି,୧୯।୧୧ (ଗିରିଧାରୀ ପରିଛା): ୨୦୧୫ ମେ ୨୧ ତାରିଖରେ ଲାବନ୍ୟଗଡ଼ସ୍ଥିତ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କର ତତ୍କାଳୀନ ବ୍ରାଞ୍ଚ ମ୍ୟାନେଜର ଲାବନ୍ୟଗଡ଼ର ରମେଶ ଚନ୍ଦ୍ର ଦଳପତିଙ୍କ ବିରୋଧରେ ଜାଲିଆତି, ଠକେଇ ଅଭିଯୋଗ ଆଣି ଗାରାବନ୍ଧ ଥାନାରେ ଏତଲା ଦେଇଥିଲେ। ପୋଲିସ ନଂ. ୨୪/୧୫ରେ ମାମଲା ରୁଜୁ କରି ଅଭିଯୁକ୍ତ ରମେଶଙ୍କୁ କୋର୍ଟ ଚାଲାଣ କରିଥିଲା। ଉକ୍ତ ମାମଲାର ରାୟ ପ୍ରକାଶ ପାଇଛି। ୧୨ଜଣ ସାକ୍ଷୀଙ୍କ ବୟାନ ତଥା ବିଭିନ୍ନ ପ୍ରମାଣକୁ ଭିତ୍ତି କରି ସିଜେଏମ ତଥା ଆସିଷ୍ଟାଣ୍ଟ ସେସନ ଜଜ୍ ନରୋତ୍ତମ ସେଠୀ ଭାରତୀୟ ପିଙ୍ଗଳ କୋଡ଼ର ଧାରା ୪୬୭ ଅନୁଯାୟୀ ଅଭିଯୁକ୍ତ ରମେଶଙ୍କୁ ୫ବର୍ଷ କାରାଦଣ୍ଡ ସହ ୧ ଲକ୍ଷ ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟ ୧ ବର୍ଷ ଜେଲ ଭୋଗିବେ। ସେହିପରି ଧାରା ୪୨୦ ଓ ୫୧୧ରେ ୧ ବର୍ଷ ଜେଲ ତଥା ୧୦୦୦୦ ଟଙ୍କାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ଅଭିଯୁକ୍ତ ଅଧିକ ୨ ମାସ କାରାଦଣ୍ଡ ଭୋଗିବେ ବୋଲି ରାୟରେ ଉଲ୍ଲେଖ କରିଛନ୍ତି।

ପ୍ରକାଶ ଯେ, ଅଭିଯୁକ୍ତ ରମେଶ ୧୦କୋଟି ଟଙ୍କାର ଏକ ମିଥ୍ୟା ଚେକର ଦଲିଲ ପ୍ରସ୍ତୁତ କରି ଟଙ୍କା ଉଠାଇବାକୁ ଚାହୁଁଥିଲେ। ଏ ନେଇ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କର ତତ୍କାଳୀନ ବ୍ରାଞ୍ଚ ମ୍ୟାନେଜର ମଦନ ମୋହନ ମହାପାତ୍ର ଥାନାରେ ଏତଲା ଦେଇଥିଲେ। ସରକାରଙ୍କ ପକ୍ଷରୁ ଏପିପି ଆର. ଉଦୟ ଚନ୍ଦ୍ର ରାଓ ମାମଲା ପରିଚାଳନା କରିଥିଲେ ବୋଲି ଭାରପ୍ରାପ୍ତ କ୍ୟାଡ଼ର ପବ୍ଲିକ ପ୍ରସିକ୍ୟୁଟର ରାଜେଶ କୁମାର ମିଶ୍ର ସୂଚନା ଦେଇଛନ୍ତି।

## ବ୍ଲକସ୍ତରୀୟ ବିଜ୍ଞାନ ମେଳା, ୧୩୮ ପ୍ରକଳ୍ପ ପ୍ରଦର୍ଶିତ

ବୁଗୁଡ଼ା,୧୯।୧୧ (କାଳିଚରଣ ଦାଶ)



କାର୍ଯ୍ୟକ୍ରମରେ ଉପସ୍ଥିତ ମନ୍ତ୍ରୀ ଓ ଅତିଥି।

ବୁଗୁଡ଼ା ବ୍ଲକସ୍ତରୀୟ ବିଜ୍ଞାନ ମେଳା ଓ ବାଳ ବୈଜ୍ଞାନିକ ପ୍ରଦର୍ଶନୀ ବୁଧବାର କରବୁଲୀ ଶକୁନ୍ତଳା ଉଚ୍ଚ ମାଧ୍ୟମିକ ବିଦ୍ୟାପୀଠରେ ଅନୁଷ୍ଠିତ ହୋଇଛି। ଉଦଘାଟନୀ ଉତ୍ସବଟି ବିଇଓ ଚିନ୍ମୟ ମହାପାତ୍ରଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ମୁଖ୍ୟ ବକ୍ତା ଭାବେ ଅବସରପ୍ରାପ୍ତ ବିଇଓ କବିବର ପ୍ରଧାନ, ସମ୍ମାନିତ ଅତିଥି ଭାବେ ଏବିଇଓ ଅମିତା କୁମାରୀ ପାଢ଼ୀ, ଅବସରପ୍ରାପ୍ତ ବିଇଓ ପ୍ରମୋଦ ଚନ୍ଦ୍ର ସେନାପତି ଓ ସମିତି ସଭ୍ୟ ଶ୍ରୀହର୍ଷ ପ୍ରଧାନ, ବିଧାୟକ ପ୍ରତିନିଧି ହରିକୃଷ୍ଣ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏହି ପ୍ରଦର୍ଶନୀରେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟସ୍ତରରୁ ୭୪ଟି ଏବଂ ମାଧ୍ୟମିକ ବିଦ୍ୟାଳୟସ୍ତରରୁ ୬୪ଟି ହିସାବରେ ମୋଟ ୧୩୮ଟି ପ୍ରକଳ୍ପ ସ୍ଥାନ ପାଇଥିଲା ବେଳେ ବିଚାରକ ଭାବେ ଏବିଇଓ କୃଷ୍ଣଚନ୍ଦ୍ର ବେହେରା, ଅବସରପ୍ରାପ୍ତ ବିଇଓ ସ୍ୱରୂପ ରଞ୍ଜନ ମହାନ୍ତି ଓ ଅବସରପ୍ରାପ୍ତ ଏବିଇଓ ଅବନୀ ପଟ୍ଟନାୟକ ଯୋଗ ଦେଇ କୃତି ପ୍ରତିଯୋଗୀଙ୍କୁ ଚୟନ କରିଥିଲେ। କରବୁଲି ଓ ଡାକରଡା ସିଆରସିସି ଅନନ୍ତ କୁମାର ସାହୁଙ୍କ ସଂଯୋଜନାରେ ଆୟୋଜିତ ଉକ୍ତ ପ୍ରଦର୍ଶନୀର ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ତହସିଲଦାର ତାପସ ରାଉତ, ମୁଖ୍ୟ ବକ୍ତା ଭାବେ ବିଡିଓ ଦ୍ୱିତୀକୃଷ୍ଣ ପାତ୍ର, ସମ୍ମାନିତ ଅତିଥି ଭାବେ ଶକୁନ୍ତଳା ବିଦ୍ୟାପୀଠ ଅଧ୍ୟକ୍ଷ ଗଦାଧର ମିଶ୍ର ପ୍ରମୁଖ ଯୋଗ ଦେଇ ସମସ୍ତ ଶିଶୁ ବିଜ୍ଞାନୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।

## କାଠ ବୋଝେଇ ଗାଡ଼ି ଜବତ

ଆସିକା,୧୯।୧୧ (ସୁରେନ୍ଦ୍ର ନାଥ ସାହୁ): ଆସିକା ବନାଞ୍ଚଳର ହୁମୁକି ଛକ ନିକଟରୁ ବୁଧବାର ସକାଳେ ଏକ ପିକଅପ ଭ୍ୟାନରେ ଚୋରା ଚାଲାଣ କରାଯାଉଥିବା ମୂଲ୍ୟବାନ ଶାଳ କାଠ ଗଣ୍ଡି ଜବତ କରାଯାଇଛି। ଗାଡିରେ ଥିବା ୧୯ଟି କାଠଗଣ୍ଡିର ଆନୁମାନିକ ମୂଲ୍ୟ ୨ଲକ୍ଷ ଟଙ୍କା ହେବ ବୋଲି କୁହାଯାଇଛି। ଏହି ଘଟଣାରେ ବନ ବିଭାଗ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ସନତ ମନ୍ତ୍ରୀ ଓ ପିଙ୍କୁ ପାତ୍ର। ଉଭୟଙ୍କୁ ମାମଲା ନଂ. ୧୪୮/୨୫ରେ ସନ୍ଧ୍ୟାରେ କୋର୍ଟ ଚାଲାଣ କରାଯାଇଥିବା ବନାଞ୍ଚଳ ଅଧିକାରୀ ପ୍ରମୋଦ କୁମାର ପଣ୍ଡା ସୂଚନା ଦେଇଛନ୍ତି। ଅଭିଯୁକ୍ତମାନେ ଏହି କାଠ ସବୁ କନ୍ଧମାଳ ଜିଲ୍ଲାରୁ ଆଣିଥିବା ଓ ଏହା କବିସୂର୍ଯ୍ୟନଗର ନିକଟସ୍ଥ କୌଣସି ଏକ ଗ୍ରାମକୁ ଯାଉଥିବା ତଦନ୍ତରୁ ଜଣାପଡିଛି।

## ହବାକ୍ ଛାତ୍ରଙ୍କ ଅନ୍ତର୍ଜାତୀୟ ଭାରୋତ୍ତୋଳନ ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ଯାତ୍ରା



ଭାରୋତ୍ତୋଳକ ମାର୍କ ନାୟକ ଓ ଅନ୍ୟମାନେ।

ଜି.ଉଦୟଗିରି,୧୯।୧୧ (ଶିଶିର ପଟ୍ଟନାୟକ/ଚିନ୍ମୟ କୁମାର ସେଠୀ) କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ହବାକ ଉଚ୍ଚ ବିଦ୍ୟାଳୟର ଛାତ୍ର ମାର୍କ ନାୟକ ଅରୁଣାଞ୍ଚଳ ପ୍ରଦେଶ ସ୍ଥିତ ଇଟାନଗରଠାରେ ହେବାକୁଥିବା ଆନ୍ତର୍ଜାତୀୟ ଭାରୋତ୍ତୋଳନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ବୁଧବାର ଯାତ୍ରା କରିଛନ୍ତି। କନ୍ଧମାଳରୁ ମାର୍କ ନାୟକ ଉକ୍ତ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ନେଇ ସୂଚନା ମିଳିଛି। ପୂର୍ବରୁ ବ୍ରହ୍ମପୁରଠାରେ ଆୟୋଜିତ ରାଜ୍ୟସ୍ତରୀୟ ଭାରୋତ୍ତୋଳନ ପ୍ରତିଯୋଗିତାର ୯୮ କେଜି ବର୍ଗରେ ଗୋଲ୍ଡ ମେଡାଲ୍ ଜିତି କନ୍ଧମାଳ ଜିଲ୍ଲାକୁ ଗର୍ବିତ କରିଥିବା ବେଳେ ଏହି ପ୍ରତିଭାବାନ ଛାତ୍ର ଏବେ ଜାତୀୟସ୍ତରରେ ଓଡ଼ିଶାକୁ ପ୍ରତିନିଧିତ୍ୱ କରିବେ। ଏହି ଭାରୋତ୍ତୋଳନ ପ୍ରତିଯୋଗିତା ନିମନ୍ତେ କୋଚ କାମଦେବ ନାୟକଙ୍କ ନିର୍ଦ୍ଦେଶନାରେ ମାର୍କ ଗତ କିଛି ମାସ ଧରି ପ୍ରଶିକ୍ଷଣ ନେଉଥିଲେ। ଓଡ଼ିଶାରୁ ମୋଟ ୨୦ ଜଣ ପ୍ରତିଯୋଗି ଜାତୀୟସ୍ତର ପାଇଁ ଚୟନ ହୋଇଛନ୍ତି। ଏହି ଆନ୍ତର୍ଜାତିକ ପ୍ରତିଯୋଗିତା ନଭେମ୍ବର ୨୬ ରୁ ଡିସେମ୍ବର ୨ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ବୁଧବାର ଉକ୍ତ ପ୍ରତିଯୋଗୀ ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ଯାତ୍ରା କରିଥିବା ବେଳେ ହବାକ ଉଚ୍ଚ ବିଦ୍ୟାଳୟ ପରିସରରେ ବିଦ୍ୟାଳୟ ତରଫରୁ ତାଙ୍କୁ ପୁଷ୍ପମାଲ୍ୟ ଓ ଉପହାର ଦେଇ ବିଶେଷ ଆଶୀର୍ବାଦ ଦେଇଛନ୍ତି।

## ରାସ୍ତାକଡ଼ରୁ ଉଠା ଦୋକାନ ହଟାଇବାକୁ ବିରୋଧ ପୌର ପରିଷଦ କାର୍ଯ୍ୟାଳୟରେ ବସିଲେ ବ୍ୟବସାୟୀ

ହିଞ୍ଜିଳିକାଟୁ, ୧୯।୧୧ (ଦ୍ୱିତୀକୃଷ୍ଣ ପଣ୍ଡା) ୫୯ ନଂ. ଜାତୀୟ ରାଜପଥ ତଥା ହିଞ୍ଜିଳିକାଟୁ ବିଜୁ ପଟ୍ଟନାୟକ ଛକଠାରୁ ବସ୍ ଟର୍ମିନାଲ ପର୍ଯ୍ୟନ୍ତ ରାସ୍ତା କଡ଼ରେ ଅସ୍ଥାୟୀ ଯାନ ରଖି ବ୍ୟବସାୟ କରୁଥିବା ବ୍ୟବସାୟୀଙ୍କୁ ପୌର ପରିଷଦ ପକ୍ଷରୁ ହଟାଯାଇଛି। ପୂର୍ବରୁ ରାସ୍ତା ଅବରୋଧ କରି ବ୍ୟବସାୟ ନ କରିବାକୁ ପରିଷଦ ପକ୍ଷରୁ ତାଗିଦ କରାଯାଇଥିଲା ବୋଲି ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁବାସ ଚନ୍ଦ୍ର ବେଉରା କହିଛନ୍ତି। ରାସ୍ତା କଡ଼ରେ ଅବରୋଧ କରିଥିବା ଦୋକାନ ଗୁଡ଼ିକୁ ମଙ୍ଗଳବାର ରାତିରେ ହଟାଯାଇଛି। ଏନେଇ ବୁଧବାର ବ୍ୟବସାୟୀମାନେ ଏହି ପଦକ୍ଷେପକୁ ବିରୋଧ କରି କାର୍ଯ୍ୟାଳୟରେ ବସିଥିଲେ। ବ୍ୟବସାୟୀମାନଙ୍କୁ ଜନ ଗହଳି ଓ ଟ୍ରାଫିକ ଜାମ ହେଉଥିବା ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ବ୍ୟବସାୟ ନ କରିବାକୁ କୁହାଯାଇଛି। ଅନ୍ୟପକ୍ଷରେ ଜନ ଗହଳି ନ ଥିବା ସ୍ଥାନରେ ବେପାର ହେଉ ନ ଥିବାରୁ କ୍ଷତି ସହିବାକୁ ପଡୁଛି ବୋଲି ବ୍ୟବସାୟୀମାନେ କହିଛନ୍ତି। ଉଭୟ ପକ୍ଷଙ୍କୁ ସୁହାଇଲା ଭଳି ପଦକ୍ଷେପ ଗ୍ରହଣ କରିବାକୁ ପ୍ରୟାସ ଚାଲିଛି। ପୋଲିସ ଘଟଣାସ୍ଥଳରେ ମୁତୟନ କରାଯାଇଛି।

## କାଶୀନଗର ଏନ୍‌ଏସି କାଉନସିଲ ବୈଠକ

କାଶୀନଗର,୧୯।୧୧ (ପି ମୁରଲୀ): ଗଜପତି ଜିଲ୍ଲା କାଶୀନଗର ଏନ୍‌ଏସି ଅସ୍ଥାୟୀ କାର୍ଯ୍ୟାଳୟ ସଭାଗୃହଠାରେ ବୁଧବାର କାଉନସିଲ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏନଏସି ଅଧ୍ୟକ୍ଷା ଏମ. ସୁଧାରାଣୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପାରଳାଖେମୁଣ୍ଡି ବିଧାୟକ ରୂପେଶ ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏମ୍‌ପି ପ୍ରତିନିଧି ଏମ. ପ୍ରବୀଣ କୁମାର, ଉପାଧ୍ୟକ୍ଷ ରଘୁରାମ ସାହୁ, ନିର୍ବାହୀ ଅଧିକାରୀ ଭାଗବତ ସାହୁ ଏମଇ ରଜତ କୁମାର ପାଢ଼ୀ ପ୍ରମୁଖ ମଞ୍ଚାସୀନ ଥିଲେ। ସିଇଓ ଉଜ୍ଜଳତା ସାଲସିଙ୍ଗପୂର୍ବ ବୈଠକର ବିବରଣୀ ପାଠ କରିଥିଲେ। ତେବେ ବିବରଣୀରେ ପୂର୍ବ ବୈଠକରେ ଉପସ୍ଥାପିତ ୪ଟି ଦାବି ପାଠ କରାଯାଇ ନ ଥିବାରୁ ତାହା କାହିଁକି ଅଣଦେଖା କରାଯାଇଛି ବୋଲି ପ୍ରଶ୍ନ କରିବା ସହ ଉପାଧ୍ୟକ୍ଷ ଓ କେତେଜଣ କାଉନସିଲ ବୈଠକ ବର୍ଜନ କରିବେ ବୋଲି କହିଥିଲେ। ପରବର୍ତ୍ତୀ ସମୟରେ ଅଧ୍ୟକ୍ଷା ବିବରଣୀ ଭୁଲକୁ ତର୍ଜମା କରିବା ସହ ତାହା ବିବରଣୀରେ ଉଲ୍ଲେଖ କରିବାକୁ ନିଷ୍ପତ୍ତି ନେବା ପରେ ବୈଠକ ପୁଣି ଆରମ୍ଭ ହୋଇଥିଲା। ଜଣେ ବ୍ୟକ୍ତି ଏକାଧିକ କମିଟିରେ ନ ରହିବା ନେଇ ଦାବି ରଖିଥିଲେ ସଂଖ୍ୟାଧିକ କାଉନସିଲର। ସରକାରୀ ନିୟମିତ ଅନୁସାରେ ଟେଣ୍ଡର ଡାକିବା ନେଇ ଦାବି ରଖାଯାଇଥିଲା। ପରେ ଉପସ୍ଥିତ କାଉନସିଲର ସ୍ଥାନୀୟ ଅଞ୍ଚଳର ରାସ୍ତା ଅବ୍ୟବସ୍ଥା, ବଜାର ଅଞ୍ଚଳରେ ଅସାମାଜିକଙ୍କ କାର୍ଯ୍ୟକଳାପ, କାଶୀନଗର ଠାରେ ଟ୍ରାଫିକ ସମସ୍ୟା, ପାନୀୟ ଜଳ ଅସୁବିଧା, ଅପବ୍ୟବହାରକୁ ନେଇ ଫାଇନ ଆଦାୟ କରିବା, ବସଷ୍ଟାଣ୍ଡ ପାଇଁ ଭିତ୍ତିଭୂମି ସ୍ଥାପନ କରିବା, ସ୍ଥାୟୀ ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ ନିର୍ମାଣ ଆଦି ନେଇ ଆଲୋଚନା କରାଯାଇଥିଲା। ନଦୀ ନିକଟସ୍ଥ ଶ୍ମଶାନ ନିର୍ମାଣ ପାଇଁ ଆଗାମୀ ଦିନରେ ଟେଣ୍ଡର ଡକାଯିବା, ଏନଏସି କାର୍ଯ୍ୟାଳୟ ନିର୍ମାଣ ପାଇଁ ନୂତନ ଡିପିଆର ଦେବା ନେଇ ନିଷ୍ପତ୍ତି ନିଆଯାଇଥିଲା। ସମସ୍ୟା ଗୁଡ଼ିକ କିପରି ସମାଧାନ କରାଯିବ ସେ ନେଇ ତୁରନ୍ତ ପଦକ୍ଷେପ ନେବା ପାଇଁ ବିଧାୟକ ପାଣିଗ୍ରାହୀ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ କହିଥିଲେ। ବୈଠକରେ ସମସ୍ତ କାଉନସିଲର ସହ ଏନଏସି କର୍ମଚାରୀ ମାନେ ଉପସ୍ଥିତ ଥିଲେ।

## ଛେଳାଗଡ ପଞ୍ଚାୟତରେ ଅଭିଯୋଗ ଶୁଣାଣି

ଆର,ଉଦୟଗିରି,୧୯।୧୧ (ମନୋଜ କୁମାର ପାଢ଼ୀ)

ଆର,ଉଦୟଗିରି ବ୍ଲକ ଛେଳାଗଡ ପଞ୍ଚାୟତ କାର୍ଯ୍ୟାଳୟରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ମୁନିନ୍ଦ୍ର ହୋନାଗା, ବିଡିଓ, ପଞ୍ଚାୟତ ସମିତି ଅଧ୍ୟକ୍ଷ, ଜିଲା ପରିଷଦ ସଭ୍ୟା ଯମୁନା ଦଳବେହେରା, ସଭ୍ୟ ଦଣ୍ଡପାଣି ବଡ଼ମୁଣ୍ଡି ପ୍ରମୁଖ ମଞ୍ଚାସୀନ ଥିଲେ। ଶିବିରରେ ଛେଳାଗଡ, ଛେଳିଗଡ, ମହେନ୍ଦ୍ରଗଡ ଓ ଡାବରାଗୁଡା ଗ୍ରାମ ପଞ୍ଚାୟତରୁ ୧୧୦ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିରୁ ୭୦ଟି ବ୍ୟକ୍ତିଗତ ଏବଂ ୪୦ ସାମୁହିକ ରହିଥିଲା। ୫ ବ୍ୟକ୍ତିଗତ ସମସ୍ୟାର ଦ୍ରୁତ ସମାଧାନ ହୋଇଥିଲା।

## କନଷ୍ଟେବଲ୍‌ଙ୍କ ଅକାଳ ବିୟୋଗ

କାଶୀନଗର,୧୯।୧୧ (ପି. ମୁରଲୀ): କାଶୀନଗର ଥାନାରେ କାର୍ଯ୍ୟରତ କନେଷ୍ଟବଳ ରବୀନ୍ଦ୍ର ପ୍ରଧାନଙ୍କ ବୁଧବାର ଅକାଳ ବିୟୋଗ ଘଟିଛି। ତାଙ୍କ ନିଜ ଘର ଢେଙ୍କାନାଳ ଜିଲାରେ ହୋଇଥିବା ବେଳେ ସେ ୨ବର୍ଷ ହେଲା କାଶୀନଗର ଥାନାରେ କାର୍ଯ୍ୟ କରୁଥିଲେ। ବୁଧବାର ସକାଳେ ବ୍ୟାରେକ ନିକଟସ୍ଥ କଦଳୀ ବଗିଚାରୁ ପତ୍ର ଆଣିବା ପାଇଁ ଯାଇ ବହୁ ସମୟ ପର୍ଯ୍ୟନ୍ତ ଫେରି ନ ଥିଲେ। ଷ୍ଟାଫ ତାଙ୍କ ମୋବାଇଲକୁ କଲ କରିଥିଲେ ମଧ୍ୟ କୌଣସି ଉତ୍ତର ମିଳିନ ଥିଲା। ରବୀନ୍ଦ୍ର କଦଳୀ ବଗିଚାରେ ପଡ଼ିଥିବା ଦେଖି ତାଙ୍କୁ ତୁରନ୍ତ ସ୍ଥାନୀୟ ଡାକ୍ତରଖାନାକୁ ନିଆଯାଇଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ପୂର୍ବରୁ ରବୀନ୍ଦ୍ରଙ୍କ ହାର୍ଟ ଅପରେଶନ ହୋଇଥିବା ବେଳେ ତାଙ୍କର ହୃଦଘାତରେ ମୃତ୍ୟୁ ଘଟିଥିବା ଜଣାପଡିଛି। ଥାନା ଅଧିକାରୀ ସୁନିଲ ବେହେରା ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚି ଦୁଃଖ ପ୍ରକାଶ କରିଥିଲେ। ରବୀନ୍ଦ୍ର ଆଉ ମାତ୍ର ୭ ମାସ ପରେ ଚାକିରିରୁ ଅବସର ନେଇଥାନ୍ତେ।

## ବିଏଡ୍ ଛାତ୍ରୀଙ୍କ ଅକାଳ ବିୟୋଗ

### ଶିକ୍ଷକ ହସ୍ପିଟାଲ ନ ନେବାରୁ ଅସନ୍ତୋଷ

ଭଞ୍ଜନଗର,୧୯।୧୧ (ବାବୁଲା ପ୍ରଧାନ): ଭଞ୍ଜନଗର ବିଏଡ୍ କଲେଜର ଜଣେ ଛାତ୍ରୀ ସୋମବାର ଗୁରୁତର ଅବସ୍ଥାରେ ହସ୍ପିଟାଲରେ ପଡ଼ିଥିବା ବେଳେ ଶିକ୍ଷକମାନଙ୍କ ସାହାଯ୍ୟକୁ ଅପେକ୍ଷା କରି ଶେଷରେ ଆଖି ବୁଝିଦେଇଛନ୍ତି। ଏହାକୁ ନେଇ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ବାଲେଶ୍ୱର ଜିଲାର ଜଣେ ଛାତ୍ରୀ ଭଞ୍ଜନଗର ବିଏଡ୍ କଲେଜର ଦ୍ୱିତୀୟ ବର୍ଷରେ ପଢୁଥିଲେ। ସେ ଲଣ୍ଡେଇସାହିରେ କେତେଜଣ ସାଙ୍ଗଙ୍କ ସହ ମିଶି ଭଡ଼ାଘରେ ରହୁଥିଲେ। ରବିବାର ସନ୍ଧ୍ୟାରେ ଛାତ୍ରୀ ଜଣଙ୍କ ବାଥରୁମ ଯାଇ ଦୀର୍ଘ ସମୟ ପର୍ଯ୍ୟନ୍ତ ନ ଆସିବାରୁ ଅନ୍ୟ ଏକ ରୁମରେ ରହୁଥିବା ଜୁନିୟରମାନେ ଯାଇ କବାଟ ଖୋଲିଥିଲେ। ଛାତ୍ରୀ ଜଣଙ୍କ ଗୁରୁତର ଅବସ୍ଥାରେ ପଡିଥିବା ବେଳେ ଉଦ୍ଧାର କରି ତାଙ୍କୁ ଭଞ୍ଜନଗର ହସ୍ପିଟାଲକୁ ଆଣିଥିଲେ। ଛାତ୍ରୀଙ୍କ ରକ୍ତଚାପ ବଢ଼ିଯାଇଥିବା ବେଳେ ଡାହାଣ ହାତ ଓ ଗୋଡ ଠିକ ଭାବେ ଚାଲୁ ନ ଥିଲା। ତେଣୁ ଡାକ୍ତର ତାଙ୍କୁ ବ୍ରହ୍ମପୁର ନେବାପାଇଁ ପରାମର୍ଶ ଦେଇଥିଲେ। ଏ ନେଇ ଜୁନିୟର ଛାତ୍ରୀମାନେ କେତେଜଣ ଶିକ୍ଷକଙ୍କ ସହଯୋଗ ଲୋଡିଥିଲେ ମଧ୍ୟ କେହି ଆସି ନ ଥିଲେ। ଏପରକି କୌଣସି ଶିକ୍ଷକ ମଧ୍ୟ ଛାତ୍ରୀଙ୍କୁ ଦେଖିବାକୁ ମଧ୍ୟ ଗଲେ ନାହିଁ। ସେପଟେ ଛାତ୍ରୀଙ୍କ ମା'ଙ୍କ ୪ ମାସ ପୂର୍ବେ ବିୟୋଗ ହୋଇଥିବାବେଳେ ବାପା ହଠାତ୍ ବାଲେଶ୍ୱରରୁ ଆସିବା ସମ୍ଭବପର ନଥିଲା। ଜୁନିୟର ଛାତ୍ରୀମାନେ ନିରୁପାୟ ହୋଇ ରାତିରେ ଭଞ୍ଜନଗର ମେଡ଼ିକାଲରେ ରହିଥିଲେ। ବୁଧବାର ସକାଳେ ଏହି ଘଟଣା ଜଣାପଡିବା ପରେ କିଛି ସ୍ୱେଚ୍ଛାସେବୀ ଗୁରୁତର ଛାତ୍ରୀଙ୍କୁ ବ୍ରହ୍ମପୁର ନେବା ବ୍ୟବସ୍ଥା କରୁଥିଲେ। ଏଥିସହ ତାଙ୍କ ବାପା ମଧ୍ୟ ଆସିଯାଇଥିଲେ। ଏହି ସମୟରେ କଲେଜର ଶିକ୍ଷକ ମାନେ ମେଡ଼ିକାଲକୁ ଯାଇ ଅସୁସ୍ଥ ଛାତ୍ରୀଙ୍କୁ ଦେଖିଥିଲେ। ବ୍ରହ୍ମପୁରରେ ଚିକିତ୍ସାଧୀନ ଅବସ୍ଥାରେ ଛାତ୍ରୀଙ୍କ ମୃତ୍ୟୁ ଘଟିଥିଲା। ଛାତ୍ରୀ ଜଣଙ୍କୁ ସୋମବାର ରାତିରେ ବ୍ରହ୍ମପୁର ନେଇ ଅଧିକ ଚିକିତ୍ସା କରାଯାଇଥିଲେ ହୁଏତ ତାଙ୍କ ଜୀବନ ବଞ୍ଚିଯାଇଥାନ୍ତା। ଏନେଇ କଲେଜ ଅଧ୍ୟକ୍ଷ ଖୁଣ୍ଟିଆଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି ଯେ ସୋମବାର ରାତିରେ ତାଙ୍କ ଫୋନ ଅଚଳ ଥିଲା। ମଙ୍ଗଳବାର ସକାଳେ ଜାଣିବା ପରେ ମେଡ଼ିକାଲକୁ ଯାଇଥିଲି। ଏହାପରେ ଛାତ୍ରୀଙ୍କୁ ବ୍ରହ୍ମପୁର ନିଆଯାଇଥିଲା। ଏହିଭଳି ଦୁଃଖଦ ଖବରକୁ ନେଇ ସେ ଗଭୀର ଶୋକ ବ୍ୟକ୍ତ କରିଛନ୍ତି।

## ଗେଣ୍ଡୁଫୁଲ ଚାଷ କରି ଦିବ୍ୟାଙ୍ଗ ହେଲେ ସ୍ୱାବଲମ୍ବୀ



ରମ୍ଭା,୧୯।୧୧ (ବନବାସୀ ସେଠୀ) ଦିବ୍ୟାଙ୍ଗ ହେଲେ ବି ନିଜ ଜମିରେ ଗେଣ୍ଡୁଫୁଲ ଚାଷକରି ରମ୍ଭା ନିକଟସ୍ଥ ମଧୁରଚୁଆ ଗ୍ରାମର ପ୍ରତାପ ଚନ୍ଦ୍ର ନାୟକ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ଏହି ଚାଷକରି ସେ ଲକ୍ଷାଧିକ ଟଙ୍କା ସଞ୍ଚୟ କରିଥିବା କହିଛନ୍ତି। ଶୀତଳଭଣ୍ଡାର ନ ଥିବା ବେଳେ ଜମିକୁ ରାସ୍ତା ନ ଥିବାରୁ କ୍ଷୋଭ ପ୍ରକାଶ କରିଛନ୍ତି। ପ୍ରତାପଙ୍କ ଜମି ନନ୍ଦିଘର ପାହାଡ଼ ପାର୍ଶ୍ୱ ଓ ମଧୁରଚୁଆ ରାସ୍ତାର ଅନତି ଦୂରରେ ରହିଛି। ସ୍ତ୍ରୀ ସୁପ୍ରଭା ନାୟକ ଓ ପୁଅ ଝିଅ ୨ ଜଣଙ୍କୁ ନେଇ ତାଙ୍କ ସଂସାର। ତେବେ ଦୁଆର ମୁହଁରୁ ବଣିଜ ବେପାର ହୋଇପାରୁ ନ ଥିବାରୁ ବେଳେବେଳେ କ୍ଷେତରେ ନଷ୍ଟ ହେଉଥିବା ଲକ୍ଷ୍ୟ କରାଯାଇଛି। ଏହାସହିତ ଜମି ତୁଳନାରେ ଚାଷୀ ପରିବାର ସଂଖ୍ୟା ଯଦି କମ୍ ଥାଏ ବୋରିଂ ସହିତ ଲିଙ୍କ ଥିବା ଡିପ୍ ଇରିଗେଶନ ଜମିରେ ବିଛାଇ ଡିଜିଟାଲ ଦୁନିଆରେ ଏୟାର ମାଧ୍ୟମରେ ପାଣି ଜମିରେ ଯୋଗାଯାଇପାରୁଛି। ଯଦି ପ୍ରଶାସନିକ ସହଯୋଗ ମିଳେ ସେ ଅଧିକ ଲାଭବାନ୍ ହୋଇପାରନ୍ତେ ବୋଲି କହିଛନ୍ତି।

## ଦନ୍ତପୁର ଐତିହ୍ୟ ସଂସ୍କୃତି ମଞ୍ଚ ଗଠନ ପ୍ରସ୍ତୁତି ବୈଠକ

ଗଞ୍ଜାମ,୧୯।୧୧ (ବିଦ୍ୟାଧର ସାହୁ /ବନବାସୀ ସେଠି)

ସୁବଳୟା ଗୋପାଳ କୃଷ୍ଣ ହାଇସ୍କୁଲଠାରେ ଦନ୍ତପୁର ଐତିହ୍ୟ ସଂସ୍କୃତି ମଞ୍ଚ ଗଠନ ପାଇଁ ପୂର୍ବ ପ୍ରସ୍ତୁତି ବୈଠକ ଛତ୍ରପୁର ପୂର୍ବତନ ବିଧାୟକ ଅଶୋକ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ମଞ୍ଚର ଆବାହକ ଶିକ୍ଷାବିତ୍ ବିଜୟ ବିଶ୍ୱାଳ ସ୍ୱାଗତ ଭାଷଣ ଦେଇଥିବା ବେଳେ ସୁଦର୍ଶନ ଛୋଟରାୟ ଏହି ମଞ୍ଚ ଗଠନର ଲକ୍ଷ୍ୟ ଓ ଆଭିମୁଖ୍ୟ ତଥା ଆଗାମୀ କାର୍ଯ୍ୟଧାରା ସମ୍ପର୍କରେ ଅବଗତ କରାଇଥିଲେ। ପରେ ପରେ ଦନ୍ତପୁର (ପାଲୁର) ବନ୍ଦର ଉପରେ ଗବେଷଣା କରିଥିବା ଅଶୋକ ସାହୁ ଏହାର ଅତୀତ ଐତିହ୍ୟ ସଂସ୍କୃତି ଓ କିମ୍ବଦନ୍ତୀ ଉପରେ ସମ୍ୟକ୍ ଆଲୋକପାତ କରିଥିଲେ। ଏହି ବୈଠକକୁ ପୂର୍ଣ୍ଣ ଚନ୍ଦ୍ର ପଣ୍ଡା, ଶିକ୍ଷକ ଗଣେଶ ଚନ୍ଦ୍ର ବେହେରା, ସଞ୍ଜୟ ସାହୁ, ଗୋଲକ ସାହୁ ପ୍ରମୁଖ ସହଯୋଗ କରିଥିଲେ। ପ୍ରସ୍ତାବିତ ଉକ୍ତ ଭବ୍ୟ ବୈଠକ ସମୁଦ୍ର ଉପକୂଳ ବର୍ତ୍ତି ଅଳେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହେବା ବୈଠକକୁ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କୁ ଆମନ୍ତ୍ରିତ କରି ଆଣିବା ପାଇଁ ସୁଦର୍ଶନ ଛୋଟରାୟଙ୍କୁ ଦାୟିତ୍ୱ ଦିଆଯାଇଥିଲା।

## ଚିପ୍ସ ପ୍ୟାକେଟ୍‌ର ପ୍ଲାଷ୍ଟିକ୍ ଖେଳନା ଖାଇ ଶିଶୁ ମୃତ୍ୟୁ ଘଟଣା
## ପ୍ରତି ଗାଁରେ ସଚେତନ କରିବାକୁ ନିର୍ଦ୍ଦେଶ

ଦାରିଙ୍ଗବାଡ଼ି,୧୯।୧୧ (ଅରୁଣ ସାହୁ)



ଦାରିଙ୍ଗବାଡ଼ି ବ୍ଲକ୍ ବ୍ରାହ୍ମଣୀଗାଁ ଥାନା ତାଜୁଙ୍ଗିଆ ପଞ୍ଚାୟତ ସିକରମାହା ଗ୍ରାମ ନିକଟ ମୁଷିମାହା ଗ୍ରାମରେ ଜଣେ ୪ ବର୍ଷର ଶିଶୁ ବିଗିଲ ପ୍ରଧାନଙ୍କ ମୃତ୍ୟୁ ପରେ ସ୍ୱାସ୍ଥ୍ୟ ବିଭାଗର ଚିନ୍ତା ବଢ଼ିଛି। ଏନେଇ ଦାରିଙ୍ଗବାଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଇନଚାର୍ଜ ଡାକ୍ତର ଜାକେଶ ସାମନ୍ତରାୟ ଚିନ୍ତା ପ୍ରକଟ କରିବା ସହ ପ୍ରତି ଗାଁରେ ଲୋକଙ୍କୁ ସଚେତନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଘଟଣାର ସମ୍ପୂର୍ଣ୍ଣ ତଦନ୍ତ କରାଇବା ସହ ଲୋକମାନେ କିଭଳି ହାତ ଧୋଇ ଖାଦ୍ୟ ଖାଇବା ସହ ପ୍ୟାକେଟ ଖାଦ୍ୟରେ କୌଣସି ପ୍ଲାଷ୍ଟିକ କିମ୍ବା ଅନ୍ୟ କିଛି ସାମଗ୍ରୀ ରହିଥିଲେ ତାକୁ ନ ଖାଇବାକୁ ଲୋକଙ୍କୁ ପ୍ରବର୍ତ୍ତାଯିବ ବୋଲି କହିଛନ୍ତି। ଏଥିସହ କ୍ଷୁଦ୍ର ଦାନା ଶସ୍ୟ ତଥା ମାଣ୍ଡିଆ, କାଙ୍ଗୁ, କୁଏରୀ, ପାଲୁଅ ଆଦିରେ ବ୍ୟଞ୍ଜନ କରି ଶିଶୁମାନଙ୍କୁ ଦେବାକୁ ଅଭିଭାବକମାନଙ୍କୁ ପରାମର୍ଶ ଦେଇଛନ୍ତି। ଏହାକୁ ନେଇ ଡାକ୍ତର ସାମନ୍ତରାୟ କହିଛନ୍ତି ଯେ, କେବଳ ଏହି ଘଟଣା ନୁହଁ ପୂର୍ବରୁ ମଧ୍ୟ ଅନେକ ଶିଶୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଛନ୍ତି। ଏଭଳି ଏକାଧିକ କମ୍ପାନୀର ମସଲା ଜାତୀୟ ଚିପ୍ସ ଓ ଅନ୍ୟାନ୍ୟ ପ୍ୟାକେଟ ସାମଗ୍ରୀ ଖାଇ ଅସୁସ୍ଥ ହେଉଛନ୍ତି। ଯେଉଁମାନେ ଏଭଳି ଅସୁସ୍ଥ ହେଉଛନ୍ତି ସେମାନେ ସଠିକ ଭାବେ ଘର ଖାଦ୍ୟ ମଧ୍ୟ ଗ୍ରହଣ କରିପାରିବା ସମ୍ଭବ ହେଉନାହିଁ। ତେଣୁ ଆମେ ଏଭଳି ରୋଗୀଙ୍କୁ ଚିକିତ୍ସା କରିବା ସହ ବ୍ୟାପକ ସଚେତନ କରୁଥିବା ଡାକ୍ତର କହିଛନ୍ତି। ସୂଚନା ଯୋଗ୍ୟଯେ, ମଙ୍ଗଳବାର ଉକ୍ତ ବ୍ଲକ ମୁସିମାହା ଗ୍ରାମର ୪ ବର୍ଷର ଶିଶୁ ବିଗିଲ ପ୍ରଧାନ ମସଲା ଜାତୀୟ ଚିପ୍ସ ପ୍ୟାକେଟ ଭିତରେ ରହିଥିବା ଏକ ପ୍ଲାଷ୍ଟିକ ଖେଳନା ଖାଇ ଗୁରୁତର ହୋଇପଡ଼ିଥିଲେ। ପରିବାର ଲୋକ ଶିଶୁଙ୍କ ତଣ୍ଟି ଭିତରୁ ଉକ୍ତ ଖେଳନା ବାହାର କରିବାକୁ ଉଦ୍ୟମ କରୁଥିଲେ ମଧ୍ୟ ବିଫଳ ହୋଇଥିଲେ। ପରେ ଦାରିଙ୍ଗବାଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅଚେତ ଅବସ୍ଥାନରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ଅନ୍ୟପଟେ ଏହି ଘଟଣା ସମ୍ପର୍କରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶିତ ପରେ ଦାରିଙ୍ଗବାଡି ତହସିଲଦାର ଧୀରୋଜ ପାତ୍ର ଏବଂ ସିଡିପିଓ ସନ୍ଧ୍ୟାରାଣୀ ପଣ୍ଡା ପ୍ରମୁଖ ବୁଧବାର ଅପରାହ୍ନରେ ପହଞ୍ଚି ମୃତ ଶିଶୁଙ୍କ ବାପା ରଞ୍ଜିତଙ୍କୁ ଭେଟି ଘଟଣା ବିଷୟରେ ବୁଝିଥିଲେ। ସେଠାରେ ଉପସ୍ଥିତ ଗ୍ରାମବାସୀଙ୍କୁ ପରାମର୍ଶ ଦେଇ ଛୋଟ ପିଲାଙ୍କୁ ଏଭଳି ଖାଦ୍ୟରେ କିଛି ମିଶିଥିବା ଉପହାର ତଥା ପ୍ଲାଷ୍ଟିକ କିମ୍ବା ଅନ୍ୟ କିଛି ପଦାର୍ଥ ରହିଥିବା ପ୍ୟାକେଟ ଖାଦ୍ୟ ନଦେବାକୁ କହିବା ସହ ଘର ଖାଦ୍ୟ ଖାଇବାକୁ ଅଧିକା ଗୁରୁତ୍ୱ ଦେବାକୁ ପରାମର୍ଶ ଦେଉଥିଲେ। ସେହିପରି ପଞ୍ଚାୟତ ପକ୍ଷରୁ ମଧ୍ୟ ତାଜୁଙ୍ଗିଆ ସରପଞ୍ଚ ହରିଶ୍ଚନ୍ଦ୍ର ଯୋଜନାରେ ୩ ହଜାର ଟଙ୍କା ସହାୟତା ପ୍ରଦାନ କରିଥିବା ତହସିଲଦାର ଧୀରୋଜ ପାତ୍ର କହିଛନ୍ତି।


**ଦ.ପୂ. ରେଳପଥ – ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ କାର୍ଯ୍ୟରତ ଡିଇଇ (ଜି)/ଚକ୍ରଧରପୁର, ଦକ୍ଷିଣ ପୂର୍ବ ରେଳପଥ ଖୋଲା ଟେଣ୍ଡର ବାବଦରେ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ଏହି ଟେଣ୍ଡରଗୁଡ଼ିକ ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ହେବ ନାହିଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ । କ୍ର.ସଂ.-୧ । ଇ-ଟେଣ୍ଡର ବିଜ୍ଞପ୍ତି ସଂଖ୍ୟା: ୭୧-ଇଏଲ୍-ଡବ୍ଲୁଟି-୨୦୨୫-୨୬, ତାରିଖ: ୧୮।୧୧।୨୦୨୫ । କାର୍ଯ୍ୟର ନାମ: ବେସମେଣ୍ଟ ଏରିଆର ବିକାଶ ସମ୍ବନ୍ଧୀୟ ଇଲେକ୍ଟ୍ରିକାଲ (ଜି) କାର୍ଯ୍ୟ ଏବଂ ସରଡେଗା ଷ୍ଟେଶନ ବିଲ୍ଡିଂର ୪ର୍ଥ ମହଲା ଭାବେ ଅତିରିକ୍ତ ମହଲା ନିର୍ମାଣ । ଟେଣ୍ଡର ମୂଲ୍ୟ: ₹୨୧,୭୫,୯୯୬.୭୮ । ଇଏମ୍‌ଡି: ₹୪୩,୫୦୦ । କ୍ର.ସଂ.-୨ । ଇ-ଟେଣ୍ଡର ବିଜ୍ଞପ୍ତି ସଂଖ୍ୟା: ୭୨-ଇଏଲ୍-ଡବ୍ଲୁଟି-୨୦୨୫-୨୬, ତାରିଖ: ୧୮।୧୧।୨୦୨୫ । କାର୍ଯ୍ୟର ନାମ: ଏବିଏସଏସ୍ ଅନ୍ତର୍ଗତ ଚକ୍ରଧରପୁର ମଣ୍ଡଳରେ ଦିବ୍ୟାଙ୍ଗଜନଙ୍କ ପାଇଁ ନ୍ୟୂନତମ ଅତ୍ୟାବଶ୍ୟକ ସୁଖ ସୁବିଧାର ବ୍ୟବସ୍ଥା । ଟେଣ୍ଡର ମୂଲ୍ୟ: ₹୧,୨୯,୧୪,୬୨୭.୪୬ । ଇଏମ୍‌ଡି: ₹୨,୧୪,୬୦୦ । କ୍ର.ସଂ.-୩ । ଇ-ଟେଣ୍ଡର ବିଜ୍ଞପ୍ତି ସଂଖ୍ୟା: ୭୩-ଇଏଲ୍-ଡବ୍ଲୁଟି-୨୦୨୫-୨୬, ତାରିଖ: ୧୮।୧୧।୨୦୨୫ । କାର୍ଯ୍ୟର ନାମ: ଟାଟାନଗର–ପୋସୋଡିଆଠାରେ ବିଦ୍ୟମାନ ଗୁଡ୍‌ସ ଶେଡ୍‌ର ଭିତ୍ତିଭୂମିର ଉନ୍ନତୀକରଣ/ଆଧୁନିକୀକରଣ । ଟେଣ୍ଡର ମୂଲ୍ୟ: ₹୭୪,୨୮,୪୭୫.୩୦। ଇଏମ୍‌ଡି: ₹୧,୪୮,୬୦୦ । ଟେଣ୍ଡର ଦସ୍ତାବିଜ ମୂଲ୍ୟ: ଶୂନ (କ୍ର.ସଂ. ୧ରୁ ୩ ପାଇଁ ପ୍ରତ୍ୟେକ) । ବନ୍ଦ ହେବା/ଖୋଲାଯିବା ତାରିଖ: ତା୨୨।୧୨।୨୦୨୫ରିଖ ୧୫.୦୦ ଘଟିକା (କ୍ର.ସଂ. ୧ରୁ ୩ ପାଇଁ ପ୍ରତ୍ୟେକ) । ଟେଣ୍ଡର ୱେବସାଇଟ୍ http://www.ireps.gov.in ରେ ଦେଖା–ଯାଇପାରିବ। ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍–III ଡିଜିଟାଲ ସିଗ୍ନେଚର୍ ସାର୍ଟିଫିକେଟ୍ ରହିଥିବା ଓ ସେ ଆଇଆରଇପିଏସ୍ ପୋର୍ଟାଲ ଅଧୀନରେ ପଞ୍ଜୀକୃତ ହୋଇଥିବା ଜରୁରୀ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ–ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ–ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ସମ୍ବନ୍ଧିତ କାଗଜପତ୍ର ଅପଲୋଡ୍ କରାଯିବ ଜରୁରୀ । (PR-855)

**OFFICE OF THE EXECUTIVE ENGINEER LIFT IRRIGATION DIVISION, BHADRAK**

E-mail: eelidbdk@gmail.com

No.CAD-2342 E-Procurement Notice

Bid Identification No. E-04/2025-26 (3373)/OLIC (BDK)/ Dt. 03.11.2025

The Executive Engineer, Lift Irrigation Division, Bhadrak on behalf of Odisha Lift Irrigation Corporation Limited, Bhubaneswar invites percentage Rate bids for Installation and Energisation of Lift Irrigation Projects on Turnkey basis from reputed Contractors/Firms having EXPERIENCE in similar nature of work with valid PWD License of required class for Civil Works should have Truck Mounted Mud Rotary Rig for Drilling of TWs including the Erection of 11 KV Line, L.T Line & Commissioning of Electrical Substation for power supply to L.I Projects along with installation of Pump Set, Starter and its energisation. The proof of registration from the appropriate authority shall be enclosed along with the Bid.

| | | |
|---|---|---|
| 1. | Number of Projects | 65 Nos. L.I. Ps (BKVY) for the year 2025-26 |
| 2. | Estimated Cost | Rs. 23.69 Lakh to Rs. 24.15 Lakh |
| 3. | Cost of Tender Paper | Rs. 7080/- (including GST @ 18%) as mentioned against each L.I Project through online mode as mentioned in DTCN |
| 4. | Date and Time of Publication | Dt. 21.11.2025 from 11.00 AM |
| 5. | Date & Time of Closing with Seeking Clarification | Dt. 29.11.2025 up to 5.00 PM |
| 6. | Date & Time of Opening of Bid | Dt. 01.12.2025 at 11.00 AM |
| 7. | The bidders have to participate in online bidding only as per Codal provision. | |

Further details can be seen from the website www.tendersorissa.gov.in. Addendum/corrigendum/cancellation of tender if any can be seen in the said website.

OIPR- Sd./- Executive Engineer

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, KUCHINDA**

No.O-1440

E_Mail : eerw_kuchinda@yahoo.com

"e" Procurement Notice for Building Works

Identification No Online Tender / 07 / RWD, Kuchinda / 2025-26.

The Superintending Engineer, Rural Works Division, Kuchinda on behalf of Governor of Odisha invites online percentage rate bid in double cover format from experienced & eligible bidders for 08 (Eight) no. of Building works in the District of Sambalpur for the year 2025-26.

1. Name of the work : Building Works (Double cover)
2. Total Number of Works : 08 Nos.
3. Estimated Cost : Aprx. Rs.65.47-Rs.67.77 lakhs
4. Class of Contractor : "B" Class of Contractor
5. Cost of tender paper : As per Annexure-I
6. Mode of submission of tender : Tender should be submitted only Online in website www.tendersorissa.gov.in (https://tendersodisha.gov.in)
7. EMD & Mode of deposit : 1% of estimated cost of the work to be remitted online as mention in DTCN

Summary of key dates are provided below :-

| Procurement Officer | Bid Identification No. | Availability of tender On-line for bidding | | Last Date & Time for seeking Clarification | Date & Time of Opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| Superintending Engineer, Rural Works Division, Kuchinda | Tender online - 07/RWD/KCD | 21.11.2025 at 11 A.M. | 28.11.2025 at 5.00 P.M. | 27.11.2025 at 5.00 A.M. | 29.11.2025 at 11.00 A.M. | To be Intimated Later |

* Further details can be seen from the e-procurement portal www.tendersorissa.gov.in (https://tendersodisha.gov.in).
* Subsequent modification / corrigendum / addendum if required shall appear in website only.
* The amount put to bid is exclusive of GST.

OIPR-

Sd./- Superintending Engineer
Rural Works Division, Kuchinda

यूनियन बैंक ऑफ इंडिया Union Bank of India
भारत सरकार का उपक्रम A Government of India Undertaking

**ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**
**ମହାବୀର ବଜାର, ଢେଙ୍କାନାଳ ଶାଖା**
ପ୍ଲଟ୍ ନଂ.: ୨୩୨୫/୧୧୩୪୭ ଏବଂ ୨୩୨୫, ଜଗନ୍ନାଥ ରୋଡ୍, ମହାବୀର ବଜାର, ଜିଲ୍ଲା: ଢେଙ୍କାନାଳ, ଇମେଲ୍: ubin0919799@unionbankofindia.bank

**ଦଖଲ ନୋଟିସ୍** (ସ୍ଥାବର ସମ୍ପତ୍ତି ନିମନ୍ତେ)

[ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ -୨୦୦୨ ଅନ୍ତର୍ଗତ ରୁଲ୍ ୮(୧)]

ନିମ୍ନ ସ୍ୱାକ୍ଷରକାରୀ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ମହାବୀର ବଜାର, ଢେଙ୍କାନାଳ ଶାଖାର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ (୨ୟ) ଆକ୍ଟ, ୨୦୦୨ (୨୦୦୨ର ଆକ୍ଟ ନଂ. ୫୪) ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନବର୍ଣ୍ଣିତ ଋଣ ଆକାଉଣ୍ଟର ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ଏବଂ ଖର୍ଚ୍ଚ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ ୬୦ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତା ଋଣ ପଇଠ କରିବାରେ ବିଫଳ ହେଲେ, ତେଣୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିକୁ ଦଖଲକୁ ନେଇଛନ୍ତି। ଏତଦ୍‌ଦ୍ୱାରା ବିଶେଷ କରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ନିମନ୍ତେ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ମହାବୀର ବଜାର, ଢେଙ୍କାନାଳ ଶାଖା ନିକଟରେ ଉତ୍ତରଦାୟୀ ରହିବେ। ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ଋଣଗ୍ରହୀତା ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।

| ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ଦେୟ (ଟଙ୍କାରେ) | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| ଋଣଗ୍ରହୀତା: ମେସର୍ସ ଛପନ ଭୋଗ, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ମାନସ ରଞ୍ଜନ ରାୟ, ସା: କୁଞ୍ଜକଣ୍ଟା, ସଦର ଆରଆଇ ଅଫିସ୍ ନିକଟ, ଜିଲ୍ଲା: ଢେଙ୍କାନାଳ-୭୫୯୦୦୧ / ଗ୍ୟାରେଣ୍ଟିଦାତା: ଶ୍ରୀମତୀ ଅନ୍ନପୂର୍ଣ୍ଣା ରାୟ, ସ୍ୱାମୀ: ଶ୍ରୀ କୃପାସିନ୍ଧୁ ରାୟ, ସା: କୁଞ୍ଜକଣ୍ଟା, ୱାର୍ଡ ନଂ.:୨, ଜିଲ୍ଲା: ଢେଙ୍କାନାଳ-୭୫୯୦୦୧ | ଟ.୪,୯୮,୬୬୧.୪୭ + ପରବର୍ତ୍ତୀ ସୁଧ, ଦେୟ ଏବଂ ଖର୍ଚ୍ଚ | ୨୮.୧୧.୨୦୨୪ / ୧୫.୧୧.୨୦୨୫ | ଶ୍ରୀମତୀ ଅନ୍ନପୂର୍ଣ୍ଣା ରାୟ, ସ୍ୱାମୀ: ଶ୍ରୀ କୃପାସିନ୍ଧୁ ରାୟଙ୍କ ନାମରେ ଥିବା ଖାଲି ଜମିର ସମସ୍ତ ଅଂଶବିଶେଷ ଯାହାର ରେଭିନ୍ୟୁ ଖାତା ନଂ.: ୩୦, ପ୍ଲଟ୍ ନଂ.: ୨୪୯/୬୩୨୦, ପରିମିତ କ୍ଷେତ୍ର: ଏକର୦.୧୨୦ ଡିସିମିଲି, କିସମ: ଘରବାରୀ, ମୌଜା: ତାଳବରକୋଟ, ଥାନା/ତହସିଲ: ଢେଙ୍କାନାଳ ସଦର, ଜିଲ୍ଲା: ଢେଙ୍କାନାଳ, ଏହାର ଚାରିପାର୍ଶ୍ୱରେ ଉତ୍ତର: ନଟବର ଦେବତା, ଦକ୍ଷିଣ: ସଲିଳ ପଟ୍ଟନାଏକ, ପୂର୍ବ: ରାସ୍ତା, ପଶ୍ଚିମ: ପ୍ଲଟ୍ ନଂ.: ୩୨୮୮ |

ସ୍ଥାନ: ଢେଙ୍କାନାଳ, ତାରିଖ: ୧୯.୧୧.୨୦୨୫ ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

# ମହିଳାଙ୍କୁ ପ୍ରତାରଣା, ଯୁବକ ଗିରଫ

ବ୍ରହ୍ମପୁର,୧୯।୧୧(ସୁବାସ ଚନ୍ଦ୍ର ପାଢ଼ୀ) ଜନୈକା ମହିଳାଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ପ୍ରତାରଣା ଅଭିଯୋଗରେ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ କୁଠାରୀ ମନ୍ଦିର ସାହିର ପ୍ରମୋଦ କୁମାର ନାୟକ(୩୩) । ମାମଲା ନଂ ୫୭୭/୨୫ରେ ତାଙ୍କୁ କୋର୍ଟ ଚାଲାଣ କରିଛି। ବଡବଜାର ଅଞ୍ଚଳର ଜଣେ ମହିଳାଙ୍କ ସ୍ୱାମୀ ଆଜକୁ କିଛି ବର୍ଷ ତଳେ ଆରପାରିକୁ ଚାଲିଯାଇଥିଲେ। ପ୍ରମୋଦ ନାୟକ ଉକ୍ତ ବିଧବାଙ୍କ ସହ ସମ୍ପର୍କ ରଖିଥିଲେ। ଯୁବକ ଜଣଙ୍କ ମହିଳାଙ୍କୁ ବିବାହ କରିବେ ବୋଲି ପ୍ରତିଶ୍ରୁତି ଦେଇ କିଛି ବର୍ଷ ହେବ ଶାରୀରିକ ସମ୍ପର୍କ ରଖିଆସୁଥିଲେ। ହେଲେ ମହିଳା ଜଣଙ୍କ ପ୍ରମୋଦଙ୍କୁ ବିବାହ କରିବାକୁ କହିଥିଲେ। ହେଲେ ସେ ବିଭିନ୍ନ ଆଳ ଦେଖାଇ ଠକି ଚାଲିଥିଲେ। ମହିଳା ଜଣଙ୍କ ଜିଦ ଧରିବାରୁ ପ୍ରମୋଦ ତାଙ୍କୁ ବିବାହ କରିବେନି ବୋଲି ମନା କରି ଦେଇଥିଲେ । ପ୍ରତାରଣାର ଶିକାର ହେବା ପରେ ମହିଳା ଜଣଙ୍କ ବଡବଜାର ଥାନାରେ ଅଭିଯୋଗ କରିଥିଲେ।

## ବୃଦ୍ଧାଙ୍କ ପେନ୍‌ସନ ହଡ଼ପ ଅଭିଯୋଗ

ପାରଳାଖେମୁଣ୍ଡି,୧୯।୧୧(ଗିରିଧାରୀ ପରିଛା): ଗଜପତି ଜିଲା ରାୟଗଡ ବ୍ଲକ ସୁଆଲସିଙ୍ଗ ସାହିର ଜଣେ ବୃଦ୍ଧାଙ୍କ ପେନସନ ଟଙ୍କାକୁ ଗତ ୧୦ ବର୍ଷ ହେଲା ହଡ଼ପ କରାଯାଉଥିବା ଘଟଣା ସାମନାକୁ ଆସିଛି । ଶୁଭାଗମନ ମିଶାଲ ନାମକ ବୃଦ୍ଧାଙ୍କ ସ୍ୱାମୀଙ୍କ ବିୟୋଗ ପରେ ପେନସନ ତାଙ୍କ ନାଁରେ ଲାଗୁ ହୋଇଥିଲା। ତେବେ ସ୍ୱାମୀଙ୍କ ପୂର୍ବ ପତ୍ନୀଙ୍କ ପୁଅ ୩ବର୍ଷ ପେନସନ ନେବାପରେ ଶୁଭାଗମନ ନେବେ ବୋଲି ଏଭଳି କିଛି ପାରିବାରିକ ଚୁକ୍ତି ହୋଇଥିଲା । ଚୁକ୍ତି ଅନୁସାରେ ସାବତ ପୁଅ ୩ବର୍ଷ ପରେ ପେନସନ ଖାତାକୁ ଫେରାଇ ଥିଲେ । ଏହାପରେ ଶୁଭାଗମନଙ୍କ ଜଣେ ବନ୍ଧୁ ବିଶ୍ୱାସ ଜନ୍ମାଇ ପେନସନ ପାଉଥିବା ବ୍ୟାଙ୍କ ଖାତା ଆଣି ପାଖରେ ରଖିଥିଲେ। ଏହା ସୁଯୋଗ ନେଇ ବିଶ୍ୱସ୍ତ ବନ୍ଧୁଙ୍କ ବଡ଼ପୁଅ ମିଛ କହି ଓ ଆତ୍ମୀୟତା ବଢ଼ାଇ ଶୁଭାଗମନଙ୍କ ପ୍ରତି ମାସର ପେନସନ ଟଙ୍କାକୁ ଗତ ୧୦ ବର୍ଷ ହେଲା ଉଠେଇ ନେଉଥିବା ଅଭିଯୋଗ ହୋଇଛି। ଗତ ୨ଦିନ ତଳେ ବିଶ୍ୱସ୍ତ ବନ୍ଧୁଙ୍କ ପୁଅ ପ୍ରତିଥର ଭଳି ବୃଦ୍ଧାଙ୍କ ଟିପ ଚିହ୍ନ ନେବାକୁ ପ୍ରୟାସ କରିବା ସମୟରେ ସାହି ଲୋକେ ପଚାରିବାରୁ କୌଣସି ଉତ୍ତର ନଦେଇ ଦୌଡ଼ି ପଳାଇ ଥିଲେ। ଏହାପରେ କିଛି ସ୍ଥାନୀୟ ଲୋକମାନେ ଘଟଣାର ଖୋଳତାଡ଼ କରିବା ସମୟରେ ଗତ ୧୦ ବର୍ଷ ଧରି ସମ୍ପୃକ୍ତ ବୃଦ୍ଧାଙ୍କ ଖାତାରୁ ତାଙ୍କ ସ୍ୱାମୀଙ୍କ ପେନସନ ଅର୍ଥକୁ ଉଠେଇ ନେଉଥିବା ଘଟଣା ସାମ୍ନାକୁ ଆସିଲା। ଏ ନେଇ ତାଙ୍କ ଭଣଜା ରାୟଗଡ ଥାନାରେ ଅଭିଯୋଗ କରିଛନ୍ତି । ଘଟଣାକୁ ନେଇ ପୋଲିସ ପଚରା ଉଚରା କରୁଛି।

## କୃଷକ ଉତ୍ପାଦକ ଗୋଷ୍ଠୀଙ୍କ ଜିଲ୍ଲାସ୍ତରୀୟ ତାଲିମ ଶିବିର

ଆର,ଉଦୟଗିରି ,୧୯।୧୧(ମନୋଜ କୁମାର ପାଢ଼ୀ): ଆର, ଉଦୟଗିରି କୃଷି ବିଜ୍ଞାନ କେନ୍ଦ୍ରରେ ଗତ ମଙ୍ଗଳବାର କୃଷକ ଉତ୍ପାଦକ ଗୋଷ୍ଠୀମାନଙ୍କର ଜିଲ୍ଲାସ୍ତରୀୟ ତାଲିମ ଶିବିର ଅନୁଷ୍ଠିତ ହୋଇଛି । କୃଷକ ଉତ୍ପାଦକ ଗୋଷ୍ଠୀଗୁଡିକୁ ବ୍ୟବସାୟିକ ଦୃଷ୍ଟିରୁ ସଶକ୍ତ କରିବା ଓ ପରିଚାଳନା କ୍ଷମତା ବୃଦ୍ଧି ନିମନ୍ତେ ହୋଇଥିବା ଏହି ଶିବିରରେ ଜିଲ୍ଲାର ୯ଟି ଏଫପିଓର ୨୫ ଜଣ ସଦସ୍ୟ ଯୋଗ ଦେଇଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ଉଦ୍ୟାନ ବିଜ୍ଞାନୀ ଡ. ସୁଶ୍ରୀ ଚୌଧୁରୀ ସ୍ୱାଗତ ଭାଷଣ ଦେଇ ସଭା କାର୍ଯ୍ୟ ଆରମ୍ଭ କରିଥିଲେ। କେନ୍ଦ୍ରର ମୁଖ୍ୟ ତଥା ବୈଜ୍ଞାନିକ ଡ଼ ସଂଗ୍ରାମ ପରମଗୁରୁ ସଭାରେ ଅଧ୍ୟକ୍ଷତା କରି ଏହି ତାଲିମ ମାଧ୍ୟମରେ କୃଷକ ଉତ୍ପାଦକ ସଂଗଠନଗୁଡିକୁ ସୁଦୃଢ କରି ସେମାନଙ୍କୁ ବ୍ୟବସାୟିକ ମଡେଲ ଭାବରେ ଗଢାଯିବ ବୋଲି ମତ ରଖିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲାର କୃଷି, ପ୍ରାଣୀ ସମ୍ପଦ ବିଭାଗର ବରିଷ୍ଠ ଅଧିକାରୀମାନେ ଅଂଶ ଗ୍ରହଣ କରିଥିଲେ।

## ଯୌତୁକ ଦାବିରେ ଆକ୍ରମଣ: ସ୍ୱାମୀ ଓ ଦେଢ଼ଶୁର ଗିରଫ

ବ୍ରହ୍ମପୁର,୧୯।୧୧(ସୁବାସ ଚନ୍ଦ୍ର ପାଢ଼ୀ) ଅଧିକ ଯୌତୁକ ଦାବି କରି ଜଣେ ମହିଳାଙ୍କୁ ଆକ୍ରମଣ ଅଭିଯୋଗରେ ନିମଖଣ୍ଡି ଥାନା ପୋଲିସ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ସଂପୃକ୍ତ ମହିଳାଙ୍କ ସ୍ୱାମୀ ଜନାର୍ଦ୍ଦନ ମହାଙ୍କୁଡ(୩୮) ଓ ଦେଢଶୂର ହୀନ ମହାଙ୍କୁଡ(୪୨)। ଜ୍ୟୋସ୍ନା ମହାଙ୍କୁଡ କିଛି ବର୍ଷ ତଳେ ବାଙ୍କିଆପଲ୍ଲୀର ଜନାର୍ଦ୍ଦନଙ୍କୁ ବିବାହ କରିଥିଲେ। କିଛି ଦିନ ତଳେ ଜ୍ୟୋସ୍ନା ଘରେ ଥିବା ବେଳେ ତାଙ୍କ ଦେଢ଼ଶୂର, ନଣନ୍ଦ ଆସି ସ୍ୱାମୀଙ୍କ ଉପସ୍ଥିତିରେ ଅଧିକ ଯୌତୁକ ଦାବି କରିଥିଲେ । ପ୍ରତିବାଦ କରିବାରୁ ତାଙ୍କୁ ଠେଙ୍ଗାରେ ଆକ୍ରମଣ କରାଯାଇଥିଲା। ଆହତ ଜ୍ୟୋସ୍ନା ମେଡିକାଲରେ ଭର୍ତ୍ତି ହୋଇଥିଲେ। ପରେ ସେ ଥାନାରେ ଅଭିଯୋଗ କରିଥିଲେ।

# ସାଂସଦ ଖେଳ ମହୋତ୍ସବରେ ଭାଗନେବେ ୧୦୧ ଦଳ



ଅତିଥିଙ୍କ ଗହଣରେ କ୍ରୀଡାରେ ଭାଗ ନେଇଥିବା ଖେଳାଳି, ବିଏମସି ଅଧିକାରୀ ଓ ଅନ୍ୟମାନେ।

ବ୍ରହ୍ମପୁର,୧୯।୧୧(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ସ୍ଥାନୀୟ ସ୍ପୋର୍ଟ୍ସ ଏରିନା (କ୍ରୀଡା ମଞ୍ଚ) ଠାରେ ସାଂସଦ ଖେଳ ମହୋତ୍ସବ-୨୦୨୫ ବୁଧବାର ଆରମ୍ଭ ହୋଇଛି। ବ୍ରହ୍ମପୁର ବିଧାୟକ କେ. ଅନୀଲ କୁମାର, ମେୟର ସଂଘମିତ୍ରା ଦଳେଇ, ସାଂସଦ ପ୍ରତିନିଧି ବାଳକୃଷ୍ଣ ସାମନ୍ତରା କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ତରୁଣ ଏବଂ ଯୁବବର୍ଗଙ୍କ କ୍ରୀଡା ପ୍ରତିଭା ଚିହ୍ନଟ ଏବଂ ପ୍ରୋତ୍ସାହନ ସହ ଏକ ସୁସ୍ଥ ରାଷ୍ଟ୍ର ନିର୍ମାଣରେ ଏହା ସହାୟକ ହେବ ବୋଲି ଅତିଥିମାନେ ମତ ରଖିଥିଲେ। ଏହି ମହୋତ୍ସବ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବାବେଳେ ଏଥିରେ ୧୦୧ ଦଳ ଓ ୨୦୪୪ ଖେଳାଳି ଭାଗ ନେଉଥିବା ସୂଚନା ମିଳିଛି। ପ୍ରଥମ ଦିନ ଭଲିବଲ ଏବଂ ବ୍ୟାଡମିଣ୍ଟନ ମ୍ୟାଚ ଆୟୋଜିତ ହୋଇଥିଲା। ସେହିପରି ମେଡିକାଲ କଲେଜ ଖେଳ ପଡିଆଠାରେ କ୍ରିକେଟ ମ୍ୟାଚର ଶୁଭାରମ୍ଭ ହୋଇଥିଲା। ବ୍ୟାଡମିଣ୍ଟନରେ ବାଳକ ସିନିୟର ବର୍ଗର ସମୁଦାୟ ୨୮ ଏବଂ ବାଳିକା ଜୁନିଅର ବର୍ଗର ସମୁଦାୟ ୧୩ ମ୍ୟାଚ ଖେଳାଯାଇଥିଲା। ବାଳିକା ଜୁନିଅରରେ ଆରାଧନା ବିଜୟିନୀ ଓ ବି. ସ୍ନେହା ଆଚାରୀ ଉପ-ବିଜୟିନୀ ହୋଇଛନ୍ତି। ସିନିୟର ବାଳକ ସେମି ଫାଇନାଲରେ ଗୁରୁବାର ସମୀର ଗାଣ୍ଟାଙ୍କୁ ମୁକାବିଲା କରିବେ ରୁଦ୍ରପ୍ରତାପ ସାମନ୍ତ ଏବଂ ଅବିନାଶ ମୁନିଙ୍କୁ ଭେଟିବେ କେ.ବୈଷ୍ଣବ। ପ୍ରଥମ ଦିନ ଭଲିବଲରେ ସୁମନ ଗଡନାୟକ ଏବଂ ସମୀର ଶଗଡିଆଙ୍କ ଦଳ ଅଜୟ କୁମାର ଦଳେଇ ଏବଂ ଚିନ୍ମୟ କୁମାର ପ୍ରଧାନଙ୍କ ଦଳକୁ ହରାଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି। କ୍ରିକେଟରେ ଚନ୍ଦୁ ରାଉଳଙ୍କ ନେତୃତ୍ୱରେ ଇଲେଭେନ ଟାଇଗର୍ସ ଦଳ ସିଫନ ନାୟକଙ୍କ ରୟାଲ ଇଲେଭେନ ଦଳକୁ ୯ ୱିକେଟରେ ହରାଇଛି। ରୁଦ୍ର ପ୍ରକାଶ ବିଶ୍ୱାସଙ୍କ ୟଙ୍ଗ ଷ୍ଟାର୍ସ ଇଲେଭେନ ଆଦିତ୍ୟ ସୁନ୍ଦରଙ୍କ କାଶ କଲେଜ ଦଳକୁ ୬ ୱିକେଟରେ ପରାସ୍ତ କରି ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି। ସାଂସଦ ଖେଳ ମହୋତ୍ସବରେ ୧୨ରୁ ୧୬ ବର୍ଷର ଜୁନିଅର ବର୍ଗ ଏବଂ ୧୭ରୁ ୨୪ବର୍ଷର ସିନିୟର ବର୍ଗର ଉଭୟ ବାଳକ ଏବଂ ବାଳିକାମାନଙ୍କ ପାଇଁ ୧୦୦, ୨୦୦, ୪୦୦, ୮୦୦ ମିଟର ଦୌଡ, ସଟପୁଟ, ଡିସକସ, ହାଇଜମ୍ପ, ଲଙ୍ଗଜମ୍ପ ଏବଂ କ୍ରିକେଟ, ଫୁଟବଲ, ଭଲିବଲ, ହ୍ୟାଣ୍ଡବଲ, ବ୍ୟାଡମିଣ୍ଟନ ତଥା ରଙ୍ଗୋଲୀ ପ୍ରତିଯୋଗିତା ଆୟୋଜନ କରାଯିବ। ସମସ୍ତ ଖେଳ ନକ ଆଉଟ ଭିତ୍ତିରେ କରାଯିବ। ସ୍ପୋର୍ଟ୍ସ ଏରିନା, ମେଡିକାଲ କଲେଜ ଖେଳପଡିଆ, ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ପଡିଆ, ମହାତ୍ମା ଗାନ୍ଧୀ ଷ୍ଟେଡିୟମ ତଥା ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପଠାରେ ଏସବୁର ଆୟୋଜନ ପାଇଁ ସ୍ଥିର ହୋଇଥିବା ମହାନଗର ନିଗମ ପକ୍ଷରୁ କୁହାଯାଇଛି। କମିଶନର ପ୍ରଥମେଶ ଅରବିନ୍ଦ ରାଜେଶିର୍କେଙ୍କ ନେତୃତ୍ୱରେ ମହାନଗରର କର୍ମକର୍ତ୍ତା, ସ୍ଥାନୀୟ କ୍ରୀଡା ଶିକ୍ଷକ ଓ ପ୍ରଶିକ୍ଷକ, ବିଭିନ୍ନ ଖେଳର ବିଶେଷଜ୍ଞ, ପୋଲିସ, ସ୍ୱାସ୍ଥ୍ୟ,ବ୍ୟାଙ୍କ ଏବଂ ବାଣିଜ୍ୟିକ ପ୍ରତିଷ୍ଠାନଗୁଡିକର ସମନ୍ୱୟରେ ମହୋତ୍ସବ ପାଇଁ ସମସ୍ତ ବନ୍ଦୋବସ୍ତ କରାଯାଇଛି। କାର୍ଯ୍ୟକ୍ରମରେ ୨ ଡେପୁଟି କମିଶନର ଆଶୀର୍ବାଦ ପରିଡା , କଲ୍ୟାଣୀ ସଙ୍ଘମିତ୍ରା ଦେବୀ, ସିଟି ଇଞ୍ଜିନିୟର ମନୋଜ ପାତ୍ର, ସମସ୍ତ ସହକାରୀ କମିଶନର ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ବିଜେଡି କର୍ପୋରେଟରଙ୍କ ବନ୍ଧୁମିଳନରେ ଭାଜପା ନେତା, ଦଳଡିଆଁ ନେଇ ଚର୍ଚ୍ଚା

ବ୍ରହ୍ମପୁର,୧୯।୧୧(ସ୍ମୃତି ରଞ୍ଜନ ମହାଲିକ)

ବ୍ରହ୍ମପୁର ମହାନଗର ନିଗମ (ବିଏମସି)ରେ ୨ ଗୋଷ୍ଠୀ କର୍ପୋରେଟରଙ୍କ ମଧ୍ୟରେ ବିବାଦ ଥମୁନି। ଏଭଳି ସ୍ଥିତିରେ ଭାଜପା ଫାଇଦା ଉଠାଇବା ବାଟ ଖୋଜୁଛି। ଯାହାକି ବୁଧବାର ସହରର ନୀଳକଣ୍ଠେଶ୍ୱର ମନ୍ଦିର ନିକଟ ଏକ କଲ୍ୟାଣ ମଣ୍ଡପରେ ବିଜେଡି କର୍ପୋରେଟରଙ୍କ ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଦେଖିବାକୁ ମିଳିଛି। ଏଥିରେ ଜିଲା ଭାଜପା ନେତାଙ୍କ ଉପସ୍ଥିତିରୁ ଏହା ସ୍ପଷ୍ଟ ହୋଇଛି। ଏହି ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ବିଜେଡିର ୧୫ କର୍ପୋରେଟର ଉପସ୍ଥିତ ଥିବା ଚର୍ଚ୍ଚା ହେଉଛି। ଫଳରେ ଉକ୍ତ ସମସ୍ତ କର୍ପୋରେଟର ଭାଜପାରେ ମିଶିବା ପାଇଁ ପ୍ରସ୍ତୁତି ଆରମ୍ଭ କରିଥିବା ରାଜନୈତିକ ମହଲରୁ ସୂଚନା ମିଳିଛି। ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଭାଜପା ଜିଲା ସଭାପତି



ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଉପସ୍ଥିତ ବିଜେଡି କର୍ପୋରେଟର ଓ ଭାଜପା ନେତା।

ସମେତ ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ। ବର୍ତ୍ତମାନ ବିଏମସିରେ ଭାଜପାର ୩ କର୍ପୋରେଟର, ଜଣେ ସ୍ୱାଧୀନ କର୍ପୋରେଟର ଓ ବାକି ୩୮ ବିଜେଡି କର୍ପୋରେଟର ଅଛନ୍ତି। ପୂର୍ବରୁ ରାମଲିଙ୍ଗେଶ୍ୱର ଉଦ୍ୟାନର ଅର୍ଥକୁ ନେଇ ବିଜେଡିର କର୍ପୋରେଟର ଗୋଷ୍ଠୀଙ୍କ ମଧ୍ୟରେ ବିବାଦ ଦେଖାଦେଇଥିଲା। ସେହି ଦିନଠାରୁ ଉଭୟ କର୍ପୋରେଟର ଗୋଷ୍ଠୀଙ୍କ ମଧ୍ୟରେ ମନ ମିଶୁନଥିବା ଚର୍ଚ୍ଚା ହେଉଛି। ବର୍ତ୍ତମାନ ଭାଜପା ନେତାଙ୍କ ଗହଣରେ ବିଜେଡି କର୍ପୋରେଟରଙ୍କ ବନ୍ଧୁ ମିଳନ କାର୍ଯ୍ୟକ୍ରମ ରାଜନୀତିକୁ ଭିନ୍ନ ମୋଡ ଦେବ ବୋଲି କୁହାକୁହି ହେଉଛନ୍ତି। ଏ ନେଇ ଉଭୟ ଦଳ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିନାହିଁ।

# ଠକେଇ ମାମଲା, ଅଭିଯୁକ୍ତ ନିର୍ଦ୍ଦୋଷ

ବ୍ରହ୍ମପୁର, ୧୯।୧୧(ସୁବାସ ଚନ୍ଦ୍ର ପାଢ଼ୀ) ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ(ଟ୍ରାନ୍ସପୋର୍ଟ) ସବ୍ୟସାଚୀ ପଣ୍ଡା ବୁଧବାର ଏକ ଠକେଇ ମାମଲାର ରାୟ ପ୍ରକାଶ କରିଛନ୍ତି। ପ୍ରମାଣ ଅଭାବରୁ ଅଭିଯୁକ୍ତ ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ତାରାତାରିଣୀ ଗୋବିନ୍ଦପୁରର ଗୋପାଳକୃଷ୍ଣ ଦାଶଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ୨୦୨୨ରେ ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଲାଞ୍ଜିପଲ୍ଲୀ ଶ୍ରୀକୃଷ୍ଣ ନଗରରେ ରହୁଥିବା ଜନୈକା ମହିଳା ସରିତା ପଣ୍ଡାଙ୍କ ଠାରୁ ଗୋପାଳକୃଷ୍ଣ କୌଣସି ଏକ ବ୍ୟବସାୟ ପାଇଁ ପ୍ରାୟ ୧୦ ମାସ ଭିତରେ ତାଙ୍କ ଠାରୁ ପର୍ଯ୍ୟାୟକ୍ରମେ ୩୪ ଲକ୍ଷ ୩୫ହଜାର ଟଙ୍କା ନେଇଥିଲେ। ଗୋପାଳକୃଷ୍ଣ ୨୦୨୩ରେ ଉକ୍ତ ଟଙ୍କା ଫେରସ୍ତ କରିବେ ବୋଲି କହିଥିଲେ। ନିର୍ଦ୍ଧାରିତ ସମୟରେ ସେ ଟଙ୍କା ଫେରସ୍ତ କରିପାରିନଥିଲେ। ମହିଳା ଜଣଙ୍କ ବାରମ୍ବାର ଟଙ୍କା ମାଗିବାରୁ ସେ ଏକ ବ୍ୟାଙ୍କ ଚେକ ତାଙ୍କୁ ଦେଇଥିଲେ। ଚେକଟି ବ୍ୟାଙ୍କରେ ଡିପୋଜିଟ କରିବା ପରେ ତାହା ବାଉଁଶ ହୋଇଯାଇଥିଲା। ପରେ ମହିଳା ଜଣଙ୍କ ଠକେଇର ଶିକାର ହୋଇଥିବା ଜାଣି ଗତବର୍ଷ ଅକ୍ଟୋବର ମାସରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା ନଂ. ୫୦୧/୨୪ରେ ଅଭିଯୁକ୍ତ ଗୋପାଳକୃଷ୍ଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। କିଛିମାସ ପରେ ସେ ଜାମିନ ପାଇଥିଲେ। ମାମଲାର ବିଚାରଣା ବେଳେ ୫ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ଉପଯୁକ୍ତ ପ୍ରମାଣ ମିଳିନଥିବାରୁ ମାଜିଷ୍ଟ୍ରେଟ ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି। ମୁଦାଲାଙ୍କ ପକ୍ଷରୁ ଆଇନଜୀବୀ ପ୍ରମୋଦ ଚନ୍ଦ୍ର ପଣ୍ଡା ଓ ତାଙ୍କ ସହଯୋଗୀ କାମେଶ୍ୱର ଗୌଡ଼, ବାସୁଦେବ ପଣ୍ଡା ମକଦ୍ଦମା ପରିଚାଳନା କରିଥିଲେ।

# ୱାର୍ଡରେ ବୁଲିଲା ଟିଫା ମେଶିନ, ଧାର୍ଯ୍ୟ ସମୟ ବୃଦ୍ଧି ଦାବି

ବ୍ରହ୍ମପୁର,୧୯।୧୧(ସ୍ମୃତି ରଞ୍ଜନ ମହାଲିକ)

ସହରରେ ମଶାଙ୍କ ପ୍ରାଦୁର୍ଭାବ ରୋକିବା ପାଇଁ ବିଏମସି ପକ୍ଷରୁ ଆଗୁଆ ପଦକ୍ଷେପ ଗ୍ରହଣ କରାଯାଇଛି। ପୂର୍ବରୁ ବିଏମସି ପକ୍ଷରୁ ଗୋଟିଏ ଟିଫା ମେସିନ ଜରିଆରେ ୪୨ ୱାର୍ଡରେ ମଶା ଧୂଆଁ ଛଡାଯାଉଥିଲା। ବର୍ତ୍ତମାନ ୨ ଗାଡିରେ ମଶା ଧୂଆଁ ଆସନ୍ତା ୩୦ ତାରିଖ ଯାଏଁ ବୁଲିବ ବୋଲି ବିଏମସି ଏନୟୁଏଚଏମର ସିଟି ପ୍ରୋଗ୍ରାମ ମ୍ୟାନେଜର ଲମ୍ବୋଦର ଦିଗାଲ ସୂଚନା ଦେଇଛନ୍ତି। ଯାହାକି ମଙ୍ଗଳବାର ସନ୍ଧ୍ୟାରୁ ଏହି ଅଭିଯାନ ଆରମ୍ଭ ହୋଇଛି। ପ୍ରତିଦିନ



ସନ୍ଧ୍ୟାରେ ଏହି ଗାଡି ବୁଲିବ। ପ୍ରତ୍ୟହ ୨ଟି ଲେଖାଏଁ ୱାର୍ଡରେ ମଶା ଧୂଆଁ ଛଡାଯିବ ବୋଲି ସୂଚନା ମିଳିଛି। ଏଥିସହ ନଗର ସ୍ତରୀୟ ମ୍ୟାଲେରିଆ ନିୟନ୍ତ୍ରଣ ଅଧିକାରୀଙ୍କ ତତ୍ତ୍ୱାବଧାନରେ ସହରର ସମସ୍ତ ଡ୍ରେନରେ ମଶା ତେଲ ସିଞ୍ଚନ ମଧ୍ୟ ଆରମ୍ଭ ହୋଇଛି। ତେବେ ଏହି ମଶା ମରା ଅଭିଯାନ ଆସନ୍ତା ଡିସେମ୍ବର ଯାଏଁ ଜାରି ରଖିବା ପାଇଁ ବହୁ କର୍ପୋରେଟର ଦାବି କରିଛନ୍ତି। ଯଦ୍ୱାରା ମଶା ବଂଶ ବୃଦ୍ଧି ରୋକିବାରେ ସହାୟକ ହେବ ବୋଲି କର୍ପୋରେଟରମାନେ କହିଛନ୍ତି।

# ୧୧୦ ଦିବ୍ୟାଙ୍ଗଙ୍କୁ କୃତ୍ରିମ ଅଙ୍ଗ ପ୍ରଦାନ




କାର୍ଯ୍ୟକ୍ରମରେ ବିଧାୟକଙ୍କ ସହ ଅନ୍ୟମାନେ।

ବ୍ରହ୍ମପୁର, ୧୯।୧୧(ସୁବାସ ଚନ୍ଦ୍ର ପାଢ଼ୀ) ରୋଟାରୀ କ୍ଲବ ଅଫ ବ୍ରହ୍ମପୁର ଇଷ୍ଟ ଆନୁକୂଲ୍ୟରେ ରାଜ୍ୟ ସରକାରଙ୍କ ତତ୍ତ୍ୱାବଧାନରେ ଆୟୋଜନ କରିଛି ସକ୍ଷମ -୭ ମାଗଣା କୃତ୍ରିମ ଅଙ୍ଗ ପ୍ରତିରୋପଣ ଶିବିର । ଦୀର୍ଘ ୫ଦିନ ଧରି ଏହି ଶିବିର ଚାଲିବ। ରୋଟାରୀ ଜିଲା-୩୨୬୨ର ଗଭର୍ଣ୍ଣର ମନୋଜ କୁମାର ତ୍ରିପାଠୀ ଶିବିରକୁ ଉଦଘାଟନ କରିଥିଲେ। ଦୀର୍ଘ ଦିନ ଧରି ଏହି କ୍ଲବ କୃତ୍ରିମ ଅଙ୍ଗ ପ୍ରତି ରୋପଣ କାର୍ଯ୍ୟକ୍ରମ ଜାରି ରଖିଛି। ମୁଖ୍ୟ ଅତିଥି ରୂପେ ଚିକିଟିର ବିଧାୟକ ମନୋରଞ୍ଜନ ଦ୍ୟାନସାମନ୍ତରାୟ ଯୋଗ ଦେଇ ସାମାଜିକ ସ୍ତରରେ ଅବହେଳିତ ହୋଇ ରହିଯାଉଥିବା ଜନସାଧାରଣଙ୍କୁ ସାହାଯ୍ୟର ହାତ ବଢ଼ାଇ ଯଶସ୍ୱୀ ହେବା ଏବଂ ବିକଶିତ ଭାରତର ସ୍ୱପନକୁ ସାର୍ଥକ କରିବା ପାଇଁ ଆହ୍ୱାନ ଦେଇଥିଲେ । ବ୍ରହ୍ମପୁର ମାନ୍ୟବର ବିଧାୟକ ଏ. ଅନୀଲ କୁମାର ଯୋଗ ଦେଇ କ୍ଲବର କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ । କ୍ଲବର ସଭାପତି ଡ଼ଃ ପ୍ରଦୀପ୍ତ କୁମାର ପଟନାୟକ ଉପସ୍ଥିତ ଥିଲେ। ଭିନ୍ନକ୍ଷମ ବିଭାଗ ଚେୟାରମ୍ୟାନ ଅଜିତ କୁମାର ପୃଷ୍ଟି ବିବରଣୀ ପ୍ରଦାନ କରି ରୋଟାରୀ ଇଷ୍ଟ ଆନୁକୂଲ୍ୟରେ ନୟାଗଡ, ସୁନ୍ଦରଗଡ଼, ବ୍ରହ୍ମପୁର ଠାରେ କୃତ୍ରିମ ଅଙ୍ଗ ପ୍ରତିରୋପଣ ଶିବିର ଆୟୋଜିତ ହୋଇଛି। ଶିବିରରେ ୨୫୦ ଦିବ୍ୟାଙ୍ଗ ପଞ୍ଜିକରଣ କରିଛନ୍ତି । ଆଗାମୀ ୨୪ରୁ ୨୮ ପର୍ଯ୍ୟନ୍ତ ପାରଳାଖେମୁଣ୍ଡି ଠାରେ ମଧ ଶିବିର ଆୟୋଜନ ହେବ। ସହ ପ୍ରାନ୍ତପାଳ ଝରଣା ପଣ୍ଡା, କ୍ଲବର ପ୍ରୋଜେକ୍ଟ ଚେୟାରମ୍ୟାନ ନାରସୁଜେନା ଉଦବୋଧନ ଦେଇଥିଲେ । କ୍ଲବର ନିର୍ବାଚିତ ସଭାପତି ହୃଷୀକେଶ ପ୍ରଧାନ ସଭା ସଂଯୋଜନା କରିଥିବା ବେଳେ ସମ୍ପାଦକ ଅଶ୍ୱିନୀ କୁମାର ପାତ୍ର ଧନ୍ୟବାଦ ଦେଇଥିଲେ। ପ୍ରଥମ ଦିନରେ ୧୧୦ ଜଣଙ୍କୁ ବିଭିନ୍ନ କୃତ୍ରିମ ଅଙ୍ଗ ପ୍ରଦାନ କରାଯାଇଥିଲା ।

# ଇକୋ ରିଟ୍ରିଟ୍‌ର ସୁରକ୍ଷା ପାଇଁ ମକ୍ ଡ୍ରିଲ



ଦାରିଙ୍ଗବାଡ଼ି,୧୯।୧୧ (ଅରୁଣ ସାହୁ) ଦାରିଙ୍ଗବାଡ଼ି ଇକୋ ରିଟ୍ରିଟ ପରିସରରେ ପର୍ଯ୍ୟଟକଙ୍କୁ ନିଆଁ ଦାଉରୁ ସୁରକ୍ଷା ଦେବାପାଇଁ ଅଗ୍ନିଶମ ବିଭାଗ ପକ୍ଷରୁ ବଡ଼ ପଦକ୍ଷେପ ନିଆଯାଇଛି। ବୁଧବାର ସକାଳେ ପୂର୍ବ ଯୋଜନା ପ୍ରକାରେ ଅଗ୍ନିଶମ ବିଭାଗର ଗାଡ଼ି ସାଇରନ ଦେଇ ମୁଖ୍ୟ ଫଟାକରୁ ଇକୋ ରିଟ୍ରିଟ ପରିସରକୁ ଆସିଥିଲା। ପୂର୍ବରୁ ସେଠାରେ ରହିଥିବା ଇକୋ ରିଟ୍ରିଟର କର୍ମଚାରୀ ସମେତ ସୁରକ୍ଷା କର୍ମୀଙ୍କୁ ନିଆଁ ଲାଗିଲେ କିଭଳି ତାକୁ ଲିଭାଇବାକୁ ପଦକ୍ଷେପ ନେବେ ଓ ନିଆଁ ଲିଭାଇବାକୁ ଯନ୍ତ୍ରପାତି ଓ ଅନ୍ୟାନ୍ୟ ରାସାୟନିକ ଦ୍ରବ୍ୟର ବ୍ୟବହାର ସମ୍ପର୍କରେ ଅବଗତ କରାଇଥିଲେ। ବିଶେଷ କରି ପର୍ଯ୍ୟଟକ ରହୁଥିବା ତମ୍ବୁର ସୁରକ୍ଷା ସହ ରୋଷେଇ ଶାଳରେ ନିଆଁ ଦାଉରୁ ରକ୍ଷା ପାଇଁ ବିଭିନ୍ନ କୌଶଳକୁ ଅଗ୍ନିଶମ ବିଭାଗର ଅଧିକାରୀ ଚିତ୍ତ ରଞ୍ଜନ ସାହୁ ସଚେତନ କରିଥିଲେ। ଏଥିସହ ନିଆଁ ଲାଗିଲେ କେଉଁ ନମ୍ବରକୁ କଲ୍ କରିବେ ଓ ଏଥିପାଇଁ କ'ଣ ସବୁ ପଦକ୍ଷେପ ନେବାକୁ ପଡ଼ିବ ସେନେଇ ଅଗ୍ନିଶମ ଅଧିକାରୀ ବୁଝାଇଥିଲେ। ଏବେ ଇକୋ ରିଟ୍ରିଟରେ ପର୍ଯ୍ୟଟକ ରାତ୍ରିଯାପନ କରୁଛନ୍ତି। ଏହା ଚଳିତ ଗତ ଶନିବାର ଆରମ୍ଭ ହୋଇଥିବା ବେଳେ ଶହେ ଦିନ ପର୍ଯ୍ୟନ୍ତ ଚାଲିବ। ଇକୋ ରିଟ୍ରିଟକୁ ଆସୁଥିବା ପର୍ଯ୍ୟଟକଙ୍କୁ ପୋଲିସ ଏବଂ ଅଗ୍ନିଶମ ପକ୍ଷରୁ ବ୍ୟାପକ ସୁରକ୍ଷା ଦେବାପାଇଁ ୨୪ ଘଣ୍ଟିଆ ପାଇଁତରା ଦିଆଯିବା ସହ ମୁଖ୍ୟ ପ୍ରବେଶ ଫାଟକ ନିକଟରେ ଅସ୍ଥାୟୀ କ୍ୟାମ୍ପ କରାଯାଇ ସୁରକ୍ଷା ଦିଆଯାଉଛି। ଏହି ମକ୍ ଡ୍ରିଲ ପ୍ରଦର୍ଶନ ବେଳେ ଅଗ୍ନିଶମ ଅଧିକାରୀ ଚିତ୍ତରଞ୍ଜନଙ୍କ ନେତୃତ୍ୱରେ ସୁରେନ୍ଦ୍ର କୁମାର ରାଉତ, ବିକାଶ ବେହେରା, ଜନକ ବେହେରା, ସରୋଜ ପ୍ରଧାନ, କାହ୍ନୁ ପାତ୍ର, ସୁନୀଲ ଯାନୀ, ଅମୀୟ ରଞ୍ଜନ ସୁନା, ଚନ୍ଦନ ବିଶ୍ୱାଳ, ବିଜୁ ନାୟକ ପ୍ରମୁଖ ସଚେତନ କରିଥିଲେ। ଇକୋ ରିଟ୍ରିଟର ମ୍ୟାନେଜମେଣ୍ଟର ଶେଖ ଅଖତାର ଅଲି ଓ ତାଙ୍କ ଦଳ ଏହି ସଚେତନ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

# ଯାତ୍ରୀ ବିଶ୍ରାମାଗାରରୁ ମୃତଦେହ ଜବତ

ପାରଳାଖେମୁଣ୍ଡି,୧୯।୧୧(ଗିରିଧାରୀ ପରିଛା): ପାରଳାଖେମୁଣ୍ଡି ସହରର ପୁରୁଣା କୋର୍ଟଛକ ନିକଟରେ ଥିବା ଯାତ୍ରୀ ବିଶ୍ରାମାଗାରରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ଜବତ ହୋଇଛି। ମୃତକ ହେଲେ ଆର. ଉଦୟଗିରି ବ୍ଲକ ଛେଲିଗଡ଼ ନିକଟସ୍ଥ ତଲଡା ଗ୍ରାମର ବାବନ ଦଳେଇ। ସେ ପ୍ରାୟ ୩ ବର୍ଷ ଧରି ପାରଳାଖେମୁଣ୍ଡି ଠାରେ ରହି ଆସୁଥିଲେ। ମଙ୍ଗଳବାର ବିଳମ୍ବିତ ରାତିରେ ଯାତ୍ରୀ ବିଶ୍ରାମାଗାରରେ ଟଳି ପଡିଥିଲେ। ବୁଧବାର ଏହି ଘଟଣା ପ୍ରଘଟ ହେବାପରେ ପାରଳାଖେମୁଣ୍ଡି ଥାନାକୁ ଖବର ଦିଆଯାଇଥିଲା।ଏହାପରେ ପରିବାରର ଲୋକେ ଆସି ମୃତଦେହକୁ ଗ୍ରାମକୁ ନେଇଯାଇଥିବା ଜଣାପଡ଼ିଛି।

# ଏସ୍‌ଏଭିର କ୍ରୀଡ଼ା ଉତ୍ସବରେ ଭାଗନେଲେ ୬୦୦ ଛାତ୍ରୀଛାତ୍ର



କ୍ରୀଡାରେ ଭାଗ ନେଇଥିବା ଛାତ୍ରୀଛାତ୍ର।

ବ୍ରହ୍ମପୁର, ୧୯।୧୧ (ସୁବାସ ଚନ୍ଦ୍ର ପାଢ଼ୀ) ଏସ.ଏ. ଭି. ପବ୍ଲିକ ସ୍କୁଲ ପକ୍ଷରୁ ୨୦ ତମ ବାର୍ଷିକ କ୍ରୀଡାଉତ୍ସବ ଅନୁଷ୍ଠିତ ହୋଇଛି। ଏଥିରେ ବିଦ୍ୟାଳୟର ୬୦୦ରୁ ଅଧିକ ଛାତ୍ରୀଛାତ୍ର ଯୋଗଦେଇଥିଲେ। ବିଭିନ୍ନ କ୍ରୀଡା ଯଥା ଲମ୍ବା ଦୌଡ଼, ଗାଣିତିକ ଦୌଡ଼, ଛୁଞ୍ଚି ଓ ସୁତା ଦୌଡ଼, ଚକୋଲାଟେ ଦୌଡ଼, ବେଙ୍ଗ ଦୌଡ଼, ସଂଗୀତ ଚୌକି, ଜାଭିଲିନ ଥ୍ରୋ, ଶର୍ଟ ପୁଟ, ଅଖା ଦୌଡ ଇତ୍ୟାଦି ପ୍ରତିଯୋଗିତା ହୋଇଥିଲା। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଦେବୀ ପ୍ରସାଦ ସାହୁ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଶଶି ଏଜୁକେସନାଲ ଚାରିଟେବଲ ଟ୍ରଷ୍ଟର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ଦାଶ ଉପସ୍ଥିତ ରହି ସଫଳ ଛାତ୍ରୀଛାତ୍ରଙ୍କୁ ପଦକ ପ୍ରଦାନ କରିଥିଲେ। ସ୍କୁଲର ୩ଜଣ ୭ମ ଶ୍ରେଣୀ ଛାତ୍ର ଜାତୀୟ ସ୍ତରରେ ଉନ୍ନୀତ ହୋଇ ଭୁବନେଶ୍ୱର ଠାରେ ଥିବା କ୍ରୀଡା ଛାତ୍ରବାସରେ ରହିବା ସୁଯୋଗ ପାଇଥିବା ସେ କହିଥିଲେ। ଅନ୍ୟତମ ଅତିଥି ଭାବେ ଗୌରାଙ୍ଗ ଚୌଧୁରୀ, ଗୋପାଳ ପଟ୍ଟନାୟକ, ଅମୂଲ୍ୟ ନାହାକ ଉପସ୍ଥିତ ରହି ଛାତ୍ରୀ ଛାତ୍ରଙ୍କୁ କ୍ରୀଡା ଶିକ୍ଷାର ଏକ ଅଙ୍ଗ, ଏଥିରେ ସମସ୍ତେ ସାମିଲ ହେବା ଉଚିତ ବୋଲି କହିଥିଲେ। ଉତ୍ତମ ଓ ଦକ୍ଷତା ବୃଦ୍ଧି ପାଇଁ ବିଦ୍ୟାର୍ଥୀମାନଙ୍କ ଭିତରେ ଖେଳୁଆଡ଼ ମୋନଭାବ ରହିବା ଅତ୍ୟନ୍ତ ଜରୁରୀ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। କ୍ରୀଡା ଶିକ୍ଷୟତ୍ରୀ ସସ୍ମିତା ମହାନ୍ତି, ସୁମିତ୍ରା ନାୟକ, ବୈଶାଳୀ ଆୟଂଗର, ଲଳିତା ବେହେରା, ସୁଭାଷିନୀ ରାଇକା, ରୋହିଣୀ, ମନରମା, ରଂଜିତା ତ୍ରିପାଠୀ, ସୁକନ୍ୟା, ରେଶମା, ସ୍ୱପ୍ନା ପଟ୍ଟନାୟକ, ସାଗରିକା, ସଂଯୁକ୍ତା ପ୍ରମୁଖ କର୍ମକର୍ତ୍ତା ସହଯୋଗ କରିଥିଲେ।

# ଚାଷୀ ଶୋଷଣ ବନ୍ଦ ନ ହେଲେ ଆନ୍ଦୋଳନ

ବ୍ରହ୍ମପୁର,୧୯।୧୧(ସୁବାସ ଚନ୍ଦ୍ର ପାଢ଼ୀ)

## ଧାନକିଣାରେ ସ୍ୱତନ୍ତ୍ର ପଦକ୍ଷେପ ନେବାକୁ ଦାବି

ଗଞ୍ଜାମ ଜିଲା ଏକ କୃଷି ପ୍ରଧାନ ଅଞ୍ଚଳ। ଜିଲାର ମାତ୍ର ୪୦% ଜମି ଜଳସେଚିତ ହୋଇ ପାରୁଥିବାରୁ ଚାଷୀମାନେ କେବଳ ଧାନ ଫସଲକୁ ହିଁ ଆପଣାଇଥାନ୍ତି। ପ୍ରାୟ ୫.୨ ଲକ୍ଷ ଚାଷୀ ଓ ୨.୫ ଲକ୍ଷ ଭାଗଚାଷୀ ଧାନ ଚାଷ କରିଥାନ୍ତି। କିନ୍ତୁ ପ୍ରତିବର୍ଷ ଧାନ ସଂଗ୍ରହ ବେଳେ ଚାଷୀମାନେ ଶୋଷଣ ଓ ଠକାମୀର ଶିକାର ହୋଇ ଆସୁଛନ୍ତି। ସରକାରୀ ଅଫିସର ଓ ମିଲ ମାଲିକଙ୍କ ଅଶୁଭ ମେଣ୍ଟ ହିଁ ଏଥିପାଇଁ ଦାୟୀ ବୋଲି ବିଭିନ୍ନ ସଂଗଠନ ପକ୍ଷରୁ ଅଭିଯୋଗ ହୋଇଛି। ସରକାର ଗତବର୍ଷ ଧାନ କ୍ୱିଂଟାଲ ପିଛା ୮୦୦ ଟଙ୍କା ଦେବା ଏକ ଭଲ ପଦକ୍ଷେପ। କିନ୍ତୁ ତା'ର ସୁଫଳ ସବୁ ଚାଷୀଙ୍କୁ ମିଳିପାରିଲା ନାହିଁ। ପୂର୍ବରୁ ଭାଗଚାଷୀଙ୍କ ପଞ୍ଜୀକରଣ ନିୟମ ସରଳ ଥିବା ବର୍ତ୍ତମାନର ସରକାର ଜଟିଳ କରି ଦେଇଥିବାରୁ ଜିଲାର ୨.୫ ଲକ୍ଷ ଭାଗଚାଷୀ ଧାନ ସଂଗ୍ରହ ଓ ବୋନସ ପାଇବାରୁ ବଂଚିତ ରହିଛନ୍ତି। ସରକାର ଭାଗଚାଷୀଙ୍କ ଧାନ ସଂଗ୍ରହ ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନେବାକୁ ବିଭିନ୍ନ ସଂଗଠନ ପକ୍ଷରୁ ଦାବି କରାଯାଇଛି। ଧାନକିଣାରେ ଦୁର୍ନୀତି ବନ୍ଦ ନହେଲେ ଆଗାମୀ ଦିନରେ



କାର୍ଯ୍ୟକ୍ରମରେ ବିଭିନ୍ନ ସଂଗଠନର ନେତୃବୃନ୍ଦ।

ଆନ୍ଦୋଳନ କରାଯିବ ବୋଲି ମଙ୍ଗଳବାର ଗଞ୍ଜାମ କଳା ପରିଷଦରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଋଷିକୂଲ୍ୟା ରୟତ ମହାସଭାର ସମ୍ପାଦକ ସିମାଂଚଳ ନାହାକ, ଧନୁର୍ଦ୍ଧର ପଲେଇ, ପ୍ରକାଶ ପଲେଇ, ଅଖିଳ ଭାରତ କିଶାନ ମଜଦୂର ସଭାର ଜାତୀୟ ସମ୍ପାଦକ ଭାଲଚନ୍ଦ୍ର ଷଡଙ୍ଗୀ, ଜିଲା ସମ୍ପାଦକ ଲଡୁ କିଶୋର ପ୍ରମୁଖ ଚେତାବନୀ ଦେଇଛନ୍ତି। ସେମାନେ କହିଛନ୍ତି ଯେ, ଜିଲାରେ ୩୬୦ ସମବାୟ ସମିତି, ୧୦୦ରୁ ଅଧିକ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଏବଂ ଗୋଟିଏ ପାଣି ପଂଚାୟତ ଧାନ ସଂଗ୍ରହକାରୀ ଏଜେନ୍ସି ଭାବେ ଅଧିକୃତ ହୋଇଥିବା ବେଳେ ବସ୍ତୁତଃ ମିଲ ମାଲିକମାନେ ହିଁ ଚାଷୀଙ୍କ ଠାରୁ ସିଧାସଳଖ ଧାନ କିଣୁଛନ୍ତି। ସରକାରଙ୍କ ତରଫରୁ ଏଯାଏଁ ଜିଲାରେ କୌଣସି ଧାନମଣ୍ଡି ନଥିବାରୁ ବସ୍ତୁତଃ ମିଲ ମାଲିକଙ୍କ ଧାନ ମିଲ ଗୁଡିକ ସରକାରୀ ଘୋଷିତ ଧାନ କ୍ରୟ କେନ୍ଦ୍ର (ପିପିଏଚ) ରୂପେ କାର୍ଯ୍ୟକରୁଛି। ଗତ ସରକାର ସମୟରେ ଧାନ କିଣାରେ କଟନୀ ଓ ଛଟନୀକୁ ସମ୍ପୂର୍ଣ୍ଣ ବିରୋଧ କରୁଥିବା ଭାଜପା ଏବେ କ୍ଷମତାକୁ ଆସିବା ପରେ ମଧ ପୂର୍ବଭଳି କଟନୀ ଓ ଛଟନୀ ନାଁରେ ଚାଷୀ ଶୋଷଣର ଶିକାର ହେଉଛନ୍ତି। ଗତବର୍ଷ ଗଞ୍ଜାମ ଜିଲ୍ଲାରେ ଧାନ କ୍ୱିଂଟାଲ ପିଛା ୫-୧୨ କେ.ଜି ଚାଷୀମାନଙ୍କ ଠାରୁ କଟାଯାଉଛି। ଏହା ବ୍ୟତୀତ ସରକାର ଧାନ ସଂଗ୍ରହ ଓ ମିଲିଂ ବାବଦରେ ସବୁ ଖର୍ଚ୍ଚ ବହନ କରୁଥିବା ବେଳେ ମିଲରମାନେ ଚାଷୀଙ୍କ ଠାରୁ ବେଆଇନ ଭାବେ ସେମାନଙ୍କ ଅଖା ରଖିଦେବା ସହ ଧାନ ସଂଗ୍ରହ କେନ୍ଦ୍ର ପର୍ଯ୍ୟନ୍ତ ପରିବହନ ଖର୍ଚ୍ଚ ଓ ଲୋଡ ଅନ ଲୋଡ ବାବଦରେ ଖର୍ଚ୍ଚକୁ ଚାଷୀଙ୍କୁ ନଦେଇ ହଡପ କରି ନେଉଛନ୍ତି। ଏନେଇ ଅତୀତରେ ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲେ ବି କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ସରକାରଙ୍କ ଦାୟୀତ୍ୱହୀନତାରୁ ଜିଲାରେ ଫସଲବୀମା ନାଁରେ ଘରୋଇ ବୀମା କମ୍ପାନୀମାନେ ଚାଷୀମାନଙ୍କୁ ଫସଲ କ୍ଷତିପୂରଣ ଠିକ ରୂପେ ଦେଉନଥିବା ବେଳେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଠାରୁ ପ୍ରିମିୟମ ବାବଦ କୋଟି କୋଟି ଟଙ୍କା ନେଉଛନ୍ତି। ଗତବର୍ଷ ଅଦିନିଆ ବର୍ଷାରେ ଅନେକ ଚାଷୀ କ୍ଷତିଗ୍ରସ୍ତ ହୋଇଥିଲେ। ଫସଲ ବୀମା କରିଥିବା ୧,୪୫,୯୫୩ ଚାଷୀଙ୍କ ମଧ୍ୟରୁ ମାତ୍ର ୪୧,୫୯୫ ଜଣ ହିଁ ମୋଟ ୯.୨୯ କୋଟି ଟଙ୍କାର ବୀମା ସହାୟତା ପାଇଥିଲେ। ଫସଲ ବୀମା ଯୋଗାଇବା ନାଁରେ ରାଜ୍ୟ ଓ କେନ୍ଦ୍ର ସରକାର ତଥା ଚାଷୀ ପ୍ରିମିୟମ ବାବଦରେ ୭୬.୨୩ କୋଟି ଟଙ୍କା ଘରୋଇ ବୀମା କମ୍ପାନୀକୁ ଦେଇଥିବା ବେଳେ କମ୍ପାନୀ ମାତ୍ର ୯.୨୯ କୋଟି କ୍ଷତିପୂରଣ ଦେଇ ବଳକା ୬୭ କୋଟି ଟଙ୍କା ଲାଭ ପାଇଛି। ତେଣୁ ଧାନ କିଣାରେ ଦୁର୍ନୀତି ଓ ଫସଲ ବୀମା ଠିକ ଭାବେ ଚାଷୀଙ୍କୁ ପ୍ରଦାନ କରିବାକୁ ଦାବି କରାଯାଇଛି।

# ଶଙ୍କର, ମୁନାଙ୍କ ଆର୍ଥିକ କାରବାର ଯାଞ୍ଚ କରୁଛି ଇଡି

ଭୁବନେଶ୍ୱର, ୧୯।୧୧ (ତ୍ରିନାଥ ମହାନ୍ତି)

**ପୋଲିସ ଏସ୍‌ଆଇ ପରୀକ୍ଷା ଜାଲିଆତି**

- ଆଜି ୩ଜଣଙ୍କ ଜାମିନ ଆବେଦନର ଶୁଣାଣି
- ଟେଣ୍ଡର ନେଇଥିବା ଦୁଇ ସଂସ୍ଥାର କର୍ମଚାରୀ ହେଲେ ହାଜର
- ଆର୍ଥିକ କାରବାର ସମ୍ପର୍କିତ ଦସ୍ତାବିଜ୍ ନେଲା ଇଡି

ପୋଲିସ ଏସ୍‌ଆଇ ପରୀକ୍ଷା ଜାଲିଆତି ଘଟଣାରେ ସିବିଆଇ ୨ଦିନ ହେବ ବ୍ରହ୍ମପୁରରେ ଡେରା ପକାଇଛି। ଏହି ମାମଲାରେ ସମ୍ପୃକ୍ତ ଥିବା ଏକାଧିକ ବ୍ୟକ୍ତିଙ୍କୁ ପଚରାଉଚରା କରୁଛି। ଶଙ୍କର ପୃଷ୍ଟିଙ୍କ ଅଫିସ ଏବଂ ଅନ୍ୟ ସ୍ଥାନରେ ସିବିଆଇ ଚଢାଉ କରି ଛାନ୍‌ଭିନ୍ କରିଛି। ସେଠାରେ ସିବିଆଇ କିଛି ପୁରୁଣା ଦସ୍ତାବିଜ୍ ଜବତ କରିଥିବା ଜଣାପଡ଼ିଛି। ଏଥିସହିତ ସିବିଆଇ ଟିମ୍ ବୁଧବାର ଗୋଳନ୍ଥରା ଥାନାର ତଦନ୍ତକାରୀ ଅଧିକାରୀଙ୍କୁ ମାମଲା ସମ୍ପର୍କରେ ପଚାରି ବୁଝିଥିଲେ। ଗିରଫ ହୋଇ ଜାମିନରେ ଆସିଥିବା ୫ଜଣ ପରୀକ୍ଷାର୍ଥୀଙ୍କୁ ପଚରାଉଚରା କରାଯାଇଛି। ମୁନା ଏବଂ ଶଙ୍କର ସେମାନଙ୍କୁ କିଭଳି ଚାକିରି କରାଇ ଦେବାକୁ ୨୫ ଲକ୍ଷ ଟଙ୍କା ନେଇଥିଲେ, ସେନେଇ ସବୁ କିଛି ସେମାନେ ସିବିଆଇ ଆଗରେ ପ୍ରକାଶ କରିଛନ୍ତି। ସମନ ହୋଇଥିବା ଆଇଟିଆଇ ସଂସ୍ଥା ଏବଂ ସିଲିକନ୍ ଟେକ୍ ଲ୍ୟାବ୍ ସଂସ୍ଥାର ଅଧିକାରୀ ସିବିଆଇ ଅଫିସରେ ହାଜର ହୋଇଛନ୍ତି। ସେମାନଙ୍କୁ ଯେଉଁ ସବୁ ଦସ୍ତାବିଜ୍ ମଗାଯାଇଥିଲା, ବୁଧବାର ସେଗୁଡ଼ିକୁ ସିବିଆଇକୁ ହସ୍ତାନ୍ତର କରିଛନ୍ତି। ଆହୁରି ମଧ ଶଙ୍କର ପୃଷ୍ଟିଙ୍କ ପଞ୍ଚସଫ୍ଟ ସଂସ୍ଥାକୁ କିଭଳି ଦାୟିତ୍ୱ ଦିଆଗଲା, ସେନେଇ ମଧ ସିବିଆଇ ପଚରାଉଚରା କରିଛି। ଏହି ଲିଙ୍କ୍‌ରେ ସିବିଆଇ ୧୫ଜଣଙ୍କୁ ସମନ ମଧ କରିଛି। ସେମାନେ ଖୁବ୍ ଶୀଘ୍ର ସିବିଆଇ ଅଫିସରେ ହାଜର ହୋଇ ନିଜର ତଥ୍ୟ ରଖିବେ। କାରଣ ଯେଉଁ ପରୀକ୍ଷାର୍ଥୀମାନେ ଗିରଫ ହୋଇଥିଲେ, ସେମାନଙ୍କ ମଧ୍ୟରେ ଅନେକ ପୋଲିସ ଏବଂ ବଡ଼ ବଡ଼ିଆଙ୍କ ପୁଅ ଅଛନ୍ତି। ତେଣୁ ସିବିଆଇ ତାଙ୍କ ପରିବାର ଲୋକଙ୍କୁ ମଧ ପଚରାଉଚରା କରିପାରେ ବୋଲି କୁହାଯାଉଛି।

ରାକେଟର ମାଷ୍ଟରମାଇଣ୍ଡ ଶଙ୍କର ଏବଂ ମୁନା ଖୁବ୍ କମ୍ ଦିନ ଭିତରେ କୋଟିପତି ହୋଇଥିଲେ। ବେନାମି ଆକାଉଣ୍ଟରୁ ସେମାନଙ୍କ ପାଖକୁ ଲକ୍ଷାଧିକ ଟଙ୍କା ଆସିଥିଲା। ଯେଉଁଥି ପାଇଁ ଶଙ୍କର ମହାରାଷ୍ଟ୍ରରେ ଘର କରିବା ସହ ବଡ଼ ଫାର୍ମ ହାଉସ୍ କରିଥିଲେ, ଯାହାର ମୂଲ୍ୟ ବହୁ କୋଟି ଟଙ୍କା ହେବ। ଆହୁରି ମଧ ଶଙ୍କର ପରିବାର ଲୋକଙ୍କ ନାମରେ ଟଙ୍କା ଏବଂ ସମ୍ପତ୍ତି କରିଥିଲେ। ସେହିପରି ଗାଁରେ ବୁଲୁଥିବା ମୁନା ଏଠାକୁ ଆସି ଶଙ୍କର ସହ ମିଶିଥିଲେ। ପରେ ସେ ମଧ କୋଟି କୋଟି ଟଙ୍କା ରୋଜଗାର କରିଥିଲେ। ଏହି ଟଙ୍କାରେ ସେ ଏକାଧିକ ଟ୍ରାକ୍ଟର, ପେଟ୍ରୋଲ ଟାଙ୍କି ଏବଂ ଦାମୀ ଗାଡ଼ି କିଣିଥିଲେ। ଏପରିକି ଗାଁରେ ଥିବା ଘରେ ମଧ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରିଥିଲେ। ତେଣୁ ଦୁଇ ଜଣଙ୍କ ଆର୍ଥିକ କାରବାର ନେଇ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଖୋଳତାଡ଼ କରୁଛି। ସେମାନଙ୍କ ବ୍ୟାଙ୍କ ଟ୍ରାଞ୍ଜାକ୍‌ଶନ ଆଦି ଇଡି ଯାଞ୍ଚ କରୁଛି। ଯେଉଁ ଆକାଉଣ୍ଟରୁ ସେମାନଙ୍କ ନିକଟକୁ ଟଙ୍କା ଆସିଛି ତା'ର ମାଲିକଙ୍କୁ ଚିହ୍ନଟ କରାଯାଉଛି। ବୁଧବାର ଇଡି ସିବିଆଇ ଅଧିକାରୀଙ୍କ ସହ କଥା ହୋଇ ଆର୍ଥିକ କାରବାରର କାଗଜପତ୍ର ନେଇଥିବା ଜଣାପଡ଼ିଛି। ଅପରପକ୍ଷରେ ଗୁରୁବାର ବ୍ରହ୍ମପୁରସ୍ଥ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ଶଙ୍କର, ଅରବିନ୍ଦ ଦାସ ଓ ସୁରେଶ ନାୟକଙ୍କ ଜାମିନ୍ ଆବେଦନର ଶୁଣାଣି ରହିଛି। ମାମଲାରେ ସିବିଆଇ ତଦନ୍ତ ଜାରି ରହିଥିବାରୁ ସରକାରୀ ଓକିଲ ସିବିଆଇ ପକ୍ଷରୁ ଜାମିନକୁ ବିରୋଧ କରିବାର ସମ୍ଭାବନା ରହିଛି। ଅଭିଯୁକ୍ତମାନେ ଜାମିନ ପାଇଲେ ମାମଲା ପ୍ରଭାବିତ ଆଶଙ୍କାରେ ବିରୋଧ କରାଯିବ ବୋଲି ଜଣାପଡ଼ିଛି।

# ଭୁବନେଶ୍ୱର ଆର୍‌ଟିଓ-୧ ନିକଟରୁ ୯ ଦଲାଲ ଗିରଫ



ଭୁବନେଶ୍ୱର ଆର୍‌ଟିଓ-୧ ନିକଟରୁ ବୁଧବାର ଶହୀଦ ନଗର ପୋଲିସ ଦ୍ୱାରା ଗିରଫ ହୋଇଥିବା ୯ ଦଲାଲ୍।

ଭୁବନେଶ୍ୱର, ୧୯।୧୧ (ସତ୍ୟଜିତ ରାଉତ)

- ୯ ଲ୍ୟାପଟପ୍ ଓ ୨ ପ୍ରିଣ୍ଟର ମେଶିନ ଜବତ
- ଅଭିଯୁକ୍ତଙ୍କ ସହ ଆର୍‌ଟିଓ କର୍ମଚାରୀ ସାମିଲ ଥିବା ସନ୍ଦେହ

ଆଚାର୍ଯ୍ୟବିହାରସ୍ଥିତ ଭୁବନେଶ୍ୱର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ(ଆର୍‌ଟିଓ)-୧ ନିକଟରୁ ଶହୀଦନଗର ଥାନା ପୋଲିସ ବୁଧବାର ୯ଜଣ ଦଲାଲଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ସ୍ଥାନୀୟ ଶୁକବିହାର ବସ୍ତିରେ ରହୁଥିବା ବିପିନ କୁମାର ନାୟକ, ଜୀବନ ଦାସ, ସବ୍ୟସାଚୀ ଖଣ୍ଡୁଆଳ, ସୁକାନ୍ତ ବାରିକ, ସିତୁନ କୁମାର ମହାନ୍ତି, ସୋନୁ ବାରିକ, ବିଶ୍ୱରଞ୍ଜନ ବାରିକ, ବିକ୍ରମ ମହାରଣା ଏବଂ ନିରଞ୍ଜନ ଖଟୁଆ। ସେମାନଙ୍କଠାରୁ ୯ଟି ଲାପଟପ୍ ଓ ୨ଟି ପ୍ରିଣ୍ଟର ମେଶିନ ଜବତ କରାଯାଇଛି। କୋର୍ଟ ଚାଲାଣ ପରେ ସମସ୍ତଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏନେଇ ଶହୀଦନଗର ଥାନା ପକ୍ଷରୁ ମାମଲା(ନଂ.୫୫୧/୨୦୨୫) ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଛି।

ପୋଲିସ ସୂଚନାନୁଯାୟୀ, ଅଭିଯୁକ୍ତମାନେ ଆର୍‌ଟିଓ କର୍ମଚାରୀ ଭାବେ ନିଜକୁ ପରିଚୟ ଦେଇ ଲୋକମାନଙ୍କୁ ଫସାଉଥିଲେ। ଡ୍ରାଇଭିଂ ଲାଇସେନ୍ସ ଦେବା ତଥା ନବୀକରଣ କରିବା, ଏନ୍‌ଓସି, ମାଲିକାନା ହସ୍ତାନ୍ତର, ପଞ୍ଜୀକରଣ, ଫିଟ୍‌ନେସ୍ ସାର୍ଟିଫିକେଟ୍ ଓ ବୀମା ସମ୍ପର୍କିତ କାମ ପାଇଁ ଲୋକମାନଙ୍କଠାରୁ ମୋଟା ଅଙ୍କରେ ବେଆଇନଭାବେ ଟଙ୍କା ଆଦାୟ କରୁଥିଲେ। ସେମାନେ ଆର୍‌ଟିଓ ଅଫିସ୍ ସମ୍ମୁଖରେ ଲୋକଙ୍କୁ ଶସ୍ତା ଦରରେ ଶୀଘ୍ର ସେବା ପ୍ରଦାନ କରିବାକୁ କହି ପ୍ରଲୋଭିତ କରୁଥିଲେ। ଯେଉଁ ଲୋକମାନେ ଆର୍‌ଟିଓ ଅଫିସକୁ କାମ ପାଇଁ ଆସୁଥିଲେ, ସେମାନଙ୍କୁ ସରକାରୀ କାଉଣ୍ଟର ପାଖକୁ ଯିବାକୁ ବାରଣ କରୁଥିଲେ। ଏନେଇ ସୂଚନା ମିଳିବା ପରେ ପୋଲିସ ଟିମ୍ ଦିନ ପ୍ରାୟ ୧୨ଟା ୩୦ ବେଳେ ଚଢ଼ାଉ କରି ଅଭିଯୁକ୍ତମାନଙ୍କୁ କାବୁ କରିଥିଲା। ଅଭିଯୁକ୍ତମାନେ ସରକାରୀ ନିର୍ଦ୍ଧାରିତ ଦରଠାରୁ ଅଧିକ ଟଙ୍କା ନେଇ ପ୍ରତ୍ୟେକ ଲୋକଙ୍କଠାରୁ ପ୍ରାୟ ୫ହଜାର ଟଙ୍କା ରୋଜଗାର କରୁଥିବା କଥା କହିଥିଲେ। ତେବେ ଏହି ଘଟଣାରେ ଆର୍‌ଟିଓ ଅଫିସର ଅଧିକାରୀ ତଥା କର୍ମଚାରୀ ଅଭିଯୁକ୍ତମାନଙ୍କ ସହ ସାମିଲ ଥିବା ସନ୍ଦେହ କରାଯାଉଛି। ଏ ଦିଗରେ ଅଧିକ ତଦନ୍ତ କରାଯାଉଥିବା ଜୋନ-୫ ଏସିପି ବିଶ୍ୱରଞ୍ଜନ ସେନାପତି କହିଛନ୍ତି।

# ଚୋର ସନ୍ଦେହରେ ପିଟି ମାରିଦେଲେ

ଉଦଳା, ୧୯।୧୧ (ସନ୍ତୋଷ କୁମାର ବାଛିନୀ)

**ଅନ୍ୟ ଜଣେ ଗୁରୁତର, ୧୦ ଅଟକ**



ଗୁରୁତର କାହ୍ନୁ ମଢ଼େଇ

ମୟୂରଭଞ୍ଜ ଜିଲା ଉଦଳା ଥାନା ଅଧୀନ ବିସିପୁର ଗ୍ରାମରେ ମଙ୍ଗଳବାର ରାତିରେ ଏକ ଚାଞ୍ଚଲ୍ୟକର ଘଟଣା ଘଟିଛି। ଚୋର ସନ୍ଦେହରେ ଲୋକେ ପିଟି ପିଟି ଜଣଙ୍କୁ ମାରିଦେଇଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ଏନେଇ ମୃତକଙ୍କ ସ୍ତ୍ରୀଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା (ନଂ.୪୪୧/୨୫) ରୁଜୁକରି ୧୦ଜଣଙ୍କୁ ଥାନାରେ ଅଟକ ରଖିଛି। ମୃତକ ହେଲେ ଖୁଣ୍ଟା ଥାନା ଦେଉଳା ଗ୍ରାମର ବାପି କୋହ୍ଲାର। ଗୁରୁତର ଗଡ଼ିଗାଁ ଗ୍ରାମର କାହ୍ନୁ ମଢ଼େଇଙ୍କୁ ଚିକିତ୍ସା ପାଇଁ ଉଦଳା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

ସୂଚନା ଅନୁଯାୟୀ, ବିଳମ୍ବିତ ରାତିରେ ବାପି ଓ କାହ୍ନୁ ଗ୍ୟାସ୍ ସିଲିଣ୍ଡର ନେଇ ଆସୁଥିବାବେଳେ ସ୍ଥାନୀୟ ଲୋକଙ୍କ ହାବୁଡ଼ରେ ପଡ଼ିଥିଲେ। ସେମାନେ ଚୋରି କରି ଗ୍ୟାସ୍ ସିଲିଣ୍ଡର ଆଣିଥିବା ସନ୍ଦେହକରି ଲୋକେ ଉଭୟଙ୍କୁ ନିସ୍ତୁକ ମାଡ଼ ମାରିଥିଲେ। ଖବରପାଇ ପୋଲିସ ପହଞ୍ଚି ଉଭୟଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ପାଇଁ ଉଦଳା ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ବାପିଙ୍କର ମୃତ୍ୟୁ ଘଟିଥିଲା। ମୃତ ବାପିଙ୍କ ସ୍ତ୍ରୀ ପାର୍ବତୀ କୋହ୍ଲାର ଉଦଳା ଥାନାରେ ପହଞ୍ଚି ତାଙ୍କ ସ୍ୱାମୀଙ୍କୁ ନିର୍ଦ୍ଦୋଷରେ ପିଟି ହତ୍ୟା କରାଯାଇଥିବା ସମ୍ପର୍କରେ ଲିଖିତ ଅଭିଯୋଗ କରିଛନ୍ତି। ବାପି ଉଦଳାସ୍ଥିତ ଏକ ଗ୍ୟାସ୍ ଦୋକାନରେ କାମ କରିବା ସହ ଗ୍ୟାସ୍ ସିଲିଣ୍ଡର ଡେଲିଭରି କାମ କରନ୍ତି। ସେ ଗ୍ୟାସ୍ ସିଲିଣ୍ଡର ଆଣିବାକୁ ଯାଇଥିବା ବେଳେ ଚୋର ସନ୍ଦେହରେ ତାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗରେ ଦର୍ଶାଇଛନ୍ତି। ବାପିଙ୍କ ମୃତ୍ୟୁ ପରେ ତାଙ୍କୁ ମାଡ଼ ମାରିଥିବା ୧୦ରୁ ଅଧିକ ଲୋକଙ୍କୁ ଥାନାରେ ଅଟକ ରଖି ପୋଲିସ ପଚରାଉଚରା ଜାରି ରଖିଛି। ମୃତକଙ୍କ ଦେହରେ ଅନେକ କ୍ଷତଚିହ୍ନ ଥିବା ବେଳେ ତାଙ୍କୁ ତାର କିମ୍ବା ବାଉଁଶରେ ମାଡ଼ ମରାଯାଇଥିବା ପୋଲିସ ଅନୁମାନ କରିଛି।

## ହେରୋଇନ ଜବତ, ୨ ଗିରଫ

ରାଉରକେଲା, ୧୯।୧୧ (ସଙ୍ଗୀତା ଜେନା)

ହେରୋଇନ କାରବାର ଅଭିଯୋଗରେ ରାଉରକେଲା ଉଦିତ୍‌ନଗର ଥାନା ପୋଲିସ ମଙ୍ଗଳବାର ବିଳମ୍ବିତ ରାତିରେ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଯୁବକ ହେଲେ ବାସନ୍ତୀ କଲୋନିର ବିଶାଳ ଶଙ୍କର ମହାପାତ୍ର(୪୨)। ତାଙ୍କଠାରୁ ୭ ଗ୍ରାମ ୪ଶହ ୯୦ ମିଲିଗ୍ରାମର ହେରୋଇନ, ମୋବାଇଲ ଫୋନ୍, ସ୍କୁଟି ଏବଂ ୬ ଶହ ଟଙ୍କା ଜବତ ହୋଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୩୯୨/୨୫) ରୁଜୁ କରି ବୁଧବାର ପୂର୍ବାହ୍ନ ୧୦ଟାରେ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି। ସେହିପରି ପ୍ଲାଣ୍ଟସାଇଟ୍ ଥାନା ଅଧୀନ ରେଲୱେ କଲୋନି ଛୋଟାପାର୍କ ନିକଟରେ ଜଣେ ଯୁବକଙ୍କୁ ହୋରୋଇନ ଚାଲାଣ ବେଳେ ଗିରଫ କରାଯାଇଛି। ଅଭିଯୁକ୍ତ ହେଲେ ମାଲଗୋଦାମ ମସ୍‌ଜିଦ ଅଞ୍ଚଳର ଏମ୍‌ଡ଼ି ସୋହେଲ(୨୨)। ତାଙ୍କ ନିକଟରୁ ୯ ଗ୍ରାମ ହେରୋଇନ ଓ ବାଇକ୍ ଜବତ ହୋଇଛି। ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି।

# ନାବାଳିକାଙ୍କୁ ଅସଦାଚରଣ, ଯୁବକଙ୍କୁ ୫ ବର୍ଷ ଜେଲ

ଫୁଲବାଣୀ, ୧୯।୧୧
(ରାକେଶ କୁମାର ରାଉତ)

ଜଣେ ନାବାଳିକାଙ୍କୁ ଅସଦାଚରଣ ମାମଲାର ବିଚାରକରି ବୁଧବାର ଫୁଲବାଣୀ ପୋକ୍‌ସୋ କୋର୍ଟ ବିଚାରପତି ମନୋରଞ୍ଜନ ଦାସ ଅଭିଯୁକ୍ତଙ୍କୁ ୫ ବର୍ଷ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହ ୮ ହଜାର ଟଙ୍କା ଏବଂ ଅନାଦେୟ ଅଧିକ ୬ ମାସ ଜେଲ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ହେଲେ ଜି.ଉଦୟଗିରି ଥାନା ଅଞ୍ଚଳର ଶିବରାମ ପ୍ରଧାନ ।

ମିଳିଥିବା ସୂଚନା ଅନୁସାରେ, ଗତ ଏପ୍ରିଲ ୧୮ ତାରିଖ ଦିନ ୧ଟା ବେଳେ ନାବାଳିକା ଜଣକ ଘର ପାଖରେ ପରିସ୍ରା କରିବାକୁ ଆସିଥିଲେ। ଏହି ସମୟରେ ସେଠାରେ ଥିବା ଶିବରାମ ତାଙ୍କୁ ଉଠାଇ ନେଇ ପାଖ ଜଙ୍ଗଲରେ ଅସଦାଚରଣ କଲାବେଳେ ସେ ପାଟି କରିଥିଲେ। ମା' ପାଟି ଶୁଣି ସେଠାକୁ ଯିବା ବେଳେ ଅଭିଯୁକ୍ତ ଶିବରାମଙ୍କ ହାତକୁ ନାବାଳିକା କାମୁଡି ପଳାଇ ଆସିଥିଲେ। ଏନେଇ ରାତି ୮ଟାରେ ନାବାଳିକାଙ୍କ ମା' ଜି.ଉଦୟଗିରି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୭୧/୨୫ରେ ମାମଲା ରୁଜୁକରି ଅଭିଯୁକ୍ତ ଶିବରାମଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ବିଚାରପତି ୧୦ ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଆଧାରକରି ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହ ପୀଡ଼ିତାଙ୍କୁ ୧ ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ କରିବାକୁ ଜିଲା ଆଇନସେବା ପ୍ରାଧିକରଣଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଅସୀମ୍ ପ୍ରହରାଜ ମାମଲା ପରିଚାଳନା କରୁଥିଲେ।

## Business

# ହଳଦିଆ ଷ୍ଟେଶନର ଉନ୍ନତୀକରଣ

ଭୁବନେଶ୍ୱର, ୧୯।୧୧ (ଅନୁରାଧା ମହାରଣା)




ଅମୃତ ଭାରତ ଷ୍ଟେଶନ ଯୋଜନା ଅଧୀନରେ ଦକ୍ଷିଣ ପୂର୍ବ ରେଳଷ୍ଟେଶନର ୭୨ଟି ଷ୍ଟେଶନର ଉନ୍ନତୀକରଣ କରାଯାଉଛି। ତେବେ ଯାତ୍ରୀ ସୁବିଧାକୁ ଦୃଷ୍ଟିରେ ରଖି ଷ୍ଟେଶନଗୁଡ଼ିକୁ ସ୍ୱଚ୍ଛ, ଆରାମଦାୟକ ଓ ଯାତ୍ରୀ ଅନୁକୂଳ କରିବା ପାଇଁ ପର୍ଯ୍ୟାୟକ୍ରମେ ବିକାଶ କରାଯାଉଛି। ପଶ୍ଚିମବଙ୍ଗ ପୂର୍ବ ମେଦିନୀପୁର ଅନ୍ତର୍ଗତ ହଳଦିଆ ଷ୍ଟେଶନର ପୁନର୍ବିକାଶ କରାଯାଇଛି। ସହରର ଶିଳ୍ପ କେନ୍ଦ୍ର ବନ୍ଦର ସହର ଭାବେ ପରିଚିତ ହଳଦିଆ ପାଇଁ ଏହି ଷ୍ଟେଶନ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଯାତ୍ରୀ ଓ ମାଲ ପରିବହନକୁ ତ୍ୱରାନ୍ୱିତ କରିବା ପାଇଁ ଏହି ପୁନର୍ବିକାଶର ଆବଶ୍ୟକତା ରହିଥିଲା। ବର୍ତ୍ତମାନ ଏହା ସ୍ଥାନୀୟ ଅର୍ଥନୀତି ଅଭିବୃଦ୍ଧିରେ ସହାୟକ ହେବ ବୋଲି ଆଶା କରାଯାଉଛି। ଷ୍ଟେଶନ ବିଲ୍ଡିଂର ପୁନର୍ବିକାଶ ସହ ନୂଆ ପାର୍କିଂ ଅଞ୍ଚଳ ଏବଂ ଚଳାଚଳ ସ୍ଥାନ ଯାତ୍ରୀଙ୍କୁ ସୁବିଧା ଦେବ। ସେହିପରି ବୁକିଂ କାଉଣ୍ଟର, ପ୍ରତୀକ୍ଷାସ୍ଥଳ, ଶୌଚାଳୟ, ପ୍ଲାଟ୍‌ଫର୍ମ ସେଲ୍ଟର, ନୂଆ ପ୍ରବେଶ ଓ ପ୍ରସ୍ଥାନ ଦ୍ୱାର ସହ ଦିବ୍ୟାଙ୍ଗଜନଙ୍କ ପାଇଁ ୱାଟର ବୁଥ୍, ର୍ୟାମ୍ପ, ଟାକଟାଇଲ୍ ଓ ବ୍ରେଲି ସାଇନ୍, ବୁକିଂ କାଉଣ୍ଟର, ପାର୍କିଂ ବ୍ୟବସ୍ଥା ଆଦି ଅନ୍ତର୍ଭୁକ୍ତ ରହିଛି।

## ପୋଷା ପ୍ରାଣୀ ଖାଦ୍ୟ ବଜାରରେ ରିଲାଏନ୍ସର ପ୍ରବେଶ

ଭୁବନେଶ୍ୱର, ୧୯।୧୧

ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଲିମିଟେଡର ଏଫଏମସିଜି ୟୁନିଟ ରିଲାଏନ୍ସ କଞ୍ଜ୍ୟୁମର ପ୍ରଡକ୍ଟସ ଲିମିଟେଡ ପୋଷା ପ୍ରାଣୀ ଖାଦ୍ୟ ଓ ଯତ୍ନ ବଜାରରେ ଧମାକାଦାର ପ୍ରବେଶ କରିଛି। କମ୍ପାନୀ ୱେଗିଜ ନାମକ ଏକ ନୂତନ ପୋଷା ପ୍ରାଣୀ ଖାଦ୍ୟ ବ୍ରାଣ୍ଡ ଲଞ୍ଚ କରିଛି। ୱେଗିଜ ପାଳିତ ପଶୁମାନଙ୍କ ପାଇଁ ଉଚ୍ଚମାନର, ବିଜ୍ଞାନସମ୍ମତ, ପୁଷ୍ଟିକର ଏବଂ ସୁଲଭ ପୋଷା ପ୍ରାଣୀ ଖାଦ୍ୟ ପ୍ରଦାନ କରିବ। ସାଧାରଣ ପରିବାର ପାଇଁ ପୋଷା ପ୍ରାଣୀ ଖାଦ୍ୟକୁ ସୁଲଭ କରିବା ପାଇଁ, କମ୍ପାନୀ ଏହାକୁ ବହୁତ ସୁଲଭ ମୂଲ୍ୟରେ ବଜାରକୁ ଆଣିଛି। ରିଲାଏନ୍ସ କଞ୍ଜ୍ୟୁମର ପ୍ରଡକ୍ଟସ ଲିମିଟେଡର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ କେତନ ମୋଦି କହିଛନ୍ତି, ୱେଗିଜ ଉତ୍କୃଷ୍ଟ ପୁଷ୍ଟିସାର ଏବଂ ସୁଲଭ ମୂଲ୍ୟ ମଧ୍ୟରେ ପ୍ରସ୍ତୁତ କରାଯାଇଛି। ଏଥିରେ ଅତିରିକ୍ତ ପ୍ରୋଟିନ, ପାଚନ-ଉନ୍ନତକାରୀ ପ୍ରିବାୟୋଟିକ୍ସ, ଗଣ୍ଠି, ଚର୍ମ ଶକ୍ତି ସମେତ ଅନେକ ଲାଭ ସାମିଲ ରହିଛି।

# କିଟ୍ ଓ ଆପୋଲୋ ଟାୟାର୍ସ ମଧ୍ୟରେ ବୁଝାମଣା



ଭୁବନେଶ୍ୱର, ୧୯।୧୧ (ଅନୁରାଧା ମହାରଣା)

ଟାୟାର ଟେକ୍ନୋଲୋଜି ପାଠ୍ୟକ୍ରମ ନେଇ କିଟ ବିଶ୍ୱବିଦ୍ୟାଳୟ ଓ ଆପୋଲୋ ଟାୟାର୍ସ ମଧ୍ୟରେ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଯାଇଛି। କିଟ ବିଶ୍ୱବିଦ୍ୟାଳୟ ପକ୍ଷରୁ କୁଳପତି ପ୍ରଫେସର ଶରଣଜିତ ସିଂହ ଏଥିରେ ସ୍ୱାକ୍ଷର କରିଥିବା ବେଳେ ଆପୋଲୋ ଟାୟାର୍ସ ପକ୍ଷରୁ ଫିଲ୍ଡ ଟେକ୍ନିକାଲ ସର୍ଭିସ ମୁଖ୍ୟ ଅନୀତ ଚାକୁ ଏହି ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିଲେ। ଏହା ସହ ଟାୟାର ଟେକ୍ନୋଲୋଜିରେ ସ୍ୱତନ୍ତ୍ର ପାଠ୍ୟକ୍ରମ ପ୍ରଚଳନ କରିବାରେ କିଟ ଭାରତର ପ୍ରଥମ ବିଶ୍ୱବିଦ୍ୟାଳୟ ହେବାର ଗୌରବ ଅର୍ଜନ କରିଛି । ଏହି ବୁଝାମଣା ଫଳରେ କିଟ ଟାୟାର ବିଜ୍ଞାନ, ଟାୟାର ଡିଜାଇନ, ଉତ୍ପାଦନ, ପରୀକ୍ଷଣ ଏବଂ ସ୍ଥାୟିତ୍ୱକୁ ଅନ୍ତର୍ଭୁକ୍ତ କରୁଥିବା ଏକ ସ୍ୱତନ୍ତ୍ର ଇଚ୍ଛାଧୀନ ବିଷୟ ପ୍ରଦାନ କରିବ। ବୁଝାମଣା ଅନୁସାରେ ଆପୋଲୋ ଟାୟାର୍ସ ବିଶ୍ୱବିଦ୍ୟାଳୟକୁ ପାଠ୍ୟକ୍ରମ ବିକାଶ, ଅଧ୍ୟୟନ ସାମଗ୍ରୀ ପ୍ରସ୍ତୁତ ଏବଂ ନୂତନତମ ଶିଳ୍ପ ଧାରା ସହିତ ଶିକ୍ଷାଦାନକୁ ସହଜ କରିବାରେ ସହାୟତା କରିବ। କମ୍ପାନୀର ବିଷୟବସ୍ତୁ ଉପରେ ବିଶେଷଜ୍ଞମାନେ ମଧ ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ କରିବେ। ଫଳରେ ଛାତ୍ରଛାତ୍ରମାନେ ବାସ୍ତବ-ବିଶ୍ୱ ଅଭ୍ୟାସ ଏବଂ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ସହିତ ପରିଚିତ ହେବେ । ଆପୋଲୋ ଟାଇର୍ସର ଉତ୍ପାଦ ବିକାଶ ମୁଖ୍ୟ ପ୍ରଶାନ୍ତ କୁମାର ଏସ. କହିଲେ, ଏହି ବୁଝାମଣାପତ୍ର ଛାତ୍ରମାନଙ୍କୁ ଗଭୀର ଶିଳ୍ପ-ସମର୍ଥିତ ଦକ୍ଷତା ପ୍ରଦାନ କରି ସେମାନଙ୍କ ନିଯୁକ୍ତି ଯୋଗ୍ୟତା ଭାଗକୁ ଉଲ୍ଲେଖନୀୟ ଭାବରେ ବୃଦ୍ଧି କରିବ। ଏହି ବୁଝାମଣା ନେଇ କିଟ ଓ କିସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସନ୍ତୋଷ ବ୍ୟକ୍ତ କରିବା ସହ ଏହା କିଟ ବିଶ୍ୱବିଦ୍ୟାଳୟ ଶିକ୍ଷାଦାନ ଓ ପାଠ୍ୟକ୍ରମରେ ଏକ ନୂତନ ଅଧ୍ୟାୟ ଯୋଡ଼ିହେବ ବୋଲି କହିଛନ୍ତି ।

# ଡେଏରି ଉଦ୍ୟୋଗ କ୍ଷେତ୍ରରେ ଓମ୍‌ଫେଡ୍‌କୁ ସ୍ୱତନ୍ତ୍ର ପୁରସ୍କାର



ଭୁବନେଶ୍ୱର, ୧୯।୧୧

ରାଜ୍ୟରେ ଡେଏରି ଉଦ୍ୟୋଗ କ୍ଷେତ୍ରରେ ଉଲ୍ଲେଖନୀୟ ଯୋଗଦାନ ପାଇଁ ଓମ୍‌ଫେଡ୍‌କୁ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଛି। ଭୁବନେଶ୍ୱର ଜୟଦେବ ଭବନଠାରେ ଅନୁଷ୍ଠିତ ୭୨ତମ ନିଖିଳ ଭାରତ ସମବାୟ ସପ୍ତାହ-୨୦୨୫ ପାଳନ ଅବସରରେ ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଛନ୍ତି। ଓମ୍‌ଫେଡ୍ ସଭାପତି କିଶୋର ଚନ୍ଦ୍ର ପ୍ରଧାନୀ ଏବଂ ଭାରପ୍ରାପ୍ତ ମାନବ ସମ୍ବଳ ବିକାଶ ମୁଖ୍ୟ ନିତ୍ୟଦର୍ଶନ ମିଶ୍ର ପୁରସ୍କାର ଗ୍ରହଣ କରିଛନ୍ତି। କାର୍ଯ୍ୟକ୍ରମରେ ସମବାୟ ବିଭାଗ କମିଶନର ତଥା ପ୍ରମୁଖ ଶାସନ ସଚିବ ରାଜେଶ ପ୍ରଭାକର ପାଟିଲ, ସମବାୟ ସମିତି ସମୂହର ନିବନ୍ଧକ ସିଦ୍ଧାର୍ଥ ଦାସ, ସମବାୟ ସମିତି ୟୁନିୟନର ସଭାପତି ପ୍ରଭାସିନୀ ଷଡ଼ଙ୍ଗୀ ଏବଂ ସମବାୟ ମହାସମୀକ୍ଷକ ସନ୍ତୋଷ କୁମାର ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ସମବାୟ ଆନ୍ଦୋଳନର ପ୍ରମୁଖ ପୁରୋଧା ସାଜିଥିବାରୁ ଓମ୍‌ଫେଡ୍‌କୁ ଏହି ପୁରସ୍କାର ମିଳିଥିବା ପ୍ରଧାନୀ କହିଛନ୍ତି। ଓମ୍‌ଫେଡ୍‌ର ପରିଚାଳନା ନିର୍ଦ୍ଦେଶକ ବିଜୟ ଅମୃତା କୁଲାଙ୍ଗେ କହିଛନ୍ତି, ଦୁଗ୍ଧଚାଷୀଙ୍କ ବିକାଶକୁ ପ୍ରାଧାନ୍ୟ ଦେଇଆସୁଥିବା ଓମ୍‌ଫେଡ୍ ତା'ର ବହୁ ଲକ୍ଷ ଗ୍ରାହକଙ୍କୁ ଉଚ୍ଚ ଗୁଣମାନର ଦୁଗ୍ଧଜାତ ଦ୍ରବ୍ୟ ଯୋଗାଇବା ଉପରେ ଗୁରୁତ୍ୱାରୋପ କରିଆସୁଛି । ଏଥିରେ କୌଣସି ସାଲିସ କରାଯିବ ନାହିଁ ବୋଲି ସେ କହିଛନ୍ତି ।

# କର୍ଟେନ ରେଜର: ସମୃଦ୍ଧ ଓଡ଼ିଶା ୨୦୩୬ କନ୍‌କ୍ଲେଭ

ଭୁବନେଶ୍ୱର, ୧୯।୧୧

ଉତ୍କଳ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି ଲିମିଟେଡ୍ (ୟୁସିସିଆଇଏଲ) ପକ୍ଷରୁ ନଭେମ୍ବର ୨୫ ଓ ୨୬ ଭୁବନେଶ୍ୱରର ଜନତା ମଇଦାନ ଠାରେ ଦୁଇ ଦିନିଆ ସମୃଦ୍ଧ ଓଡ଼ିଶା ୨୦୩୬ କନକ୍ଲେଭ ଆୟୋଜିତ ହେବାକୁ ଯାଉଛି। ଏହି କାର୍ଯ୍ୟକ୍ରମରେ ୨୦୩୬ ସୁଦ୍ଧା ଏକ ଦୃଢ଼ ଶିଳ୍ପ-ଚାଳିତ ଏବଂ ନବସୃଜନ-ଚାଳିତ ଅର୍ଥନୀତି ହେବା ଦିଗରେ ଓଡ଼ିଶାର ମହତ୍ୱାକାଂକ୍ଷୀ ରୋଡ଼ମ୍ୟାପ୍ ଉପରେ ଆଲୋଚନା କରାଯିବ। ସେମିକଣ୍ଡକ୍ଟର, ବିରଳ ଏବଂ ଗୁରୁତ୍ୱପୂର୍ଣ୍ଣ ଖଣିଜ, ମହାକାଶ ଏବଂ ପ୍ରତିରକ୍ଷା, ଏଆଇ ଏବଂ ଆଇଟି, ନୀଳ ଅର୍ଥନୀତି, କୃଷି, ଖାଦ୍ୟ ପ୍ରକ୍ରିୟାକରଣ, ଲଜିଷ୍ଟିକ୍ସ, ଖଣି, ଶକ୍ତି, ନବୀକରଣ ଶକ୍ତି, ଫାର୍ମା, ବୟନଶିଳ୍ପ, ଅଟୋମୋବାଇଲ, ରିଅଲ ଇଷ୍ଟେଟ୍ ସମେତ ୩୦ ରୁ ଅଧିକ ପ୍ରମୁଖ କ୍ଷେତ୍ରର ଅଂଶଗ୍ରହଣ କରିବ।

# କାନାରା ବ୍ୟାଙ୍କ ପାଳିଲା ଆମେମ୍ବାଲ ସୁବାରାଓ ପାଇଙ୍କ ଜୟନ୍ତୀ



ଭୁବନେଶ୍ୱର, ୧୯।୧୧ (ଅନୁରାଧା ମହାରଣା)

ରାଷ୍ଟ୍ରାୟତ୍ତ କାନାରା ବ୍ୟାଙ୍କର ଭୁବନେଶ୍ୱର ସର୍କଲ ପକ୍ଷରୁ ବ୍ୟାଙ୍କର ପ୍ରତିଷ୍ଠାତା ଆମେମ୍ବାଲ ସୁବାରାଓ ପାଇଙ୍କର ୧୭୩ତମ ଜନ୍ମଜୟନ୍ତୀ ଭୁବନେଶ୍ୱର ସର୍କଲ କାର୍ଯ୍ୟାଳୟ ପରିସରରେ ପାଳନ କରାଯାଇଛି। ବ୍ୟାଙ୍କର ମଣ୍ଡଳ ମୁଖ୍ୟ ତଥା ମହାପ୍ରବନ୍ଧକ ଜଗଦୀଶ ଚନ୍ଦର ଏହି କାର୍ଯ୍ୟକ୍ରମର ଅଧ୍ୟକ୍ଷତା କରିଥିଲେ। ଏଥିରେ କାନାରା ବ୍ୟାଙ୍କର କର୍ମଚାରୀମାନଙ୍କ ସହିତ ହାଇ ନେଟ୍ ୱର୍ଥ ଗ୍ରାହକମାନେ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ସମ୍ବୋଧନ କରି ବ୍ୟାଙ୍କର ଭୁବନେଶ୍ୱର ମଣ୍ଡଳର ମହାପ୍ରବନ୍ଧକ (ଡି) ସୁମନ ଚକ୍ରବର୍ତ୍ତୀ ରାଜ୍ୟରେ କାନାରା ବ୍ୟାଙ୍କର ଗୁରୁତ୍ୱପୂର୍ଣ୍ଣ ଅଭିବୃଦ୍ଧି ଉପରେ ଆଲୋକପାତ କରିଥିଲେ। ସେ ବ୍ୟାଙ୍କର ଗ୍ରାହକ କୈନ୍ଦ୍ରିକ ପଦକ୍ଷେପ ଓ ଉତ୍କୃଷ୍ଟ ବ୍ୟାଙ୍କିଙ୍ଗ୍ ସେବା ପ୍ରଦାନ ପାଇଁ ଏହାର ପ୍ରତିବଦ୍ଧତା ସମ୍ପର୍କରେ ଗ୍ରାହକମାନଙ୍କୁ ଅବଗତ କରାଇଥିଲେ। ପ୍ରତିଷ୍ଠାତାଙ୍କ ଜନ୍ମ ଦିବସ ଉପଲକ୍ଷେ କେକ୍ କାଟିବା ସମାରୋହ ଆୟୋଜିତ ହୋଇଥିଲା ଏବଂ ବ୍ୟାଙ୍କର ମୂଲ୍ୟବୋଧ ଓ ସମୃଦ୍ଧ ଐତିହ୍ୟ ପ୍ରତି ବ୍ୟାଙ୍କର ସମର୍ପଣକୁ ସୁନିଶ୍ଚିତ କରାଯାଇଥିଲା। ଉପ ମହାପ୍ରବନ୍ଧକ ନେତ୍ର ମୋହନ ପାତ୍ର ଗ୍ରାହକମାନଙ୍କ ଉପସ୍ଥିତି ପାଇଁ ସେମାନଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ।

# ୟୁବିଆଇର ଆର୍ଥିକ ଅନ୍ତର୍ଭୁକ୍ତୀକରଣ ସାଚୁରେଶନ ଡ୍ରାଇଭ




ଭୁବନେଶ୍ୱର, ୧୯।୧୧

ୟୁନିୟନ୍ ବ୍ୟାଙ୍କ ଅଫ ଇଣ୍ଡିଆ ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ଖଜୁରିଆ ଶାଖାଠାରେ ଏକ ଆର୍ଥିକ ଅନ୍ତର୍ଭୁକ୍ତିକରଣ ସାଚୁରେସନ ଡ୍ରାଇଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମାଜର ଅବହେଳିତ ବର୍ଗକୁ ଆନୁଷ୍ଠାନିକ ବ୍ୟାଙ୍କିଙ୍ଗ୍ ସେବା ସହିତ ଯୋଡ଼ିବା, ଆର୍ଥିକ ସଚେତନତା ବୃଦ୍ଧି କରିବା ଏବଂ ଡିଜିଟାଲ ପେମେଣ୍ଟ ସମାଧାନକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମୁମ୍ବାଇ କେନ୍ଦ୍ରୀୟ କାର୍ଯ୍ୟାଳୟର ମୁଖ୍ୟ ମହାପ୍ରବନ୍ଧକ ଜିକେ ସୁଧାକର ରାଓ, ଭୁବନେଶ୍ୱର ଅଞ୍ଚଳର ଅଞ୍ଚଳ ମୁଖ୍ୟ ହରେକୃଷ୍ଣ ଦାସ ଏବଂ ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟର କ୍ଷେତ୍ରୀୟ ମୁଖ୍ୟ ନିରଞ୍ଜନ ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ସ୍ୱୟଂ ସହାୟକ ଗୋଷ୍ଠୀ, ବ୍ୟାଙ୍କ ମିତ୍ରଙ୍କ ସମେତ ପ୍ରାୟ ୪୦୦ରୁ ଉର୍ଦ୍ଧ୍ୱ ବ୍ୟକ୍ତି ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମ ଅବସରରେ ପ୍ରଧାନ ମନ୍ତ୍ରୀ ଜନଧନ ଯୋଜନା, ସାମାଜିକ ସୁରକ୍ଷା ଯୋଜନା, ପ୍ରଧାନ ମବୀ ଜୀବନ ଜ୍ୟୋତି ବୀମା ଯୋଜନା, ପ୍ରଧାନ ମନ୍ତ୍ରୀ ସୁରକ୍ଷା ବୀମା ଯୋଜନା, ପ୍ରଧାନ ମନ୍ତ୍ରୀ ପେନ୍‌ସନ୍ ଯୋଜନା, ପିଏମ୍ ସ୍ୱନିଧି ଯୋଜନା ଓ ଆକାଉଣ୍ଟଗୁଡିକର ରିକେୱାଇସି ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରାଯାଇଥିଲା।

# Classified Everyday

**0674-2580101, 9692975378**




**SALE**

LIG House (136, 137, 138, 139) for sale at Sector- 3, Niladri Vihar, Near- Pani Tanki, Bhubaneswar, Contact- 9437229575. D-2575

ଭୁବନେଶ୍ୱର ନଖରାଛକ, ଉତ୍ତରାଛକ, ସୁନ୍ଦରପଦା, କଟକ ମହାନଦୀ ବିହାରରେ ଘରବାରି ପ୍ଲଟ୍, 2/3 BHK Flat/Duplex ଅଛି- 8327785834. D-06

**Twinsity-** କଟକ ଓ ଭୁବନେଶ୍ୱର ମଧ୍ୟଭାଗରେ ନିର୍ମିତ **"Grand Bazar"** ସମ୍ମୁଖରେ **NH** ସମ୍ମୁଖର ୧କି.ମି. ଦୂରତାରେ **Rev. Road** ସଂଲଗ୍ନ ଘରବାରି ପ୍ଲଟ କିଣନ୍ତୁ ଓ ଆପଣଙ୍କର ସ୍ୱପ୍ନର ଗୃହ ନିର୍ମାଣ କରନ୍ତୁ । ସନ୍ତୋଷ- **9438362273.** D-12

ଭୁବନେଶ୍ୱର ଜଟଣୀଗେଟରୁ ଅଳ୍ପ ଦୂରତାରେ 1500 Sqft. ପ୍ଲଟ୍ 6,75,000/ରେ ବିକ୍ରିହେବ- 9776974912. D- 10




All type of physiotherapy, contact Number- 9556924059/765696134, Jharapada. D-1603

## LOST

I, Mrs. Ranjita Dwibedi, wife of the late Shibasis Dwibedi from Village- Sanata, P.O.- Raj-Nilgiri, District- Balasore. I wish to inform you that a piece of land was purchased by my late husband on June 12, 2017, from Shri Ambaris Ray, son of Ratinarayan Ray, located in Village- Sanata, Post- Rajnilgiri, Police station- Nilgiri, District- Balasore. The RSD number of the land is 10121700533. The documents for the land have unfortunately been lost for some reason. Keeping this necessity in view, on November 14, 2025, at the court of Executive Magistrate (OAS) Shubhashree Jena, I appeared and made a solemn declaration. A stationary number 013 has been sent for the information of Nilgiri police station authorities.

Ranjita Dwibedi D-1616

ଢେଙ୍କାନାଳ ମୌଜାର ରାମଦେଓ ଲକ୍ଷ୍ମୀ ନାରାୟଣଙ୍କ ନାମରେ ଥିବା ଦଲିଲ ନଂ- ୩୦୩୧/୧୪.୦୯.୧୯୫୭ଟି ୧୮.୧୧.୨୦୨୫ ତାରିଖରେ କେଉଁଠାରେ ହଜିଯାଇଛି । ଯଦି କେହି ପାଆନ୍ତି, ମୋବାଇଲ- ୯୪୩୭୦ ୫୮୮୨୨ରେ ଯୋଗାଯୋଗ କରିବାକୁ ଅନୁରୋଧ । ଧ-୧୬୧୭

I, MRS. SHASHI KALA AGARWAL, aged about 62 years, W/o.- Mr. Santosh Kumar Agarwala, Resident of At- B/1554, Sector-6, Markat Nagar, CDA, VTC:Cuttack Sadar, Dist.- Cuttack (ODISHA), PIN- 753014, beg to state that I am the owner of the below mentioned Schedule of Property by purchasing the same from Mr. Surendra Mohanty, S/o.- Late Benudhra Mohanty by virtue of Registered Deed of Sale vide No.- 503, Dtd.- 09.03.2010. (Document number: 11091000621 Dtd.- 04.08.2010) And thereafter I mutated the same in my name vide Mutation Case No.- 2038 of 2010. I have lost the Original Settlement RoR in respect of Khata No.- 443 of Mouza- Paribasudeipur in the name of Mr. Surendra Mohanty, S/o.- Late Benudhra Mohanty AND also lost the Mutation & Conversion RoR in respect of Khata No.- 443 of Mouza- Paribasudeipur in my name i.e. Mrs. Shashi Kala Agarwal, W/o.- Mr. Santosh Kumar Agarwala somewhere while I was travelling from Cuttack to Bhubaneswar on Dtd.- 11.10.2025 and in spite of my best effort I could not find it out again. If any person find the same kindly call in my Mobile No.- 9438408269. D-1609

## AFFIDAVIT

I, Rosalin Pattnaik, W/o.- Bibhu Kalyan Pattnaik, Resident of Plot No.- 410, Oscar City, Canal Road, P.O.- Budheswari Colony, P.S.- Laxmisagar, Bhubaneswar, Dist.- Khordha, PIN- 751006, Odisha declare by this affidavit No.- 77, Dtd.- 15.11.2025 that now onwards I shall be known as ROSALIN DAS for all future purposes. D-76947

I, Bibhu Kalyan Pattanayak S/o.- Late Bipin Bihari Pattanayak, Resident of Plot No.- 410, Oscar City, Canal Road, P.O.- Budheswari Colony, P.S.- Laxmisagar, Bhubaneswar, Dist.- Khorda, PIN-751006, Odisha declare by this affidavit No.- 76, Dtd.- 15.11.2025 that now onwards I shall be known as BIBHU KALYAN PATTNAIK for all future purposes. D-76946

I, Siddhant Sourav Mishra, S/o.- Saroj Kumar Mishra, Indira Homes, Flat No.- 001, 1st Floor, Jharapada Canal Road, P.O.- Budheswari, P.S.- Laxmisagar, Bhubaneswar, Dist.- Khordha, PIN- 751006, Odisha declare by this affidavit CF No.- 1, Dtd.- 19.11.2025 that now onwards I shall be known as SIDDHANT SAURAV MISHRA for all future purposes. D-1608

By virtue of an affidavit sworn before the Executive Magistrate, Bolangir Dist.- Bolangir, Dtd.- 11.11.2025, I, Shakuntala Padhan, W/o.- Markanda Padhan, aged 65, R/o.- Village- Fasad, P.O.- Loisingha, Dist.- Bolangir, PIN- 767020 declare that I have changed my name from Sukun Padhan to Shakuntala Padhan for all purposes.

Shakuntala Padhan D-1610

By virtue of an affidavit at Bhubaneswar, Dated- 19.11.25, I, Niranjana Mohapatra, At- Station Bazar, P.O.- Dhenkanal Railway Station, Dist.- Dhenkanal, Odisha- 759013, declare that I have changed my name from Niranjan Mohapatra to Niranjana Mohapatra. Henceforth, I shall be known as Niranjana Mohapatra for all purposes. D-214

By virtue of an affidavit in the court of Executive Magistrate, Khaira, I declare that in my Aadhaar and Pan card my name has been mentioned as Sapan Kumar Sahoo but in RPLI Certificate (Policy No.- R- OR- EA- 180202) my name has been recorded as Suban Kumar Sahoo. Both the above names belongs to one and same person.


Sapan Kumar Sahoo
Ratina, Khaira, Balasore. D-1612

By virtue of an affidavit sworn before the Executive Magistrate, Bhubaneswar, Dated- 18.11.2025, I, Rosalisha Das, aged about 47 years, W/o.-Amit Kumar Das, Resident of Plot No.- 447, Saheed Nagar, Bhubaneswar, Odisha, PIN – 751007, hereby declare that I have changed my name from Rajlisha Das to Rosalisha Das. Henceforth, I shall be known as Rosalisha Das for all future purposes.

Rosalisha Das D-1613

## ମନେ ପଡ଼ନ୍ତି

**19th DEATH ANNIVERSARY**



In Loving memory of
**PRAVIN PATTANAIK**
DOB- 25.11.1986
DOD- 20.11.2006
Fondly Remembered by
**PRAVIN MEMORIAL TRUST MALIPADA BHUBANESWAR**
D-1618

## LEGAL NOTICE

IN THE COURT OF THE DISTRICT JUDGE, NAYAGRH
R.F.A CASE NO.- 29 OF 2024.

Susri Sarita Pattnaik ................Appellant.
Vrs.
Debashish Pattnaik and others ................Respondents.

DRAFT FOR PUBLICATION NOTICE U/O 5. RULE-20-1(A) OF THE C.P.C.

(Appeal for set-aside the dismissal order of the Title Suit bearing No.- 267 of 2022 on dated- 23.03.2023 of the court of CJ (SD), Nayagarh.)

Notice to the Respondent No.- 1.
Resp. No.1- Debashish Pattnaik, aged about 50 years, S/o.- Late Netrananda Pattnaik, At/P.O.- College Road, Nayagarh. P.S./Dist.- Nayagarh (Plaintiff in the court below)

Whereas, it has been proved to the satisfaction of the court that the Respondent noted above can not be served to the ordinary way of service. Hence, this proclamation under order-5, Rule 20-1(A) of the C.P.C. is hereby issued against him and should appeared personally or through his counsel on dated- 02.01.2026 at about 10.30 A.M positively before the District Judge, Nayagarh.

Take notice that in default of your appearance on the day fixed, the above said appeal will be heard and determined in your absence.

Giving under my hand and seal of the court this the 10th day of November 2025

By the Appellant through
K. Sahoo
hercounsel.
D-1614

ମାନନୀୟା ଶ୍ରୀମତୀ କନକଚମ୍ପା ମେହେର, ଓ.ଏ.ଏସ୍. (ଏସ୍.ଏ.ଜି.)
ଆଡିସ୍‌ନାଲ କମିଶନର, ଆଡିସ୍‌ନାଲ ରିଭିଜନ କୋର୍ଟ ନଂ.-୧
ସ୍ଥାନ- ସରକାରୀ ଅଫିସ, ୟୁନିଟ୍-୫, ୪ର୍ଥ ମହଲା, ହେଡ୍‌ସ ଅଫ୍ ଡିପାର୍ଟମେଣ୍ଟ ବିଲ୍‌ଡିଂ, ଭୁବନେଶ୍ୱର, ଓ.ଏସ୍.ଏସ. କେସ୍ ନଂ. ୭୦/୨୦୨୫

(୧) ସୀମାରାଣୀ ଜେନା, ବୟସ- ବ୫୮ର୍ଷ, ସ୍ୱାମୀ- ସୁବାସ ଚନ୍ଦ୍ର ଜେନା, ବାସସ୍ଥାନ- ଗ୍ରାମ- ମହାଦେଇଅଡିଆ, ପୋଷ୍ଟ- ଆୟତନ, ପିନ୍- ୭୫୪୨୨୦, ଥାନା- ରାଜକନିକା, ଜିଲ୍ଲା- କେନ୍ଦ୍ରାପଡ଼ା ...... ବାଦୀ

ବନାମ

କୈକୁଣ୍ଠ ରାଉତରା ଏବଂ ଓଗେର ...... ପ୍ରତିବାଦୀ

ପ୍ରାପ୍ତେଷୁ
ପ୍ରତିବାଦୀ ନଂ.୧- ବୈକୁଣ୍ଠ ରାଉତରା, ପିତା- ଦିଗମ୍ବର ରାଉତରା, ପ୍ରତିବାଦୀ ନଂ.୨- ବନମାଳି ରାଉତରା,, ପିତା- ମଣି ରାଉତରା, ପ୍ରତିବାଦୀ ନଂ.୩- ବାମଦେବ ରାଉତରା, ପିତା- ବରଜୁ ରାଉତରା, ପ୍ରତିବାଦୀ ନଂ.୪- ଲୋକନାଥ ରାଉତରା, ପିତା- ଫକିର ରାଉତରା ପ୍ରତିବାଦୀ ନଂ.୧ରୁ ୪ମାନଙ୍କର ବାସସ୍ଥାନ- ଜୁଝଗଡ଼, ପୋଷ୍ଟ- ଦାରୁଠେଙ୍ଗ, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା, ପିନ୍- ୭୫୪୦୦୫, ପ୍ରତିବାଦୀ ନଂ.୬- କୈଳାଶ ଚନ୍ଦ୍ର ସ୍ୱାଇଁ
ପ୍ରତିବାଦୀ ନଂ.୭- ତୁଷାର ରଞ୍ଜନ ସ୍ୱାଇଁ, ପ୍ରତିବାଦୀ ନଂ.୬ ଓ ୭ଙ୍କର ପିତା - ଭ୍ରମରବର ସ୍ୱାଇଁ ଏବଂ ସେମାନଙ୍କର ବାସସ୍ଥାନ- ନିଆଳି, ପୋଷ୍ଟ- ନିଆଳି, ଥାନା- ନିଆଳି, ଜିଲ୍ଲା- କଟକ, ପିନ୍- ୭୫୪୦୦୪।

ନୋଟିସ

ନୋଟିସ ସି.ପି.ସି. ଅର୍ଡର-୫, ରୁଲ୍ ୨୦ ମୁତାବକ

ଏତଦ୍ ଦ୍ୱାରା ପ୍ରତିବାଦୀ ନଂ.୧ଠାରୁ ୪ଙ୍କୁ ଏବଂ ୬ରୁ ୭ଙ୍କୁ ଜଣାଇ ଦିଆଯାଉଅଛି କି ଉପରୋକ୍ତ କେସ୍ ଆଡିସନାଲ୍ କମିଶନର, ଆଡିସନାଲ ରିଭିଜନ କୋର୍ଟ ନଂ.୧ଙ୍କ କୋର୍ଟରେ ବିଚାରାଧୀନ ଅଛି । ବାଦୀଙ୍କ ଦ୍ୱାରା ଦିଆଯାଇଥିବା ଉପରୋକ୍ତ ପ୍ରତିବାଦୀ ନଂ. ୧ଠାରୁ ୪ଙ୍କୁ ଏବଂ ୬ରୁ ୭ଙ୍କୁ ଠିକଣାରେ ନୋଟିସ ଡାକ ଦ୍ୱାରା ଯାଇଥିଲା, କିନ୍ତୁ ପ୍ରତିବାଦୀ ନଂ.୧ଠାରୁ ୪ଙ୍କୁ ଏବଂ ୬ରୁ ୭ଙ୍କର ସ୍ଥାୟୀ ଗୃହ ଠିକଣାରେ ଅନୁପସ୍ଥିତ ଥିବାରୁ ନୋଟିସଗୁଡ଼ିକ ଫେରସ୍ତ ଆସିଛି । ପ୍ରତିବାଦୀଙ୍କର ବର୍ତ୍ତମାନ ଠିକଣା ଆମ୍ଭ ବାଦୀଙ୍କୁ ଜଣାନାହିଁ । ଏଣୁ ଉକ୍ତ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଉପରୋକ୍ତ ପ୍ରତିବାଦୀ ନଂ.୧ଠାରୁ ୪ଙ୍କୁ ଏବଂ ୬ରୁ ୭ଙ୍କର ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଉପର ଲିଖିତ ରିଭିଜନ କେସ୍‌ର ଶୁଣାଣି ମାନନୀୟା ଶ୍ରୀମତୀ କନକଚମ୍ପା ମେହେର, ଓ.ଏ.ଏସ. (ଏସ୍.ଏ.ଜି.)ଙ୍କ ଇଜିଲାସ, ଭୁବନେଶ୍ୱରସ୍ଥ କାର୍ଯ୍ୟାଳୟଠାରେ ଆସନ୍ତା ତା୨୨।୧୨।୨୦୨୫ ଦିବା ୧୧.୪୫ମି. ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି । ଉକ୍ତ କେସ୍‌ର ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା ।

ଜମିର ବିବରଣୀ

ମୌଜା- ଭୁଆଶୁଣି, ଥାନା- ଚନ୍ଦକା, ତହସିଲ- ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ସାବକ ଖାତା ନଂ.୧୫୦, ସାବକ ପ୍ଲଟ୍ ନଂ.୩୮୧, ଏରିଆ- ଏସି.୦.୬୨୮ ଡିସିମିଲରୁ ଏ୦.୦୫୫ କରେସ୍‌ପଣ୍ଡିଂ ହାଲ ଖାତା ନଂ.୮୭୫, ହାଲ୍ ପ୍ଲଟ୍ ନଂ.୧୯୧୮, ଏରିଆ ଏ.୦.୨୪୫ ଡିସିମିଲରୁ ଏ୦.୦୫୫ ।

ଏଣୁ ଉପରୋକ୍ତ ମାମଲାର ପ୍ରତିବାଦୀ ନଂ. ୧ଠାରୁ ୪ଙ୍କୁ ଏବଂ ୬ରୁ ୭ ମାନେ ସ୍ୱୟଂ କିମ୍ବା ତାଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିମାନଙ୍କ ଦ୍ୱାରା ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ଉପରୋକ୍ତ ମୋକଦ୍ଦମାର ପକ୍ଷ ରଖିବେ, ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମାଟି ବିଚାର କରାଯିବ ।

ଆଡିସନାଲ କମିଶନର

ଆଡିସନାଲ ରିଭିଜନ କୋର୍ଟ ନଂ.-୧ଙ୍କ ଅନୁମୋଦନ କ୍ରମେ
ସ୍ୱା./- କୋର୍ଟ ଅଫିସର
ଧ-୧୬୦୫

IN THE COURT OF HON'BLE CIVIL JUDGE (SR. DIVN.) AT PARALAKHEMUNDI.
Exec. Pet. No.- 04/2025 (out of C.S. 07/2018)

Smt. Kalamata Bhagyalaxmi. ...Decree Holder.
Versus.
Sri Prafulla Kumar Patro. Judgment Debtor.

PUBLICATION UNDER ORDER V RULE 20 of C.P.C.

To,
Sri Prafulla Kumar Patro, S/o.- late Hari Krushna Patro, aged about 80 years, Hindu, Retd. Govt. Employee, Resident of Chandraprabha Street, 2nd Lane, Town/P.O./P.S.- Berhampur, Ganjam District, Odisha.

Whereas the plaintiff/Petitioner has instituted the above proceeding against you for the reliefs claimed in the above petition. That in spite of the several steps taken by this Hon'ble Court in both ways such as through Court and Postal for your appearances. All the notices returned back without service. So, you are hereby noticed through this notice to appear in this Court in person or by an advocate duly instructed on 22nd day of November, 2025 at 10:30 AM to answer all material questions relating to the suit, failing which the suit/application will be disposed off in your absence according to law.

Given under my hand and seal of this Court this the 15th day of November 2025.

BY ORDER
Advocate for Decree Holder
Smt. Itishree Mahapatra
Paralakhemundi (Gajapati)
D-1615

ମାନ୍ୟବର ବରିଷ୍ଠ ସିଭିଲ ଜଜ୍ ମହୋଦୟଙ୍କ ଅଦାଲତ, ଢେଙ୍କାନାଳ ।
ଦେୱାନୀ ମୋକଦ୍ଦମା ନଂ- ୩୬/୧୯୮୫(F.D)

ରେବତୀ ମହାନ୍ତି ଏବଂ ଅନ୍ୟମାନେ ......... ବାଦୀ
ବନାମ
ଦେବକ ଖଟୁଆ ଏବଂ ଅନ୍ୟମାନେ ........ପ୍ରତିବାଦୀ

ନୋଟିସ

ଦେୱାନୀ ବିଚାରଧାରା ଆଇନ ୧୯୦୮ର ଅର୍ଡର ୫ ରୁଲ୍ ୨୦ ମୁତାବକ ନୋଟିସ

ଏତଦ୍ଦ୍ୱାରା ସମସ୍ତ ପ୍ରତିବାଦୀ ନଂ.୬- ସନାତନ ଖଟୁଆ, ପି.- ଭାଇଗ ଖଟୁଆ ଏବଂ ପ୍ରତିବାଦୀ ନଂ.୭- ଦିବାକର ଖଟୁଆ, ପି.- ଭାଇଗ ଖଟୁଆ ଉଭୟଙ୍କର ଗ୍ରାମ- ରସାସିଂହ, ଥାନା- ସଦର, ଜି.- ଢେଙ୍କାନାଳ, ପ୍ରତିବାଦୀ ନଂ.୮- ନେତ୍ରମଣୀ ମହାନ୍ତି, ସ୍ୱାମୀ- ଭାଇଗ ଖଟୁଆ, ଗ୍ରାମ- କାଉଁରିଆପାଳ, ଥାନା- ସଦର, ଜି.- ଢେଙ୍କାନାଳ, ପ୍ରତିବାଦୀ ନଂ.୯- ମୃତ ଲାବଣ୍ୟ ସ୍ୱାଇଁ, ନିଅଂଶୀ ଥାଇ ଯଦି କୌଣସି ସୂତ୍ରେ ଯେ କେହି କୌଣସି ପ୍ରକାରେ ସ୍ୱତ୍ୱ ଦାବି ଉପସ୍ଥାପନା କରୁଥାନ୍ତି ; ପ୍ରତିବାଦୀ ନଂ.୧୦(କ)- ପରମାନନ୍ଦ ମହାନ୍ତି, ପି.- ତୀର୍ଥବାସୀ ମହାନ୍ତି, ପ୍ରତିବାଦୀ ନଂ. ୧୦(ଖ)- ଧର୍ମାନନ୍ଦ ମହାନ୍ତି, ପି.- ତୀର୍ଥବାସୀ ମହାନ୍ତି, ପ୍ରତିବାଦୀ ନଂ.୧୦(ଗ)- ପବିତ୍ର କୁମାର ମହାନ୍ତି, ପି.- ତିର୍ଥବାସୀ ମହାନ୍ତି, ପ୍ରତିବଦୀ ନଂ.୧୦(ଘ)- ଶ୍ରୀକାନ୍ତ ମହାନ୍ତି, ପି.ତୀର୍ଥବାସୀ ମହାନ୍ତି, ପ୍ରତିବାଦୀ ନଂ.୧୦(ଙ)- ରଜନୀକାନ୍ତ ମହାନ୍ତି, ପି.- ତୀର୍ଥବାସୀ ମହାନ୍ତି, ପ୍ରତିବାଦୀ ନଂ. ୧୦(ଚ)- କୁମୁଦିନୀ ପରିଡ଼ା, ସ୍ୱା.- ସୋମନାଥ ପରିଡ଼ା, ପି.- ତୀର୍ଥବାସୀ ମହାନ୍ତି, ପ୍ରତିବାଦୀ ନଂ.୧୦(ଛ)- ଅଇଁଠୁ ଚରଣ ମହାନ୍ତି, ପି.- ଫକୀର ମହାନ୍ତି, ଏ ସମସ୍ତଙ୍କ ଗ୍ରା.- ରସାସିଂହ, ଥା.- ସଦର, ପୋ.ଅ.- ବେଲପଡା, ଜି.- ଢେଙ୍କାନାଳ, ପ୍ରତିବାଦୀ ନଂ. ୧୧(କ)- ଅଗସ୍ତି ମହାନ୍ତି, ପ୍ରତିବାଦୀ ନଂ. ୧୧(ଖ)- କିଶୋର ମହାନ୍ତି ଉଭୟଙ୍କ ପି.- ନିତ୍ୟାନନ୍ଦ ମହାନ୍ତି, ପ୍ରତିବାଦୀ ନଂ. ୧୧(ଗ)- ଚତୁର୍ଭୁଜ ମହାନ୍ତି, ପ୍ରତିବାଦୀ ନଂ. ୧୧(ଘ)- ଦୁର୍ଯ୍ୟୋଧନ ମହାନ୍ତି, ଉଭୟଙ୍କ ପି.- ଭାସ୍କର ମହାନ୍ତି, ଏ ସମସ୍ତଙ୍କ ଗ୍ରା.- ରସାସିଂହ, ଥା.- ସଦର, ପୋ.ଅ.- ବେଲପଡା, ଜି.- ଢେଙ୍କାନାଳ, ପ୍ରତିବାଦୀ ନଂ. ୧୨- ଗୁଲି ମହାନ୍ତି, ମୃତ ଥାଇ ଯଦି କୌଣସି ସୂତ୍ରେ ଯେ କେହି କୌଣସି ପ୍ରକାର ସ୍ୱତ୍ୱ ଦାବି ଉପସ୍ଥାପନ କରୁଥାନ୍ତି, ପ୍ରତିବାଦୀ ନଂ. ୧୩(କ)- ଅଖିଳ ମହାନ୍ତି, ପ୍ରତିବାଦୀ ନଂ. ୧୩(ଖ)- ହୃଦାନନ୍ଦ ମହାନ୍ତି, ପ୍ରତିବାଦୀ ନଂ. ୧୩(ଗ)- ପ୍ରତାପ ମହାନ୍ତି, ପ୍ରତିବାଦୀ ନଂ. ୧୩(ଘ)- ଦେବାନନ୍ଦ ମହାନ୍ତି, ଏ ସମସ୍ତଙ୍କ ପି.- ଭ୍ରମରବର ମହାନ୍ତି, ଗ୍ରା.- ରସାସିଂହ, ପୋ.ଅ.- ବେଲପଡା, ଥା.- ସଦର, ଜି.- ଢେଙ୍କାନାଳ, ପ୍ରତିବାଦୀ ନଂ. ୧୪(କ)- ପ୍ରମୋଦ ପରିଡ଼ା ପ୍ରତିବାଦୀ ନଂ. ୧୪(ଖ)- ବନମାଳୀ ପରିଡ଼ା, ଉଭୟଙ୍କ ପି.- ବିଜୟ ପରିଡ଼ା, ପ୍ରତିବାଦୀ ନଂ. ୧୪(ଗ)- ରତିକାନ୍ତ ପରିଡ଼ା, ପି.- ପ୍ରଫୁଲ୍ଲ ପରିଡ଼ା, ପ୍ରତିବାଦୀ ନଂ. ୧୪(ଘ)- ରଞ୍ଜିତ ପରିଡ଼ା, ପି.- ଗଗନ ପରିଡ଼ା, ପ୍ରତିବାଦୀ ନଂ. ୧୪(ଙ)- ବିଶ୍ୱଜିତ ପରିଡ଼ା, ପି.- ଗଗନ ପରିଡ଼ା, ଏ ସମସ୍ତଙ୍କ ଗ୍ରାମ- ନାଗେରା, ଥା.- ମୋଟଙ୍ଗା, ଜି.- ଢେଙ୍କାନାଳ, ପ୍ରତିବାଦୀ ନଂ. ୧୫(କ)- ସୁଜନ ବରାଳ, ପି- ସୁରଜ ବରାଳ, ପ୍ରତିବାଦୀ ନଂ. ୧୫(ଖ)- ବିମଳ ବରାଳ, ପି.- ହେମନ୍ତ ବରାଳ ଉଭୟଙ୍କ ଗ୍ରା.- ରସାସିଂହ, ପୋ.ଅ.- ବେଲପଡା, ଥା.- ସଦର, ଜି.- ଢେଙ୍କାନାଳ, ପ୍ରତିବାଦୀ ନଂ. ୧୬(ଖ)- ରୋହିତ କୁମାର ସାମଲ, ପ୍ରତିବାଦୀ ନଂ. ୧୬(ଗ)- ରବି ନାରାୟଣ ସାମଲ, ପ୍ରତିବାଦୀ ନଂ. ୧୬(ଘ)- ବେଣୁ ଧର ସାମଲ, ପ୍ରତିବାଦୀ ନଂ. ୧୬(ଙ)- ଦ୍ରୌପଦୀ ବରାଳ, ସ୍ୱା.- ଶିଶିର ବରାଳ, ପ୍ରତିବାଦୀ ନଂ. ୧୬(ଚ)- ସୁକାନ୍ତି ସ୍ୱାଇଁ, ସ୍ୱା.- ହଳଧର ସ୍ୱାଇଁ, ଏ ସମସ୍ତଙ୍କ ପିତା- ଉତ୍ସବ ସାମଲ, ଗ୍ରା.- ରସାସିଂହ, ଥା.- ସଦର, ପୋ.ଅ.- ବେଲପଡା, ଜି.- ଢେଙ୍କାନାଳ ମାନଙ୍କୁ ଜଣାଇଦିଆଯାଉଛି ଯେ ବାଦୀ ନଂ. ୧- ରେବତୀ ମହାନ୍ତି, ସ୍ୱା.- ଦୁର୍ଯ୍ୟୋଧନ ମହାନ୍ତି, ବାଦୀ ନଂ. ୨(କ)- ଚତୁର୍ଭୁଜ ନାୟକ, ପି.- କଇରି ନାୟକ, ଗ୍ରାମ/ପୋ.ଅ.- ବାରଦା, ଥା.- ସଦର, ଜି.- ଢେଙ୍କାନାଳ, ବାଦୀ ନଂ. ୨(ଖ)- କୋକିଳତା ବରାଳ, ପି.- କଇରି ନାୟକ, ବାଦୀ ନଂ. ୨(ଗ)- ରଜନୀ ନାୟକ, ପି.- କଇରି ନାୟକ, ଉଭୟଙ୍କ ଗ୍ରାମ/ପୋ.ଅ.- ବାରଦା, ଥା.- ସଦର, ଜି.- ଢେଙ୍କାନାଳ, ବାଦୀ ନଂ. ୨(ଘ)- ସୁସାନ୍ତି ପ୍ରଧାନ, ପି.- କଇରି ନାୟକ, ଗ୍ରା.- ରଣପସି, ପୋ.ଅ.- ଗେଙ୍ଗୁଟିଆ, ଥାନା- ସଦର, ବାଦୀ ନଂ. ୨(ଙ)- ସୁକାନ୍ତି ସ୍ୱାଇଁ, ସ୍ୱା.- କୃଷ୍ଣ ଚନ୍ଦ୍ର ସ୍ୱାଇଁ, ପି.- କଇରି ନାୟକ, ଗ୍ରାମ/ପୋ.ଅ.- ମଙ୍ଗଳପୁର, ଥା.- ସଦର, ବାଦୀ ନଂ. ୩- ସୁଷମା ବରାଳ, ସ୍ୱା.- ନବିନ ବରାଳ, ଗ୍ରା.- ରସାସିଂହ, ଥା.- ସଦର, ଜି.- ଢେଙ୍କାନାଳ, ଉପରୋକ୍ତ ମୋକଦ୍ଦମା ଜିଲ୍ଲା- ଢେଙ୍କାନାଳ, ଥାନା- ସଦର, ଗ୍ରାମ- ପଶାସିଂହ, ହାଲ ଖାତା- ୭୩, ମୋଟ ରକବା- ଏ୧.୩୫ ଡେସିମିଲ (କ- ତଫସିଲ), ଗ୍ରାମ- ରସାସିଂହ, ହାଲ ଖାତା- ୯୫, ମୋଟ ରକବା- ଏ.୦.୨୭ ଡେସିମିଲ, ହାଲ ଖାତା- ୧୩୩, ମୋଟ ରକବା- ଏ୦.୧୪ ଡେସିମିଲ, ଗ୍ରାମ- ପଶାସିଂହ, ହାଲ ଖାତା- ୭୫, ମୋଟ ରକବା- ଏ୦.୩୦ ଡେସିମିଲ, ଗ୍ରା.- ରସାସିଂହ, ହାଲ ଖାତା- ୨୬, ମୋଟ ରକବା- ଏ.୦.୨୪ ଡେସିମିଲ (ଖ- ତଫସିଲ), ମୌଜା- ପଶାସିଂହ, ହାଲ ଖାତା ନଂ.- ୨୪, ମୋଟ ରକବା- ଏ୦.୯୭ ଡେସିମିଲ (ଗ- ତଫସିଲ), ମୌଜା- ରସାସିଂହ, ହାଲ ଖାତା ନଂ.- ୧୨, ମୋଟ ରକବା- ଏ୨.୧୭ ଡେସିମିଲ (ଗ- ତଫସିଲ), ହାଲ ଖାତା ନଂ.- ୧୩, ମୋଟ ରକବା- ଏ୦.୦୪ ଡେସିମିଲ ଏବଂ ଗ୍ରାମ- ତେନ୍ତୁଳିଆପଡା, ହାଲ ଖାତା ନଂ.- ୩୭, ମୋଟ ରକବା- ଏ୦.୧୮ ଡେସିମିଲ (କ- ତଫସିଲ), ଗ୍ରାମ- ପସାସିଂହ, ହାଲ ଖାତା- ୭୪, ମୋଟ ରକବା- ଏ୦.୧୩ ଡେସିମିଲ (କ- ତଫସିଲ), ଗ୍ରାମ- ତେନ୍ତୁଳିଆପଡା ହାଲ ଖାତା ନଂ.- ୯୯, ମୋଟ ରକବା- ଏ୦.୧୮ ଡେସିମିଲ (କ- ତଫସିଲ) ଉପରେ ପୂର୍ଣ୍ଣାଙ୍ଗ ବଣ୍ଟନ ପତ୍ର ପ୍ରସ୍ତୁତି ଏବଂ ପୂର୍ଣ୍ଣାଙ୍ଗ ଡିକ୍ରି ପ୍ରସ୍ତୁତି ନିମନ୍ତେ ଉପରୋକ୍ତ ମୋକଦ୍ଦମା ଆଗତ କରି ଅଛନ୍ତି । ଉକ୍ତ ମୋକଦ୍ଦମା ଆସନ୍ତା ତା.୧୨।୧୨।୨୦୨୫ରିଖକୁ ଧାର୍ଯ୍ୟ କରାଯାଇଅଛି ।

ଉକ୍ତ ଧାର୍ଯ୍ୟ ତାରିଖରେ ଏହାକୁ ଆଇନଗତ ନୋଟିସ ରୂପେ ଅବଗତ ହୋଇ ଉପରୋକ୍ତ ତଫସିଲ ବୃତ୍ତି ବାଦିଙ୍କ ସପକ୍ଷେ ତଥା ଅଂଶ ଗ୍ରହଣ କରିଥିବା ସମସ୍ତ ପ୍ରତିବାଦୀଙ୍କ ସପକ୍ଷେ ନିଜ ନିଜ ସ୍ୱତ୍ୱ ମୁତାବକ କାହିଁକି ପୂର୍ଣ୍ଣାଙ୍ଗ ଡିକ୍ରି ପ୍ରସ୍ତୁତ କରାନଯିବ ଉପରୋକ୍ତ ଅଦାଲତଙ୍କ ମୁକାମରେ ହାଜର ହୋଇ ଜବାବ ସୁଆଲ ନ ରଖିଲେ ଆଇନ ଅନୁଯାୟୀ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

ତା.-୧୦।୧୧।୨୦୨୫ ସ୍ୱା/- ବରିଷ୍ଠ ସିଭିଲ ଜଜ୍ ମହୋଦୟ, ଢେଙ୍କନାଳ
ଧ-୧୬୦୪

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ ।
Q199723846@ybl | T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ
classifieddharitri@gmail.com
ରେ ଇମେଲ୍ କରନ୍ତୁ ।

## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି । ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ । ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

# ଇସ୍କ ଟ୍ରାଫିକ୍

ପିଲାଟିକୁ ଜନ୍ମ ଦେବା ପରେ ମା' ତାହାର ଯତ୍ନ ନେଇଥାଏ। ହେଲେ ପୁଅର ମଧ୍ୟ ମା' ପ୍ରତି କିଛି କର୍ତ୍ତବ୍ୟ ରହିଛି। ମା'-ପୁଅର ସମ୍ପର୍କକୁ ଆଧାର କରି କାହାଣୀ ଗତି କରିଛି। ତା' ସହ ଏଥିରେ ଲଭ୍, ଇମୋଶନ,କମେଡି ମଧ୍ୟ ରହିଛି। ଫିଲ୍ମଟିର ଟାଇଟଲ ରହିଛି 'ଇସ୍କ ଟ୍ରାଫିକ୍'। ଖାସ୍ କଥା ହେଲା, ଏହି ଫିଲ୍ମରୁ ନିଜର ବଡ଼ ପରଦା କ୍ୟାରିୟର ଆରମ୍ଭ କରୁଛନ୍ତି ପ୍ରେମ। କେବଳ ସେତିକି ନୁହେଁ ଅନ୍ୟତମ ଆଗଧାଡିର ହାସ୍ୟାଭିନେତା ପପୁ ପମ୍‌ପମ୍‌ଙ୍କୁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିବ। ଏମାନଙ୍କ ବ୍ୟତୀତ ପୁଷ୍ପା ପଣ୍ଡା, ମନସ୍ୱିନୀ ପତି, ଚୌଧୁରୀ ଜୟପ୍ରକାଶ ଦାସ, ଜୀବନ ପଣ୍ଡା, ନୈନା ନାଥ, ପ୍ରିୟଙ୍କା ସାହୁ, ଅର୍ପିତା ସାହୁ ଓ ଆନ୍ନା ଭିନ୍ନ ଭିନ୍ନ ଚରିତ୍ରରେ ଦେଖାଦେବେ। କାହାଣୀ ସହ ସଂଳାପ ରଚନା କରିଛନ୍ତି ଶୁଭ୍ରାଂଶୁ ବିଶ୍ୱାଳ। ଏହି ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେଇଛନ୍ତି ରୋହନଜିତ ଦାସ। ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଅସଦ ନିଜାମ।



'ଇସ୍କ ଟ୍ରାଫିକ୍'ର ଏକ ଦୃଶ୍ୟରେ ନୈନା, ପ୍ରେମ୍ ଏବଂ ପପୁ

# ଜୀବନରେ କମେଡି ଭରିରହିଛି

ରିତେନ୍ ପଟ୍ଟନାୟକ ଓରଫ ଇଗ୍‌ଲୁ। ପିତା ତଥା ଅବସରପ୍ରାପ୍ତ ରିଡର (ରାଜନୀତି ବିଜ୍ଞାନ) ଦୀପେନ୍ ପଟ୍ଟନାୟକ ଏବଂ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ରଶ୍ମିତା ମହାନ୍ତିଙ୍କର ଏହି ଦ୍ୱିତୀୟ ପୁତ୍ର ଷ୍ଟାଣ୍ଡ-ଅପ୍ କମେଡିକୁ ଜୀବନର ଅନ୍ୟତମ ଅବିଚ୍ଛେଦ୍ୟ ଅଙ୍ଗ ଭାବରେ ଗ୍ରହଣ କରିନେଇଛନ୍ତି। ନିଜ ବିଷୟରେ ସେ କହନ୍ତି, ''ପିଲାଦିନେ ଛୋଟମୋଟ କମେଡି କରି ପ୍ରଶଂସିତ ହେବା ପରେ ଭବିଷ୍ୟତରେ ଏହାକୁ କ୍ୟାରିୟର କରିବି ବୋଲି ସ୍ଥିର କରିଥିଲି। ମୋ ମତରେ ପ୍ରତ୍ୟେକଙ୍କ ଜୀବନରେ କେତେକାଂଶରେ କମେଡି ରହିଛି। ସାମ୍ପ୍ରତିକ ଘଟଣାକୁ ଆଧାର କରି ମୋ କମେଡିର ସ୍କ୍ରିପ୍ଟ ପ୍ରସ୍ତୁତ କରିଥାଏ, ଯାହା ବେଶ୍ ଦର୍ଶକାଦୃତ ହେଉଛି।'' ବରଗଡରେ ଜନ୍ମିତ ରିତେନ୍ ନିଜ ସଂସ୍ଥା କମେଡି କାଉଣ୍ଟଡାଉନ୍ ଅର୍ଗାନାଇଜେଶନ (କେସିଓ) ପକ୍ଷରୁ ଏ ପର୍ଯ୍ୟନ୍ତ ଓଡ଼ିଶା ବ୍ୟତୀତ ମୁମ୍ବାଇ, ଦିଲ୍ଲୀ ବେଙ୍ଗାଲୁରୁ ଏବଂ ପୁଣେ ଆଦି ସ୍ଥାନରେ ଷ୍ଟାଣ୍ଡ-ଅପ୍ କମେଡି ଶୋ' କରି ପ୍ରଶଂସିତ ହୋଇଛନ୍ତି। କେବଳ ସେତିକି ନୁହେଁ, ସେ ଓଡ଼ିଆ ଫିଲ୍ମ 'ଏ ରସଗୋଲା କାହାର' ଓ ରିଲିଜ ଅପେକ୍ଷାରେ ଥିବା 'ମନ୍ତ୍ରମୁଗ୍ଧ' ଏବଂ 'ବରବଧୂ' ଅଭିନୟ ମଧ୍ୟ କରିସାରିଛନ୍ତି।



ମୋ କଥା/ରିତେନ୍ ପଟ୍ଟନାୟକ

# ଅଡୁଆ କରିଥିଲା ଡବଲ୍ ଅଫର

ଜ୍ୟାକ୍ଲିନ୍ ଫର୍ନାଡିସ ୨୦୦୯ରେ ପ୍ରଥମେ ବଲିଉଡ୍‌ରେ ଏଣ୍ଟ୍ରି କରିଥିଲେ ଆଉ ଫିଲ୍ମଟିର ଟାଇଟଲ ଥିଲା 'ଆଲ୍ଲାଦିନ୍'। ହେଲେ ସେତେବେଳେ ସେ ଟିକେ ଦୋଛକିରେ ପଡିଥିଲେ। କାରଣ ସେହି ସମୟରେ ତାଙ୍କୁ ଏହି ଫିଲ୍ମ ବ୍ୟତୀତ ଆଉ ଏକ ଫିଲ୍ମ-'ଲଣ୍ଡନ ଡ୍ରିମ୍‌ସ'ରେ ଅଭିନୟ କରିବାକୁ ଅଫର ମିଳିଥିଲା। କିନ୍ତୁ ସେ ପ୍ରଥମେ କେଉଁ ଅଫରକୁ ଗ୍ରହଣ କରିବେ ସେ ନେଇ ଦ୍ୱନ୍ଦ୍ୱରେ ପଡିଥିଲେ। ଯେତେବେଳେ ସେ ଦେଖିଲେ ଯେ 'ଲଣ୍ଡନ ଡ୍ରିମ୍‌ସ'ର ପ୍ରାରମ୍ଭିକ କାମ ମନ୍ଥର ଗତିରେ ଚାଲିଛି, ତେଣୁ ସେ ଏହି ସୁଯୋଗଟିକୁ ହାତଛଡା କରିବାକୁ ମନସ୍ଥ କରିଥିଲେ। ଏ ବିଷୟରେ ଜ୍ୟାକ୍ଲିନ୍ କହନ୍ତି, ''ଏକାଥରେ ଦୁଇଟି ଅଫର ମିଳିବା ନିଶ୍ଚୟ ସୌଭାଗ୍ୟର କଥା। ହେଲେ ସେତେବେଳେ ମୋତେ କେବଳ ଗୋଟିଏ ସିନେମାରେ ହିଁ ଅଭିନୟ କରିବାର ଥିଲା। 'ଲଣ୍ଡନ ଡ୍ରିମ୍‌ସ'ର ପ୍ରାରମ୍ଭିକ କାମ ଲେଟ୍ ହେବାକୁ ମୁଁ ସେହି ଫିଲ୍ମରେ ଅଭିନୟ କରିବାକୁ ମନା କରିଦେଇଥିଲି।'ଆଲ୍ଲାଦିନ୍'ରୁ ସିନା କ୍ୟାରିୟର ଆରମ୍ଭ କଲି, ହେଲେ ଫିଲ୍ମଟି ବକ୍ସ ଅଫିସରେ ଫ୍ଲପ୍ ହୋଇଥିଲା। ହେଲେ ସେତେବେଳେ ମୁଁ ଭାଙ୍ଗିପଡି ନ ଥିଲି। ମନକୁ ଦୃଢ଼ କରି ନିଜ ଆକ୍ଟିଂ କ୍ୟାରିୟରକୁ ଆଗେଇ ନେଇଥିଲି।'' ଜ୍ୟାକ୍ଲିନ୍ ପ୍ରଥମେ ଜଣେ ଟିଭି ରିପୋର୍ଟର ଭାବରେ କ୍ୟାରିୟର ଆରମ୍ଭ କରିଥିଲେ। ହେଲେ ମଡେଲିଂ ସହ ଜଡିତ ହେବା ପରେ ତାଙ୍କର ଜଣେ ସାମ୍ବାଦିକା ହେବାର ସ୍ୱପ୍ନ ଅଧାରେ ରହିଯାଇଥିଲା।'' ଜ୍ୟାକ୍ଲିନ୍‌ଙ୍କ ଅଭିନୀତ ଶେଷ ଫିଲ୍ମ ଥିଲା 'ହାଉସଫୁଲ୍ ୫'। ଏହି ଚିତ୍ରଟି ବକ୍ସ ଅଫିସରେ ଆଶାନୁରୂପ ବିଜ୍‌ନେସ କରିବାରେ ସକ୍ଷମ ହୋଇଥିଲା। ସେ ନିର୍ମାଣାଧୀନ 'ୱେଲକମ୍ ଟୁ ଦ ଜଙ୍ଗଲ' ଫିଲ୍ମରେ ଅଭିନୟ କରୁଛନ୍ତି, ଯାହା ଆସନ୍ତା ବର୍ଷ ରିଲିଜ ହେବାର ଯୋଜନା ରହିଛି।



ଜ୍ୟାକ୍ଲିନ୍

# ଦୃଢ଼ ବିଶ୍ୱାସୀ କ୍ୟାଟ୍ରିନା

କ୍ୟାଟ୍ରିନା କୈଫ ପ୍ରଥମେ ମଡେଲିଂରୁ ନିଜ କ୍ୟାରିୟର ଆରମ୍ଭ କରିଥିଲେ। ମଡେଲିଂ ଆରମ୍ଭ କରିବା ସମୟରେ ତାଙ୍କୁ କେତେ ବୟସ ହୋଇଥିଲା ଜାଣନ୍ତି ? ମାତ୍ର ୧୪ ବର୍ଷ। ତାଙ୍କ ଅଭିନୀତ ପ୍ରଥମ ସିନେମା ଥିଲା 'ବୁମ୍' ଆଉ ଫିଲ୍ମଟି ବକ୍ସ ଅଫିସରେ ହିଟ୍ ସାବ୍ୟସ୍ତ ହେବା ସହ ୧୦୦କୋଟିରୁ ଅଧିକ ବିଜନେସ୍ କରିବାରେ ସଫଳ ହୋଇଥିଲା। ହେଲେ ଗୋଟିଏ ଖାସ୍ କଥା ଜାଣନ୍ତି ? କ୍ୟାଟ୍ରିନା ନିଜର ପ୍ରତିଟି ସିନେମା ରିଲିଜ ହେବା ପୂର୍ବରୁ ପୂଜାଅର୍ଚ୍ଚନା କରିବାକୁ ଭୁଲି ନ ଥାନ୍ତି। କାରଣ ତାଙ୍କର ଦୃଢ଼ ବିଶ୍ୱାସ ରହିଛି ଯେ ଏହାଦ୍ୱାରା ତାଙ୍କ ଫିଲ୍ମ ଭଲ ବିଜନେସ୍ କରିବ। ଏବେ ମଧ୍ୟ ସେ ଏହି ଧାରା ଜାରିରଖିଛନ୍ତି। ଏ ବିଷୟରେ କ୍ୟାଟ୍ରିନା କହନ୍ତି, ''ମୋର ପ୍ରତିଟି ସିନେମା ରିଲିଜ ହେବା ପୂର୍ବରୁ ମୁଁ ଦେବସ୍ଥାନକୁ ଯାଇଥାଏ। ଏହି ସମୟରେ ମୁଁ ସିଦ୍ଧି ବିନାୟକ ମନ୍ଦିର, ମାଉଣ୍ଟ ମେରୀ ଚର୍ଚ୍ଚ ଏବଂ ଅଜମେରର ଦରଘା ସରିଫ ଯାଇଥାଏ। ସେଠାରେ ପୂଜା କରି ମୋ ସିନେମାଗୁଡ଼ିକ କିପରି ଭଲ ବିଜ୍‌ନେସ କରିବ ସେ ନେଇ ପ୍ରାର୍ଥନା କରିଥାଏ। ତା' ସହ ମୋ ସାମର୍ଥ୍ୟ ମୁତାବକ ଦାରିଦ୍ର୍ୟତା ମଧ୍ୟରେ ଜୀବନ ବିତାଉଥିବା ମହିଳାମାନଙ୍କୁ ସାହାଯ୍ୟ କରିଥାଏ।'' ୨୦୦୩ରେ କ୍ୟାରିୟର ଆରମ୍ଭ କରିଥିବା କ୍ୟାଟ୍ରିନାଙ୍କ କ୍ୟାରିୟରକୁ ଆହୁରି ମାଇଲେଜ ଦେଇଥିଲା ଡେଭିଡ୍ ଧାୱନଙ୍କ ନିର୍ଦ୍ଦେଶିତ 'ମୈନେ ପ୍ୟାର୍ କ୍ୟୁଁ କିୟା'। ଏହି ଫିଲ୍ମରେ ସେ ପ୍ରଥମ ଥର ପାଇଁ ସଲମାନ ଖାଁଙ୍କ ସହ ଅଭିନୟ କରିଥିଲେ। ପରବର୍ତ୍ତୀ ସମୟରେ ଏହି ଯୋଡି ବଲିଉଡ୍‌ର ଅନ୍ୟତମ ଲୋକପ୍ରିୟ ଯୋଡି ଭାବରେ ପରିଚିତ ହୋଇଥିଲା। ଭିକି କୌଶଲଙ୍କୁ ମ୍ୟାରେଜ କରିବା ପରେ ସେ ପ୍ରାୟ ଅଭିନୟଠାରୁ ଦୂରେଇ ଯାଇଛନ୍ତି। ନିକଟରେ ସେ ପୁତ୍ର ସନ୍ତାନର ଜନନୀ ହୋଇଛନ୍ତି। ତାଙ୍କ ଅଭିନୀତ ଶେଷ ସିନେମା ଥିଲା 'ମେରି କ୍ରିଷ୍ଟମାସ୍'।

# ଅପେକ୍ଷା ଶୁଭ ଦିନକୁ

ଏବେ ରିଲିଜ ଅପେକ୍ଷାରେ ରହିଛି ସସ୍‌ପେନ୍ସ ଥ୍ରୀଲର 'ମିଡ୍‌ନାଇଟ୍'। ଏହାର ପ୍ରଯୋଜନା ଏବଂ ନିର୍ଦ୍ଦେଶନା ଭାର ସମ୍ଭାଳିବା ସହ ମୁଖ୍ୟ ଭୂମିକାରେ ଅଭିନୟ କରୁଛନ୍ତି ମନୁ ଦ୍ୱିବେଦୀ। କାହାଣୀ ଅନୁସାରେ ଅମିୟ ଦାଶ ଜଣେ ପୁଞ୍ଜିପତି ଏବଂ ଗୋଟେ ନିର୍ମାଣକାରୀ ସଂସ୍ଥାର ମାଲିକ। ତାଙ୍କର ଅନ୍ତରଙ୍ଗ ବନ୍ଧୁ ବିଜୁ ବଳିୟାରସିଂ (ବୀରେନ ମିଶ୍ର) ଓ ଚନ୍ଦ୍ରଶେଖର (ଅକ୍ଷୟ ବସ୍ତିଆ)ଙ୍କୁ ସେହି ସଂସ୍ଥାରେ କାମ କରିବାର ସୁଯୋଗ ଦିଅନ୍ତି। ହେଲେ ସଂସ୍ଥାର ଉନ୍ନତି ଓ ଲାଭାଂଶ ଦେଖି ସେମାନେ ଲୋଭ କରନ୍ତି। ମୋଟା ଅଙ୍କର ଅଂଶଧନ ଓ ଲାଭାଂଶ ମାଗନ୍ତି। ବାସ୍, ଏଇଠୁ କଳହର ସୂତ୍ରପାତ ହୁଏ। ସମୟକ୍ରମେ ନିଜ ସ୍ୱାର୍ଥ ସାଧନ ପାଇଁ ବିଜୁ ଏବଂ ଚନ୍ଦ୍ର ମିଶିକରି ଅମିୟଙ୍କୁ ହତ୍ୟା କରନ୍ତି। ପରବର୍ତ୍ତୀ ସମୟରେ ବାପାଙ୍କର ରହସ୍ୟମୟ ମୃତ୍ୟୁ ଉପରୁ ପରଦା ହଟାଇବାକୁ ପୂରାଦମ୍‌ରେ ଲାଗିପଡ଼େ ଅନିଲ। ଆଉ ଶେଷରେ କ'ଣ ହୁଏ ତାହା ସିନେମାଟି ଦେଖିଲେ ହିଁ ଜାଣିପାରିବେ। ଅନୁପ ଦ୍ୱିବେଦୀଙ୍କ କାହାଣୀକୁ ଆଧାର କରି ସଂଳାପ ରଚନା କରିଛନ୍ତି ଓଲିଉଡ୍‌ର ବରିଷ୍ଠ ସଂଳାପକାର ଡ.ରଜନୀ ରଞ୍ଜନ। ଡ. ନିର୍ମଳ ନାୟକ ଓ ସରୋଜ ବଳଙ୍କ ରଚିତ ଗୀତକୁ ସଙ୍ଗୀତରେ ସଜେଇଛନ୍ତି ପ୍ରଶାନ୍ତ ପାଢ଼ୀ। କ୍ରିଏଟିଭ ହେଡ୍‌ର ଭୂମିକା ନିର୍ବାହ କରିଛନ୍ତି ରାହୁଲ ଶତପଥୀ। ଅନ୍ୟାନ୍ୟ ଭୂମିକାରେ ଦେବୁ ବ୍ରହ୍ମା, ପ୍ରତିଭା ପଣ୍ଡା, ଡାଏନା, ଆଲିଆ, ପ୍ରିୟା, ପ୍ରିୟଙ୍କା, ସସ୍ମିତା ଓ ସୁଧାଂଶୁବାଳାଙ୍କୁ ଦେଖିବାକୁ ମିଳିବ। ସିନେମାଟୋଗ୍ରାଫିରେ ଅଜିତ ଦାସ ଥିବା ବେଳେ ସମ୍ପାଦନାରେ ଅଛନ୍ତି ଚନ୍ଦ୍ରଶେଖର ମିଶ୍ର। ସହକାରୀ ନିର୍ଦ୍ଦେଶକର ଭୂମିକା ନିର୍ବାହ କରିଛନ୍ତି ସୁରେଶ ଦାଶ। କୋରିଓଗ୍ରାଫିରେ ବବି ଇସ୍‌ଲାମ ଓ ପ୍ରଚାର ମୁଖ୍ୟ ଅଛନ୍ତି ହରପ୍ରସାଦ ମହାପାତ୍ର। ଏବେ ଏଡିଟିଂ ଟେବୁଲରେ ରହିଛି 'ମିଡ ନାଇଟ'।



କ୍ୟାଟ୍ରିନା

# ଏବେ ବି ମନେପଡ଼େ...

ଟାଇଗର ଶ୍ରଫଙ୍କର ଗୋଟିଏ କଥା ଏବେ ମଧ୍ୟ ମନେପଡୁଛି। ତାହା କ'ଣ ଜାଣନ୍ତି ? ବର୍ତ୍ତମାନ ବେଳେବେଳେ ତାଙ୍କର ନିଜ ଡେବ୍ୟୁ ଫିଲ୍ମ ବିଷୟରେ ମନେ ପଡ଼େ। ଟାଇଗରଙ୍କୁ ପ୍ରଥମେ ହିନ୍ଦୀ ସିନେମାରେ ବ୍ରେକ୍ ଦେଇଥିଲେ ଆଗଧାଡ଼ିର ଅନ୍ୟତମ ପ୍ରଯୋଜକ ସାଜିଦ ନାଦିୱାଦୱାଲା। ଫିଲ୍ମଟିର ଟାଇଟଲ ଥିଲା 'ହିରୋପନ୍ତୀ'। ଖାସ୍ କଥା ହେଲା ପ୍ରଥମ ସିନେମାଟି ହିଁ ତାଙ୍କୁ ମାଇଲେଜ ଦେବାରେ ସହାୟକ ହୋଇଥିଲା। ନିଜର ପ୍ରଥମ ସିନେମା ବିଷୟରେ ଟାଇଗର କହନ୍ତି, ''ଯେତେବେଳେ ସାଜିଦ୍ ସାର୍ ଏବଂ ଏହି ଫିଲ୍ମର ନିର୍ଦ୍ଦେଶକ ସବିର ଖାନ୍ ଏ ବିଷୟରେ ମୋ ସହ ଆଲୋଚନା କଲେ ସେତେବେଳେ ଏହାର କାହାଣୀ ମୋତେ ବେଶ୍ ପ୍ରଭାବିତ କରିଥିଲା। ଏହା ପରେ କିଛିଦିନ ମୁଁ ପାପା (ଜ୍ୟାକି ଶ୍ରଫ)ଙ୍କର ସହ ଏ ବିଷୟରେ ବିଶଦ ଭାବରେ ଆଲୋଚନା କରିବା ପରେ ହଁ ଭରିଥିଲି। ଫିଲ୍ମଟି ରିଲିଜ ହେବା ପରେ ଭଲ ବିଜ୍‌ନେସ କରିଥିଲା। ସେତେବେଳେ ମୁଁ ଭାବିଥିଲି ଯେ ଯଦି ଏହି ଚାନ୍ସଟିକୁ ମୁଁ ହାତଛଡ଼ା କରିଥାଆନ୍ତି ତେବେ ପରେ ନିଶ୍ଚୟ ଅନୁତାପ କରିଥାଆନ୍ତି। ମୋ ପ୍ରଥମ ସିନେମାର ସଫଳତାକୁ ଏବେ ମଧ୍ୟ ମୁଁ ମନେ ପକାଇଥାଏ।'' ୨୦୦୮ରେ ରିଲିଜ ହୋଇଥିବା ତେଲୁଗୁ ଫିଲ୍ମ 'ପରାଗୁ'ର ଏହା ରିମେକ୍ ଥିଲା। ପ୍ରଥମ ସିନେମାରେ ଟାଇଗରଙ୍କ ନାୟିକା ସାଜିଥିଲେ କ୍ରୀତି ସାନନ୍। ୨୫କୋଟି ବଜେଟ୍‌ରେ ନିର୍ମିତ ଏହି ଫିଲ୍ମଟି ୭୨କୋଟି ଆୟ କରିବାରେ ସକ୍ଷମ ହୋଇଥିଲା।



'ହିରୋପନ୍ତି' ଫିଲ୍ମରେ ଟାଇଗର-କ୍ରୀତି

# ଶୁଭମ୍‌ଙ୍କ ଆଶା

କଥାରେ ଅଛି-ଏ ମନ ଖୋଜୁଥାଏ ଯାହା କାଳେ ପ୍ରାପତ ହୁଏ ତାହା। ଦେଖୁନାହାନ୍ତି ଯେଉଁଭଳି ଏକ ଦମକଦାର ସିନେମାରୁ ନିଜ ଅଭିନୟ କ୍ୟାରିୟର ଆରମ୍ଭ କରିବାକୁ ଚାହୁଁଥିଲେ ତାହା ସଫଳ ହୋଇଛି। ଏକ ଭିନ୍ନ ଧରଣର କାହାଣୀକୁ ନେଇ ପ୍ରସ୍ତୁତ ହୋଇଛି 'ଲାଡୋ'। ଏହାର ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି ସେ। ହଁ, ଏହି ନବାଗତ ଜଣଙ୍କ ହେଉଛନ୍ତି ଶୁଭମ୍ ସାଗର। ପେସା ତାଙ୍କର ରିୟଲ ଇଷ୍ଟେଟ ବିଜନେସ୍, ହେଲେ ନିଶା ଅଭିନୟ। ପ୍ରଥମ ଥର ପାଇଁ ନାୟକ ସାଜିବା ପୂର୍ବରୁ ସେ ୨-୩ଟି ସିନେମାରେ ଅଭିନୟ କରିସାରିଛନ୍ତି। ହେଲେ ଏଥର ନିଜେ ଏକ ଫିଲ୍ମ ପ୍ରଯୋଜନା କରିବା ସହ ତାହାର ଟାଇଟଲ ଭୂମିକାରେ ଅଭିନୟ କରିଛନ୍ତି। ଏହାର ଶୀର୍ଷକ ରହିଛି 'ଲାଡୋ'। ଏକ ସତ୍ୟଘଟଣାକୁ ନେଇ କାହାଣୀ ଗତି କରିଛି। ଏହି ଫିଲ୍ମ ବିଷୟରେ ସେ କହନ୍ତି, ''ପରିବେଶ ସୁରକ୍ଷାକୁ ମୁଁ ମୋ ଜୀବନର ଅନ୍ୟତମ ଅଙ୍ଗଭାବରେ ଗ୍ରହଣ କରିସାରିଛି। ତେଣୁ ସେଭଳି ଏକ ବିଷୟବସ୍ତୁକୁ ନେଇ ଫିଲ୍ମଟିଏ କରିଛି। ଜଙ୍ଗଲ କିପରି ସୁରକ୍ଷିତ ରହିବ-ଏହା ହେଉଛି ମୋ ସିନେମାର ମୂଳ ବାର୍ତ୍ତା। କେବଳ ସେତିକି ନୁହେଁ, ବର୍ତ୍ତମାନ ମୋର ଏକ ପରିବେଶ ମିଶନ ଚାଲିଛି। ଗଛ ଚାରା ବୋଝେଇ କିଛି ଗାଡି ସହ ଲୋକଙ୍କ ପାଖକୁ ଯାଉଛି ଏବଂ ସେମାନଙ୍କୁ ଗଛ ଚାରା ଉପହାର ଦେଇ ବୃକ୍ଷରୋପଣରେ ନିଜକୁ ସାମିଲ କରିବାକୁ କହୁଛି। ମୋର ଏହି କାର୍ଯ୍ୟ ଆଗକୁ ଆହୁରି ବ୍ୟାପକ କରିବାକୁ ସ୍ଥିର ମଧ୍ୟ କରିଛି। ମୋତେ ସମୟ ମିଳିଲେ ମୁଁ ଏକ ଶାନ୍ତ ପରିବେଶକୁ ଚାଲିଯାଏ ଏବଂ ସେଠାରେ ବସି ପରିବେଶ ସୁରକ୍ଷା ପାଇଁ ଯୋଜନା ପ୍ରସ୍ତୁତ କରେ।'' ଶୁଭମ ଏହାର କାହାଣୀ ଏବଂ ଚିତ୍ରନାଟ୍ୟ ମଧ୍ୟ ରଚନା କରିଛନ୍ତି। ସତ୍ୟଭାମା ସିନେ ପ୍ରଡକ୍ସନ ବ୍ୟାନରରେ ଏହାର ନିର୍ଦ୍ଦେଶନା ଦେଇଛନ୍ତି ସନ୍ତୋଷ ବିଶ୍ୱାଳ। ଆର୍ଲିନ ଅଙ୍କିତା ଏହାର ନାୟିକା ସାଜିଥିବା ବେଳେ ସଞ୍ଜନା ପ୍ରଧାନ, ସୁଶାନ୍ତ ନାୟକ (ମୁଖ୍ୟ ଖଳନାୟକ), ଅଶ୍ରୁମୋଚନ ମହାନ୍ତି, ଚୌଧୁରୀ ବିକାଶ ଦାସ, ଚୌଧୁରୀ ଜୟ ପ୍ରକାଶ ଦାସ ଏବଂ ସ୍ମିତା ମହାନ୍ତି ପ୍ରମୁଖ ଅଭିନୟ କରିଛନ୍ତି।



'ଲାଡୋ' ଫିଲ୍ମରେ ଶୁଭମ୍ ସାଗର

ଧରିତ୍ରୀ 51 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଗୁରୁବାର, ନଭେମ୍ବର ୨୦/୨୦୨୫ Bhubaneswar, Thursday, November 20/ 2025

# କିଟ୍‌ରେ ଓଡ଼ିଶାର ପ୍ରଥମ ବିଜୟ

**ଭୁବନେଶ୍ୱର, ୧୯।୧୧ (ତପନ ସ୍ୱାଇଁ)**


କିଟ୍ ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମରୁ ଓଡ଼ିଶା ରଣ୍‌ଜୀ ଦଳ ପାଇଁ ଆସିଛି ବଡ଼ ଆଶ୍ୱସ୍ତିକର ଖବର। ଏଲିଟ୍ ଗ୍ରୁପ୍ 'ଏ'ର ପ୍ରଥମ ୪ ମ୍ୟାଚ୍‌ରେ ଦୟନୀୟ ପ୍ରଦର୍ଶନ ପରେ ଏଠାରେ ଚଳିତ ସିଜନର ପ୍ରଥମ ବିଜୟ ସ୍ୱାଦ ଚାଖିଛି ଶୁଭ୍ରାଂଶୁ ସେନାପତିଙ୍କ ଦଳ। ବୁଧବାର ଶେଷ ହୋଇଥିବା ମ୍ୟାଚ୍‌ରେ ନାଗାଲାଣ୍ଡକୁ ୨୯୯ ରନ୍‌ରେ ପରାସ୍ତ କରିଛି ଓଡ଼ିଶା। ଫଳରେ ଏହି ମ୍ୟାଚରୁ ୬ ପଏଣ୍ଟ ସହ ମୋଟ ୭

**ରଣ୍‌ଜୀ ଟ୍ରଫି**

ପଏଣ୍ଟରେ ପହଞ୍ଚିଥିବାରୁ ଅତିକମ୍‌ରେ ପ୍ଲେଟ ଗ୍ରୁପ୍‌କୁ ଖସିବା ସମ୍ଭାବନା କମିଯାଇଛି। ଏଠାରେ ଓଡ଼ିଶା ପ୍ରଥମ ଇନିଂସ୍‌ରେ ୨୭୫ ରନ୍ କରିଥିବାବେଳେ ନାଗାଲାଣ୍ଡର ପ୍ରଥମ ଇନିଂସ୍ ୧୬୧ରେ ସୀମିତ ରହିଥିଲା। ଓଡ଼ିଶା ଏହାର ଦ୍ୱିତୀୟ ଇନିଂସ୍‌କୁ ୩୫୦/୫ରେ ଘୋଷଣା କରିବାପରେ ନାଗାଲାଣ୍ଡ ସମ୍ମୁଖରେ ୪୬୫ ରନ୍‌ର କଷ୍ଟସାଧ୍ୟ ବିଜୟଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଭ୍ରମଣକାରୀ ଦଳ ଦ୍ୱିତୀୟ ଇନିଂସ୍‌ରେ ୧୬୫ ରନ୍‌ରେ ଅଲ୍‌ଆଉଟ ହୋଇଯିବାରୁ ଅନ୍ତିମ ଦିବସ ଚା' ବିରତି ପୂର୍ବରୁ ମ୍ୟାଚ୍ ଶେଷ ହୋଇଯାଇଥିଲା। ଦ୍ୱିତୀୟ ଇନିଂସରେ କ୍ୟାରିୟରର ଶ୍ରେଷ୍ଠ ୧୬୯ ରନ୍ କରିଥିବା ସ୍ୱସ୍ତିକ୍ ସାମଲ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ମ୍ୟାଚ୍ ରେଫରି ସଞ୍ଜୟ ଶର୍ମା ପୁରସ୍କାର ପ୍ରଦାନ କରିଥିଲେ।

### ଗୋବିନ୍ଦଙ୍କୁ ୫ ଉଇକେଟ

ତୃତୀୟ ଦିବସର ଅସମାପ୍ତ ସ୍କୋର ୪୧/୧ରୁ ଖେଳ ଆରମ୍ଭ କରିଥିବା ନାଗାଲାଣ୍ଡ ଅନ୍ତିମ ଦିବସ ଆରମ୍ଭରୁ ରକ୍ଷଣାତ୍ମକ ଖେଳି ମ୍ୟାଚ୍‌କୁ ଡ୍ର ରଖିବା ଲକ୍ଷ୍ୟରେ ରହିଥିଲା। ମାତ୍ର ଅଭିଜ୍ଞ ସ୍ପିନର ଗୋବିନ୍ଦ ପୋଦ୍ଦାରଙ୍କ ସ୍ପିନ୍ ଯାଦୁରେ ଦଳ ବଶୀଭୂତ ହୋଇଯାଇଥିଲା। ପୂର୍ବଦିନ ଅପରାଜିତ ରହିଥିବା ନାଗାଲାଣ୍ଡର ଦୁଇ ଅପରାଜିତ ବ୍ୟାଟର ଡେଗା ନିଶ୍ଚଲ ଓ ହେମ ଚେତ୍ରୀ ୪ର୍ଥ ଦିବସ ସକାଳେ ୧୮ ଓଭର ପର୍ଯ୍ୟନ୍ତ ରକ୍ଷଣାତ୍ମକ ଖେଳି ସଫଳ ହୋଇଥିଲେ। ମାତ୍ର ୧୯ତମ ଓଭରର ୪ର୍ଥ ବଲ୍‌ରେ ହେମ (୩୭ ରନ୍)ଙ୍କୁ ପୋଦ୍ଦାର ଏଲ୍‌ବିଡବ୍ଲ୍ୟୁ କରିବାପରେ ମ୍ୟାଚ୍‌ର ରୂପ ବଦଳି ଯାଇଥିଲା। ନିୟମିତ ବ୍ୟବଧାନରେ ଉଇକେଟ ପତନ ଘଟିଥିଲା। ଡେଗା ନିଶ୍ଚଲ ଏକମାତ୍ର ଅର୍ଦ୍ଧଶତକ ହାସଲକରି ୫୨ ଓ ଅଧିନାୟକ ରଙ୍ଗସେନ ଜୋନାଥନ ୩୫ ରନ କରିଥିଲେ ହେଁ ମିଡଲ ଓ ଲୋୟର ଅର୍ଡରର ୬ ବ୍ୟାଟର ଦୁଇଅଙ୍କ ସ୍ପର୍ଶ କରି ନ ପାରିବାରୁ ଓଡ଼ିଶା ବହୁ ପ୍ରତୀକ୍ଷିତ ବିଜୟ ହାସଲ କରିଥିଲା। ୩୧–୧୩– ୬୯–୫ ବୋଲିଂ ଫିଗର ପାଇଥିବା ପୋଦ୍ଦାର କ୍ୟାରିୟରର ୩ୟ ୫ ଉଇକେଟ ସଫଳତା ହାସଲ କରି ନାଗାଲାଣ୍ଡକୁ ବ୍ୟାକ୍‌ଫୁଟ୍‌କୁ ଠେଲି ଦେଇଥିଲେ। ବାଦଲ ବିଶ୍ୱାଳ ୩ଟି ଏବଂ ସମ୍ବିତ୍ ବରାଳ ଗୋଟିଏ ଉଇକେଟ ନେଇଥିଲେ। ବାଦଲ ଚମତ୍କାର ଭାବେ ଏକ ଡାଇରେକ୍ଟ ଥ୍ରୋରେ ଚେତନ ବିସ୍ତ(୦)ଙ୍କୁ ପାଭିଲିୟନ ପଠାଇବା ମଧ୍ୟ ଥିଲା ଅନ୍ୟତମ ଚର୍ଚ୍ଚିତ ଘଟଣା।


ମ୍ୟାଚ ରେଫରିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି ସ୍ୱସ୍ତିକ ସାମଲ।


୫ ଉଇକେଟ ହାସଲକାରୀ ଗୋବିନ୍ଦ ପୋଦ୍ଦାର।

**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା ପ୍ରଥମ ଇନିଂସ: ୨୭୫। ନାଗାଲାଣ୍ଡ ପ୍ରଥମ ଇନିଂସ: ୧୬୧। ଓଡ଼ିଶା ଦ୍ୱିତୀୟ ଇନିଂସ: ୩୫୦/୫ (ଘୋଷଣା)। ନାଗାଲାଣ୍ଡ ଦ୍ୱିତୀୟ ଇନିଂସ: ୧୬୫/ଅଲ୍‌ଆଉଟ (ଡେଗା ନିଶ୍ଚଲ–୫୨, ହେମ ଚେତ୍ରି–୩୭, ରଙ୍ଗସେନ ଜୋନାଥନ ୩୫, ଗୋବିନ୍ଦ ପୋଦ୍ଦାର–୫/୬୯, ବାଦଲ ବିଶ୍ୱାଳ–୩/୩୮, ସମ୍ବିତ୍ ବରାଳ–୧/୨୧)।

## ଓଡ଼ିଶା ପାଇଁ ଏଥର ଲକି ଗ୍ରାଉଣ୍ଡ

କିଟ୍ ଅନ୍ତର୍ଜାତୀୟ କ୍ରିକେଟ୍ ଷ୍ଟାଡିୟମ ଓଡ଼ିଶା ରଣ୍‌ଜୀ ଟ୍ରଫି ଦଳ ପାଇଁ ଏଥର ଲକି ସାବ୍ୟସ୍ତ ହୋଇଛି। ଚଳିତ ସିଜନରେ ଓଡ଼ିଶା ପ୍ରଥମ ୪ଟି ମ୍ୟାଚ୍ ଖେଳି ବରୋଦା ନିକଟରୁ ୭ ଉଇକେଟରେ ହାରିବାପରେ ଉତ୍ତରପ୍ରଦେଶ ବିପକ୍ଷ ମ୍ୟାଚ୍‌କୁ ଡ୍ର ରଖିଥିଲେ ହେଁ ପ୍ରଥମ ଇନିଂସ୍‌ରେ ପଛୁଆ ରହିବାରୁ ମାତ୍ର ୧ ପଏଣ୍ଟ ପାଇଥିଲା। ପରବର୍ତ୍ତୀ ୨ ମ୍ୟାଚ୍‌ରେ ଯଥାକ୍ରମେ ଆନ୍ଧ୍ରପ୍ରଦେଶ ନିକଟରୁ ଏକ ଇନିଂସ ୫୦ ଓ ବିଦର୍ଭଠାରୁ ୧୦୦ ରନ୍‌ରେ ହାରିବାପରେ ଏଲିଟ୍ ଗ୍ରୁପ୍‌ରେ ଦଳର ଭବିଷ୍ୟତକୁ ନେଇ ଆଶଙ୍କା ଦେଖାଦେଇଥିଲା। ମାତ୍ର କିଟ୍ ଗ୍ରାଉଣ୍ଡରେ ନାଗାଲାଣ୍ଡ ବିପକ୍ଷରେ ୨୯୯ ରନ୍‌ରେ ବିଜୟ ଓଡ଼ିଶା ଦଳକୁ ଆଶ୍ୱସ୍ତ କରିଛି। ଓଭରଅଲ୍ ଦେଖିବାକୁ ଗଲେ କିଟ୍‌ରେ ଓଡ଼ିଶାର ଏହା ଥିଲା ପ୍ରଥମ ବିଜୟ। ପୂର୍ବରୁ ଦଳ ଏଠାରେ ୫ଟି ମ୍ୟାଚ୍ ଖେଳିଥିଲେ ହେଁ ବିଜୟ ସ୍ୱାଦ ଚାଖିପାରି ନ ଥିଲା। ୨୦୧୫–୧୬ରେ ଦିଲ୍ଲୀ ବିପକ୍ଷରେ ଡ୍ର, ୨୦୧୭–୧୮ରେ ମୁମ୍ବାଇଠାରୁ ୧୨୦ ରନ୍‌ରେ ପରାଜୟ, ୨୦୧୮–୧୯ରେ ରାଜସ୍ଥାନଠାରୁ ୩୫ ରନ୍‌ରେ ପରାସ୍ତ, ସେହି ସିଜନରେ ହରିୟାଣା ବିପକ୍ଷ ମ୍ୟାଚ୍ ଡ୍ର ଏବଂ ୨୦୧୮–୧୯ରେ ଉତ୍ତର ପ୍ରଦେଶଠାରୁ ୧୦ ଉଇକେଟରେ ପରାଜୟ ଲଭିଥିଲା ଓଡ଼ିଶା। ତେଣୁ ଏଥର ପ୍ରଥମ ବିଜୟ ହାସଲକରି ପୂର୍ବ ଧାରାକୁ ଭାଙ୍ଗିଛି ଶୁଭ୍ରାଂଶୁ ସେନାପତିଙ୍କ ନେତୃତ୍ୱାଧୀନ ଓଡ଼ିଶା ଦଳ। ଓଭରଅଲ୍ କିଟ୍ ଷ୍ଟାଡିୟମରେ ଏହା ଥିଲା ୧୩ଶ ରଣ୍‌ଜୀ ମ୍ୟାଚ୍। ଚଳିତ ସିଜନରେ ପ୍ରଥମ ବିଜୟ ହାସଲ କରିଥିବା ଓଡ଼ିଶା ଦଳକୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଏବଂ କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶ ଅଭିନନ୍ଦନ ଜଣାଇଛନ୍ତି।

## ମୋମେଣ୍ଟମ ବଜାୟ ରଖିବାକୁ ଚେଷ୍ଟା କରିବୁ

**ଭୁବନେଶ୍ୱର, ୧୯।୧୧ (ତପନ ସ୍ୱାଇଁ)**

''ଚଳିତ ସିଜନରେ ଆମେ ଯେପରି ଖେଳିବାକୁ ଯୋଜନା କରିଥିଲୁ ତାହା ସମ୍ଭବ ହୋଇପାରିନି। ତେବେ ନାଗାଲାଣ୍ଡ ବିପକ୍ଷ ବିଜୟରେ ଆମେ ବହୁତ ଖୁସି ଅଛୁ। ଆମର ପରବର୍ତ୍ତୀ ମ୍ୟାଚ୍ ଏକମାସ ପରେ ଅନୁଷ୍ଠିତ ହେବ। ଜାନୁଆରୀ ୨୨ରୁ ଆମେ ତାମିଲନାଡୁକୁ ଭେଟିବୁ। ତେବେ ଆମେ ଏହି ମୋମେଣ୍ଟମ ବଜାୟ ରଖିବାକୁ ଚେଷ୍ଟା କରିବୁ। ନିଜର ଦ୍ୱିତୀୟ ମ୍ୟାଚ୍‌ରେ ଅନିଲ ପରିଡ଼ାଙ୍କ ଶତକ ଏବଂ ପ୍ରତ୍ୟାବର୍ତ୍ତନ ମ୍ୟାଚ୍‌ରେ ଅଭିଜ୍ଞ ବିପ୍ଳବ ସାମନ୍ତରାୟ (୯୨ ରନ)ଙ୍କ ଦୃଢ଼ ବ୍ୟାଟିଂ ଆମ ପାଇଁ ଉପାଦେୟ ସାବ୍ୟସ୍ତ ହୋଇଛି। ଚଳିତ ମାସରୁ ସୟଦ୍ ମୁସ୍ତାକ୍ ଅଲୀ ଟି୨୦ ଟୁର୍ନାମେଣ୍ଟ ଆରମ୍ଭ ହେଉଛି। ଏଥିରେ ଭଲ ପ୍ରଦର୍ଶନ କରି ହୁଏତ କିଛି ନୂଆ ଖେଳାଳି ଦଳରେ ସାମିଲ ହୋଇପାରନ୍ତି। ତେବେ ସେ ଯାହାହେଉନା କାହିଁକି ମୋମେଣ୍ଟମ ବଜାୟ ରଖି ପରବର୍ତ୍ତୀ ୨ ମ୍ୟାଚରେ ଭଲ ପ୍ରଦର୍ଶନ ଆମର ମୁଖ୍ୟ ଲକ୍ଷ୍ୟ ରହିବ'' ବୋଲି କିଟ୍ କ୍ରିକେଟ୍ ଷ୍ଟାଡିୟମରେ ନାଗାଲାଣ୍ଡ ବିପକ୍ଷ ରଣ୍‌ଜୀ ଟ୍ରଫି ମ୍ୟାଚ୍ ଶେଷ ହେବାପରେ ଓଡ଼ିଶା ଦଳର ଅଧିନାୟକ ଶୁଭ୍ରାଂଶୁ ସେନାପତି'' ପ୍ରକାଶ କରିଛନ୍ତି।


ଶୁଭ୍ରାଂଶୁ ସେନାପତି

### 'ଅନେକ ଶିଖିବାକୁ ପାଇଛୁ'

''ନାଗାଲାଣ୍ଡ ଏକ ଯୁବ ଦଳ। ଗତବର୍ଷ ପ୍ଲେଟ୍ ଗ୍ରୁପ୍‌ରୁ ଏଲିଟ୍ ଗ୍ରୁପ୍‌କୁ ଆସିଛି। ତେଣୁ ଆମେ ଏବେ ଶିଖିବା ପର୍ଯ୍ୟାୟ ଦେଇ ଗତିକରୁଛୁ। ପ୍ଲେଟ୍ ଗ୍ରୁପ୍‌ରେ ଆମେ ଓଡ଼ିଶା ଭଳି କ୍ୱାଲିଟି ବୋଲରଙ୍କୁ ସାମ୍ନା କରି ନ ଥିଲୁ। ଏହା ହିଁ ପାର୍ଥକ୍ୟ। ଓଡ଼ିଶା ଦଳ ଭଲ ବ୍ୟାଟିଂ ଏବଂ ବୋଲିଂ କଲା। ଏ ବର୍ଷ ଯେତେଗୁଡ଼ିଏ ମ୍ୟାଚ୍ ଖେଳିଛୁ ସେଥିରୁ ଅନେକ କିଛି ଶିଖିବାକୁ ପାଇଛୁ। ତାମିଲନାଡୁ ବିପକ୍ଷ ମ୍ୟାଚ୍‌ରେ ଆମେ ଯେପରି ଲଢୁଆ ପ୍ରଦର୍ଶନ କରିଥିଲୁ ଚଳିତ ସିଜନର ଅବଶିଷ୍ଟ ୨ଟି ମ୍ୟାଚରେ ଆମେ ତାହାର ପୁନରାବୃତ୍ତି କରିବା ଗୁରୁତ୍ୱପୂର୍ଣ୍ଣ ହେବ'' ବୋଲି ନାଗାଲାଣ୍ଡ ଦଳର ଅଧିନାୟକ ରଙ୍ଗସେନ ଜୋନାଥନ କହିଛନ୍ତି।

### 'ସାମର୍ଥ୍ୟ ଅନୁସାରେ ଦଳ ଖେଳିଥିବାରୁ ମୁଁ ଖୁସି'

ସମ୍ପ୍ରତି ନାଗାଲାଣ୍ଡ ଦଳର ମୁଖ୍ୟ କୋଚ୍ ଥିବା ଓଡ଼ିଶାର ପ୍ରଥମ ଅନ୍ତର୍ଜାତୀୟ କ୍ରିକେଟର ଦେବାଶିଷ ମହାନ୍ତି କହିଛନ୍ତି, ''ସାମର୍ଥ୍ୟ ଅନୁସାରେ ଦଳ ଖେଳିପାରି ଥିବାରୁ ମୁଁ ଖୁସି ଅଛି। ଏହା ଏକ ଯୁବ ଦଳ। ଏଲିଟ୍ ଗ୍ରୁପ୍‌ରେ ପ୍ରଥମଥର ପାଇଁ ଲଢ଼େଇ କରୁଛି। ୨ଟି ଘଟଣା ମୁଖ୍ୟତଃ ମ୍ୟାଚ୍‌ର ଟର୍ନିଂ ପଏଣ୍ଟ ରହିଲା। ଗୋଟିଏ ହେଲା ପ୍ରଥମ ଇନିଂସରେ ରାଜେଶ ମହାନ୍ତି ୩ଟି ଉଇକେଟ ହାସଲ କରିବାରୁ ନାଗାଲାଣ୍ଡ ସ୍କୋର ଏକଦା ୩/୧୧୪ ଥିବାବେଳେ ୬/୧୧୪ ହୋଇଯାଇଥିଲା। ଅନ୍ୟଟି ହେଲା ଦ୍ୱିତୀୟ ଇନିଂସ୍‌ରେ ସ୍ୱସ୍ତିକ୍ ସାମଲ ଓ ଶୁଭ୍ରାଂଶୁ ସେନାପତିଙ୍କ ଦ୍ୱିଶତକୀୟ ଭାଗୀଦାରି। ଦଳ ପାଇଁ ପରବର୍ତ୍ତୀ ୨ଟି ମ୍ୟାଚ୍ ଗୁରୁତ୍ୱପୂର୍ଣ୍ଣ ରହିବ''।

# ଓଡ଼ିଶା ଦଳ ଘୋଷିତ

**ଭୁବନେଶ୍ୱର, ୧୯।୧୧ (ତପନ ସ୍ୱାଇଁ)**

**ସୟଦ ମୁସ୍ତାକ ଅଲୀ ଟ୍ରଫି**

ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ଆନୁକୂଲ୍ୟରେ ଚଳିତ ମାସ ୨୬ରୁ ଲକ୍ଷ୍ନୌରେ ଆରମ୍ଭ ହେବାକୁ ଯାଉଥିବା ସୟଦ ମୁସ୍ତାକ୍ ଅଲୀ ଟି୨୦ କ୍ରିକେଟ ଟୁର୍ନାମେଣ୍ଟ ପାଇଁ ବୁଧବାର ଓଡ଼ିଶା ଦଳ ଘୋଷଣା ହୋଇଛି। ଓଡ଼ିଶା ସିନିୟର ପୁରୁଷ ଚୟନ କମିଟି ଅଧ୍ୟକ୍ଷ ସୌରଜିତ ମହାପାତ୍ର ଘୋଷଣା କରିଥିବା ୨୦ଜଣିଆ ଦଳରେ ବିପ୍ଳବ ସାମନ୍ତରାୟଙ୍କୁ ଅଧିନାୟକ ମନୋନୀତ କରାଯାଇଛି। ଓଡ଼ିଶା ୨୬ ତାରିଖରେ କେରଳ ବିପକ୍ଷରେ ଏହାର ପ୍ରଥମ ମ୍ୟାଚ ଖେଳି ଅଭିଯାନ ଆରମ୍ଭ କରିବ। ଏହାପରେ ୨୮ରେ ଆନ୍ଧ୍ରପ୍ରଦେଶ, ୩୦ରେ ବିଦର୍ଭ, ଡିସେମ୍ବର ୨ରେ ଛତିଶଗଡ଼, ୪ରେ ରେଲୱେ, ୬ରେ ଆସାମ ଏବଂ ୮ ତାରିଖରେ ମୁମ୍ବାଇ ବିପକ୍ଷରେ ଖେଳିବ। ଓଡ଼ିଶା ଦଳ: ବିପ୍ଳବ ସାମନ୍ତରାୟ (ଅଧିନାୟକ), ଗୌରବ ଚୌଧାରୀ, ସ୍ୱସ୍ତିକ୍ ସାମଲ, ଆଦିତ୍ୟ ରାଉତ, ସୌରଭ ଗୌଡ଼ା, ଆଶୀର୍ବାଦ ସ୍ୱାଇଁ, ପ୍ରୟାସ କୁମାର ସିଂ, ସମ୍ବିତ ବରାଳ, ରାଜେଶ ମହାନ୍ତି, ଭଗେଶ ଶର୍ମା, ସୌମ୍ୟରଞ୍ଜନ ଲେଙ୍କା, ଶୁଭ୍ରାଂଶୁ ସେନାପତି, ଶୁଭମ୍ ଶତ୍ରୁଜିତ, ସନ୍ଦୀପ ପଟ୍ଟନାୟକ, ରାଜ୍ ଯାଦବ, ବାଦଲ ବିଶ୍ୱାଳ, ପପୁ ରୟ, ଗୋବିନ୍ଦ ପୋଦ୍ଦାର, ସର୍ବେଶ୍ୱର ମହାନ୍ତି, ଅନିଲ ପରିଡ଼ା।

## ହୋପ୍‌ଙ୍କ ବିରଳ ରେକର୍ଡ

**ନାପିଅର, ୧୯।୧୧:** ୱେଷ୍ଟଇଣ୍ଡିଜ୍ ଅଧିନାୟକ ଶାଇ ହୋପ୍ ବୁଧବାର ନ୍ୟୁଜିଲାଣ୍ଡ ବିପକ୍ଷରେ ଖେଳାଯାଇଥିବା ବର୍ଷା ବାଧାପ୍ରାପ୍ତ ଦ୍ୱିତୀୟ ଦିନିକିଆ ମ୍ୟାଚ୍‌ରେ ୬୯ ବଲ୍‌ରେ ଅପରାଜିତ ୧୦୯ ରନ୍‌ର ଇନିଂସ ଖେଳିବା ଅବସରରେ ଏକ ବିରଳ ରେକର୍ଡର ଅଧିକାରୀ ହୋଇଛନ୍ତି। ସେ ପ୍ରଥମ ବ୍ୟାଟର ଭାବେ ଟେଷ୍ଟ ଖେଳୁଥିବା ସମସ୍ତ ୧୨ ଦେଶ ବିପକ୍ଷରେ ଶତକ ହାସଲ କରିଛନ୍ତି। ଭାରତର ପୂର୍ବତନ ଅଧିନାୟକ ରାହୁଲ ଦ୍ରାବିଡ୍ ପ୍ରଥମ ବ୍ୟାଟର ଭାବେ ତାଙ୍କ ସମୟରେ ଟେଷ୍ଟ ଖେଳୁଥିବା ୧୦ ଦେଶରୁ ୯ ଦେଶ ବିପକ୍ଷରେ ଶତକ ହାସଲ କରିଥିଲେ। ଦ୍ରାବିଡ୍ ଅବସର ନେବା ପରେ ଆଫଗାନିସ୍ତାନ ଓ ଆୟର୍ଲାଣ୍ଡକୁ ଟେଷ୍ଟ ମାନ୍ୟତା ମିଳିଥିଲା। ସଚିନ ତେନ୍ଦୁଲକର ମଧ୍ୟ ତାଙ୍କ ସମୟରେ ଟେଷ୍ଟ ଖେଳୁଥିବା ସମସ୍ତ ୯ ଦେଶ ବିପକ୍ଷରେ ଶତକ କରିଥିଲେ। ପୂର୍ବତନ ଅଧିନାୟକ ବିରାଟ କୋହଲି ଆୟର୍ଲାଣ୍ଡ ବିପକ୍ଷରେ କଦାପି ଶତକ ହାସଲ କରି ନାହାନ୍ତି। ତେବେ ଏହା ହୋପ୍‌ଙ୍କ କ୍ୟାରିୟରର ୧୯ତମ ଦିନିକିଆ ଶତକ ଏବଂ ଏଥିସହିତ ସେ ୱେଷ୍ଟଇଣ୍ଡିଜ୍‌ର କିମ୍ବଦନ୍ତୀ ବ୍ରାଏନ୍ ଲାରାଙ୍କ ସହିତ ସମକକ୍ଷ ହୋଇଛନ୍ତି।

# କିଟ୍ ରଣଜୀ ପିଚ୍‌ର ପ୍ରଚ୍ଛଦପଟ ନାୟକ


କିଟ୍ ଷ୍ଟାଡିୟମ କ୍ୟୁରେଟର ସମୀର ନାୟକ।

**ଭୁବନେଶ୍ୱର, ୧୯।୧୧ (ତପନ ସ୍ୱାଇଁ)**

ଓଡ଼ିଶା ଓ ନାଗାଲାଣ୍ଡ ମଧ୍ୟରେ ରଣ୍‌ଜୀ ଟ୍ରଫି କ୍ରିକେଟ୍ ମ୍ୟାଚ ସଫଳତାର ସହ ବୁଧବାର ଶେଷ ହୋଇଛି। ଚଳିତ ସିଜନରେ ଓଡ଼ିଶା ପ୍ରଥମଥର ପାଇଁ ବିଜୟ ହାସଲ କରିଥିବାରୁ ଏହା ଅଧିକ ସ୍ମରଣୀୟ ହୋଇଯାଇଛି। କୋଲ୍‌କାତାର ଇଡେନ୍ ଗାର୍ଡେନ୍ସରେ ଭାରତ–ଦକ୍ଷିଣ ଆଫ୍ରିକା ପ୍ରଥମ ଟେଷ୍ଟ ଅଢ଼େଇଦିନରେ ଶେଷହେବାରୁ ପିଚ୍ କ୍ୟୁରେଟର ସୁଜନ ମୁଖାର୍ଜୀଙ୍କୁ ଅନେକ ସମାଲୋଚନା କରାଯାଇଥିଲା। ମାତ୍ର କିଟ୍‌ରେ ଏକ ସ୍ପୋର୍ଟିଂ ପିଚ୍ ପ୍ରସ୍ତୁତକରି ମ୍ୟାଚ୍‌କୁ ସ୍ମରଣୀୟ କରିବାର ପ୍ରଚ୍ଛଦପଟ ନାୟକ ହେଲେ କ୍ୟୁରେଟର ସମୀର ନାୟକ। ଭଦ୍ରକ ଜିଲା ମଞ୍ଜୁରି ନିକଟସ୍ଥ ଶଙ୍ଖୁଳା ଗ୍ରାମର ସମୀର କ୍ୟୁରେଟର ପାଇଁ କୌଣସି ପ୍ରଫେସନାଲ କୋର୍ସ କରି ନ ଥିଲେ ହେଁ ନିଜ ଇଚ୍ଛାଶକ୍ତି ଏବଂ ଜ୍ଞାନ ଆହରଣ କରିବାର ଅଭିଳାଷ ଯୋଗୁ ସେ ଜଣେ ସଫଳ କ୍ୟୁରେଟର ହୋଇପାରିଛନ୍ତି। ସେ ୨୦୧୩ରୁ ଅର୍ଥାତ୍ ୧୩ ବର୍ଷ ହେଲା କିଟ୍ ଷ୍ଟାଡିୟମର କ୍ୟୁରେଟର ଦାୟିତ୍ୱରେ ଅଛନ୍ତି। ପୂର୍ବରୁ ସେ ୨୦୦୬ରୁ ୨୦୦୮ ପର୍ଯ୍ୟନ୍ତ ରେଲୱେ କ୍ରିକେଟ ଷ୍ଟାଡିୟମ କ୍ୟୁରେଟର ଥିଲେ। ସୁବ୍ରତ ଦାସ ଓ ଅରୁଣ ବାସାଙ୍କ ପରି ରାଜ୍ୟର ପ୍ରତିଷ୍ଠିତ ଅମ୍ପାୟରଙ୍କ ପରାମର୍ଶକୁ ପାଥେୟକରି ପିଚ୍ ପ୍ରସ୍ତୁତିର କଳା ଶିଖିଥିଲେ ସମୀର। ପୂର୍ବରୁ ଓଡ଼ିଶା କ୍ରିକେଟ୍ ଆସୋସିଏଶନ କ୍ୟୁରେଟର ଥିବା ପଙ୍କଜ ପଟ୍ଟନାୟକଙ୍କଠାରୁ ମଧ୍ୟ ସେ ବହୁତ କିଛି ଶିଖିଥିବା ପ୍ରକାଶ କରିଛନ୍ତି। କିଟ୍‌ରେ ମ୍ୟାଚ୍ ଆରମ୍ଭର ୬ ଦିନ ପୂର୍ବରୁ ବିସିସିଆଇ କ୍ୟୁରେଟର ଆସି ପିଚ୍ ପ୍ରସ୍ତୁତିକୁ ତଦାରଖ କରିଥିଲେ। ସେ ସନ୍ତୋଷ ପ୍ରକାଶ କରିବା ସହ ଗୋଟିଏ ଦିନ୍ ମ୍ୟାଚ୍ ଦେଖି ପ୍ରତ୍ୟାବର୍ତ୍ତନ କରିଥିଲେ। ବଲାଙ୍ଗୀରର କଳାମାଟିରେ ପିଚ୍ ପ୍ରସ୍ତୁତ ହୋଇଛି। ପଡ଼ିଆରେ ଉତ୍ତମଭାବେ ଡ୍ରେନେଜ ବ୍ୟବସ୍ଥା ମଧ୍ୟ ରହିଛି। ସ୍ପୋର୍ଟିଂ ପିଚ୍ ଯୋଗୁ ମ୍ୟାଚ୍ ଉପଭୋଗ୍ୟ ହୋଇପାରିଛି। ପିଚ୍ ଉଭୟ ବୋଲର ଓ ବ୍ୟାଟରଙ୍କୁ ସୁହାଇଥିବାରୁ ପରିଶ୍ରମ ସାର୍ଥକ ହୋଇଛି ବୋଲି ପ୍ରକାଶ କରିଛନ୍ତି ସମୀର। କିଟ୍ ଷ୍ଟାଡିୟମକୁ ଅନ୍ତର୍ଜାତୀୟମାନର କରାଯିବା ପଛରେ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଦୂରଦୃଷ୍ଟି ଓ ଦିଗ୍‌ଦର୍ଶନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ସମୀର କହିଛନ୍ତି। ଆଗାମୀ ଦିନରେ ମଧ୍ୟ ସେ କ୍ୟୁରେଟର କାର୍ଯ୍ୟ ଜାରି ରଖିବେ ବୋଲି କହିଛନ୍ତି।

# ଇନକମ୍‌ଟାକ୍ସ ଚେନ୍ନାଇ ବିଜୟୀ


ଇନକମ୍‌ଟାକ୍ସ ଚେନ୍ନାଇ ଓ ୟୁନାଇଟେଡ ସ୍ପୋର୍ଟସ୍ କ୍ଲବ ଭୁବନେଶ୍ୱର ମଧ୍ୟରେ ମ୍ୟାଚ।

**ଢେଙ୍କାନାଳ, ୧୮।୧୧ (ରତନ ନାୟାର)**

**ସର୍ବଭାରତୀୟ ଆମନ୍ତ୍ରଣୀୟ ଫୁଟ୍‌ବଲ**

ଢେଙ୍କାନାଳ ଜିଲା କ୍ରୀଡ଼ା ସଂସଦ ପକ୍ଷରୁ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବବ୍ୟାପାର ଏବଂ ଜିଲା ପ୍ରଶାସନର ମିଳିତ ସହଯୋଗରେ ସର୍ବକନିଷ୍ଠ ସ୍ୱାଧୀନତା ସଂଗ୍ରାମୀ ଶହୀଦ ବୀର ବାଜି ରାଉତଙ୍କ ୧୦୦ତମ ଜନ୍ମବାର୍ଷିକ ପାଳନ ଅବସରରେ ଷ୍ଟାଡିୟମ୍‌ଠାରେ ଆୟୋଜିତ ହେଉଥିବା ସର୍ବଭାରତୀୟ ଆମନ୍ତ୍ରଣୀୟ ଫୁଟ୍‌ବଲ ପ୍ରତିଯୋଗିତାର ବୁଧବାର ଅନୁଷ୍ଠିତ ମ୍ୟାଚ୍‌ରେ ଇନ୍‌କମ୍ ଟାକ୍ସ ଚେନ୍ନାଇ ୟୁନାଇଟେଡ୍ ସ୍ପୋର୍ଟସ୍ କ୍ଲବ ଭୁବନେଶ୍ୱରକୁ ୩–୦ ଗୋଲରେ ପରାସ୍ତ କରିଛି। ବିଜୟୀ ଇନ୍‌କମ୍ ଟାକ୍ସ ପକ୍ଷରୁ ୬ନଂ ଖେଳାଳି ସୋଲେମାଲେ, ୩୨ନଂ ଖେଳାଳି ସୁନୀଲ ଓ ୭୩ନଂ ଖେଳାଳି ରାହୁଲ ଗୋଟିଏ ଲେଖାଏ ଗୋଲ ଦେଇଥିଲେ । ରାହୁଲଙ୍କୁ ମ୍ୟାନ୍ ଅଫ୍ ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା । ଏହି ମ୍ୟାଚ୍‌କୁ ରେଫରି ଅରୁଣ ନାୟକ, ପ୍ରଦୀପ କୁମାର ନାୟକ, ଶଶିକାନ୍ତ ଦାସିଆ, ସୁବ୍ରତ କୁମାର ପୁରୋହିତ ପରିଚାଳନା କରିଥିଲେ । ମାୟାଧର ସାହୁ ମ୍ୟାଚ୍ କମିଶନର ରହିଥିଲେ। ମୁଖ୍ୟ ଅତିଥି ଭାବେ ଯୁବରାଜ ଅମରଜ୍ୟୋତି ସିଂଦେଓ, ସମ୍ମାନିତ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ନବୀନଚନ୍ଦ୍ର ନାରାୟଣ ଦାସ, ଜିଲା କ୍ରୀଡ଼ାସଂଘ ଉପସଭାପତି ଅଜୟ ପଟ୍ଟନାୟକ ଓ ସଞ୍ଜୟ ଭଞ୍ଜ, ସମ୍ପାଦକ ନଳିନୀ ଦାସ, ପୂର୍ବତନ ଫୁଟ୍‌ବଲ ଖେଳାଳି ରବୀନ୍ଦ୍ର ପ୍ରସାଦ ସିଂହ ଓ ଅଭୟ ରାଉତ ପ୍ରମୁଖ ଯୋଗଦେଇଥିଲେ । ଜିଲା କ୍ରୀଡ଼ାସଂଘ ଯୁଗ୍ମ ସମ୍ପାଦକ ଅଭିଜିତ୍ ମିଶ୍ର ଓ ଗୌରାଙ୍ଗ ସେଠୀ, ମନୋଜ ପଟ୍ଟନାୟକ, ପ୍ରତାପ ମହାନ୍ତି, ବାବୁ ପାଢ଼ୀ, ସୁନୀଲ ପଣ୍ଡା, ଶ୍ୟାମସୁନ୍ଦର ମହାପାତ୍ର, ପ୍ରତୀକ ଭଞ୍ଜ, ପର୍ଶୁରାମ ମିଶ୍ର, ସରୋଜ ପାଢ଼ୀ, ମନୋଜ ଦାସ, ଲକ୍ଷ୍ମୀନାରାୟଣ ପଟ୍ଟନାୟକ, ବିଭୂତି ପଟ୍ଟନାୟକ, ସୁଶାନ୍ତ ଜେନା, ଅମିୟ ଭୂଷଣ ସାହୁ, ବିରଜା ମିଶ୍ର, ତନ୍ମୟ ମହାନ୍ତି, ସତ୍ୟରଞ୍ଜନ ଭୂୟାଁ ପ୍ରମୁଖ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ । ଗୁରୁବାର ସନ୍‌ରାଇଜ୍ କ୍ଲବ କଟକ ଓ ପଞ୍ଜାବ ପୋଲିସ ମଧ୍ୟରେ ମ୍ୟାଚ ଖେଳାଯିବ ।

## ପ୍ରଥମେ ଆମେରିକାକୁ ଭେଟିବ ଭାରତ

**ଦୁବାଇ, ୧୯।୧୧ (ପି.ଟି.)**

ଆସନ୍ତା ଜାନୁଆରୀ ୧୫ରୁ ଫେବୃଆରୀ ୬ ପର୍ଯ୍ୟନ୍ତ ଜିମ୍ବାୱେ ଓ ନାମ୍ବିଆରେ ୧୯ ବର୍ଷରୁ କମ୍ ପୁରୁଷ କ୍ରିକେଟ୍ ବିଶ୍ୱକପ୍ ଅନୁଷ୍ଠିତ ହେବ। ଏହି ଟୁର୍ନାମେଣ୍ଟର ପ୍ରଥମ ମ୍ୟାଚ୍‌ରେ ଭାରତ ଆମେରିକାକୁ ଭେଟିବ। ଏହି ଟୁର୍ନାମେଣ୍ଟରେ ଭାଗ ନେଇଥିବା ୧୬ ଦଳକୁ ୪ଟି ଗ୍ରୁପ୍‌ରେ ଭାଗ କରାଯାଇଥିବା ବେଳେ ୨୩ ଦିନରେ ଫାଇନାଲ ସମେତ ୪୧ ମ୍ୟାଚ୍ ଖେଳାଯିବ। ଭାରତ ଗ୍ରୁପ୍–ଏ'ରେ ଆମେରିକା, ବାଂଲାଦେଶ ଓ ନ୍ୟୁଜିଲାଣ୍ଡ ସହ ସ୍ଥାନ ପାଇଛି। ଗ୍ରୁପ୍–ବି'ରେ ଜିମ୍ବାୱେ, ପାକିସ୍ତାନ, ଇଂଲଣ୍ଡ ଓ ସ୍କଟ୍‌ଲାଣ୍ଡ ସ୍ଥାନ ପାଇଥିବା ବେଳେ ଡିଫେଣ୍ଡିଂ ଚାମ୍ପିୟନ ଅଷ୍ଟ୍ରେଲିଆ, ଆୟର୍ଲାଣ୍ଡ, ଜାପାନ ଓ ଶ୍ରୀଲଙ୍କା ଗ୍ରୁପ୍–ସି'ରେ ସ୍ଥାନ ପାଇଛନ୍ତି।

## ଦୃଷ୍ଟିବାଧିତ ରାଜ୍ୟ କ୍ରିକେଟ ଚାମ୍ପିୟନଶିପ୍ ଉଦ୍‌ଘାଟିତ

**ଭୁବନେଶ୍ୱର, ୧୯।୧୧ (ଅନାଦି କର)**

ଯାଜପୁର ଜାରକାର ଧରମଶାଳାସ୍ଥିତି ମିନି ଷ୍ଟାଡିୟମରେ ବୁଧବାର ଦଶମ ରାଜ୍ୟ ଦୃଷ୍ଟିବାଧିତ କ୍ରିକେଟ୍ ଚାମ୍ପିୟନଶିପ୍ ଉଦ୍‌ଘାଟିତ ହୋଇଯାଇଛି। ଯାଜପୁର ଏମ୍‌ପି ଡ. ରବୀନ୍ଦ୍ର ନାରାୟଣ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଶିଶୁ ଓ ମହିଳା ବିକାଶ ସୋସାଇଟି ଚେୟାରମ୍ୟାନ ଡ. କଳ୍ପନା ଦାସ, ମିନତି ସାହୁ, ସକ୍ଷମର ସାଧାରଣ ସମ୍ପାଦିକା ମନସ୍ମିତା ଜେନା, ସକ୍ଷମ ଏଣ୍ଟ୍ରେପ୍ରେନ୍ୟୁଅରଶିପ୍ ଡେଭଲପମେଣ୍ଟ ମୁଖ୍ୟ ମନୁଶ୍ରୀ ମଧୁସ୍ମିତା ଓ ସକ୍ଷମ ଯାଜପୁର ସଭାପତି ବାସୁବନ୍ଧୁ ଦାସ ଯୋଗଦେଇଥିଲେ। କ୍ରିକେଟ୍ ଆସୋସିଏଶନ୍ ଫର୍ ଦି ଭିଜୁଆଲ ଇମ୍ପେୟାର୍ଡ ଓଡ଼ିଶା ପକ୍ଷରୁ କ୍ରୀଡ଼ା ଓ ଯୁବସେବା ବ୍ୟାପାର ବିଭାଗ, ଅଂଶୁମାନ ସ୍ମାରକୀ ଟ୍ରଷ୍ଟ ଓ ସକ୍ଷମ ଓଡ଼ିଶା ପୂର୍ବ ସହାୟତାରେ ଟୁର୍ନାମେଣ୍ଟ ଆୟୋଜନ କରାଯାଉଛି। ରାଜ୍ୟ ଆସୋସିଏଶନ ସଭାପତି ଜାଫର ଇକ୍‌ବାଲ ଉଦ୍‌ଘାଟନୀ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।


ଉଦ୍‌ଘାଟନୀ ଉତ୍ସବରେ ଅତିଥିଙ୍କ ଗହଣରେ ଖେଳାଳିମାନେ।

## ଅଲିପ୍ସା ଓଡ଼ିଶା ଦଳର ଅଧିନାୟିକା


ଦଳ ଘୋଷଣା ଅବସରରେ ସସ୍ମିତା ପଟ୍ଟନାୟକ ଓ ସ୍ୱାଗତିକା ରଥ।

**ଭୁବନେଶ୍ୱର, ୧୯।୧୧ (ତପନ ସ୍ୱାଇଁ)**

**୨୩ ବର୍ଷରୁ କମ୍ ମହିଳା କ୍ରିକେଟ**

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଘରୋଇ କ୍ରିକେଟର ୨୩ ବର୍ଷରୁ କମ୍ ଟି୨୦ ମହିଳା କ୍ରିକେଟ ଟୁର୍ନାମେଣ୍ଟ ତ୍ରିଭେନ୍ଦ୍ରମଠାରେ ଚଳିତ ମାସ ୨୪ ତାରିଖରୁ ଆରମ୍ଭ ହେବ। ଏଥିପାଇଁ ବୁଧବାର କଟକରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଓଡ଼ିଶା ସିନିୟର ମହିଳା ଚୟନ କମିଟି ଅଧ୍ୟକ୍ଷା ସସ୍ମିତା ପଟ୍ଟନାୟକ ଓ ମୁଖ୍ୟ କୋଚ୍ ସ୍ୱାଗତିକା ରଥ ପ୍ରଥମ ୩ଟି ମ୍ୟାଚ ପାଇଁ ୧୬ ଜଣିଆ ଦଳ ଘୋଷଣା କରିଛନ୍ତି। ଏହା ବ୍ୟତୀତ ୪ ଜଣଙ୍କୁ ଷ୍ଟାଣ୍ଡବାଇ ତାଲିକାରେ ରଖାଯାଇଛି। ଓଡ଼ିଶା ଏହାର ପ୍ରଥମ ମ୍ୟାଚ ୨୪ ତାରିଖରେ ସିକିମ ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବ। ଏହାପରେ ୨୫ରେ ଉତ୍ତରାଖଣ୍ଡ, ୨୭ରେ ହରିୟାଣା, ୨୯ରେ ବରୋଦା ଓ ଡିସେମ୍ବର ୧ରେ ମୁମ୍ବାଇ ବିପକ୍ଷରେ ଖେଳିବ। ଓଡ଼ିଶା ଦଳ: ଅଲିପ୍ସା ବିଶ୍ୱାଳ (ଅଧିନାୟିକା), ତନ୍ମୟୀ ବେହେରା (ଉପ–ଅଧିନାୟିକା), ପୂଜା ରାଣୀ ଦାସ, ଦିବ୍ୟା ରାଉତରାୟ, ସୁଚିସ୍ମିତା ପଣ୍ଡା, ତନ୍ୱି ରଞ୍ଜନା, ଅଙ୍କିତା ଗିରି, ପ୍ରଥନା ପ୍ରତିଶ୍ରୁତି, ଶୁଭ୍ରା ଏନ.ସ୍ୱାଇଁ, ଜି.ଏମ. ଅଳକାନନ୍ଦା, ଅନନ୍ୟା ମିଶ୍ର, ସୁଲଗ୍ନା ନାୟକ, ଏସ.ବି. ଲରେନ୍ସ, ଶ୍ରେୟା ପ୍ରିୟଦର୍ଶିନୀ, ଜ୍ୟୋତିକ ପ୍ରସାଦ, କାଳାଂଶି ଧ୍ରିତିଆ। ଷ୍ଟାଣ୍ଡବାଇ: ଜୟସି ନାୟକ, ପାଣି କେ, ପ୍ରସାଦ, ସୂର୍ଯ୍ୟଶାନ୍ତା ସ୍ୱାଇଁ, ସୋନାଲିସା ସ୍ୱାଇଁ।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ